# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୩/୨୦୨୦ (୨୦ ପୃଷ୍ଠା) Sambalpur, Monday, February 3 / 2020 ★★

୧୬ଶ ଭାଗ ୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at: YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୩/୨୦୨୦ | Sambalpur, Monday, February 3/2020 | ପୃଷ୍ଠା-୧




## ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ

ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ହରାଇ ସର୍ବିୟାର ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ୧୭

୧୩

## ଗ୍ରାଜିଆ ମାଗାଜିନ୍ ପାଇଁ ଅନୁଷ୍କାଙ୍କ ଫଟୋ ଶୁଟ୍

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଗ୍ରାଜିଆ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରିଥିବା ଜଣାପଡିଛି। ସେ କିଛି ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି।



## ୪ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୨(ବ୍ୟୁରୋ)

କିଛିଦିନ ଧରି ଉଭାନ ହୋଇଯାଇଥିବା ଶୀତ ଏବେ ପୁଣି ଫେରିବା ଆରମ୍ଭ କରିଛି। ସନ୍ଧ୍ୟା ହେଲେ ଥଣ୍ଡା ଅନୁଭୂତ ହେଉଥିବାବେଳେ ରାତିରେ ବିଭିନ୍ନ ସ୍ଥାନରେ କୁହୁଡ଼ି ମଧ୍ୟ ଦେଖାଯାଉଛି। ସୋମବାର କଳାହାଣ୍ଡି, କନ୍ଧମାଳ ଓ ଅନୁଗୋଳ ଜିଲାରେ କୁହୁଡ଼ି ଅଧିକ ରହିବ। ଘନକୁହୁଡ଼ି ନେଇ ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୪ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଗଜପତି, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ା ଆଦି ୮ଜିଲାରେ ବର୍ଷା ସହ ଝଡ଼ତୋଫାନ ହେବାର ସମ୍ଭାବନା ରହିଛି। ସେହିପରି ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନ ଏବଂ ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ୧୪ ଜିଲାରେ ବଜ୍ରପାତ ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଗୁରୁବାର ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା, ଝଡ଼ତୋଫାନ ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ୯ ଜିଲାରେ ବର୍ଷା ଆଶଙ୍କା କରାଯାଉଛି। ଏହିସବୁ ଜିଲାରେ ବଜ୍ରପାତ ନେଇ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୮ ଓ ୯

### ଆଜିର ସମ୍ପାଦକୀୟ

**ଅବସ୍ଥାର ବ୍ୟବସ୍ଥା ନାହିଁ**

### ଆଜିର ମନ୍ତବ୍ୟ

"ଆଧାତ୍ମିକତା ହେଉଛି ବିଶ୍ୱକୁ ଭାରତର ସବୁଠୁ ମୂଲ୍ୟବାନ ଉପହାର।
–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବରରେ ଭାରତର କୋଇଲା ଆମଦାନୀ ୮% ବୃଦ୍ଧି ଘଟି ୧୮୬ ନିୟୁତ ଟନ୍ ରହିଛି। – **କୋଇଲା ମନ୍ତ୍ରଣାଳୟ**





Vencobb CHICKEN
01.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 67 | 115 | 125 |
| DKL | 69 | 118 | 128 |
| BDK | 64 | 111 | 121 |
| BLS | 66 | 114 | 124 |
| ANG | 70 | 119 | 129 |
| BHM | 67 | 115 | 125 |

*Conditions Apply
Issued in the Interest of Consumers


# ଭୟଙ୍କର ହେଉଛି 'କରୋନା'

## ମୃତ୍ୟୁସଂଖ୍ୟା ୩୦୫ ଛୁଇଁଲା

- ସଂକ୍ରମଣ ରୋକିବାକୁ ଚାଇନାର ଜୋରଦାର ଉଦ୍ୟମ
- ଇ-ଭିଜା ବନ୍ଦ କଲା ଭାରତ
- ଦୁଇପର୍ଯ୍ୟାୟରେ ଫେରିଲେ ୬୪୭ ଭାରତୀୟ



ବେଜିଂ/ନୂଆଦିଲ୍ଲୀ,୨।୨(ପି.ଟି.)

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଏହି ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ରବିବାର ୩୦୫ରେ ପହଞ୍ଚିଥିବାବେଳେ ୧୪,୦୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଫଳରେ ଏହି ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବେଜିଂ ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ସଂକ୍ରମିତ ରୋଗୀମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନିଆଯାଇ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଉଛି। ସଂକ୍ରମିତ ଅଞ୍ଚଳରେ ଲୋକମାନଙ୍କୁ ଘରୁ ନ ବାହାରିବାକୁ କୁହାଯାଇଛି। ଚାଇନା ବାହାରେ ପ୍ରଥମ କରୋନା ରୋଗୀ ମୃତ୍ୟୁ ଫିଲିପାଇନ୍ସରେ ହୋଇଥିବା ରବିବାର ଜଣାପଡିଛି। ଏହି ଭୂତାଣୁ ଏବେ ଭାରତ ସମେତ ୨୫ଟି ଦେଶକୁ ସଂକ୍ରମିତ ହେଲାଣି। ଭାରତରେ ୨ଜଣଙ୍କ ସମେତ ବିଦେଶରେ ୧୪୦ ଜଣ କରୋନା ରୋଗୀ ଚିହ୍ନଟ ହେଲେଣି।

ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଚାଇନା ନାଗରିକ ଓ ସେଠାରେ ରହୁଥିବା ବିଦେଶୀମାନଙ୍କ ପାଇଁ ଭାରତ ଇ-ଭିଜା ସୁବିଧାକୁ ସାମୟିକ ବନ୍ଦ କରିଛି। ଚାଇନାର ଉହାନ ସହରରୁ ଏୟାର ଇଣ୍ଡିଆ ବିମାନ ଯୋଗେ ଦୁଇଟି ପର୍ଯ୍ୟାୟରେ ୬୪୭ ଜଣ ଭାରତୀୟଙ୍କୁ ଫେରାଇ ଅଣାଯାଇଥିବାବେଳେ ୧୦ ଜଣଙ୍କଠାରେ ଜ୍ୱର ଥିବାରୁ ସେମାନଙ୍କୁ ଚାଇନାର ଇମିଗ୍ରେଶନ ଅଫିସରମାନେ ଫେରିବାକୁ ଅନୁମତି ଦେଇ ନ ଥିଲେ। ଏତଦ୍ବ୍ୟତୀତ ହୁବେଇ ପ୍ରଦେଶରେ ପାଖାପାଖି ୧୦୦ ଭାରତୀୟ ରହିଥିବା ସେଠାରେ ଥିବା ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ମିସ୍ରି କହିଛନ୍ତି।

ଚାଇନାର ସିଜିଟିଏନ୍ ରିପୋର୍ଟ ଅନୁଯାୟୀ ୧୪,୪୧୧ ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ତେବେ ହଂକଂସ୍ଥିତ ସାଉଥ୍ ☞ପୃଷ୍ଠା-୨

## ଓଡ଼ିଶାର ୪ ନମୁନା ନେଗେଟିଭ୍

- ଉହାନ୍ ଫେରନ୍ତା ଦମ୍ପତି ଏସ୍‌ସିବିରେ
- ଚାଇନା, ଥାଇଲାଣ୍ଡରୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଦେବା ବାଧ୍ୟତାମୂଳକ
- ସନ୍ଦେହ ହେଉଥିଲେ କଣ୍ଟ୍ରୋଲ୍ ରୁମ୍‌କୁ ଜଣାଇବାକୁ ପରାମର୍ଶ
- ନାମ, ଠିକଣା, ବ୍ୟକ୍ତିଗତ ତଥ୍ୟ ଗୋପନ ରଖାଯିବ

ଭୁବନେଶ୍ୱର, ୨।୨(ବ୍ୟୁରୋ)

ଚାଇନାର ଉହାନ ସହରରୁ ବ୍ୟାପିଥିବା କରୋନାକୁ ନେଇ ଏବେ ବିଶ୍ୱରେ ଭୟ ଓ ଆତଙ୍କ ବଢ଼ିବାରେ ଲାଗିଛି। ଏହି ମାରାତ୍ମକ ଭୂତାଣୁ ଭାରତକୁ ଡେଇଁଥିବାବେଳେ କେରଳରେ ଆଉ ଗୋଟିଏ ନମୁନା ପଜିଟିଭ୍ ବାହାରିଛି। ଏହା ଜଣାପଡିବା ପରେ ଦେଶବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ଏପଟେ ଓଡ଼ିଶାକୁ କରୋନା ଭୂତାଣୁ କିପରି ନ ଆସିବ ସେଥିଲାଗି ବିଭିନ୍ନ ପ୍ରବେଶ ପଥ ବିଶେଷକରି ବନ୍ଦର, ବିମାନ ବନ୍ଦର, ରେଳ ଷ୍ଟେଶନଗୁଡ଼ିକରେ ଯାତ୍ରୀଙ୍କୁ ଯାଞ୍ଚ କଡ଼ାକଡ଼ି କରାଯାଇ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରମୁଖ ହସ୍ପିଟାଲମାନଙ୍କରେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରି ରଖାଯାଇଥିବାବେଳେ ସଂକ୍ରମଣ ଲକ୍ଷଣ ଥିବା ୫ଜଣଙ୍କ ସ୍ୱାବ୍ ଓ ରକ୍ତ ନମୁନା ପୁଣେସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା। ସେଥିମଧ୍ୟରୁ ୪ ଜଣଙ୍କର ରିପୋର୍ଟ ନେଗେଟିଭ୍ ଆସିଥିବାବେଳେ ଜଣଙ୍କର ରିପୋର୍ଟ ଆସିନାହିଁ। ଅନ୍ୟପକ୍ଷରେ ଚାଇନାର ଉହାନ୍ ୟୁନିଭର୍ସିଟିରୁ ଫେରିଥିବା ଓଡ଼ିଶାର ଜଣେ ଛାତ୍ରୀ ଓ ତାଙ୍କର ସ୍ୱାମୀଙ୍କୁ ସଂକ୍ରମଣ ଆଶଙ୍କା କରି ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହସ୍ପିଟାଲରେ କରୋନା ପାଇଁ ଖୋଲିଥିବା ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡରେ ସେମାନଙ୍କର ଚିକିତ୍ସା ଆରମ୍ଭ କରାଯାଇଛି। ଏ ଦିଗରେ ସତର୍କ ଦୃଷ୍ଟି ରଖାଯିବା ସହ ଆବଶ୍ୟକ ପଡ଼ିଲେ ସେମାନଙ୍କ ସ୍ୱାବ୍ ଓ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯିବ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ଜିଲା ପ୍ରଶାସନ ପକ୍ଷରୁ ବ୍ୟକ୍ତିବିଶେଷ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ କର୍ମ ସଂସ୍ଥାନ ଯୋଗାଉଥିବା ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ୨୦୨୦ ଜାନୁୟାରୀ ୧୫ ପରେ ଚାଇନା, ହଂକଂ, ଥାଇଲାଣ୍ଡ ଓ ସିଙ୍ଗାପୁରରୁ ଫେରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର କଣ୍ଟ୍ରୋଲ୍ ରୁମ୍‌କୁ ୦୬୭୪-୨୩୯୦୪୬୬/ ୯୪୩୯୯୯୪୮୫୭/ ୯୪୩୭୦୪୦୫୬୪କୁ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ଲକ୍ଷଣ ଥିବା ବ୍ୟକ୍ତିଙ୍କର ନାମ, ଠିକଣା ଓ ବ୍ୟକ୍ତିଗତ ତଥ୍ୟକୁ ଗୋପନ ରଖାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ସରିଗଲା 'ନିଃସଙ୍ଗ ପଦାତିକ'ର ପଥଚଲା

**ପରଲୋକରେ ବିପ୍ଳବୀ କବି ରବି ସିଂ**



କଟକ ଅଫିସ,୨।୨

କଟକ ଖପୁରିଆସ୍ଥିତ ଲେବର କଲୋନୀ ବାସଭବନରେ ରବିବାର ଭୋର ପ୍ରାୟ ୪ଟାରେ ଜନମାନସରେ ରବି ସିଂ ଭାବେ ପରିଚିତ ବିପ୍ଳବୀ କବି ରବୀନ୍ଦ୍ରନାଥ ସିଂ (୮୭)ଙ୍କ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କଟକ ସମେତ ସାରା ରାଜ୍ୟର ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। କିଛିଦିନ ତଳେ ତାଙ୍କୁ ଚିକିତ୍ସାଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ତିନି ଦିନ ପୂର୍ବରୁ ଡାକ୍ତରଖାନାରୁ ତାଙ୍କୁ ଘରକୁ ଅଣାଯାଇଥିଲା। ରବିବାର ଭୋର ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା ଓ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ କନିଷ୍ଠ ପୁତ୍ର ଚନ୍ଦ୍ରଜିତ୍ ସିଂ, ଝିଅ ମୀନାକ୍ଷୀ ସିଂଙ୍କ ସମେତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, କବି ଅମରେଶ ପଟ୍ଟନାୟକ, ସାହିତ୍ୟିକ ଗୋବିନ୍ଦ ଚାନ୍ଦ, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକଙ୍କ ସମେତ ବହୁ ସାହିତ୍ୟିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ☞ପୃଷ୍ଠା-୨

## ଟି୨୦ରେ ଭାରତର ନୂଆ କୀର୍ତ୍ତିମାନ

- ନ୍ୟୁଜିଲାଣ୍ଡ ବିପକ୍ଷରେ ୫-୦ରେ ସିରିଜ ବିଜୟ
- ବୁମ୍‌ରା ମ୍ୟାନ ଅଫ ଦି ମ୍ୟାଚ
- ରାହୁଲ ମ୍ୟାନ ଅଫ ଦି ସିରିଜ



ନ୍ୟୁଜିଲାଣ୍ଡ ବିପକ୍ଷରେ ୫-୦ରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

ମାଉଣ୍ଟ ମାଉଁଗାନୁଇ, ୨।୨

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏପର୍ଯ୍ୟନ୍ତ ଯାହା ହୋଇ ନ ଥିଲା ତାହା କରି ଦେଖାଇଛି ଟିମ୍ ଇଣ୍ଡିଆ। ପୂର୍ବରୁ ଟି୨୦ରେ କୌଣସି ଦଳ କେବେହେଲେ ୫-୦ରେ ସିରିଜ ବିଜୟୀ ହୋଇ ନ ଥିଲା। ମାତ୍ର ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରି ନୂଆ ଇତିହାସ ରଚିଛି ଭାରତ। ଅକ୍‌ଲାଣ୍ଡଠାରୁ ଆରମ୍ଭ କରି ହାମିଲଟନ, ୱେଲିଂଟନ, ମାଉଣ୍ଟ ମାଉଁଗାନୁଇ ପର୍ଯ୍ୟନ୍ତ ସବୁଠି ଉଡ଼ିଛି ଭାରତର ବିଜୟଧ୍ୱଜା। ପିଚ୍ ଓ ପରିବେଶ ବଦଳିଥିଲେ ହେଁ ଫଳାଫଳ ବଦଳିନି। ସଂଘର୍ଷପୂର୍ଣ୍ଣ ସିରିଜର ୨ଟି ମ୍ୟାଚ ସୁପର ଓଭରରେ ଶେଷ ହୋଇଥିଲା। ମାତ୍ର ମାନସିକ ଦୃଢ଼ତା ଦେଖାଇ ଘରୋଇ ନ୍ୟୁଜିଲାଣ୍ଡ ଦଳକୁ ଚକ୍‌ମା ଦେବାରେ ସକ୍ଷମ ହୋଇଛି ବିରାଟ ବାହିନୀ। ଟି୨୦ରେ କୌଣସି ସିରିଜରେ ୩ରୁ ଊର୍ଦ୍ଧ୍ୱ ମ୍ୟାଚକୁ ଯଦି ବିଚାରକୁ ନିଆଯାଏ ତେବେ ବିଦେଶ ମାଟିରେ ଭାରତର ଏହା ତୃତୀୟ କ୍ଲିନ୍ ସୁଇପ୍। ୨୦୧୫-୧୬ ସିଜନରେ ଅଷ୍ଟ୍ରେଲିଆ ମାଟିରେ ୩-୦ ଏବଂ ୨୦୧୯ରେ ଆମେରିକାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩-୦ରେ ସିରିଜକୁ ମୂଳପୋଛ କରି ଜିତିଥିଲା।

ରବିବାର ମାଉଣ୍ଟ ମାଉଁଗାନୁଇର ବେ ଓଭାଲରେ ସିରିଜର ୫ମ ତଥା ଅନ୍ତିମ ଟି୨୦ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୩ ଉଇକେଟ ହରାଇ ୧୬୩ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା। ନ୍ୟୁଜିଲାଣ୍ଡ ୧୭ ରନରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଟିମ୍ ସିଫର୍ଟ ଓ ରସ୍ ଟେଲର ୪ର୍ଥ ଉଇକେଟରେ ୯୯ ରନ ସଂଗ୍ରହ କରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ନ୍ୟୁଜିଲାଣ୍ଡ ଇନିଂସ ତାସ୍ ଘରଭଳି ଭୁଶୁଡ଼ି ପଡ଼ିଥିଲା। ନିଜର ୪ ଓଭର ସ୍ପେଲ୍‌ରେ ୧ ମେଡେନ ନେବା ସହ ମାତ୍ର ୧୨ ରନ ଦେଇ ୩ଟି ଉଇକେଟ ନେଇଥିବା ଯଶପ୍ରୀତ୍ ବୁମ୍‌ରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୫ ମ୍ୟାଚରେ ୨ଟି ଅର୍ଦ୍ଧଶତକ ସହ ଭାରତ ପକ୍ଷରୁ ସର୍ବାଧିକ ୨୨୪ ରନ ସଂଗ୍ରହ କରିଥିବା ଲୋକେଶ ରାହୁଲ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ।

## ଫାଶୀକୁ ନେଇ ରାୟ ସଂରକ୍ଷିତ

**ନିର୍ଭୟା ମାମଲା**



- ଦିଲ୍ଲୀ ହାଇକୋର୍ଟରେ ଫାଶୀକୁ ନେଇ ସ୍ୱତନ୍ତ୍ର ଶୁଣାଣି
- ଜାଣିଶୁଣି ଆଇନ ସହ ଖେଳୁଛନ୍ତି ଦୋଷୀ: କେନ୍ଦ୍ର
- ଗୋଟିଏ ମାମଲାର ଦୋଷୀଙ୍କୁ ପୃଥକ୍ ଭାବେ ଫାଶୀ ଦିଆଯାଇ ପାରିବନାହିଁ: ଓକିଲ
- ଜବାବସୁଆଲ ପରେ ପ୍ରକାଶ ପାଇବ ରାୟ
- ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ ପଟିଆଲା ହାଉସ୍ କୋର୍ଟ ଗଲେ ତିହାର ଜେଲ କର୍ତ୍ତୃପକ୍ଷ

ନୂଆଦିଲ୍ଲୀ,୨।୨(ପି.ଟି./ଆଇଏଏନ୍‌ଏସ୍)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କ ଫାଶୀ ଦଣ୍ଡାଦେଶ ନେଇ ଦିଲ୍ଲୀ ହାଇକୋର୍ଟ ରବିବାର ରାୟ ସଂରକ୍ଷିତ ରଖିଛନ୍ତି। ପଟିଆଲା ହାଉସ୍ କୋର୍ଟ ଦୋଷୀଙ୍କ ଡେଥ୍ ୱାରେଣ୍ଟ ସ୍ଥଗିତ କରିବା ପରେ ଶନିବାର କେନ୍ଦ୍ର ସରକାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ସମସ୍ତ ପକ୍ଷଙ୍କ ଜବାବସୁଆଲ ଶେଷ ହେବା ପରେ କେନ୍ଦ୍ରର ପିଟିଶନ ଉପରେ ରାୟ ଶୁଣାଇବେ ବୋଲି ଜଷ୍ଟିସ୍ ସୁରେଶ କୁମାର କୈତ୍ ସ୍ପଷ୍ଟ କରିଛନ୍ତି।

ପ୍ରଥମେ ଜାନୁୟାରୀ ୨୨ ଓ ପରେ ଫେବୃୟାରୀ ୧ରେ ନିର୍ଭୟା ମାମଲାର ଦୋଷୀ ବିନୟ ଶର୍ମା(୨୬), ମୁକେଶ ସିଂ(୩୨), ଅକ୍ଷୟ ସିଂ(୩୧) ଓ ପବନ ଗୁପ୍ତା(୨୫)ଙ୍କୁ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି ହୋଇଥିଲା। ଦୋଷୀମାନଙ୍କ ଆବେଦନ ବିଚାରାଧୀନ ଥିବାରୁ ସେମାନଙ୍କୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ପଟିଆଲା ହାଉସ୍ କୋର୍ଟରେ ସେମାନଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ଫଳରେ ଶନିବାର ସକାଳ ୬ଟାରେ ତିହାର ଜେଲ୍‌ରେ ଫାଶୀଖୁଣ୍ଟରେ ଝୁଲାଯିବାକୁ ସ୍ଥିର ହୋଇଥିବାବେଳେ ଏହାର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଏହା ଉପରେ ରହିତାଦେଶ ଜାରି କରିଥିଲେ। ଏହି ସ୍ଥଗିତାଦେଶକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦାଏର କରାଯାଇଥିବା ପିଟିଶନର ଶୁଣାଣି ଶନିବାର ସନ୍ଧ୍ୟା ୫ଟା ୩୦ରେ ହୋଇଥିଲା। ଜଷ୍ଟିସ୍ କୈତ୍ ୪ ଦୋଷୀଙ୍କ ସମେତ ମହାନିର୍ଦ୍ଦେଶକ (କାରାଗାର) ଓ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ସରକାରଙ୍କ ଆବେଦନ ଉପରେ ସେମାନଙ୍କ ମତାମତ ଲୋଡ଼ି ନୋଟିସ କରିଥିଲେ। ରବିବାର ଅପରାହ୍ଣରୁ ସନ୍ଧ୍ୟା ଯାଏ ଏହାର ସ୍ୱତନ୍ତ୍ର ଶୁଣାଣି ଚାଲିଥିଲା। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ, ଦୋଷୀମାନେ ଜାଣିଶୁଣି ☞ପୃଷ୍ଠା-୨

## ହସ୍ପିଟାଲରେ ସୋନିଆ

ନୂଆଦିଲ୍ଲୀ,୨।୨(ପି.ଟି.)



କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ରବିବାର ନୂଆଦିଲ୍ଲୀସ୍ଥିତ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋନିଆଙ୍କ ପେଟବ୍ୟଥା ହେବା ପରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା ଚାଲିଛି। ତେବେ ଶ୍ୱାସ ଓ ଜ୍ୱର ହେବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଶନିବାର କେନ୍ଦ୍ରୀୟ ବଜେଟ ଉପସ୍ଥାପନ ବେଳେ ଅସୁସ୍ଥତା ଯୋଗୁ ସୋନିଆ ପାର୍ଲାମେଣ୍ଟରେ ଅନୁପସ୍ଥିତ ଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ମାମୁନା
ପରିବାରବର୍ଗ


ସାଇ
ପରିବାରବର୍ଗ


ତପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କବି ରବି ସିଂଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨।୨(ବ୍ୟୁରୋ)

ବିପ୍ଳବୀ କବି ରବି ସିଂଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ରବି ସିଂ ଥିଲେ ଅତ୍ୟନ୍ତ ପ୍ରତିଭାବାନ କବି, ଅନେକ ସାହିତ୍ୟ କୃତିର ସ୍ରଷ୍ଟା ଓ ବାସ୍ତବ ଦେଶପ୍ରେମୀ। ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଥିବା ତାଙ୍କ କ୍ରାନ୍ତିକାରୀ ରଚନା ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି।

ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରବି ସିଂଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ହୋଇଛି। ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଆନ୍ଧ୍ରପ୍ରଦେଶ ରାଜ୍ୟପାଳ, ଭାଜପା ନେତାଙ୍କ ଶୋକ

ସେହିପରି ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରବିନ୍ଦ୍ର ନାଥଙ୍କ ନିଧନ ଓଡ଼ିଶା ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି । ସେ ଏକମାତ୍ର କବି ଯିଏ ଚରମପତ୍ର ମାଧ୍ୟମରେ ଭଗବାନଙ୍କୁ ଗୋଲକ ସିଂହାସନରୁ ଓହ୍ଲାଇଯିବା ପାଇଁ ଆହ୍ୱାନ କରିପାରନ୍ତି। ତାଙ୍କ କ୍ରାନ୍ତିକାରୀ ଚେତନା ଏବଂ ବୈପ୍ଳବିକ ଲେଖନୀ ପାଇଁ ଓଡ଼ିଆ ଜାତି ତାଙ୍କୁ ସର୍ବଦା ମନେ ରଖିବ। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସାରା ଭାରତ ବର୍ଷରେ ଚାଲିଥିବା ଜରୁରିକାଳୀନ ପରିସ୍ଥିତି ସମୟରେ ସେ ଆମ ସହିତ ମଧ୍ୟ କାରାବରଣ କରିଥିଲେ। ତାଙ୍କର ବିୟୋଗ ମତେ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ କରିଛି ବୋଲି ବିଶ୍ୱଭୂଷଣ କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମଧ୍ୟ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସଭାପତି ମହାନ୍ତି କହିଛନ୍ତି, ସ୍ୱର୍ଗତ ସିଂ ଜଣେ ବିପ୍ଳବୀ କବିଭାବେ ବେଶ୍ ଜଣାଶୁଣା ଥିଲେ । ଓଡ଼ିଶା ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୭ରେ ତାଙ୍କୁ ଅତିବଡି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ପୂର୍ବରୁ ଚରମପତ୍ର ପୁସ୍ତକ ପାଇଁ ତାଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ତାଙ୍କ ବିୟୋଗ ଓଡ଼ିଆ କବି ଜଗତର ଏକ ଅପୂରଣୀୟ କ୍ଷତି । ତାଙ୍କ ବିୟୋଗରେ ଉଭୟ ନେତା ଅତ୍ୟନ୍ତ ମର୍ମାହତ ବୋଲି କହିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ବିଧାୟକଙ୍କ ପତ୍ନୀ ବିୟୋଗ

ଭୁବନେଶ୍ୱର,୨।୨(ବ୍ୟୁରୋ)- ଭଦ୍ରକ ଜିଲା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ପତ୍ନୀ ନୀଳିମା ପ୍ରଧାନଙ୍କ ରବିବାର ପରଲୋକ ହୋଇଛି। କିଛିଦିନ ତଳେ କାନରେ ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହାପରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିଲେ। ହେଲେ ପୁନର୍ବାର ସ୍ୱାସ୍ଥ୍ୟଗତ କାରଣରୁ ନୀଳିମାଙ୍କୁ ଅନ୍ୟ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ସମୟରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ନୀଳିମାଙ୍କ ମରଶରୀରକୁ ବିଧାୟକଙ୍କ କଟକସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପରିବାରବର୍ଗ ଏବଂ ବ୍ୟୋମକେଶଙ୍କ ଶତାଧିକ ସହଯୋଗୀ ତାଙ୍କ ଶେଷଦର୍ଶନ କରିଥିଲେ। ଏହାପରେ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି। ନୀଳିମାଙ୍କ ବିୟୋଗରେ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଶୋକପ୍ରକାଶ କରିଛନ୍ତି। ବିଧାୟକଙ୍କ ପତ୍ନୀଙ୍କ ବିୟୋଗରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ମଧ୍ୟ ଶୋକ ପ୍ରକାଶ ପାଇଛି।

# ରାଜ୍ୟ ଦାୟିତ୍ୱରୁ ମୁକ୍ତ ହେଲେ ରୂପା ମିଶ୍ର

ଭୁବନେଶ୍ୱର,୨।୨(ବ୍ୟୁରୋ)

୨୦୦୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ରୂପା ମିଶ୍ରଙ୍କୁ ନିକଟରେ କେନ୍ଦ୍ରୀୟ ନିଯୁକ୍ତି ମିଳିଛି। ସେ କେନ୍ଦ୍ରରେ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାନୀୟଜଳ ଏବଂ ପରିମଳ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ରୂପା ଆସନ୍ତା ୫ ବର୍ଷ ପାଇଁ ଏହି ପଦରେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ତେଣୁ ନିୟମ ଅନୁସାରେ ରୂପାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ ପାନୀୟଜଳ ଓ ପରିମଳ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ।

ନିକଟରେ ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀସ୍ତରରେ ପଦୋନ୍ନତି ପ୍ରକ୍ରିୟା ସରିଛି। ଅନୁରୂପଭାବେ ସଚିବାଳୟ କନିଷ୍ଠ ପ୍ରଶାସନରେ କାର୍ଯ୍ୟରତ ଅଧିକାରୀମାନଙ୍କ ପଦୋନ୍ନତି ପ୍ରକ୍ରିୟା ମଧ୍ୟ ଜାରି ରହିଛି। ପ୍ରତିମାସର ଶେଷ ୩ ସରକାରୀ କାର୍ଯ୍ୟ ଦିବସରେ ମୁଖ୍ୟ ଶାସନ ସଚିବ ତଥା ସମତୁଲ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେଉଛି। ରାଜ୍ୟରେ କାର୍ଯ୍ୟରତ ଭାରତୀୟ ବନ ସେବା(ଆଇଏଫ୍ଏସ୍) ଅଧିକାରୀମାନଙ୍କର ମଧ୍ୟ ପଦୋନ୍ନତି ପ୍ରକ୍ରିୟା ହେବାକୁ ଯାଉଥିବା ସୂଚନା ମିଳିଛି।

## ଭୟଙ୍କର...

ଚାଇନା ମର୍ଣ୍ଣିଂ ପୋଷ୍ଟରେ କରୋନା ରୋଗୀ ସଂଖ୍ୟା ୧୪,୫୬୨ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ୧୯,୫୪୪ ଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ୨,୧୧୦ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଆଉ ଦୁଇ ସପ୍ତାହ ପର୍ଯ୍ୟନ୍ତ କରୋନା ରୋଗୀ ମୃତ୍ୟୁସଂଖ୍ୟା ବଢ଼ିଚାଲିବ ବୋଲି ଚାଇନାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। କାରଣ ନୂଆବର୍ଷ ଛୁଟିରେ ଚାଇନା ଓ ବିଦେଶକୁ ଯାଇଥିବା ଉହାନ ଓ ହୁବେଇ ପ୍ରଦେଶର ଲକ୍ଷ ଲକ୍ଷ ଲୋକ ଏବେ ଫେରିବା ଆରମ୍ଭ କରିଛନ୍ତି। ଉହାନରେ କରୋନା ଭୂତାଣୁ ସଂକ୍ରମଣ ହୋଇଥିବା ଜାନୁୟାରୀ ୨୩ରେ ଜଣାପଡିଥିଲା। ଏହା ପୂର୍ବରୁ ସେଠାର ୫୦ ଲକ୍ଷ ଲୋକ ବିଭିନ୍ନ ସହର ବାହାରକୁ ଭ୍ରମଣରେ ଯାଇଥିଲେ। ସେମାନଙ୍କୁ ଏବେ ଚାର୍ଟାର୍ଡ ବିମାନ ଯୋଗେ ଫେରାଇ ଅଣାଯାଉଛି। ୧.୩୭ ଲକ୍ଷ ଲୋକଙ୍କୁ ମେଡିକାଲ ଅବ୍‌ଜରଭେଶନରେ ରଖାଯାଇଛି। କରୋନା ସଂକ୍ରମଣରେ ମରୁଥିବା ରୋଗୀଙ୍କ ମୃତଦେହକୁ ତୁରନ୍ତ ପୋତିଦେବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶବକୁ ଅନ୍ୟତ୍ର ନେବା ପାଇଁ ଅନୁମତି ଦିଆଯାଉ ନାହିଁ।

ସେପଟେ ହୁବେଇ ପ୍ରଦେଶ ସୀମାକୁ ଲାଗି ରହିଥିବା ହୁନାନ ପ୍ରଦେଶରେ ବାର୍ଡ ଫ୍ଲୁ ବ୍ୟାପିଥିବା ଜଣାପଡିବା ପରେ ୧୭,୮୨୮ କୁକୁଡା ମରାଗଲାଣି। କରୋନା ରୋଗୀଙ୍କ ଚିକିତ୍ସା ଲାଗି ଉହାନରେ ୧,୦୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯାଇଛି। ଏହା ୯ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହୋଇଛି। ସୋମବାରଠାରୁ ଏଠାରେ ସେନାବାହିନୀର ୧,୪୦୦ ମେଡିକାଲ କର୍ମଚାରୀ ଚିକିତ୍ସା ସେବା ଯୋଗାଇଦେବାକୁ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨,୩୦୦ ଶଯ୍ୟାବିଶିଷ୍ଟ ଅନ୍ୟ ଏକ ହସ୍ପିଟାଲ ଖୁବ୍‌ଶୀଘ୍ର ଚିକିତ୍ସା ସେବା ଆରମ୍ଭ କରିବ ବୋଲି କୁହାଯାଇଛି। ଇତିମଧ୍ୟରେ ଚାଇନାରୁ ଭାରତ, ଆମେରିକା, ଶ୍ରୀଲଙ୍କା ସମେତ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ଫେରାଇ ନେଲେଣି। ତେବେ ସେଠାରେ ଥିବା ପାକିସ୍ତାନୀ ସ୍ୱଦେଶ ଫେରିବା ନିମନ୍ତେ ବିମାନ ପଠାଇବା ପାଇଁ କରିଥିବା ଅନୁରୋଧକୁ ଇସ୍‌ଲାମାବାଦ ପ୍ରତ୍ୟାଖ୍ୟାନ କରିଦେଇଛି। ପାକିସ୍ତାନରେ ଉପଯୁକ୍ତ ଚିକିତ୍ସା ସୁବିଧା ନ ଥିବାରୁ ଉହାନରୁ ନିଜ ନାଗରିକମାନଙ୍କୁ ଫେରାଇ ନେବା ଉଚିତ ହେବନାହିଁ ବୋଲି ସେଠାରେ ଥିବା ପାକ୍ ରାଷ୍ଟ୍ରଦୂତ ନଗମାନା ହାଶମି କହିଛନ୍ତି।

## ଫାଶୀକୁ...

ନ୍ୟାୟିକ ସମ୍ପୂର୍ଣ୍ଣ ପ୍ରକ୍ରିୟା ସହ ଖେଳୁଛନ୍ତି। ସେମାନେ ଆଇନର ଦୁରୁପଯୋଗ କରି ଦେଶବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି। ଦୋଷୀଙ୍କୁ ଅଲଗା ଅଲଗା ଭାବେ ତୁରନ୍ତ ଫାଶୀ ଦିଆଯାଉ ବୋଲି ଏସ୍‌ଜି କହିଥିଲେ। ଅନ୍ୟପକ୍ଷରେ ଗୋଟିଏ ମାମଲାର ଦୋଷୀମାନଙ୍କୁ କିପରି ଭିନ୍ନ ଭିନ୍ନ ରୂପେ ଫାଶୀ ଦିଆଯାଇ ପାରିବ ନାହିଁ, ସେନେଇ ମୁକେଶଙ୍କ ଓକିଲ ରେବେକା ଜନ୍ ଏବଂ ଅକ୍ଷୟ, ବିନୟ ଓ ପବନଙ୍କ ପକ୍ଷରୁ ମାମଲା ଲଢୁଥିବା ଏ.ପି. ସିଂ ବିଭିନ୍ନ ମାମଲାର ଉଦାହରଣ ଦେଇ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ କୈତ୍ ଯୁକ୍ତି ଶୁଣିବା ପରେ ଏହି ରାୟ ସଂରକ୍ଷିତ ରଖିଛନ୍ତି। ସେପଟେ ପଟିଆଲା ହାଉସ୍ କୋର୍ଟରେ ତିହାର ଜେଲ୍ କର୍ତ୍ତୃପକ୍ଷ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ଅଦାଲତଙ୍କ ପକ୍ଷରୁ ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ ଏଥିରେ ଦାବି କରାଯାଇଛି। ସୋମବାର ଏହାର ଶୁଣାଣି ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ୬ ଅଭିଯୁକ୍ତ ଗଣବଳାତ୍କାର କରିଥିଲେ। ପରେ ସେମାନେ ପୀଡ଼ିତାଙ୍କୁ ରାସ୍ତାକୁ ଫିଙ୍ଗି ଦେଇଥିଲେ। ପୀଡ଼ିତା ମୃତ୍ୟୁ ସହ ସଂଗ୍ରାମ କରି ୨୯ ତାରିଖରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିଲେ। ନାବାଳକ ଦୋଷୀ ୩ ବର୍ଷ ଜେଲଦଣ୍ଡ ଭୋଗିବା ପରେ ମୁକୁଳିଥିଲେ।

## ସରିଗଲା...

ସ୍ୱର୍ଗତ ସିଂଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ସତୀଚଉରାସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ପିନାକୀ ସିଂ ମୁଖାଗ୍ନି ଦେଇଥିଲେ।

୧୯୩୩ ଫେବୃୟାରୀ ୧୮ ତାରିଖରେ ଜଗତ୍‌ସିଂହପୁର ଜିଲା ନବପାଟଣା ଅନ୍ତର୍ଗତ ସିଂହାରପୁର ଗ୍ରାମରେ କବି ସିଂ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ କବି, ସାମ୍ୟବାଦୀ ନେତା, ଅନୁବାଦକ ଓ

**ପ୍ରଥମ ପୃଷ୍ଠାରୁ...**

ସମାଲୋଚକ ଥିଲେ। କବିତାରେ ଶାଣିତ ଶବ୍ଦ ସଂଯୋଜନା ଯୋଗୁ ସେ ଯୁବପିଢିଙ୍କ ନିକଟରେ ଅତ୍ୟନ୍ତ ପ୍ରିୟ ହୋଇପାରିଥିଲେ। ନିଜ କବିତା ମାଧ୍ୟମରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କ ରଚିତ କବିତା ସଂକଳନ 'ପଥପ୍ରାନ୍ତର କବିତା', 'ପରାସ୍ତ ସୈନିକ', 'ଚଳନ୍ତିକା', 'ଅପ୍ରୀତିକର କବିତା', 'ତାରକାର ଲୁହ', 'ପଦାତିକ', 'ବିଷବାଣୀ', 'କ୍ଷତ','ଲାଲ୍ ପାଗୋଡ଼ାର ପ୍ରେତ', 'ଭଙ୍ଗା ହାତର କବିତା', 'ସର୍ବହରା', 'ଭ୍ରୁକୁଟି', 'ଚରମ ପତ୍ର', 'ପ୍ରେତ' ଓ ବିଦୀର୍ଣ୍ଣ ଆଦି ୩୪ରୁ ଅଧିକ କବିତାର ସେ ଥିଲେ ଅମ୍ଳାନ ସ୍ରଷ୍ଟା। 'ନିଃସଙ୍ଗ ପଦାତିକ' ତାଙ୍କର ବହୁ ଚର୍ଚ୍ଚିତ ଆତ୍ମଜୀବନୀ ପୁସ୍ତକ। ୨୦୧୫ରେ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ 'ସାହିତ୍ୟ ଭାରତୀ' ସମ୍ମାନ ଓ ସାରଳା ସାହିତ୍ୟ ସଂସଦ ପକ୍ଷରୁ 'କବି ଅନନ୍ତ ପଟ୍ଟନାୟକ ଶତବାର୍ଷିକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ ୨୦୧୭ରେ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ' ସମ୍ମାନରେ ସେ ସମ୍ମାନିତ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱରାଶିସ୍ଥ ଚନ୍ଦ୍ର ଯୋଗୁ ଆପଣ ପାରିବାରିକ ସ୍ତରରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣିଥିବା ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ। ସତର୍କତା ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** କର୍ମ ସ୍ଥାନରେ ବୁଧଙ୍କ ସ୍ଥିତିରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ। ସାମୟିକ ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**ମିଥୁନ** ଧନାଧିପ ବ୍ୟୟଭାବସ୍ଥ ଯୋଗୁ ଅର୍ଥନୈତିକ ସ୍ଥିତି ବଗିଡିଯାଇପାରେ। ଆରଦ୍ରା ନକ୍ଷତ୍ରର ମାନସିକ ସ୍ଥିତି ଠିକ୍ ରହିବା ସହ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପରିବାର ସହମତିରେ ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ରାହୁଙ୍କ ପ୍ରଭାବରେ ଅଧିକାଂଶ ସମୟ ବିଚଳିତ ରହିପାରନ୍ତି।

**କର୍କଟ** ବିଳାସକାରକ ଶୁକ୍ର ଓ ବୁଧଙ୍କ ସମ୍ପର୍କରୁ ବୁଦ୍ଧିଜୀବୀ ମାନଙ୍କ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଶନି ଓ ରାହୁଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣାବଶତଃ ସମସ୍ୟା ସୃଷ୍ଟି ହୋଇପାରେ। ଯାତ୍ରା, ଯୋଗାଯୋଗ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ସିଂହ** ଉଚ୍ଚାରୋହୀ ଶୁକ୍ର ହେତୁ ଆପଣଙ୍କ ଉଦ୍ଦେଶ୍ୟ ପରିପୂର୍ଣ୍ଣତା ଲାଭ କରିବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ରବିଙ୍କ ସ୍ଥିତି ଜନିତ ସାମୟିକ ଭାବରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିଳାସ ଉପକରଣ କିଣିବା ସହ କଳା, ସଙ୍ଗୀତ, କ୍ରୀଡ଼ା ତଥା ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**କନ୍ୟା** ଏକାଧିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଶ୍ରମ ଓ ଭ୍ରମଣ ଜନିତ ଅବସର ମିଳି ନ ପାରେ। ବନ୍ଧୁମାନଙ୍କ ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କଲେ ଅବଶ୍ୟ ସଫଳତା ମିଳିବ। ପାରସ୍ପରିକ ପକ୍ଷପାତିତା ଜନିତ ମତଭେଦ ଘଟିପାରେ। ଏଣେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ତୁଳା** ବନ୍ଧୁମାନଙ୍କ ସହଯୋଗରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ମଙ୍ଗଳଙ୍କ ପ୍ରଭାବରୁ ଆର୍ଥିକ ଦିଗଟି ଭଲ ରହିବ କିନ୍ତୁ କଠୋର ଅନୁଶାସନ ପରିବାର ଓ କର୍ମକ୍ଷେତ୍ର ପାଇଁ ସମସ୍ୟା ସୃଷ୍ଟି କରିବ। ବୈବାହିକ କର୍ମ ସକାଶେ ବନ୍ଧୁପ୍ରସ୍ତାବ ଠିକ୍ ହୋଇପାରେ। ଋଣ, ପରିଶୋଧ,ପୁରୁଣା ବେମାରି, ଶତ୍ରୁତା କରୁଥିବା ବ୍ୟକ୍ତି କଥା ଚିନ୍ତା କରିପାରନ୍ତି।

**ବିଛା** ମଙ୍ଗଳ ଓ ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ। କିନ୍ତୁ ବୃହସ୍ପତି ପାପଗ୍ରସ୍ତ କାରଣରୁ ଅଭିଳାଷ ପୂରଣ ହେବା କଷ୍ଟକର ହୋଇପାରେ। ପରିସ୍ଥିତିବଶତଃ ଆପଣଙ୍କ ବିଚାରଧାରା ଓ ଯୋଜନା ବଦଳିଯିବାର ଆଶଙ୍କା ରହିଛି। ଆର୍ଥିକ, ପାରିବାରିକ, କର୍ମକ୍ଷେତ୍ର, ବନ୍ଧୁସମ୍ପର୍କ ଓ ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟମ ପ୍ରକାରର ରହିପାରେ।

**ଧନୁ** ଆପଣ ଆକର୍ଷଣୀୟ କଥାକହି ବିବାଦୀୟ ସ୍ଥିତିକୁ ସ୍ୱାଭାବିକ କରିବାରେ ସଫଳ ହେବେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି। କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ବିଚଳିତ ବୋଧ କରିବେ।

**ମକର** ରାଶିରେ ପାପଗ୍ରହ ଓ ଦ୍ୱିତୀୟସ୍ଥ ବୁଧ ଆପଣଙ୍କୁ ଅପ୍ରିୟସତ୍ୟ କଥା କୁହାଇ ସମସ୍ୟା ଓ ସମ୍ପର୍କକୁ ନଷ୍ଟ କରିପାରନ୍ତି। ପାରିବାରିକ ଜୀବନରେ ଅଭାବ ଅଶାନ୍ତିର କାରଣ ହୋଇପାରେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ସୂଚନା ରହିଛି। ଦିନଟିରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** ଅଭାବ ଅସୁବିଧା ଥିଲେ ମଧ୍ୟ ଶୁକ୍ରଙ୍କ ଯୋଗୁ ଆପଣଙ୍କ ସୁଖମୟ ଜୀବନର ଦିନଚର୍ଯ୍ୟା ବାଧାପ୍ରାପ୍ତ ହେବନାହିଁ । ଶନିଙ୍କ ପ୍ରଭାବରେ ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡିପାରେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଭୁଲ୍‌ଖବର ଓ ସ୍ୱାସ୍ଥ୍ୟରେ ଅବନତି ଦୁଶ୍ଚିନ୍ତାକୁ ବଢାଇବ।

**ମୀନ** ବୃହସ୍ପତି ପାପଗ୍ରହଯୁକ୍ତ କାରଣରୁ ଉଦ୍ୟମ ସଫଳ ଦିଗରେ ଜଣେ କୃଷ୍ଣବର୍ଣ୍ଣର ବ୍ୟକ୍ତି ସାହାଯ୍ୟ କରିବେ। ରାଜନୀତି, ପ୍ରଶାସନ, ଆଇନ, ଗବେଷଣା, କଣ୍ଟ୍ରାକ୍ଟରୀ ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ସାମୟିକ ମନକୁ ଚହଲାଇ ଦେଇପାରେ।

ଆଜି ମାଘ ଶୁକ୍ଳ ନବମୀ ସୋମବାର, ଫେବୃୟାରୀ ୩ ତାରିଖ, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୋ ବିବାହ ପାଣିଗ୍ରହଣ, ଦିବା ଘ୭।୫୫ମି. ମଧ୍ୟେ ଘ୧୦।୫୩ମି. ଗତେ, ଘ୧।୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୧୨ମି. ଗତେ ଘ୧୦।୩୫ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୪୯ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।


**classifieds Everyday** 0674-2580101, 2549302

automobile

**SALE**

2017 Swift for sale, immediate at 4.5lakhs fixed price. 8917399909. D-68981

real estate

**SALE**

ଭୁବନେଶ୍ୱର କଟଣାଗେଟ୍‌ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

4BHK (2300Sqft) with double parking readymade new luxurious Apartment sale at prime Location of Puri. Please Call : 9438109040, 8144658008. D-16505

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟୁପୁର ପେଟ୍ରୋଲ ପମ୍ପ ପାଖରେ @ **10,80,000/-, 9437033320.** D-68479

ଭୁବନେଶ୍ୱର **Tamando** ଥାନାଠାରୁ **1k.m** ଦୂରତାରେ **yellowzone plot** ମିଳୁଅଛି। **8594954102.** D-68485

ଭୁବନେଶ୍ୱର କଟଣାଗେଟ୍‌ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/registration- 9937819395.** D-68481

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି **plot/ AMRI Hospital 30'** ରାସ୍ତାକୁ ଲାଗି କିଣନ୍ତୁ। **9348767829.** D-68482

ଭୁବନେଶ୍ୱର ହଂସପାଳଛକରୁ **1.2km.** ଦୂରତାରେ ଘରବାରି **yellowzone plot 1750sqft**କୁ **30,00,000/-** ମୌଜା- ହରିଦାସପୁର **9937025111.** D-68484

healthcare

Rejuvenate and ayurvedic full body massage by smart therapist. 9114402304. D-68946

Visit now for best Salon Spa Services at Mystic Unisex Spa, Jagamara. 9556978408. D-68982

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Refresh your body with smart and expert therapist. Contact: 8457855286. D-68978

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Ayurvedic full body massage ladies/gents smart experts therapist:- 8480939300. D-68772

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Ayurvedic full body massage ladies and gents. Contact: 9861064981. D-68769

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Refresh your mind and soul with best therapy at Orchid Salon/Spa. 9937287222. D-68775

business

ଅଗରବତୀ ଓ paper plate ବ୍ୟବସାୟ କରିବାକୁ ଚାହୁଁଛନ୍ତି କି? Contact କରନ୍ତୁ: 6371473848. D-16455

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ନିରୁଦ୍ଦିଷ୍ଟ**



ନାମ: ରାକେଶ ପଣ୍ଡା, ବୟସ-୧୫, ପିତାଙ୍କ ନାମ- ପ୍ରତାପ ପଣ୍ଡା, ଘର- ନୟାଗଡ ଓଲ୍‌ଟାଉନ୍ । ସେ ଗତ ତା.୩୧।୦୧।୨୦୨୦ରିଖ ସକାଳ ୫.୩୦ ସମୟରେ ଘରୁ ଟିଉସନ ପାଇଁ ଯାଇ ତା'ପରଠାରୁ ନିଖୋଜ ଅଛନ୍ତି। ଘରୁ ବାହାରିଲାବେଳେ ସେ ନାଲି ରଙ୍ଗର ସାର୍ଟ୍ ଓ ସିମେଣ୍ଟ ରଙ୍ଗର ଏକ ସୁଇଟର ପିନ୍ଧିଥିଲେ। ଯଦି କେହି ସହୃଦୟ ବ୍ୟକ୍ତି ପିଲାଟିର କୌଣସି ସୂଚନା ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। 6371558032, 9437421450, 7978422265. D-16528

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ୱପ୍ନକୁ ସାକାର ପାଇଁ ଦୃଢ଼ ସଂକଳ୍ପରେ ବ୍ରତୀ ହୁଅ

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ସୁନ୍ଦରଗଡ଼, ୨।୨ (ଡି.ଏନ୍.ଏ.)

ସମ୍ପ୍ରତି ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଯୁବବର୍ଗଙ୍କ ସୃଜନଶୀଳ ଦକ୍ଷତାର ଆବଶ୍ୟକତା ରହିଛି। ତେଣୁ ଛାତ୍ରୀଛାତ୍ର ଅଧ୍ୟୟନରେ ମନୋନିବେଶ କରି ଦୃଢ଼ ଅଧ୍ୟବସାୟ, ସଂକଳ୍ପ ମାଧ୍ୟମରେ ନିଜର ସ୍ୱପ୍ନକୁ ସାକାର କରି ଦେଶ ମାତୃକାର ସେବାରେ ବ୍ରତୀହେବାକୁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ମହାବିଦ୍ୟାଳୟ ପରିସରରେ ସୁସଜ୍ଜିତ ବର୍ଣ୍ଣାଢ୍ୟ ପରିବେଶରେ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଆୟୋଜିତ ହୀରକ ଜୟନ୍ତୀର ଉଦ୍‌ଘାଟନ ସମାରୋହରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି, ଗ୍ରାମ୍ୟ ଉନ୍ନୟନ, ଶ୍ରମନିୟୋଜନ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ କୁମାର ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ କୁମାର ତରାଇ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡ଼ର ରାଣୀମା ପଦ୍ମିନୀ ଶେଖର ଦେଓ , ଜିଲାପାଳ ନିଖିଲ ପବନ କଲ୍ୟାଣ, ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରଥମ ସଭାପତି ଶିବ ଶଙ୍କର ପୃଷ୍ଠେଠ, ସଦର ଉପଜିଲାପାଳ ତଥା ପୁରାତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଆଦିବାସୀ ସଂସ୍କୃତିର ସହର ସୁନ୍ଦରଗଡ଼ ଓ ଏହାର ଶାନ୍ତ ପରିବେଶକୁ ପ୍ରଶଂସା କରିଥିଲେ। ସନ୍ଥ ତୁଳସୀ ଦାସଙ୍କ ଏକ ପଂକ୍ତିକୁ ଉଦ୍ଧୃତ କରି ମୁଖ୍ୟ ଅତିଥି କହିଥିଲେ ଯେ, ସରସ୍ୱତୀଙ୍କ ଜ୍ଞାନ ଓ ଲକ୍ଷ୍ମୀଙ୍କ ଧନ ଭଣ୍ଡାର ମଧ୍ୟରୁ ସରସ୍ୱତୀଙ୍କ ଜ୍ଞାନର ଭଣ୍ଡାର ଅଶେଷ। ଏଣୁ ଛାତ୍ରୀଛାତ୍ର ଏହି ଜ୍ଞାନରୂପକ ଭଣ୍ଡାରକୁ ଆହରଣ କରି ନିଜର ସ୍ୱପ୍ନକୁ ସାକାର କରିବାକୁ ଦୃଢ଼ ଅଧ୍ୟବସାୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟକୁ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା, ଅଡିଟୋରିୟମ, ବିଇଡି ଶିକ୍ଷାକୁ ସରକାରୀ ମାନ୍ୟତା ଆଦି ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ତାଙ୍କ ସ୍ୱଳ୍ପ ବକ୍ତବ୍ୟରେ ମହାବିଦ୍ୟାଳୟର ବିଭିନ୍ନ ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସୁନ୍ଦରଗଡ଼ର ରାଜମାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଣୀ ପଦ୍ମିନୀ ଶେଖର ଦେଓ ସ୍ଥାନୀୟ ରାଜ ପରିବାରର ମହାବିଦ୍ୟାଳୟ ପ୍ରତି ବିଶେଷ ଅବଦାନ ରହିଆସିଛି ଓ ତତ୍କାଳୀନ ରାଜା ଉଦିତ ପ୍ରତାପ ଶେଖରଦେଓ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଯୋଗାଇ ଦେଇଥିଲେ ବୋଲି କହିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ ତାଙ୍କ ବକ୍ତବ୍ୟରେ ଏହି ହୀରକ ଜୟନ୍ତୀ ସମାରୋହକୁ ପ୍ରଶଂସା କରି ଛାତ୍ରୀଛାତ୍ରଙ୍କୁ ନିଜସ୍ୱ ଦକ୍ଷତା ମାଧ୍ୟମରେ ଉଦ୍ୟୋଗ ଓ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମହାବିଦ୍ୟାଳୟର ଗାରିମାମୟ ଇତିହାସକୁ ବଜାୟ ରଖିବାକୁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ମହାବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଲେ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ସାକାର ହେବ ବୋଲି ସେ କହିଥିଲେ। ମହାବିଦ୍ୟାଳୟ ପ୍ରଥମଛାତ୍ର ସଂସଦର ସଭାପତି ବର୍ଷୀୟାନ ଶିବ ଶଙ୍କର ପୃଷ୍ଠେଠ ଜୀବନର ସାୟାହ୍ନରେ ଏହି ସମାରୋହ ମୋ ପାଇଁ ସ୍ମରଣୀୟ ହୋଇରହିବ ବୋଲି କହିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ପୁରାତନ ଛାତ୍ରସଂଘର କାର୍ଯ୍ୟକାରୀ ସଭାପତି ଇଂ. ଦିଲ୍ଲୀପ କୁମାର ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂଘର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୌରୀଶଙ୍କର ପଟେଲ ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ଆନନ୍ଦ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ନାଏକ, ଡ. ହିମାଂଶୁ ଶେଖର ଗୁରୁ, ଦୁର୍ଗାମାଧବ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।





ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମଞ୍ଚାସୀନ (ଉପର)। ପୁରାତନ ଛାତ୍ରୀଛାତ୍ର, ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଉପସ୍ଥିତ।

## ଟ୍ରେନ୍‌ରେ କଟିଗଲେ ୨ ଶ୍ରମିକ

ଜଳେଶ୍ୱର, ୨।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ଜଳେଶ୍ୱର ୪୫ନଂ. ନୂତନ ରେଳ ଓଭରବ୍ରିଜ୍‌ରେ କାର୍ଯ୍ୟ କରୁଥିବା ୨ ଶ୍ରମିକ ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ଜଳେଶ୍ୱର-ଚନ୍ଦ୍ରନେଶ୍ୱର ରାସ୍ତାର ନୂଆବଜାରଠାରେ ନିର୍ମାଣାଧୀନ ଥିବା ରେଳ ଓଭରବ୍ରିଜ୍ କାର୍ଯ୍ୟ ସାରି ସବୁଦିନ ପରି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରମିକମାନେ ରାତି ୮ଟା ପରେ ପୁରୀ-ସାନ୍ତ୍ରାଗାଛି ଟ୍ରେନ୍‌ରେ ବେଲଦା ଫେରନ୍ତି। କିନ୍ତୁ ସେମାନେ ଟ୍ରେନ୍‌ରେ ଯାତ୍ରା କରିବା ଷ୍ଟେଶନ ଏହି ରେଳ ଧାରଣା ଉପରେ ଚାଲି ଚାଲି ଯାଇଥାନ୍ତି। ଗତ ଶନିବାର ରାତି ୮ଟାରେ ଅପ୍ ଲାଇନ୍‌ରେ ବାବୁ ଗିରି (୩୨), ନିତାଇ ମାନ୍ନା (୫୦) ନାମକ ଦୁଇ ଶ୍ରମିକ ଚାଲି ଚାଲି ଆସୁଥିବା ବେଳେ ପାଟଣା-ଏରାନାକୁଲମ ଟ୍ରେନ ଆସିବାରୁ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଜିଆର୍‌ପି ଏନେଇ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

## ଟୋଲଗେଟ୍‌ରେ ମନ୍ତ୍ରୀ ସୁଶାନ୍ତ ସିଂ ହେଲେ ହଟହଟା

ସୁନ୍ଦରଗଡ଼, ୨।୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହରେ ଯୋଗଦେବା ପାଇଁ ଆସୁଥିବା ବେଳେ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ବିଜୁ ଏକ୍ସପ୍ରେସ ୱେର ମସନିକାନୀ ଟୋଲ ଗେଟ୍‌ରେ ଶନିବାର ବିଳମ୍ବିତ ରାତ୍ରିରେ ହଟହଟା ହେବାକୁ ପଡିଛି। ମନ୍ତ୍ରୀ ଭୁବନେଶ୍ୱରରୁ କାର ଯୋଗେ ଆସୁଥିବା ବେଳେ ରାତି ପ୍ରାୟ ୨ଟାବେଳେ ଏହି ଟୋଲ ଗେଟର କର୍ମଚାରୀମାନେ ତାଙ୍କ ଗାଡିକୁ ଟୋଲ ଫି ମାଗିଥିଲେ। ମନ୍ତ୍ରୀଙ୍କ କର୍ମଚାରୀମାନେ ଗାଡିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବସିଛନ୍ତି ବୋଲି କହିବା ସତ୍ତ୍ୱେ ମଧ୍ୟ ଟୋଲଗେଟ କର୍ମଚାରୀ ନ ଶୁଣି ଟୋଲ ଫି ନ ଦେଲେ ଗାଡି ଛାଡିବେ ନାହିଁ ବୋଲି କହିଥିଲେ। କର୍ମଚାରୀମାନେ ଏଣୁ ତେଣୁ ଉତ୍ତର ଦେବାରୁ ମନ୍ତ୍ରୀ ବିରକ୍ତ ହୋଇଥିଲେ । ଏହାକୁ ନେଇ ମନ୍ତ୍ରୀ ଓ ଟୋଲଗେଟ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଭିନ୍ନରୂପ ଧାରଣ କରିଥିଲା । ମନ୍ତ୍ରୀ ପୋଲିସକୁ ଖବର ଦେବା ପରେ ଖୋଦ୍ ଏସ୍‌ପି ସୌମ୍ୟା ମିଶ୍ର ପହଞ୍ଚି ମନ୍ତ୍ରୀଙ୍କୁ ସାର୍କିଟ ହାଉସକୁ ଆଣିଥିଲେ। ହେଲେ ଏହି ଘଟଣାରେ ମନ୍ତ୍ରୀ ସମ୍ପୃକ୍ତ ଟୋଲଗେଟ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ରବିବାର ସକାଳେ ଜିଲାର ବିଜେଡି ନେତା ଓ ବିଧାୟକମାନେ ପହଞ୍ଚି ମନ୍ତ୍ରୀଙ୍କୁ ବୁଝାଶୁଝା କରି ଘଟଣାର ସମାଧାନ କରିଥିଲେ।




# ମାସକ ମଧ୍ୟରେ ୧୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଦୁର୍ନୀତି ନିରୋଧ ଅଭିଯାନ

ଭୁବନେଶ୍ୱର,୨।୨(ବ୍ୟୁରୋ)

ଦୁର୍ନୀତି ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗୋଟିଏ ମାସରେ ୧୦ଜଣଙ୍କୁ ବରଖାସ୍ତ କରାଗଲାଣି। ରାଜ୍ୟରୁ ଦୁର୍ନୀତି ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ଜିରୋ ଟଲେରାନ୍ସ' ନୀତିକୁ ବିଭାଗ ପକ୍ଷରୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ନିକଟରେ ବିଭାଗକୁ 'ମୋ ସରକାର ଓ ୫-ଟି' କାର୍ଯ୍ୟକ୍ରମ ଅଧୀନକୁ ଅଣାଯାଇଛି। ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ପକ୍ଷରୁ ମଧ୍ୟ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରାଯାଇଛି।

ଜାନୁୟାରୀରେ ହିଁ ଏହି ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏମାନଙ୍କ ମଧ୍ୟରେ ଅଛନ୍ତି ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ କରକଟ୍‌ନାସା ପଞ୍ଚାୟତର ସରପଞ୍ଚ ଇଗ୍ନେସିଅସ ହାରୋ। ନିଜ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା କାର୍ଯ୍ୟରେ କରିଥିବା ଦୁର୍ନୀତି କାରଣରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହିପରି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣ ପଞ୍ଚାୟତର ସରପଞ୍ଚ ଅଲିଭା ପଲେଇ ଏବଂ ଶୋଷ ପଞ୍ଚାୟତର ସରପଞ୍ଚ କାଞ୍ଚନ ନାୟକ ଆର୍ଥିକ ଅନିୟମିତତା କରି ନିଲମ୍ବିତ ହୋଇଛନ୍ତି। ଭଦ୍ରକ ଜିଲାର ଭଦ୍ରକ ବ୍ଲକ ବେଟରା ପଞ୍ଚାୟତର ସରପଞ୍ଚ ବିମ୍ବାଧର ଦାସ ଦୀର୍ଘଦିନ ହେଲା ପଞ୍ଚାୟତ ବୈଠକ ଡାକୁ ନ ଥିବା ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବରଗଡ଼ ଜିଲାର ବରଗଡ଼ ବ୍ଲକ କଳାପାଣି ପଞ୍ଚାୟତର ସରପଞ୍ଚ କେ.ଭି. ରେଡ୍ଡୀ ସରକାରୀ ଅର୍ଥ ହଡ଼ପ କରି ନିଲମ୍ବିତ ହୋଇଛନ୍ତି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ସରପଞ୍ଚ ମଙ୍ଗଳ ହାଁସ୍‌ଦା ବେଆଇନ ସଙ୍କଳ୍ପ ଗୃହୀତ କରାଇ ନିଲମ୍ବିତ ହୋଇଛନ୍ତି। ସେହିଭଳି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ପାତ୍ରପଡ଼ା ପଞ୍ଚାୟତ ସରପଞ୍ଚ ଦୁଃଶାସନ ବିଶ୍ୱାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ବଣ୍ଟନରେ ଅନିୟମିତତା କରି ନିଲମ୍ବିତ ହୋଇଛନ୍ତି। ବାଲେଶ୍ୱର ଜିଲା ସୋର ବ୍ଲକର କେଦାରପୁର ପଞ୍ଚାୟତ ସରପଞ୍ଚ ଅଭିମନ୍ୟୁ ଜେନା ହିତାଧିକାରୀଙ୍କୁ ଠିକଣା ସମୟରେ ବିଲ୍ ଅର୍ଥ ପ୍ରଦାନ ନ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ଅନୁରୂପ ଭାବେ ଜଳେଶ୍ୱର ବ୍ଲକର କୋଟସାହି ସରପଞ୍ଚ ମୁବାଳା ଓରଫ୍ ମୁଲତା ପ୍ରଧାନ ପଲ୍ଲିସଭା ନ ଡାକିବା ସହିତ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। କଟକ ଜିଲା ନିଆଳି ବ୍ଲକ ଅନଲ ପଞ୍ଚାୟତ ସରପଞ୍ଚ ସ୍ନିଗ୍ଧା ମହାନ୍ତି ଆର୍ଥିକ ଅନିୟମିତତା କରି ନିଲମ୍ବିତ ହୋଇଛନ୍ତି। ଉକ୍ତ ବିଭାଗରେ ଆଗାମୀ ଦିନରେ ଏହି କାର୍ଯ୍ୟଧାରା ଜାରି ରହିବ ବୋଲି ଜଣାପଡ଼ିଛି।

# ଇସ୍କନ ବିରୋଧରେ ଏତଲା ଦେଲା ଶ୍ରୀଜଗନ୍ନାଥ ସେନା

ପୁରୀ ଅଫିସ, ୨।୨

ଇସ୍କନ ପକ୍ଷରୁ ମୁମ୍ବାଇରେ ଗତ ଗୁରୁବାର ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଥିଲା। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି ଦର୍ଶାଯାଇ ଏଭଳି ରଥଯାତ୍ରାକୁ ଓଡ଼ିଶାରେ ବିଶେଷକରି ଚତୁର୍ଦ୍ଧାବିଗ୍ରହଙ୍କ ଲୀଳାସ୍ଥଳ ଶ୍ରୀକ୍ଷେତ୍ରରେ ତୀବ୍ର ବିରୋଧ କରାଯାଇଛି। ଇସ୍କନ ବାରମ୍ବାର ବିଧି ପରମ୍ପରାକୁ ବେଖାତିର କରୁଥିବାରୁ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀଜଗନ୍ନାଥ ସେନା ରବିବାର ବିକ୍ଷୋଭ କରିବା ସହ ଇସ୍କନ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦେଇଛି।

ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ମହାପ୍ରଭୁଙ୍କର ବାରମାସରେ ତେରଯାତ୍ରା କାହିଁ କେତେ କାଳରୁ ପରମ୍ପରାମତେ ପ୍ରଚଳିତ ହୋଇଆସୁଛି। ଠାକୁରଙ୍କର ପ୍ରତ୍ୟେକ ଯାନିଯାତ୍ରା ସ୍କନ୍ଦ ପୁରାଣ ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ପ୍ରକାରେ ହିଁ ପାଳିତ ହୋଇଥାଏ। ମାତ୍ର ଏ ସମସ୍ତ ମହାନ ଓ ପବିତ୍ର ପରମ୍ପରାକୁ କେତେକ ବିଧର୍ମୀଙ୍କ ସମେତ ଇସ୍କନ ସଂସ୍ଥା ଭଙ୍ଗ କରିବା ସହ ମନଇଚ୍ଛା ବର୍ଷସାରା ଅଦିନିଆ ରଥଯାତ୍ରା କରି ଅର୍ଥ ରୋଜଗାର କରୁଛନ୍ତି। ଏହାଦ୍ୱାରା ସନାତନ ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରିବା ସହ ମହାନ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ ଓ ଅବମାନନା କରୁଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ପ୍ରଶାସନ କଥାକୁ ମଧ୍ୟ ଏମାନେ କର୍ଣ୍ଣପାତ କରୁନାହାନ୍ତି। ଏହା ପୂର୍ବରୁ ଇସ୍କନ ସଂସ୍ଥାର ଏଭଳି କାର୍ଯ୍ୟକୁ ଏକାଧିକବାର ବିରୋଧ କରାଯାଇଥିଲା। କିଛିଦିନର ନୀରବତା ପରେ ପୁନର୍ବାର ଇସ୍କନ ଗତ ଗୁରୁବାର ମୁମ୍ବାଇରେ ସେଠାକାର ସଭାପତି ରାଧାକାନ୍ତ ଏବଂ ଅନ୍ୟମାନଙ୍କ ଦ୍ୱାରା ରଥଯାତ୍ରା କରିଛି। ଏହା ପ୍ରତିବାଦରେ ରବିବାର ସିଂହଦ୍ୱାର ଆଗରେ ବିକ୍ଷୋଭ ପ୍ରଦର୍ଶନ ଏବଂ ରାଧାକାନ୍ତଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କୁ ତୁରନ୍ତ ଗିରଫ କରିବା ଲାଗି ଏତଲା ଦିଆଯାଇଛି ବୋଲି ପଟ୍ଟନାୟକ କହିଛନ୍ତି। ତୁରନ୍ତ ଭାରତରେ ଇସ୍କନକୁ ବ୍ୟାନ୍ ଏବଂ ପୁରୀକୁ ପ୍ରବେଶ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି।




ସିଂହଦ୍ୱାର ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ମୁମ୍ବାଇରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

DSPL-253

# ନିବେଦନ

## (କରୋନା ଭୂତାଣୁ ସଂକ୍ରମଣ ସମ୍ବନ୍ଧୀୟ)

ଚୀନ୍ ଓ ଅନ୍ୟ କେତେକ ଦେଶରେ ନୋଭେଲ୍ କରୋନା ଭୂତାଣୁ ସଂକ୍ରମଣ ବିଷୟରେ ଆପଣମାନେ ଅବଗତ ଅଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ପରାମର୍ଶ ଅନୁସାରେ ଜାନୁଆରୀ ୧୫ ତାରିଖରୁ **ଚୀନ୍, ହଂକଂ, ଥାଇଲାଣ୍ଡ ଓ ସିଙ୍ଗାପୁର**ରୁ ଓଡ଼ିଶାକୁ ଆସିଥିବା ବିଦେଶୀ ଓ ଭାରତୀୟ ନାଗରିକଙ୍କୁ ଗୃହ ପୃଥକୀକରଣ (Home Isolation) କରିବା ଜରୁରୀ ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ନିରୀକ୍ଷଣ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ଆବଶ୍ୟକ ।

ଏଣୁ ସର୍ବସାଧାରଣ, ସମସ୍ତ କର୍ମସଂସ୍ଥାନ, ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ପ୍ରତିଷ୍ଠାନ ତଥା ବ୍ୟବସାୟିକ କର୍ମସ୍ଥଳୀର କର୍ମକର୍ତ୍ତାମାନଙ୍କୁ ଅନୁରୋଧ ଉପରୋକ୍ତ ବ୍ୟକ୍ତିମାନଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. ୦୬୭୪ ୨୩୯୦୪୬୬ କିମ୍ବା ମୋ: ୯୪୩୯୯୯୪୮୫୭ / ୯୪୩୯୯୯୧୨୨୧ / ୯୪୩୭୦୪୦୫୬୪ ରେ ନିଶ୍ଚିତ ଭାବରେ ଦିଅନ୍ତୁ ।

ସୂଚନା ମିଳିବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ତ୍ୱରିତ ଅନୁସନ୍ଧାନକାରୀ ଦଳ, ସେମାନଙ୍କର ସ୍ୱ-ଘୋଷିତ ସ୍ୱାସ୍ଥ୍ୟ ସୂଚନା ପତ୍ର ସଂଗ୍ରହ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ।

**ଏତଦ୍ ବ୍ୟତୀତ, ଜନସାଧାରଣଙ୍କୁ ଅନୁରୋଧ ଭୟଭୀତ ନହୋଇ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ଓ ସାସ୍ଥ୍ୟ ବିଭାଗକୁ ସହଯୋଗ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

OIPR- 10003/13/0068/1920

ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର।

-ଶ୍ରୀଅରବିନ୍ଦ

# ଅବସ୍ଥାର ବ୍ୟବସ୍ଥା ନାହିଁ

ଭାରତ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଛି। କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଧିମା ପଡ଼ିଯାଇଛି। ନିଯୁକ୍ତି କମିଆସିଛି। ଲୋକଙ୍କ ହାତରେ କ୍ରୟ କରିବାର ଶକ୍ତି ହ୍ରାସ ପାଇଛି। ବିଭିନ୍ନ କ୍ଷେତ୍ରରେ ବିଦେଶୀ ପୁଞ୍ଜି ବିନିଯୋଗ ପରିମାଣ ଯଥେଷ୍ଟ କମିଯାଇଛି। 'ବେଢ଼ି ଉପରେ କୋରଡ଼ା ମାଡ଼' ସଦୃଶ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିବାରେ ଲାଗିଛି। ଏଭଳି ଏକ ସ୍ଥିତି ଦେଇ ଭାରତୀୟ ଅର୍ଥନୀତି ଚାଲୁଥିବା ବେଳେ ଆଶା କରାଯାଉଥିଲା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ବଜେଟ ଦେଶବାସୀଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେଇପାରିବ। କିନ୍ତୁ ସ୍ୱାଧୀନ ଭାରତ ଇତିହାସରେ ଦିଆଯାଇଥିବା ସବୁଠାରୁ ଦୀର୍ଘତମ ବଜେଟ ଭାଷଣରେ କୌଣସି ନୂଆ ଚିନ୍ତାଧାରା ଦେଖିବାକୁ ମିଳିଲା ନାହିଁ। ତାହାର ପ୍ରାରମ୍ଭିକ ଆଭାସ ସେନ୍‌ସେକ୍ସ ଗୋଟିଏ ଦିନରେ ୯୮୮ ପଏଣ୍ଟ କମିବାରୁ ବୁଝାପଡ଼ିଯାଇଛି। କୁହାଯାଉଛି ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ସରକାର ନୂଆ ପରୀକ୍ଷଣ କରିଛନ୍ତି। ଦେଖିବାକୁ ଗଲେ ଆୟକର ଦାଖଲ ପ୍ରକ୍ରିୟା ସରଳ ହୋଇଥିଲେ ହେଁ କରଦାତାଙ୍କୁ ବୁଝିବା ପାଇଁ ବିଶେଷଜ୍ଞଙ୍କ ସାହାରା ନେବାକୁ ପଡ଼ିବ। କାରଣ ସେମାନେ ପୁରୁଣା ପଦ୍ଧତି ଆପଣାଇବେ ନା ନୂଆ ପ୍ରଣାଳୀ ଦେଇ ରିଟର୍ନ ଫାଇଲ୍ କରିବେ ତାହା ଏବେ ଚିନ୍ତାର ବିଷୟ ହୋଇଛି। ଏହି ସମୟରେ ଉଭୟ ବ୍ୟବସ୍ଥା ଜୀବିତ ରହିଛି। ବ୍ୟକ୍ତିଗତ ଆୟ ସ୍ଲାବରେ ପରିବର୍ତ୍ତନ ଆଣି କରଦାତାଙ୍କୁ କମ୍ ଟିକସ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବିଭିନ୍ନ ପ୍ରକାର ରିହାତିକୁ ଉକ୍ତ ନୂଆ ଗଣନାରୁ ବାଦ୍ ଦିଆଯାଇଥିବାରୁ ଟିକସ ଢାଞ୍ଚା ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଭାରତରେ ସାଧାରଣତଃ ମଧ୍ୟବିତ୍ତ ବର୍ଗଙ୍କ ବାର୍ଷିକ ଆୟ ୧୫ ଲକ୍ଷ ଟଙ୍କାରୁ କମ୍। ସେଭଳି ବ୍ୟକ୍ତିଙ୍କ ସକାଶେ ନୂଆ ବ୍ୟବସ୍ଥାରେ କୌଣସି ରିହାତି ମିଳିନାହିଁ। ଅପରପକ୍ଷରେ ୧୫ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ବର୍ଗକୁ ନୂଆ ଢାଞ୍ଚାରେ ଯଥେଷ୍ଟ ସୁବିଧା ମିଳିପାରିବ। ଏଥିରୁ ବୁଝିବାକୁ ହେବ ଯେ ମଧ୍ୟବିତ୍ତ ନୁହେଁ, କେବଳ ଧନୀ ଓ ଅତି ଧନୀ ନାଗରିକଙ୍କୁ ୨୦୨୦-୨୧ ବଜେଟରେ ଲାଭ ମିଳିପାରିବ। କିନ୍ତୁ କୁହାଯାଉଛି ଯେ, ସବୁ ବ୍ୟକ୍ତିଗତ କରଦାତାଙ୍କୁ ବଜେଟରେ ସୁବିଧା ଦିଆଗଲା। ଗୋଟିଏ ଅସତ୍ୟକୁ ବାରମ୍ବାର କୁହାଗଲେ ତାହା ସତ୍ୟ ଭାବେ ଶୁଣାଯାଇପାରେ।

ବଜେଟରେ ରେଳପଥ ଓ ସ୍ୱାସ୍ଥ୍ୟକୁ ଘରୋଇ କ୍ଷେତ୍ର ପାଇଁ ଅଧିକ ଖୋଲି ଦିଆଯାଇଛି। ସେହିପରି ଦେଶର ବୃହତ୍ ବୀମା ସଂସ୍ଥା ଏଲ୍‌ଆଇସିରୁ ଅଂଶଧନ ବିକ୍ରି କରିବା ଲାଗି ପ୍ରସ୍ତାବ ଦିଆଯାଇଛି। କରଦାତାଙ୍କ ଅର୍ଥରୁ ସୃଷ୍ଟ ଏଲ୍‌ଆଇସି ଓ କିଛି ଦିନ ପୂର୍ବରୁ ଏୟାର ଇଣ୍ଡିଆକୁ ବିକି ନିଜର ଆର୍ଥିକ ପରିସ୍ଥିତି ସମ୍ଭାଳିବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ଝିଅ ବାହା ଦେବା ପୂର୍ବରୁ ବାପା ବାଧହୋଇ ଜମି ବିକିଥାଆନ୍ତି। ବଡ଼ ଆଡ଼ମ୍ବରରେ ବିବାହ କରେଇବା ସତ୍ତ୍ୱେ ବାପଘର ପରବର୍ତ୍ତୀ ସମୟରେ ଦରିଦ୍ର ହୋଇଯାଏ। ସେହିପରି ଦକ୍ଷତାର ସହିତ ଉପରଲିଖିତ ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ବିକିଦେଲେ କ୍ଷଣକ ପାଇଁ ସରକାରଙ୍କ ହାତକୁ ଅର୍ଥ ଆସିବ। ମାତ୍ର ତାହା ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପରିବର୍ତ୍ତେ ଅଧିକ କ୍ଷତି ପହଞ୍ଚାଇବ। ଏଠାରେ ମନେପଡ଼େ କିଛି ମାସ ପୂର୍ବେ ଆର୍‌ବିଆଇଠାରୁ ୧,୭୬,୦୫୧ କୋଟି ଟଙ୍କା କେନ୍ଦ୍ର ସରକାର ନେଇ ଆସିଥିଲେ। ଆଜି ସେହି ବିପୁଳ ଅର୍ଥର ବିନିଯୋଗ କେଉଁଠି ହେଲା ତାହାର ହିସାବ ନାହିଁ। ତେଣୁ ଏଲ୍‌ଆଇସି ପୁଞ୍ଜି ପ୍ରତ୍ୟାହାରରୁ ମିଳିବାକୁ ଥିବା ଅର୍ଥ କେଉଁଆଡ଼େ ଯିବ ତାହା ଦେଶବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିବା ଉଚିତ। ତେବେ ବ୍ୟାଙ୍କରେ ଜମା ହୋଇଥିବା ରାଶି ଲାଗି ବୀମା ପରିମାଣ ୧ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରାଯିବା ବଜେଟରେ ଏକମାତ୍ର ଆଶ୍ୱାସନା ପାଲଟିଛି। ବଥ ହେଲେ ଛାଇ ହୋଇଛି ବୋଲି କହିବା ଭଳି ବୁଡ଼ିଯାଉଥିବା ବ୍ୟାଙ୍କରୁ ଜମାକାରୀଙ୍କୁ ୧ ଲକ୍ଷ ପରିବର୍ତ୍ତେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବା ଅନୁରୂପ କଥା ବୋଲି କହିହେବ।

ବଜେଟ ୨୦୨୦-୨୧ରେ ଥିବା ପ୍ରାୟ କୌଣସି ଉପାଦାନ ଅର୍ଥନୀତିକୁ ତ୍ୱରାନ୍ୱିତ କଲାଭଳି ସଙ୍କେତ ଦେଇ ନାହିଁ। ଏଭଳିସ୍ଥଳେ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅମିତାଭ କାନ୍ତ କହିଛନ୍ତି ଯେ, ବଜେଟ ପରେ ପୁଞ୍ଜିବଜାର ନକାରାତ୍ମକ ସଙ୍କେତ ଦେବା ଆଶ୍ଚର୍ଯ୍ୟ ଲାଗୁଛି। ବଜେଟରେ କୌଣସି ଭୁଲ ନିଷ୍ପତ୍ତି ନିଆଯାଇ ନାହିଁ। ଅନ୍ୟପକ୍ଷରେ ସେ କହିଛନ୍ତି ଯେ, ସରକାର ଏକାକୀ ଅଭିବୃଦ୍ଧି ଆଣିପାରିବେ ନାହିଁ। ତଥାପି ଆଗାମୀ ଦିନରେ ଆହୁରି ଅଧିକ କଠୋର ପଦକ୍ଷେପ ନେବାକୁ ପଡ଼ିବ। ସରକାରୀ ବ୍ୟବସ୍ଥାରେ ଥିବା ଜଣେ ବରିଷ୍ଠ ପଦାଧିକାରୀଙ୍କ ଏଭଳି କଥାରୁ ସାଧାରଣ ଲୋକ ବୁଝିପାରୁଛନ୍ତି ଯେ, କ୍ଷମତାରେ ଥିବା ବ୍ୟକ୍ତିଙ୍କ ବାସ୍ତବ ପରିସ୍ଥିତି ସହ କୌଣସି ସମ୍ପର୍କ ନାହିଁ। ଗୋଟିଏ ପଟେ ସେ କହୁଛନ୍ତି, ଭାରତୀୟ ଅର୍ଥନୀତିରେ ସୁଧାର ଆଣିବା ଦାୟିତ୍ୱ ସମସ୍ତଙ୍କର। ଅନ୍ୟପଟେ ଅର୍ଥନୀତିକୁ ବ୍ୟବସ୍ଥିତ କରିବା ସକାଶେ ଆଗକୁ ଆହୁରି କଠୋର ନିଷ୍ପତ୍ତି ନିଆଯିବ ବୋଲି ସେ ଆଶାବାଦୀ। ଯେତେବେଳେ ଅର୍ଥନୀତି ଆଇସିୟୁକୁ ଗଲା ସ୍ଥିତିରେ ଉପନୀତ ସେତେବେଳେ ସୁଧାର ଆଣିବା ସକାଶେ ଆଉ କିଭଳି ବିଷମ ସମୟକୁ ଅପେକ୍ଷା ରହିଛି ସମସ୍ତଙ୍କ ପାଇଁ ଏହା ଅନୁମେୟ।

୨୦୨୦-୨୧ ବଜେଟରେ ସୀତାରାମନ ବହୁ ଚତୁରତା ପ୍ରଦର୍ଶନ କରି ଏହାକୁ ଏକ ଆଲଙ୍କାରିକ ନଥିରେ ପରିଣତ କରିଦେଇଛନ୍ତି। ବଜେଟର ଫୋକସକୁ ତିନିଟି ବିନ୍ଦୁ ଯଥା ଆକାଂକ୍ଷୀ ଭାରତ, ଅର୍ଥନୈତିକ ବିକାଶ ଓ ପ୍ରଯତ୍ନଶୀଳ ସମାଜ ଉପରେ କେନ୍ଦ୍ରିତ କରିଛନ୍ତି। ଏସବୁ ଶବ୍ଦ ଶୁଣିବାକୁ ଭଲ ଲାଗୁଥିଲେ ମଧ୍ୟ କାର୍ଯ୍ୟକାରିତା ଘର ଶୂନ। କଥା ପଛରେ ଟଙ୍କା ନାହିଁ। କାବ୍ୟିକ ବ୍ୟାଖ୍ୟା ଓ ଦେଶହିତୈଷୀ ଅନୁରାଗ ରଖିଲା ଭଳି ଶବ୍ଦ ପ୍ରୟୋଗ କରାଗଲେ ତାହା ଅର୍ଥନୀତିକୁ ସୁଧାରିପାରିବ ନାହିଁ। ଅର୍ଥନୀତି ବାସ୍ତବତା ଉପରେ ନିର୍ଭର କରେ। ଦେଶର ଅସଂଖ୍ୟ ଯୁବତୀଯୁବକ ବେକାର ହୋଇ ବୁଲୁଥିବା ବେଳେ ଯୁବତୀଙ୍କ ବିବାହ ବୟସ ସ୍ଥିର କରିବା ଲାଗି ଟାସ୍କଫୋର୍ସ ଗଠନ ସକାଶେ ବଜେଟରେ ସୁପାରିସ କରାଯାଉଛି। ଏଭଳି ଅବାଞ୍ଛିତ ଚିନ୍ତା କଦାପି ଏକ ସୁସ୍ଥ ଅର୍ଥନୈତିକ ବ୍ୟବସ୍ଥା ସୃଷ୍ଟି କରିପାରି ନ ଥାଏ। ବଜେଟରେ ବାରମ୍ବାର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' କଥା କୁହାଯାଉଥିବା ଶୁଣିବାକୁ ମିଳିଥିଲା। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଅର୍ଥନୈତିକ ମାନ୍ଦାବସ୍ଥା ସୁଧାରିବା ଲାଗି ନିଷ୍ପତ୍ତିମୂଳକ କାର୍ଯ୍ୟାନ୍ୱୟନ ଯୋଜନାର ଆବଶ୍ୟକତା ଥିଲା। ଏହି ଜଟିଳ ଅବସ୍ଥାକୁ ମୁକାବିଲା କରିବା ପାଇଁ ବଜେଟ ୨୦୨୦-୨୧ରେ କୌଣସି ବ୍ୟବସ୍ଥା ନାହିଁ। ହୁଏତ ଆଗାମୀ ଦିନଗୁଡ଼ିକରେ ଅନେକ ବିନ୍ଦୁ ଉପରେ ପୁନର୍ବିଚାର କରାଯାଇ ସେଥିରୁ କେତେକ ଫେରସ୍ତ ନିଆଯାଇପାରେ କିମ୍ବା ବଞ୍ଚିଥିଲେ ମଧ୍ୟ ମଲାପରି ପଡ଼ି ରହିବ। ବିଗତବର୍ଷ ତା'ର ସଙ୍କେତ ଦେଇଛି।

## su | do | ku   ସୁ-ଡୋ-କୁ

[illegible]

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ଦୁଃଖବନ୍ଧୁଙ୍କ ଦୁଃଖ



## ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

'ଦୁଃଖ ବାଣ୍ଟିଲେ ସରେ' ବୋଲି ଯେଉଁ ଆପ୍ତବାକ୍ୟଟି କେଉଁକାଳରୁ ଗଡ଼ି ଗଡ଼ି ଆସୁଛି, ତହିଁରେ ବୋଧହୁଏ ବେଶିମାତ୍ରାରେ ବିଶ୍ୱାସୀ ହୋଇପଡ଼ିଥିଲେ ଦୁଃଖବନ୍ଧୁ। ତା' ନ ହେଲେ ସେ ଏମିତି ପ୍ରଗଲ୍‌ଭ ହୋଇପଡ଼ି ନ ଥାନ୍ତେ ନିଜ ଦୁଃଖ ବଖାଣିବାରେ, ତାହା ପୁଣି ସର୍ବଜନ ସମ୍ମୁଖରେ। ପ୍ରକୃତରେ ବାଣ୍ଟି ଦେଉଥିଲେ ଦୁଃଖ ଯଦି ସରିଯାଉଥାନ୍ତା, ତେବେ ତ ଏ ସଂସାରରେ କେହି ଦୁଃଖୀ ହିଁ ନ ଥାନ୍ତେ। ସୁତରାଂ ସେଦିନ ନିଜର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ନିଜ କ୍ଷୀଣ ଶରୀର ଉପରେ ମୋଟା ଫୁଲମାଳଟିଏ ଲମ୍ବାଇ ଦୁଃଖବନ୍ଧୁବାବୁ ଯେମିତି ସମବେତ ଶ୍ରୋତାମାନଙ୍କୁ ନିଜର ଦୁଃଖ ବାଣ୍ଟୁଥିଲେ, ତାହା ଦେଖି ମନେହେଉଥିଲା ଯେତେ ବାଣ୍ଟିଲେ ବି ତାଙ୍କ ଦୁଃଖ ସରିବ ନାହିଁ।

ଦୁଃଖବନ୍ଧୁ ଜଣେ ପ୍ରାଥମିକ ଶିକ୍ଷକ। ସହସ୍ର ସହସ୍ର ନାଗରିକଙ୍କ ବିଦ୍ୟାର୍ଥୀ ଜୀବନର ପ୍ରଥମ ଆଚାର୍ଯ୍ୟ। ତାଙ୍କ ଜୀବନରେ ସୁଖ ବୋଲି କିଛି ନାହିଁ, ଏ କଥା କହିଲେ ଭଲ ହେବ। ତାଙ୍କ ପିଲା ପରିବାର ସହ ସାମାଜିକ ପ୍ରତିଷ୍ଠା, ପ୍ରତିପତ୍ତି ଅଛି। ଏ ସବୁକୁ ନେଇ ବେଶ୍ ସୁଖ ଭୋଗ କରିଛନ୍ତି ସେ। ଛୋଟ ଚାକିରିରେ ମୁକରିର ଥିବା ହେତୁ କେବେ ବି ମନ ଊଣା କରିନାହାନ୍ତି। ବରଂ ନିଜ ବୃତ୍ତି ପ୍ରତି ବାଞ୍ଛିତ ଗୌରବବୋଧ ନେଇ ସେ କେତେଥର କହିଛନ୍ତି ଅନ୍ୟ ସବୁ ଶିକ୍ଷାର ଏକ ନିର୍ଦ୍ଦିଷ୍ଟ ପରିସର ଅଛି। ସେ ପରିସରର ସୀମା ଡେଇଁ ବାହାରକୁ ଯିବା ଏତେ ସହଜ ନୁହେଁ। କଳାର ଜଣେ ଛାତ୍ର ବିଜ୍ଞାନ ଶ୍ରେଣୀରେ ପାଦ ଦେଇ ନ ଥିବ ବା କେହି ଡାକ୍ତରୀ ବା ଇଞ୍ଜିନିୟରିଂ ଛାତ୍ର ସଂସ୍କୃତ ପଣ୍ଡିତଙ୍କ ଛାତ୍ର ହୋଇ ନ ଥିବ। ମାତ୍ର କେହି ଏମିତି ଛାତ୍ର ନାହିଁ ଯିଏ ମୋ ଭଳି ଜଣେ ପ୍ରାଥମିକ ଶିକ୍ଷକଠାରୁ ପାଠ ପଢ଼ି ନ ଥିବ। ଅତ୍ୟନ୍ତ ହାଲୁକା ପରିହାସ ମଧ୍ୟରେ ଏମିତି ଗମ୍ଭୀର ମନ୍ତବ୍ୟ ଦେଉଥିବା ଦୁଃଖବନ୍ଧୁ ସାରଙ୍କର ନିଜ ବୃତ୍ତିକୁ ନେଇ ପୁଣି କି ଦୁଃଖ ଯେ!

ତଥାପି ଦୁଃଖବନ୍ଧୁଙ୍କର ଦୁଃଖ ଅସୀମ। ଏ ଦୁଃଖ ତାଙ୍କ ନିଜର ନୁହେଁ, ନିଜ ବୃତ୍ତିର। ନିଜ ସମ୍ପର୍କୀୟଙ୍କର ନୁହେଁ, ନିଜ ସମ୍ପ୍ରଦାୟର ଏ ଦୁଃଖ! ଦୀର୍ଘ ଚାଳିଶବର୍ଷର ସଫଳ ଶିକ୍ଷାଦାନ କାର୍ଯ୍ୟରୁ ଅବ୍ୟାହତି ନେଲା ପରେ ସେଦିନ ତାଙ୍କ ବିଦାୟ ସଭାରେ ଦୁଃଖବନ୍ଧୁଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ଗୁଣ କୀର୍ତ୍ତନ କରି ବହୁ ଲୋକ ବହୁ କଥା କହିଲେ। ତାଙ୍କ ଅବଶିଷ୍ଟ ଜୀବନ ସୁସ୍ଥ, ସମୃଦ୍ଧ ଓ ସୁଖମୟ ହେଉ ବୋଲି ଚାରିଆଡ଼ୁ ଶୁଭକାମନା ଅଜାଡ଼ି ପଡ଼ିଲା। କେବଳ ଦୁଃଖବନ୍ଧୁ ନୁହନ୍ତି, ତାଙ୍କ ଭଳି ପ୍ରତ୍ୟେକ ପ୍ରାଥମିକ ଶିକ୍ଷକଙ୍କୁ ମଣିଷ ତିଆରି କାରଖାନାର ଆଦ୍ୟ ବିଶ୍ୱକର୍ମା ବୋଲି ଅଭିହିତ କରି ଉପସ୍ଥିତ ଅତିଥିବୃନ୍ଦ ତଥା ପୁରାତନ ଛାତ୍ରୀଛାତ୍ର ଯେଉଁ ବକ୍ତବ୍ୟ ଦେଲେ ତାହାର ସାରମର୍ମ ଥିଲା କିଛିଟା ଏହିଭଳି- ''ବାପାମା'ଙ୍କ ପରେ ଯଦି କେହି ପ୍ରତ୍ୟକ୍ଷ ଭାବେ ମଣିଷର ପୂଜାସ୍ପଦ ହୋଇଥାନ୍ତି, ସେ ହେଉଛନ୍ତି ପ୍ରାଥମିକ ଶିକ୍ଷକ। ସେଥିପାଇଁ ଆମ ସଂସ୍କାରରେ ହାଇସ୍କୁଲ ଶିକ୍ଷକଙ୍କଠାରୁ ବିଶ୍ୱବିଦ୍ୟାଳୟର ପ୍ରଫେସରମାନଙ୍କ ଯାଏଁ ସମସ୍ତ ଗୁରୁଙ୍କୁ ହାତ ଯୋଡ଼ି ସମ୍ମାନ ପ୍ରଦର୍ଶନ କରାଯାଉଥିବା ବେଳେ କେବଳ ପ୍ରାଥମିକ ଶିକ୍ଷକମାନଙ୍କୁ ପାଦ ଛୁଇଁ ପ୍ରଣାମ କରାଯାଏ। ଯିଏ ଯେତେ ପଦବୀ ବା ପ୍ରତିଷ୍ଠାର ଅଧିକାରୀ ହୋଇଥାନ୍ତୁ ନା କାହିଁକି ସେମାନଙ୍କ ଜୀବନଯାତ୍ରାର ଶୁଭଶଙ୍ଖ ଫୁଙ୍କିଥିବା ପ୍ରାଥମିକ ଶିକ୍ଷକଙ୍କୁ କେହି କେବେ ଭୁଲି ପାରନ୍ତି ନାହିଁ। ସ୍ୱଳ୍ପ ବେତନ ନେଇ ଯଥେଷ୍ଟ ବେଶି ଦାନ କରୁଥିବା ଏହି ଆଦ୍ୟ ଗୁରୁମାନଙ୍କ ପ୍ରତି ଚିରକାଳ କୃତଜ୍ଞ ଏ ମଣିଷ ଓ ସମାଜ।''

ପ୍ରଶଂସାରେ ପୋତିହୋଇ ପଡ଼ିଥିବା ନିଜ ପତଳା ଶରୀରଟି ନେଇ ସମ୍ବର୍ଦ୍ଧନାର ଉତ୍ତର ଦେବା ପାଇଁ ଯେତେବେଳେ ଦୁଃଖବନ୍ଧୁ ଛିଡ଼ା ହେଲେ, ସେତେବେଳେ ସମସ୍ତେ ଭାବିଥିଲେ ଯେ ଉଦାରତା ଓ କୃତଜ୍ଞତାରେ ଭରପୂର ନିଜ ହୃଦୟଟିକୁ ସେ ଖୋଲି ବସିବେ କିଛି ସମୟ ପାଇଁ ଓ ଆଖିରେ ଆବେଗର ଆନନ୍ଦାଶ୍ରୁ ନେଇ ନିଜ ବୃତ୍ତି ପ୍ରତି ଆପଣାର ନିଷ୍ଠା ଓ ଅଙ୍ଗୀକାରର ସ୍ମୃତି ରୋମନ୍ଥନ କରିବେ। ପୁଲକଭରା ଅନ୍ତରରେ ସମର୍ପଣ ଭାବ ଫୁଟାଇ କହିବେ, ''ମୋ ଚାକିରିକାଳ ଭିତରେ ଜଣେ ଶିକ୍ଷକର କର୍ତ୍ତବ୍ୟ କରିଛି। ପାରମ୍ପରିକ ଶିକ୍ଷାଦାନ ସହ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ କରିବାରେ ମନୋନିବେଶ କରିଛି। କର୍ତ୍ତବ୍ୟ ବିନିମୟରେ କାହାଠାରୁ କୌଣସି କୃତଜ୍ଞତାର ଅପେକ୍ଷା ରଖି ନାହିଁ। ଆଜି ଆପଣମାନଙ୍କଠୁଁ ଯେଉଁ ସ୍ନେହ ସଦିଚ୍ଛା ଲାଭ କଲି, ତାକୁ ସ୍ମୃତିର ସମ୍ବଳ କରି ବାକି ଜୀବନ ବିତାଇଦେବି।''

ମାତ୍ର ଦୁଃଖବନ୍ଧୁ ଏମିତି କିଛି ବିନମ୍ର ବକ୍ତବ୍ୟ ପେସ୍ କଲେ ନାହିଁ। ବରଂ ଏକ ଅଜବ ଅସ୍ୱସ୍ତି ଓ ଅନୁଚିତ ଔଦ୍ଧତ୍ୟର ଫେଣ୍ଟାଫେଣ୍ଟି ଭାବ ନେଇ ସେ କହିବାକୁ ଆରମ୍ଭ କଲେ, ମୋ ଭଳି ଜଣେ ଶିକ୍ଷକ ଓ ତା'ର ସମ୍ପ୍ରଦାୟ ପ୍ରତି ଏ ସମାଜ ଯେତେ କୃତଜ୍ଞତା ପ୍ରକଟ କଲେ ବି ବାସ୍ତବରେ ଏଥିରେ ଆନ୍ତରିକତା ନାହିଁ। ଦୀର୍ଘ ଚାଳିଶ ବର୍ଷର ଅନୁଭୂତିକୁ ନେଇ ମୁଁ ଜାଣିଛି ଯେ ପ୍ରଶାସନ ଦୃଷ୍ଟିରେ ଜଣେ ପ୍ରାଥମିକ ଶିକ୍ଷକର ମାନ ଓ ସ୍ଥାନ ଅନ୍ୟ ବେତନଭୋଗୀଙ୍କଠୁଁ କାହିଁ କେତେ ନିମ୍ନରେ। ନିଜ ଘରୋଇ ଚାକରକୁ ଆପଣା ମର୍ଜି ମୁତାବକ ମୁନିବ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କଲା ଭଳି ପ୍ରାଥମିକ ଶିକ୍ଷକଙ୍କୁ ସରକାର ଭିନ୍ନ ଭିନ୍ନ କାର୍ଯ୍ୟରେ ନିୟୋଜିତ କରିବେ ଓ କାର୍ଯ୍ୟ ହାସଲ କରିନେଇ ତାଙ୍କ ଘର୍ମାକ୍ତ କାନ୍ଧ ଉପରେ ହାତ ଥାପି ବର୍ଷର ଏକ ନିର୍ଦ୍ଦିଷ୍ଟ ଦିନରେ କହିବେ, ତୁମ ନିକଟରେ ଏ ଜାତି କୃତଜ୍ଞ। ପାଠପଢ଼ାର ମୂଳ କାମଟି ସହ ବର୍ଷ ସାରା ବାର ପ୍ରକାର ଦାୟିତ୍ୱ ସମ୍ପାଦନ ମଧ୍ୟରେ ଶିକ୍ଷକଟିଏ ଯେତେବେଳେ ଶ୍ରମିକଙ୍କଠାରୁ ଆହୁରି ନିମ୍ନ ପର୍ଯ୍ୟାୟର, ସେତେବେଳେ ସେଇ ଗୋଟିଏ ଦିନ ପାଇଁ ସେ ପାଲଟିଯାଏ ସାକ୍ଷାତ୍ ଈଶ୍ୱର।

ଦୁଃଖବନ୍ଧୁ କହି ଚାଲିଥିଲେ- ''ସୁକୁମାର ଶିଶୁର କଅଁଳ ହାତରେ ଖଡ଼ି ଧରାଇ ତା' ବିଦ୍ୟାର୍ଥୀ ଜୀବନର ଶୁଭାରମ୍ଭ କରିବା କ'ଣ ଏମିତି ଏକ ମାମୁଲି କାର୍ଯ୍ୟ ଯେ ଆମକୁ କମ୍ କାମବାଲା କର୍ମଚାରୀ ମନେକରି ସରକାର ଯେତେବେଳେ ଯେଉଁ କାମରେ ଲଗାଇଦେବେ। ଜନଗଣନାଠୁ ଭୋଟରତାଲିକା ଯାଏ, ପୁଣି ଫଟୋ ପରିଚୟପତ୍ରଠୁ ରାଶନ କାର୍ଡ ପର୍ଯ୍ୟନ୍ତ ସମସ୍ତ ଅଣବୃତ୍ତିଗତ କାର୍ଯ୍ୟ ସମ୍ପାଦନ କରିବାକୁ କ'ଣ ପ୍ରାଥମିକ ଶିକ୍ଷକମାନେ ଏକମାତ୍ର ଯୋଗ୍ୟ ସମ୍ପ୍ରଦାୟ? ପୁଣି ପ୍ରାଥମିକ ଶିକ୍ଷାର ବିସ୍ତାର ପାଇଁ ଗତ କେଇ ବର୍ଷ ହେଲା ଯେଉଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଛି, ସେଥିରେ ପିଲାଙ୍କୁ ପାଠ ପଢ଼ାଇବା ଅପେକ୍ଷା ଭାତଡାଲମା ରନ୍ଧନରେ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀର ଦକ୍ଷତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତହିଁରେ ଭାତରୁ ଗୋଡ଼ି ବାହାରିଲେ ଅଭିଭାବକମାନଙ୍କର ଆରୋପ, ଡାଲି ପୋକରା ହୋଇଥିବାର ଅଭିଯୋଗ ଆଣିଲେ ଯୋଗାଣକାରୀର ଧମକ। ଏ ସବୁ ଜଟିଳ ପରିସ୍ଥିତିରେ ପିଲାଙ୍କ ଭବିଷ୍ୟତ ନିର୍ମାଣ କରିବାର ଦାୟିତ୍ୱ ନିର୍ବାହ କରିବା ପୁଣି ପ୍ରାଥମିକ ଶିକ୍ଷକର ପ୍ରାଥମିକ ଦାୟିତ୍ୱ।

ବିଦାୟୀ ଦୁଃଖବନ୍ଧୁଙ୍କ ଦୁଃଖର ଶେଷ ପର୍ଯ୍ୟାୟ ଥିଲା ଅଧିକ ମାର୍ମିକ। ସେ ସେଦିନ ନିଜ ଆବେଗପୂର୍ଣ୍ଣ ବକ୍ତବ୍ୟରେ ଏମିତି ଏକ ପ୍ରସଙ୍ଗର ଅବତାରଣା କରିଥିଲେ, ଯାହା ଆମ ପ୍ରଶାସନିକ ବିଧିବ୍ୟବସ୍ଥା ଉପରେ ଏକ ସଂଗତ ଆରୋପ ବୋଲି ବିବେଚନା କରାଯାଇପାରେ। ସେ କହୁଥିଲେ ବଡ ବିଚିତ୍ର ମୋ ସମ୍ପ୍ରଦାୟର ଭାଇଭଉଣୀଙ୍କ ଭାଗ୍ୟ। ନିଜ କର୍ତ୍ତବ୍ୟ ଓ ଦାୟିତ୍ୱବୋଧର ଉତ୍କର୍ଷକୁ ସ୍ୱୀକୃତି ଦେବାକୁ ଜାତିର ଭବିଷ୍ୟତ ନିର୍ମାଣ କରୁଥିବା କୁଶଳୀ କାରିଗରଙ୍କ ନିଷ୍ଠା ଓ ତ୍ୟାଗକୁ ସମ୍ମାନ ଦେବା ପାଇଁ ସରକାରୀ ସ୍ତରରେ ଯେଉଁ ପୁରସ୍କାରର ବ୍ୟବସ୍ଥା ଅଛି, ତଦନୁଯାୟୀ ଶିକ୍ଷକ ବା ଶିକ୍ଷୟିତ୍ରୀଟିଏ ନିଜ ଢୋଲ ନିଜେ ପିଟିବାକୁ ବସ୍ତୁତଃ ବାଧ୍ୟ। ସେ ନିଜେ ହିଁ ନିଜର ଡିଣ୍ଡିମ ବଜାଇ ସରକାର ବାହାଦୁରଙ୍କୁ ଆବେଦନ କରିବ, ''ହେ ମହାମହିମ ମହୋଦୟ! ମୋ ବୃତ୍ତିରେ ମୁଁ ନିଜକୁ ଦକ୍ଷ ଓ ସମ୍ମାନନୀୟ ବୋଲି ବିଚାର କରୁଛି। ସୁତରାଂ ସରକାର କୃପା ପୂର୍ବକ ମୋତେ ରାଜ୍ୟପାଳ ବା ରାଷ୍ଟ୍ରପତି ପୁରସ୍କାର ସ୍ୱରୂପ ଅର୍ଥ ଓ ମାନଦଣ୍ଡ ଦେଇ ସମ୍ମାନିତ କରନ୍ତୁ। ଏମିତି ଏକ ନିର୍ଲଜ୍ଜତାର ପ୍ରତୀକ ହେବାକୁ କ'ଣ ପ୍ରାଥମିକ ଶିକ୍ଷକଟିଏ ଜନ୍ମ ହୋଇଛି!''

ଦୁଃଖବନ୍ଧୁଙ୍କ ଶେଷ କଥା, ଯାହା ଭିତରେ ପ୍ରତିଫଳିତ ହେଉଥିଲା ଦାରୁଣ ଦୁଃଖ ଓ ଚରମ ଅସହାୟତା, ତାହା ଥିଲା ଏହିପରି- ଅନ୍ତରରେ ସଞ୍ଚିତ ସମସ୍ତ ଆବେଗ ଓ ଅବସୋସ ନେଇ ମୁଁ ଆଜି ମୋ ବୃତ୍ତିରୁ ଅବସର ନେଉଛି। କିନ୍ତୁ ମୋ ସମ୍ପ୍ରଦାୟରେ କାର୍ଯ୍ୟରତ ସମଧର୍ମା ଶିକ୍ଷକମାନଙ୍କ ଅନ୍ତରରୁ ଯୁଗ ଯୁଗର ଏ ଅସନ୍ତୋଷ କେବେ ଅବସର ନେବ କେଜାଣି?

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ:୮୮୯୫୬୭୨୪୧୦୫

# ସଂସ୍କୃତ ପୁସ୍ତକର ପାର୍ସୀ ଅନୁବାଦ



ଇଂ. ମାୟାଧର ସ୍ୱାଇଁ

ମୋଗଲ ସମ୍ରାଟ୍ ଆକବର ୧୫୫୬ରୁ ୧୬୦୫ ପର୍ଯ୍ୟନ୍ତ ଭାରତ ଶାସନ କରିଥିଲେ। ସେ ଭାରତର ପ୍ରାଚୀନ ଜ୍ଞାନଗରିମା ସମ୍ବନ୍ଧରେ ଜାଣିଥିଲେ ଏବଂ ଏହାକୁ ମୁସଲମାନ ପଣ୍ଡିତ ଓ ଅନ୍ୟମାନଙ୍କୁ ଅବଗତ କରାଇବା ପାଇଁ କେତୋଟି ବିଶିଷ୍ଟ ସଂସ୍କୃତ ପୁସ୍ତକକୁ ପାର୍ସୀ ଭାଷାରେ ଅନୁବାଦ କରାଇଥିଲେ। ସେ ଏଥିପାଇଁ ୧୫୭୫ ମସିହାରେ ତାଙ୍କ ରାଜଧାନୀ ଫତେପୁର ସିକ୍ରି (ଆଗ୍ରା ନିକଟ)ଠାରେ ଗୋଟିଏ ଅନୁବାଦ ସଂସ୍ଥା ସ୍ଥାପନ କରିଥିଲେ।

ବ୍ୟାସକୃତ ସଂସ୍କୃତ ମହାଭାରତର ପାର୍ସୀ ଅନୁବାଦ ୧୫୮୨ ମସିହାରେ ହୋଇଥିଲା। ଅବଶ୍ୟ ଏହାର ନାମ ରଜମ୍-ନାମା (ଯୁଦ୍ଧ ପୁସ୍ତକ) ରଖାଯାଇଥିଲା। ଆକବର ଏହାକୁ ମୁଖ୍ୟତଃ ରାଜ୍ୟ ଶାସନକଳା ସମ୍ବନ୍ଧୀୟ ପୁସ୍ତକ ମନେ କରୁଥିଲେ। ସଂସ୍କୃତ ପଣ୍ଡିତ ଦେବ ମିଶ୍ର, ସତାଉଦାନି, ମଧୁସୂଦନ ମିଶ୍ର ଓ ଚତୁର୍ଭୁଜଙ୍କ ସହାୟତାରେ ନାକିବ ଖାଁ, ମୁଲ୍ଲା ଶିରି, ଅବଦ ଅଲ୍-କାଦିର ବଦଉନି ଓ ସୁଲତାନ ଥାନୀସାରୀ ଏହାକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ। ସେହିପରି ନାକିବ ଖାଁ, ବଦଉନି ଓ ସୁଲତାନ ଥାନୀସାରୀ ବାଲ୍ମୀକିକୃତ ସଂସ୍କୃତ ରାମାୟଣକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ।

ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ରଚିତ ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର ହେଉଛି ଗୋଟିଏ ଶିକ୍ଷାମୂଳକ କିଶୋର ଗଳ୍ପ ପୁସ୍ତକ। ଏହାର ଲୋକପ୍ରିୟତା ଭାରତ ବାହାରେ ମଧ୍ୟ ବ୍ୟାପିଥିଲା। ଷଷ୍ଠ ଶତାବ୍ଦୀରେ ଏହା ପଲ୍ଲବୀ ଭାଷାରେ ଅନୂଦିତ ହୋଇଥିଲା। ପଲ୍ଲବୀ ଭାଷାରୁ ଏହା ଅଷ୍ଟମ ଶତାବ୍ଦୀରେ ଆରବୀୟ ଭାଷାରେ 'କାଲିଆ ୱା ଦିମ୍‌ନା' ନାମରେ ଅନୂଦିତ ହୋଇଥିଲା। ଆରବୀୟ ଭାଷାରୁ ଏହା ଆଧୁନିକ ପାର୍ସୀ ଭାଷାରେ ହେରାଟ୍‌ଠାରେ ୧୫୦୪ ମସିହାରେ ଅନୂଦିତ ହୋଇଥିଲା ଏବଂ ଏହାର ନାମ ଥିଲା 'ଅନଭାର-ଇ ସୁହାୟାଲି (କାନୋପସ୍ ନକ୍ଷତ୍ରର ଆଲୋକ)। ଆକବରଙ୍କ ନିର୍ଦ୍ଦେଶରେ ପଞ୍ଚତନ୍ତ୍ରର ଦୁଇଟି ଅନୁବାଦ ପ୍ରକାଶ ପାଇଥିଲା। ଅନଭାର-ଇ-ସୁହାୟାଲି ଆଧାରରେ ତାଙ୍କ ସଭାର ମନ୍ତ୍ରୀ ତଥା ଐତିହାସିକ ଆବୁଲ ଫାଜଲ ଯେଉଁ ଅନୁବାଦ କରିଥିଲେ, ତାହାର ନାମ ହେଉଛି 'ଇୟାରୀ ଦାନିଶ୍' (ବୌଦ୍ଧିକ କସୌଟି)। ମୁସ୍ତାଫା ଖ୍ଲିକ୍ ଦାଦ୍ ଆବାସି ପଞ୍ଚତନ୍ତ୍ରର ଜୈନରୂପ 'ପଞ୍ଚଖ୍ୟାନା'କୁ 'ପଞ୍ଚଖ୍ୟାନାହା' (ପାଞ୍ଚଟି ଗଳ୍ପ) ନାମରେ ପାର୍ସୀ ଭାଷାରେ ଅନୁବାଦ କରିଥିଲେ। ଅନ୍ୟତମ ପ୍ରାଚୀନ ସଂସ୍କୃତ ଗ୍ରନ୍ଥ 'ସିଂହାସନ ଦ୍ୱାତ୍ରିଂଶିକା' (ବତ୍ରିଶ ସିଂହାସନ)କୁ ବଦାଉନି ପାର୍ସୀ ଭାଷାରେ (ନାମ-ଇ ଖିରାଦ ଆଫ୍‌ଜା) ଅନୁବାଦ କରିଥିଲେ। ଚତୁର୍ଭୁଜ ଦାସ 'ଶାଘାମ୍' (ରାଜାଙ୍କ ପୁସ୍ତକ) ନାମରେ ଏହାର ଅନ୍ୟ ଏକ ଅନୁବାଦ କରିଥିଲେ।

ଏକାଦଶ ଶତାବ୍ଦୀରେ ସୋମଦେବ କଶ୍ମୀରରେ 'କଥା ସରିତ୍ ସାଗର' ରଚନା କରିଥିଲେ। କଶ୍ମୀର ଶାସକ ଜାଇନ୍ ଅଲ୍-ଆବିଦ୍ଦିନ୍‌ଙ୍କ (୧୪୨୦-୧୪୭୦) ଦରବାରରେ ଏହା ଆଂଶିକ ଭାବରେ ପାର୍ସୀ ଭାଷାରେ ଅନୂଦିତ ହୋଇଥିଲା। ଆକବରଙ୍କ ନିର୍ଦ୍ଦେଶରେ ବଦାଉନି ଏହି ଅନୁବାଦକୁ ପରିମାର୍ଜିତ ଓ ସମ୍ପୂର୍ଣ୍ଣ କରିଥିଲେ। ଜାଇନ୍ ଅଲ୍-ଆବିଦ୍ଦିନ୍‌ଙ୍କ ଦରବାରରେ ଦ୍ୱାଦଶ ଶତାବ୍ଦୀରେ ରଚିତ କହ୍ଲଣଙ୍କ 'ରାଜତରଙ୍ଗିଣୀ'କୁ ମଧ୍ୟ ପାର୍ସୀ ଭାଷାରେ ଅନୁବାଦ କରାଯାଇଥିଲା। ଏହା ହେଉଛି କଶ୍ମୀର ରାଜାମାନଙ୍କର ବଂଶାନୁଚରିତ। ଶାହା ମହମ୍ମଦ ଶାହାବାଦୀ ଏହାକୁ ପୁଣି ଥରେ ପାର୍ସୀ ଭାଷାରେ ଅନୁବାଦ କରିଥିଲେ ଏବଂ ୧୫୮୯ ମସିହାରେ ଆକବରଙ୍କ ପ୍ରଥମ କଶ୍ମୀର ଗସ୍ତ ବେଳେ ତାଙ୍କୁ ଏହା ଉପହାର ଦେଇଥିଲେ। ଆକବର ଏହି ପୁସ୍ତକର ଭାଷାରେ ଉନ୍ନତି ଆଣିବା ପାଇଁ ବଦାଉନିଙ୍କୁ କହିଲେ ଏବଂ ବଦାଉନି ୧୫୯୧ ମସିହାରେ ପାର୍ସୀ ଅନୁବାଦକୁ ପରିମାର୍ଜିତ କରିଥିଲେ।

ପାର୍ସୀ ଭାଷାରେ ଅନୂଦିତ ଅନେକ ପୁସ୍ତକ ଏବଂ ବିଶେଷଭାବେ ରାମାୟଣ ଓ ମହାଭାରତ ଅନୁବାଦ ପୁସ୍ତକରେ ଆକବରଙ୍କ ଦରବାରର ଚିତ୍ରକରମାନେ ଅତି ସୁନ୍ଦର ଚିତ୍ର ଅଙ୍କନ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଆକବର ଗୋଟିଏ ଗଣିତ ପୁସ୍ତକକୁ ପାର୍ସୀ ଭାଷାରେ ଅନୁବାଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ହେଉଛି ଦ୍ୱାଦଶ ଶତାବ୍ଦୀର ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ତଥା ଗଣିତଜ୍ଞ ଭାସ୍କରାଚାର୍ଯ୍ୟଙ୍କ 'ଲୀଳାବତୀ' ପୁସ୍ତକ। ଲୀଳାବତୀ ଗୋଟିଏ ଅତି ଲୋକପ୍ରିୟ ପୁସ୍ତକ ଥିଲା। ଏହା ୧୧୫୦ ମସିହାରେ ରଚିତ ହୋଇଥିଲା ଏବଂ ଦୀର୍ଘ ଛଅ ଶହ ବର୍ଷ ପର୍ଯ୍ୟନ୍ତ ଭାରତରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଥିଲା। ଅନ୍ୟ କୌଣସି ପୁସ୍ତକ ଏତେବର୍ଷ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଭାବେ ବ୍ୟବହାର ହେବାର ଜଣାନାହିଁ। ଭାସ୍କରାଚାର୍ଯ୍ୟ ଏଥିରେ କ୍ଲିଷ୍ଟ ଗଣିତ ସୂତ୍ର ଓ ଉପପାଦ୍ୟଗୁଡ଼ିକୁ ବିଭିନ୍ନ ଉଦାହରଣ ସହ ସୁଲଳିତ ପଦ୍ୟ ଆକାରରେ ଉପସ୍ଥାପନ କରିଛନ୍ତି। ଆଧୁନିକ ଭାଷାରେ କହିଲେ ଏହା ବୋଧହୁଏ ପୃଥିବୀର ପ୍ରଥମ ଜନପ୍ରିୟ ଗଣିତ ପୁସ୍ତକର ମାନ୍ୟତା ପାଇବ। ବର୍ତ୍ତମାନ ମଧ୍ୟ ଏହି ସଂସ୍କୃତ ପୁସ୍ତକର ଛଅଶହରୁ ଅଧିକ ପାଣ୍ଡୁଲିପି ବିଭିନ୍ନ ପୁସ୍ତକାଳୟରେ ଅଛି। ଏହି ପୁସ୍ତକ ଭାରତର ବିଭିନ୍ନ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଆକବରଙ୍କ ଦରବାରର ଅନ୍ୟତମ ମନ୍ତ୍ରୀ ଫାୟାଜି ଜଣେ ବିଦ୍ୱାନ ଥିଲେ। ସେ ଆବୁଲ ଫାଜଲଙ୍କ ଭାଇ ଥିଲେ। ଆକବରଙ୍କ ନିର୍ଦ୍ଦେଶରେ ସେ ୧୫୮୭ ମସିହାରେ ଲୀଳାବତୀ ପୁସ୍ତକକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ। ସେ ଏହି ପୁସ୍ତକରେ ଲେଖିଛନ୍ତି ଯେ ସେ ଏହି ଅନୁବାଦ ପାଇଁ ଭାରତର କେତେଜଣ ଗଣିତଜ୍ଞ ଏବଂ ବିଶେଷକରି ଦାକ୍ଷିଣାତ୍ୟର ଜ୍ୟୋତିର୍ବିଦ୍‌ମାନଙ୍କର ସହାୟତା ନେଇଥିଲେ। ପାର୍ସୀ ଭାଷାରେ ଲିଖିତ ଲୀଳାବତୀର ୩୭ଟି ପାଣ୍ଡୁଲିପି ଏବେ ଉପଲବ୍ଧ ଅଛି। ଏହା ୧୮୨୭ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା କଲିକତାଠାରେ ପ୍ରଥମେ ମୁଦ୍ରିତ ହୋଇଥିଲା।

ଉଲ୍ଲେଖନୀୟ ଯେ, ସଂସ୍କୃତ ପୁସ୍ତକଗୁଡ଼ିକୁ ପାର୍ସୀ ଭାଷାରେ ଅନୁବାଦ କରିବା ପାଇଁ ଆକବରଙ୍କ ଦରବାରରେ ଉଭୟ ଭାଷାରେ ଦକ୍ଷତା ଥିବା ବ୍ୟକ୍ତିଙ୍କର ଅଭାବ ଥିଲା। ଏଣୁ ଏହି କାର୍ଯ୍ୟ ହିନ୍ଦୁ, ଜୈନ ଓ ମୁସଲମାନଙ୍କର ଗୋଟିଏ ବିଦ୍ୱାନ ଦଳ ମିଶିକରି କରିଥିଲେ। ପ୍ରଥମେ ହିନ୍ଦୁ ଓ ଜୈନ ପଣ୍ଡିତମାନେ ଏହାକୁ ସଂସ୍କୃତରୁ ସ୍ଥାନୀୟ ଭାଷାରେ ଲେଖୁଥିଲେ। ସେମାନଙ୍କୁ 'ଦ୍ୱିଭାଷୀୟା' କୁହାଯାଉଥିଲା। ଏହାପରେ ମୁସଲମାନ ବିଦ୍ୱାନ୍‌ମାନେ ସ୍ଥାନୀୟ ଭାଷାରୁ ଏହାକୁ ପାର୍ସୀ ଭାଷାରେ ଅନୁବାଦ କରୁଥିଲେ। ସେମାନଙ୍କୁ ଅନୁବାଦକ କୁହାଯାଉଥିଲା। ଶେଷରେ ପାର୍ସୀ ପଣ୍ଡିତମାନେ ଏହାକୁ ପରିମାର୍ଜିତ ଭାଷାରେ ଉଭୟ ଗଦ୍ୟ ଓ ପଦ୍ୟ ଆକାରରେ ଲେଖୁଥିଲେ ଏବଂ ଅନୁବାଦକ ଭାବେ ପୁସ୍ତକରେ ସେମାନଙ୍କ ନାମ ରହୁଥିଲା।

ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ସମାଜସେବାର ଇଚ୍ଛାଶକ୍ତି ଆଗରେ ରୋଜଗାର ମୋହ କିଛି ନୁହେଁ ବୋଲି ପ୍ରମାଣ କରିଛନ୍ତି ଝାଡ଼ଖଣ୍ଡର ଦମ୍ପତି। ସେମାନେ ଚାକିରି ଛାଡି ଆଦିବାସୀ ଅଞ୍ଚଳରେ ଲୋକମାନଙ୍କ ସେବାରେ ଲାଗିଛନ୍ତି। ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଥିବା ଅନୁରାଗ ଓ ଶିଖା ଜୈନ କର୍ପୋରେଟ ସେକ୍ଟରରୁ ଚାକିରି ଛାଡ଼ି ଗ୍ରାମାଞ୍ଚଳରେ କୃଷକ ଓ ମହିଳାଙ୍କୁ ସଶକ୍ତ କରୁଛନ୍ତି। ୨୦୦୬ରେ ସେମାନେ ନ୍ୟୁ ଏଜୁକେଶନ ଆଣ୍ଡ୍ ଏନ୍‌ଭାଇରନମେଣ୍ଟାଲ ଭିଜନ(ଏନଇଇଭି) ପ୍ରତିଷ୍ଠା କରି ଝାଡ଼ଖଣ୍ଡର ଏକ ଆଦିବାସୀ ଗାଁରେ କୃଷକ ଓ ମହିଳାଙ୍କ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେମାନେ ୪ ବର୍ଷ ମଧ୍ୟରେ ବିଭିନ୍ନ ସଂସ୍ଥା ସହଯୋଗରେ ରାଜ୍ୟରେ ୪ଟି ଶିକ୍ଷାନୁଷ୍ଠାନ,ଗୋଟିଏ ଟିବି ଓ ଗୋଟିଏ କୁଷ୍ଠରୋଗ କେନ୍ଦ୍ର ଖୋଲି ପାରିଛନ୍ତି। ଏହା ବ୍ୟତୀତ ଏହି ଦମ୍ପତି ଝାଡ଼ଖଣ୍ଡର ଅନେକ ସ୍ଥାନରେ ହେଲ୍‌ଥ କ୍ୟାମ୍ପ ଆୟୋଜନ କରି ପାଖାପାଖି ୫୦୦ ଜଣ ଟିବି ଓ କୁଷ୍ଠରୋଗୀଙ୍କୁ ଚିହ୍ନଟ କରି ବିଭିନ୍ନ ହସ୍ପିଟାଲ ସହଯୋଗରେ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ଗ୍ରାମାଞ୍ଚଳରେ ସେମାନେ ୬୦୦ କୃଷକଙ୍କୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କ ମାଧ୍ୟମରେ କୃଷିକ୍ଷେତ୍ରରେ ନିଯୁକ୍ତିସୁଯୋଗ ସୃଷ୍ଟି କରିପାରିଛନ୍ତି।

## ଚିରନ୍ତନୀ

ବରଷା ଆସିଲା ଚଷା କି ଭାବନା କରେ ବସି
ଚୁଲିରେ ପଶଇ ପାଣି ଅଧେ ଚାଳ ପଡେ ଖସି।

(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୩ ଫେବୃୟାରୀ ୧୯୯୫

- ଶ୍ରୀଲଙ୍କାର ୬ଟି ଉତ୍ତର ପୂର୍ବାଞ୍ଚଳ ଜିଲାରେ ଯୁଦ୍ଧବିରତି ମନିଟରିଂ କମିଟିକୁ ତା'ର କାର୍ଯ୍ୟ କରିବା ପାଇଁ ଅନୁମତି ଦେବାକୁ ଏଲଟିଟିଇ ରାଜି ହୋଇଛି।
- ରାଜନୈତିକ ଫାଇଦା ହାସଲ ପାଇଁ ରାଜନୈତିକ ଦଳର ପ୍ରାର୍ଥୀ କେଉଁଭଳି ଭାବେ ଧର୍ମ, ସଂପ୍ରଦାୟ, ଜାତି, ଗୋଷ୍ଠୀ, ଭାଷା ଇତ୍ୟାଦିର ପ୍ରବଣତାକୁ କାର୍ଯ୍ୟରେ ଲଗାଉଛନ୍ତି, ତାହା ତଦାରଖ କରିବା ପାଇଁ ଭବିଷ୍ୟତରେ ସବୁ ନିର୍ବାଚନ ସକାଶେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବ ବୋଲି ନିର୍ବାଚନ କମିଶନର ଘୋଷଣା କରିଛନ୍ତି।

## ଆମ ସମସ୍ୟା

### ନଳକୂପ ଅଚଳ

ମହାଶୟ,

ପୂର୍ବ ସତ୍ୟବାଦୀ ଅଧୀନ ବିଦ୍ୟାଧରପୁର ଗ୍ରାମର ଅଧିକାଂଶ ନଳକୂପ ଲୌହଗୁଣଯୁକ୍ତ ଏବଂ ଅଚଳ ଥିବାରୁ ଲୋକମାନେ ବଡ ପୋଖରୀ ଓ ଭାର୍ଗବୀ ନଦୀ ଜଳ ବ୍ୟବହାର କରୁଛନ୍ତି। ଗାଁ ମୁଣ୍ଡରେ ପୂଜିତ ଶ୍ରୀସଙ୍କଟମୋଚନ ଗଛ ମହାବୀରଙ୍କ ଏକ ନଳକୂପ ଅଚଳ ହୋଇ ପଡ଼ିଥିବାରୁ ଶ୍ରଦ୍ଧାଳୁ ଓ ପଥଚାରୀମାନେ ହତାଶ ହେଉଛନ୍ତି। ବାବା କୁଣ୍ଡଳେଶ୍ୱର ମନ୍ଦିର ନିକଟସ୍ଥ ନଳକୂପଟି ଅଧିକାଂଶ ସମୟ ଅଚଳ ରହୁଛି। ପାନୀୟଜଳ ପ୍ରକଳ୍ପ ବନ୍ଦ ହୋଇଛି। ଗୋଟିଏ ବୃହତ୍ ଜଳ ଟାଙ୍କି କାହିଁକି ନିର୍ମାଣ ହୋଇଛି ଜଣା ପଡୁନାହିଁ। କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ଗଦାଧର ପଣ୍ଡା, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

### ପ୍ରାଣୀ ଉପକେନ୍ଦ୍ର ଅବହେଳିତ

କଟକ ସଦର କନ୍ଦରପୁର ପଞ୍ଚାୟତର ବମ୍ଫୁରୀଠାରେ ପ୍ରାଣୀ ଉପକେନ୍ଦ୍ର ଚିକିତ୍ସାଳୟଟି ଅବହେଳିତ ହୋଇପଡ଼ିଛି। ଆବଶ୍ୟକତା ଦୃଷ୍ଟିରୁ ପଶୁଙ୍କୁ ପ୍ରତିଷେଧକ ଟିକା, ଔଷଧ ଓ ରୋଗର ଚିକିତ୍ସା ପ୍ରତି ଗୁରୁତ୍ୱ ଦିଆଯାଉ। ଆବଶ୍ୟକ କର୍ମଚାରୀ ତଥା ବ୍ୟବହାର ଉପଯୋଗୀ ଯନ୍ତ୍ରପାତି ରଖାଯାଉ। ପ୍ରାଣୀ ଚିକିତ୍ସାଳୟର ନିର୍ଦ୍ଦେଶକ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୨୬- ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଚଳିତବର୍ଷ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନଜନକ ପଦ୍ମଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି।

୨୭- ଐତିହାସିକ ଅନ୍ୟାୟକୁ ସୁଧାରିବା ପାଇଁ ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ ଅଣାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି।

୨୯- ଏଣିକି ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପିଲାଙ୍କୁ ସ୍ପୋକନ ଇଂଲିଶ ଶିକ୍ଷା ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

୩୦- ନ୍ୟାଶ୍‌ନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ୍ ଅଫ୍ ବୋଡୋଲାଣ୍ଡର ୧,୬୧୫ କ୍ୟାଡର ଅସ୍ତ୍ର ତ୍ୟାଗ କରି ସାମାଜିକ ମୁଖ୍ୟ ସ୍ରୋତକୁ ଫେରିଛନ୍ତି।

୩୧- ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ପାକିସ୍ତାନ ସମର୍ଥିତ ୩ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ଆଜି କ'ଣ କେଉଁଠି

**ଦେବଗଡ଼**
- ଶିବ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ, ମଠସାହି ଦୁର୍ଗା ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା, ସ୍କୁଲ ପରିସର, ପୂର୍ବାହ୍ନ ୯ଟା।
- ତିଲେଇବଣି କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତାର ବାର୍ଷିକ ଉତ୍ସବ, ତିଲେଇବଣି ଦେବଗଡ, ପୂର୍ବାହ୍ନ ୧୦ଟା।

**ଭେଡେନ**
- ଜିଲାପାଳ,ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ପଦମ୍ପୁର ମାର୍କେଟ ୟାର୍ଡ, ଭେଡେନ, ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, କଲେଜ ପରିସର, ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ୧୬ ଓ ୧୯ ବର୍ଷରୁ କମ୍ ଆନ୍ତଃକ୍ଲବ କ୍ରିକେଟ ଲିଗ୍ ଉଦ୍‌ଘାଟନୀ ଉତ୍ସବ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା ।

**ବୌଦ୍ଧ**
- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

**ବରଗଡ଼**
- ସିଟି ହସ୍ପିଟାଲ ଦାବିରେ ଏକତା ମଞ୍ଚର ପଥପ୍ରାନ୍ତ ସଭା, ମହିଳା କଲେଜ ସମ୍ମୁଖ, ସନ୍ଧ୍ୟା ୫ଟା।

**ନୂଆପଡ଼ା**
- ଖଡ଼ିଆଳ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଜିତାମିତ୍ର ରାଜାଏଟି ହାଇସ୍କୁଲ ପଡ଼ିଆ, ସନ୍ଧ୍ୟା ୭ଟା।

# ଚିଲିକାରେ ଡଙ୍ଗା ବୁଡ଼ି: ୨୫ ଉଦ୍ଧାର, ୭ ଗୁରୁତର

ବାଲୁଗାଁ,୨।୨(ଡ଼ି.ଏନ.ଏ.)

ଦେଢ଼ବର୍ଷ ପୂର୍ବେ ଚିଲିକାରେ ଯାତ୍ରୀବାହୀ ଡଙ୍ଗା ବୁଡ଼ି ୬ ଜଣଙ୍କ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ରବିବାର ସନ୍ଧ୍ୟାରେ ପୁଣି ଏକ ଡଙ୍ଗା ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ଡଙ୍ଗାରେ ଯାତ୍ରା କରୁଥିବା ୨୫ଜଣଙ୍କୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ୨ଜଣଙ୍କୁ ସଂକଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ସ୍ଥାନୀୟ କାନ୍ଥମାଳ ଆଙ୍ଗୁଲା ଗ୍ରାମର ଅଗାଡ଼ି ଦଳାଇ (୫୫), ତୋଟାପଡ଼ା ଗ୍ରାମର ସୁନିତା ବିଶୋୟୀ(୪୫), ଭାନୁମତୀ ବିଶୋୟୀ (୫୦), ମଞ୍ଜୁଲତା ବିଶୋୟୀ (୪୫), ଚନ୍ଦ୍ରାପୁଟ ଗ୍ରାମର ରୀନ ଜାଲି (୪୦), ବୋରିଆ ସାହି ଗ୍ରାମର ସତ୍ୟଭାମା ବିଶ୍ୱାଳ (୫୦) ଓ ବଡ଼କୁଳ ଗ୍ରାମର ଇଚ୍ଛା ଦେଇ (୫୫)।

ରବିବାର ସକାଳେ ଚିଲିକା ମଧ୍ୟସ୍ଥ ମା' କାଳିଜାଇଙ୍କ ପୀଠରେ ବଣଭୋଜି କରିବା ଉଦ୍ଦେଶ୍ୟରେ ଆଖପାଖ ଗ୍ରାମର ପ୍ରାୟ ୨୫ଜଣ ମହିଳାପୁରୁଷ ଏକ ଘରୋଇ ମାଛ ମରା ଡ଼ଙ୍ଗାରେ ଯାଇଥିଲେ। ଭୋଜି ସାରି ସନ୍ଧ୍ୟା ୫ଘଟିକା ସମୟରେ ବଡ଼କୁଳ ଜେଟିକୁ ଫେରୁଥିବା ବେଳେ ହଠାତ୍ ଚିଲିକା ଆକାଶରେ ଜୋର ପବନ ବହିଥିଲା। ଫଳରେ ଡଙ୍ଗାଟି ଭାରସାମ୍ୟ ହରାଇ ବସିଥିଲା। ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ପରେ ଡଙ୍ଗା ମଧ୍ୟକୁ ପାଣି ପ୍ରବେଶ କରି ଧୀରେ ଧୀରେ ବୁଡ଼ିବାକୁ ଲାଗିଲା।



ଆହତମାନଙ୍କୁ ଚିକିତ୍ସା କରାଯାଉଛି।

ଯାତ୍ରୀମାନଙ୍କ ଚିତ୍କାର ଶୁଣି ପାଖରେ ମାଛ ମାରୁଥିବା କିଛି ମତ୍ସ୍ୟଜୀବୀ ଡଙ୍ଗା ସହ ପହଞ୍ଚି ବୁଡ଼ିଯାଉଥିବା ଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ପ୍ରାୟ ୧୮ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ବୁଡ଼ିଯାଉଥିବା ୭ଜଣଙ୍କୁ ଗୁରୁତର ଅବସ୍ଥାରେ ପାଣି ମଧ୍ୟରୁ କୂଳକୁ ଅଣାଯାଇଥିଲା। ସେମାନଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଅଗାଡ଼ି ଦଳାଇ ଓ ରୀନା ଜାଲିଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଡଙ୍ଗା ପାଣିରେ ବୁଡିରହିଥିବା ଏବଂ ଏହାର ଚାଳକ ଫେରାର ଥିବାରୁ ଡଙ୍ଗାଟି ପଞ୍ଜୀକୃତ ହୋଇଛି କି ନାହିଁ ତାହା ଜଣାପଡିନାହିଁ।

ସୂଚନାଯୋଗ୍ୟ ୨୦୧୮ ଜୁନ ୧୪ତାରିଖ ରଜ ପର୍ବ ଅବସରରେ ଚିଲିକାରେ ଡ଼ଙ୍ଗାବୁଡ଼ି ୬ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଯାତ୍ରୀବାହୀ ଡ଼ଙ୍ଗା ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ସରକାରୀ ନିୟମ ଅନୁଯାୟୀ ଗୋଟିଏ ଯାତ୍ରୀବାହୀ ଡଙ୍ଗାରେ ୧୫ଜଣ ଯାତ୍ରୀ ପରିବହନ କଥା। ତେବେ ଘରୋଇ ଡ଼ଙ୍ଗା ମାଲିକ ସଂଘ ଏହି ନିୟମକୁ ପାଳନ କରୁଥିବା ବେଳେ ବେଆଇନ ଭାବେ କିଛି ମାଛ ଧରା ଡ଼ଙ୍ଗା ଚିଲିକା ମଧ୍ୟରେ ଯାତ୍ରୀ ପରିବହନ କରୁଥିବା ରବିବାର ଡ଼ଙ୍ଗାବୁଡ଼ି ଘଟଣାରୁ ସ୍ପଷ୍ଟ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚିଲିକାରେ ବେଆଇନ ତଥା ମାଛଧରା ଯାତ୍ରୀବାହୀ ଡଙ୍ଗା ଚଳାଚଳକୁ ରୋକିବା ନିମନ୍ତେ ସାଧାରଣରେ ଦାବି ହୋଇଛି।





ବୁଢ଼ାରଜା କ୍ରିକେଟ୍ କପ୍‌ର ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥି ବୃନ୍ଦ।

## ବୁଢ଼ାରଜା କ୍ରିକେଟ: ସମ୍ବଲପୁର ଚାମ୍ପିୟନ

ସିନାପାଲି,୨।୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ସିଙ୍ଗଝର ବିୟର୍ ଭଟା ଖେଳପଡିଆଠାରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ୍ ଚତୁର୍ଥ ସିଜନର ଫାଇନାଲ୍ ମ୍ୟାଚ୍ ରଙ୍ଗାରଙ୍ଗ ଓ ଆତସବାଜୀ ମଧରେ ଶେଷ ହୋଇଯାଇଛି । ଫାଇନାଲ୍ ମ୍ୟାଚ ରାୟଗଡା ଏକାଦଶ ଓ ସମ୍ବଲପୁର ଏକାଦଶ ମଧରେ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ଚାମ୍ପିୟନ୍ ହୋଇଥିଲା। ଫାଇନାଲ୍ ମ୍ୟାଚରେ ସମ୍ବଲପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭର୍‌ରେ ୮ ଉଇକେଟ ବିନିମୟରେ ୧୫୪ ରନ୍ ସଂଗ୍ରହ କରିଥିଲା । ଜବାବରେ ରାୟଗଡା ଦଳ ୧୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୭୯ ରନ୍ ସଂଗ୍ରହ କରିଥିଲା। ବୁଢ଼ାରଜା କ୍ରିକେଟ କପ୍ ଚତୁର୍ଥ ସଜିନ୍‌ର ସମ୍ବଲପୁର ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ବୁଢ଼ାରଜା କ୍ରିକେଟ କପ୍ ଚତୁର୍ଥ ସିଜନର ମ୍ୟାନ୍ ଅଫ୍ ଦି ସିରିଜ ଭାବେ ସମ୍ବଲପୁରର ଅଙ୍କିତ, ବେଷ୍ଟ ଉଇକେଟ୍ କିପର ସମ୍ବଲପୁରର ଆକାଶ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅନୀଲ ସମ୍ବଲପୁର, ବେଷ୍ଟ ବ୍ୟାଟ୍‌ସ ମ୍ୟାନ୍ ରବି ସମ୍ବଲପୁର, ବେଷ୍ଟ କ୍ୟାଚର୍ ବିଶ୍ୱଜିତ ରାୟଗଡା ଓ ବେଷ୍ଟ ସିକ୍ସର ଭାବେ ପୂର୍ଣ୍ଣଚନ୍ଦ୍ର ମାଝି ଜଗଦଲପୁର ପୁରସ୍କୃତ ହୋଇଥିଲେ। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ୫୧ ହଜାର, ରନର୍ସ ଅଫ୍ ଦଳକୁ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍‌ଏସ୍ ପଣ୍ଡା ସୋନପୁର ଓ ଚୁଡାମଣି ପାଢୀ ପଦମପୁର ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ବିଜୟ କୁମାର ସେଠୀ, ପ୍ରକାଶ ପାତ୍ର, ତେଜରାଜ ଠାକୁର, ବିନୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ନୀଳାଞ୍ଚଳ ନାଏକ ଓ ରୁଦ୍ର ନାଏକ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ଭୁତେଶ୍ୱର ନାଏକ ଓ ପୟୋଜ କଶ୍ୟପ ମ୍ୟାଚ୍ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣି ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଓଡିଶା ରାଜ୍ୟ ଯୁବ କଲ୍ୟାଣ କାର୍ଯ୍ୟନିର୍ବାହୀ ଅଧକ୍ଷ ବିନୟ କୁମାର ନାୟକ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୁଢାରଜା କ୍ରିକେଟ୍ କପ୍‌ର ଆୟୋଜିତ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହି ଫାଇନାଲ୍ ମ୍ୟାଚ ସଫଳ କରିବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

## ମାରଣାସ୍ତ୍ର ଦେଖାଇ ୭୦ ହଜାର ଲୁଟ୍

ବଡ଼ସାହି,୨।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି-ମାଣଡ୍ରୀ ରାସ୍ତାର ଅଙ୍ଗାରୀ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ବଡ଼ମ୍ବା ଥାନା ଅଧୀନ ଖଳିତକ ଗ୍ରାମର ମନୋଜ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଯାତ୍ରା ଦରବାର ମାଲିକଙ୍କ ଭାଇ ମନୋଜ ଓ ମ୍ୟାନେଜର ମିଥୁନ ଉପାଧ୍ୟାୟ ଏକ ବାଇକ୍‌ରେ ଖୁଣ୍ଟା ଥାନା ଭୋଲାଗଡିଆ ଗ୍ରାମରେ ଚାଲିଥିବା ଯାତ୍ରା ପଡ଼ିଆକୁ ଯାଉଥିଲେ। ରାତି ପ୍ରାୟ ୧୨ଟା ବେଳେ ପଛପଟୁ ଏକ ସ୍କୁଟିରେ ଦୁଇଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ମାଡ଼ ମାରିଥିଲେ। ଭୁଜାଲି ଓ ବନ୍ଧୁକ ସାହାଯ୍ୟରେ ମାଡ଼ ମାରିବା ପରେ ସେମାନଙ୍କ ପାଖରେ ଥିବା ୭୦ ହଜାର ଟଙ୍କା ଛଡ଼ାଇ ନେଇ ପଳାଇ ଯାଇଥିଲେ। କୌଣସି ପ୍ରକାରେ ସେମାନେ ବଡ଼ସାହି ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହୋଇ ଫେରିବା ପରେ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍କୁଟିରେ ଆସି ଦୁର୍ବୃତ୍ତ ଲୁଟ୍ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ଆଇଆଇସି ଜୟନ୍ତ ବେହେରା ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମରେ ପୃଥ୍ୱୀ ଆତଯାତ**
**ଧର୍ମରେ ସିନ୍ଧୁରେ ଚାଲେ ବୋଇତ**
**ଧର୍ମରେ ସମୁଦ୍ର ନ ଲଙ୍ଘେ କୂଳ**
**ଧର୍ମରେ ଇନ୍ଦ୍ର ବରଷନ୍ତି ଜଳ**
**ଧର୍ମରୁ ରାମଚନ୍ଦ୍ର ଲଙ୍କା କଲେ ଜୟ**
**ଅଧର୍ମରୁ ରାବଣ ବଂଶ ହେଲା କ୍ଷୟ ।**

ଧର୍ମରେ ପୃଥିବୀ ଚିର ଚଞ୍ଚଳମନା। ଧର୍ମ ଏକମାତ୍ର ସ୍ଥାୟୀ। ଏହା ସତ୍ୟ ଉପରେ ଆଧାରିତ। ଯିଏ ଧର୍ମ ପଥରେ ଚାଲେ ତା'ର ବିଜୟ ସୁନିଶ୍ଚିତ। ଅଧର୍ମ ବାଟରେ ଗଲେ ପରାଜୟ, ବିନାଶ ହେବା ଥୟ। ସଂସାରରେ ଧର୍ମର ପ୍ରଭାବ ଯୋଗୁ ଅଧର୍ମର ବିଲୋପ ଘଟିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଧର, ବାନ୍ଧ, ପକା**
**ଏ ତିନି କଥା ଏକା ।**

ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା କିମ୍ବା ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସ୍ୱର୍ଗଦ୍ୱାରରେ ଇସ୍ରାଏଲ ନାଗରିକ

ପୁରୀ ଅଫିସ, ୨।୨

- ହିନ୍ଦୁ ପ୍ରଥାନୁଯାୟୀ ହେଉଥିବା ସତ୍କାରକୁ ସମ୍ମାନ ଜଣାଇଲେ
- ଜଳୁଥିବା ଜୁଇକୁ ନମସ୍କାର

ସ୍ୱର୍ଗଦ୍ୱାର। ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସକୁ ନେଇ ଦୈନିକ ବହୁ ସଂଖ୍ୟାରେ ମୃତଦେହ ଏଠାରେ ସତ୍କାର କରାଯାଇଥାଏ। ସବୁବେଳେ ସ୍ୱର୍ଗଦ୍ୱାରରେ ଦେଖିବାକୁ ମିଳେ ଭାବଗମ୍ଭୀର ପରିବେଶ। ଆତ୍ମୀୟଙ୍କୁ ହରାଇଥିବା ପରିଜନ ଦୁଃଖ ଓ କୋହକୁ ଚାପି ସତ୍କାର ପରେ ଏଠାରୁ ବିଦାୟ ନିଅନ୍ତି। ଏହା ସ୍ୱର୍ଗଦ୍ୱାରର ନିତିଦିନିଆ ଚିତ୍ର। କିନ୍ତୁ ଶନିବାର ରାତିରେ ଏଠାରେ ଦେଖିବାକୁ ମିଳିଥିଲା ନିଆରା ଦୃଶ୍ୟ। ସ୍ୱର୍ଗଦ୍ୱାରରେ ବୁଲୁଥିଲେ କେତେଜଣ ବିଦେଶୀ ପର୍ଯ୍ୟଟକ। ଜଳୁଥିବା ଚିତା, ବନ୍ଧା ଯାଇଥିବା କୋକେଇ ଆଉ ତା' ଉପରେ ଚିର ନିଦ୍ରାରେ ଶୋଇଥିବା ପାର୍ଥିବ ଶରୀରର ଫଟୋକୁ ସେମାନେ ନିଜ କ୍ୟାମେରାରେ ଉତ୍ତୋଳନ କରୁଥିଲେ। ଏଥିସହ ଗୋଟିଏ ଜାଗାରେ ଏତେ ସଂଖ୍ୟାରେ ଜୁଇ ଜଳୁଥିବା ଦେଖି ସ୍ୱର୍ଗଦ୍ୱାରର ମାହାତ୍ମ୍ୟ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। ଇସ୍ରାଏଲର ଏହି ନାଗରିକମାନେ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ୧୬ଜଣ ଏଠାକୁ ଆସିଥିବାବେଳେ ଶନିବାର ଶ୍ରୀମନ୍ଦିର ନିକଟକୁ ଯାଇଥିଲେ। ତେବେ ଭିତରକୁ ପ୍ରବେଶ କରିବାର ଅଧିକାର ନ ଥିବାରୁ ସିଂହଦ୍ୱାରରେ ପତିତପାବନକୁ ମୁଣ୍ଡିଆ ମାରି ମେଘନାଦ ପାଚେରି ଚତୁଃପାର୍ଶ୍ୱ ବୁଲିଥିଲେ। ସନ୍ଧ୍ୟାରେ ବେଳାଭୂମି ବୁଲିବା ପରେ ରାତିରେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ସେତେବେଳେ ଏକାଧିକ ଜୁଇ ଜଳୁଥିଲା। ଗୋଟିଏ ଜୁଇ ପାଖରେ ସେମାନେ ଠିଆ ହୋଇ ଦେଖିଥିଲେ। ଆଉ ମଣିଷ ଜୀବନର ଶେଷ ଠିକଣା କ'ଣ ତାହା ବୁଝିପାରିଥିଲେ। କେହି କେହି ଏକାଧିକ ଜୁଇ ଜଳୁଥିବା ଦେଖି ଭାବ ବିହ୍ୱଳ ହୋଇପଡୁଥିଲେ। ଆଉ କେହି କ୍ୟାମେରାରେ ସାଉଣ୍ଟିଥିଲେ ସ୍ୱର୍ଗଦ୍ୱାରର ମାହାତ୍ମ୍ୟକୁ। ଏମିତି କି ଏହି ବିଦେଶୀ ପର୍ଯ୍ୟଟକମାନେ ଜଳୁଥିବା ଚିତାକୁ ନମସ୍କାର କରିଥିଲେ। ହିନ୍ଦୁ ଧର୍ମର ପ୍ରଥା ଅନୁଯାୟୀ ହେଉଥିବା ମୃତଦେହ ସଂସ୍କାରକୁ ନିରିଖେଇ ଦେଖିଥିଲେ। ମୃତ୍ୟୁ ଯେ ଚିରନ୍ତନ ସତ୍ୟ ତାହା ଉପଲବ୍ଧି କରିଥିଲେ। ବେଶ୍ କିଛି ସମୟ ସ୍ୱର୍ଗଦ୍ୱାରରେ ବିତାଇବା ପରେ ଏମାନେ ଫେରି ଆସିଥିଲେ।

## କୋଇଲା ବୋଝେଇ ଟ୍ରକ୍ ମୁହାଁମୁହିଁ: ୨ ଡ୍ରାଇଭର ମୃତ

କେନ୍ଦୁଝର/ଢେଙ୍କିକୋଟ, ୨।୨
(ଡି.ଏନ୍.ଏ./ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଗୋପାଳପୁର ନିକଟରେ ଦୁଇଟି ଟ୍ରକ୍ ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିଆ ଥାନା ପୋଡ଼ାଶିମୁନା ଗ୍ରାମର ଡ୍ରାଇଭର ଶାନ୍ତନୁ କୁମାର ନାଏକ ଏବଂ ଅନ୍ୟ ଜଣେ ହେଲେ ଜଗତ୍‌ସିଂହପୁର ଜିଲା କାଆଁସ ଗ୍ରାମର ବିଚିତ୍ର କୁମାର ସାହୁ। ଦୁର୍ଘଟଣା ପରେ ଦୀର୍ଘ ୧୦ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥିଲା। କେନ୍ଦୁଝର ଜିଲାର ଲାଇଫ୍‌ଲାଇନ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ଏବେ ପାଲଟିଛି ଡେଥ୍‌ଲାଇନ। କେନ୍ଦୁଝର ପଟୁ ଆଇରନ୍ ବୋଝେଇ ହୋଇ ଯାଉଥିବା ଏକ ଟ୍ରକ୍ ସହ କେନ୍ଦୁଝର ଆଡ଼କୁ କୋଇଲା ବୋଝେଇ ହୋଇ ଆସୁଥିବା ଅନ୍ୟ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା।

## ବଳାତ୍କାର ଅଭିଯୁକ୍ତ ଅଟକ

କେନ୍ଦୁଝର, ୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସିଲିସୁଆଁ ଅଞ୍ଚଳରେ ଘଟିଥିବା ବୁଧବାର ଘଟିଥିବା ଏକ ବଳାତ୍କାର ଘଟଣାରେ ଜଣେ ବ୍ୟକ୍ତିକୁ ପୋଲିସ ଅଟକ ରଖି ପଚରା ଉଚରା ଜାରି ରଖିଛି। ପ୍ରକାଶ ଯେ, ଗତବୁଧବାର କୁଟୁଗାଁ ଅଞ୍ଚଳର ଜଣେ ମହିଳା ଖୁଣ୍ଟୁରା ହାଟକୁ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ଅରଡେଇ ନଦୀ ନିକଟ ଦେଇ ଯାଉଥିବା ବେଳେ ଅମରି ବୁଦାରେ ଛପିରହିଥିବା ଅଭିଯୁକ୍ତ ତାଙ୍କୁ ଅଟକାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ସେ ପାଟି କରିବାରୁ ତାଙ୍କ ତଣ୍ଟିକୁ ଚିପି ଚୁପ୍ କରିବାକୁ ଅଭିଯୁକ୍ତ ଜଣଙ୍କ ଉଦ୍ୟମ କରିଥିଲେ। ପାଟି ଶୁଣି ପାଖରେ ଯାଉଥିବା ଲୋକ ପହଞ୍ଚିଯିବାରୁ ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିଲେ। ମହିଳା ଜଣଙ୍କ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଆସି ପଳାଶପଙ୍ଗା ବିଟ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପାଇବାପରେ ବିଟହାଉସ ପୋଲିସ ଅଚାନକ ଚଢାଉକରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସଦର ଥାନାରେ ଅଟକ ରଖାଯାଇ ପଚରାଉଚୁରା ଚାଲିଛି।

## ବାସିଭୋଜି ଖାଇ ୪୦ ଅସୁସ୍ଥ

ବୈପାରୀଗୁଡ଼ା,୨।୨(ଡି.ଏନ୍.ଏ.):

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ବୋଦାପୁଟ ପଞ୍ଚାୟତ କୁକୁଡ଼ୁଟି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଫଳରେ ପ୍ରାୟ ୪୦ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବା ପରେ ସେମାନଙ୍କର ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ କୁଡ଼ୁକୁଟି ଗ୍ରାମରେ ଏକ ବିବାହ ଭୋଜି ଥିଲା। ଶନିବାର ଭୋଜିର ବଳକା ଖାଦ୍ୟ ଗାଁଲୋକେ ବାଣ୍ଟି ଖାଇଥିଲେ। ବାସିଖାଦ୍ୟ ଖାଇବା ପରେ ଶନିବାର ରାତିରେ ଜଣକ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବର ପାଇ ବୈପାରୀଗୁଡ଼ା ମେଡିକାଲରୁ ଏକ ଡାକ୍ତରୀ ଦଳ ଉକ୍ତ ଗ୍ରାମକୁ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଗୁରୁତର ରୋଗୀଙ୍କୁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଏବେ ଡାକ୍ତରଖାନାରେ ଚିକିତ୍ସା ପରେ ଅନେକ ରୋଗୀ ସୁସ୍ଥ ହୋଇଥିଲେ ମଧ ସେମାନଙ୍କୁ ଅବଜର୍ଭେସନରେ ରଖାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଧିରାଜ ସାହୁ କହିଛନ୍ତି।

## ବିଷାକ୍ତ ଫଳ ଖାଇ ୭ ଶିଶୁ ଅସୁସ୍ଥ

ପାଲଲହଡା,୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ସୁବର୍ଣ୍ଣପାଲି ଗ୍ରାମ ଝରାସାହିରେ ରବିବାର ସନ୍ଧ୍ୟାରେ ବିଷାକ୍ତ ଫଳ ଖାଇ ୭ ଜଣ ଶିଶୁ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶ୍ରୀୟା ଧୀବର, ଚାନ୍ଦିନୀ ଧୀବର, ନନ୍ଦିନୀ ଧୀବର, ଆକାଶ ଧୀବର, ପ୍ରିୟା ଧୀବର, ସାବିତ୍ରୀ ଧୀବର ଏବଂ ହୀରା ଧୀବର। ସେମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଶିଶୁଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି।

## ଜଙ୍ଗଲ ଖାତରେ ଖସିପଡ଼ିଲା ମାଈହାତୀ

ଦିଗପହଣ୍ଡି,୨।୨(ଡି.ଏନ.ଏ.)



ଖାତରେ ଖସିପଡ଼ିଥିବା ହାତୀ।

- ୫ ଘଣ୍ଟାର ଅପରେଶନ
- ଉଦ୍ଧାର କଲା ବନବିଭାଗ

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଧୀନ ଅଲାରିଗଡ଼ ଗ୍ରାମ ଲଣ୍ଡା ଶିଖ ଜେନାଖୋଲ ପାହାଡ଼ ନିକଟରେ ଶନିବାର ରାତିରେ ପ୍ରାୟ ୧୮ ଫୁଟ ଖାତରେ ଏକ ମାଈ ହାତୀ ଗଳି ପଡ଼ିଥିଲା। ରବିବାର ଭୋର ସାଢ଼େ ୪ଟାରେ ବ୍ରହ୍ମପୁର ସହକାରୀ ବନଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା, ବ୍ରହ୍ମପୁର ରେଞ୍ଜର ଏ.ରାଜା ରାଓ, ଦିଗପହଣ୍ଡି ବନାଞ୍ଚଳ ରେଞ୍ଜର ପ୍ରମୋଦ କୁମାର ଖଡ଼ଗରାୟ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଓ ହିଞ୍ଜିଳି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଉଦ୍ଧାର ପାଇଁ ଅପରେଶନ ଆରମ୍ଭ କରିଥିଲେ। ସକାଳ ପ୍ରାୟ ସାଢ଼େ ୯ଟାରେ ଖାତରୁ ହାତୀ ବାହାରି ନିକଟସ୍ଥ ଜଙ୍ଗଲରେ ଥିବା ହାତୀପଲ ପାଖକୁ ଚାଲି ଯାଇଥିଲା।

ଗତ କିଛି ଦିନ ହେଲା ଘୁମୁସର ଜଙ୍ଗଲରୁ ଆସିଥିବା ୧୧ ହାତୀ ଆସି ଦିଗପହଣ୍ଡି, ବ୍ରହ୍ମପୁର, ଚିକିଟି ଓ ଆଖପାଖ ଅଞ୍ଚଳରେ ଉତ୍ପାତ କରୁଥିଲେ। ଶନିବାର ସନ୍ଧ୍ୟାରେ ବନ କର୍ମଚାରୀଙ୍କ ପାଟ୍ରୋଲିଂ ସମୟରେ ହାତୀପଲ ଦିଗପହଣ୍ଡି ବନାଞ୍ଚଳ ରତନେଇ ସଂରକ୍ଷିତ ଜଙ୍ଗଲରୁ ବାହାରି ଅଲାରିଗଡ ଗାଁ ସୀମାନ୍ତ ପାହାଡ଼ ରାସ୍ତା ଦେଇ ଜଙ୍ଗଲକୁ ଯାଉଥିବା ବେଳେ ରାତି ପ୍ରାୟ ୭ଟାରେ ଖାତରେ ଗୋଟିଏ ମାଈ ହାତୀ ଖସି ପଡ଼ିଥିଲା। ବନ କର୍ମଚାରୀମାନେ ଏ ନେଇ ଦିଗପହଣ୍ଡି ରେଞ୍ଜରଙ୍କୁ ଖବର ଦେଇଥିଲେ। ରେଞ୍ଜର ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଉପରିସ୍ଥ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ପଲରେ ଥିବା ଗୋଟିଏ ଦନ୍ତା ସମେତ ୯ଟି ହାତୀ ଖାତରେ ପଡ଼ିଥିବା ହାତୀଟିକୁ ଘେରି ରହିଥିଲେ। ଖାତ ମଧ୍ୟରୁ ହାତୀଟିକୁ ଉଦ୍ଧାର ପାଇଁ ଅନ୍ୟ ହାତୀମାନେ ଶୁଣ୍ଢ ବଢାଇ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ରାତି ସାରା ହାତୀପଲ ଘଟଣାସ୍ଥଳ ଛାଡ଼ି ନ ଯିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ଭୋର୍‌ରୁ ହାତୀକୁ ଘଉଡ଼ାଇବା ପରେ ଖାତକୁ ଜେସିବି ମାଧ୍ୟମରେ ଖୋଳାଯାଇ ହାତୀକୁ ଉଦ୍ଧାର କରାଯାଇଥିଲା ବୋଲି ରେଞ୍ଜର ଖଡ଼ଗରାୟ କହିଛନ୍ତି।

**ଅଶୋକ ଗ୍ରୁପ The Ashok Group**
**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
**(ଭାରତ ସରକାରଙ୍କ ଏକ ଉଦ୍ୟୋଗ)**
**ଭୁବନେଶ୍ୱର - ୭୫୧୦୧୪**
ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୦-୨୧ ତାରିଖ: ୦୩।୦୨।୨୦୨୦

**ଇ-ସଂଗ୍ରହ ବିଜ୍ଞପ୍ତି**

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୪।୦୨।୨୦୨୦ରିଖ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୭।୦୨।୨୦୨୦ରିଖ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର ।

**୧. ଖାସି ମାଂସ, ୨. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୩. ମାଛ ଓ ଚିଙ୍ଗୁଡ଼ି, ୪. ପନିପରିବା ଓ ଫଳମୂଳ, ୫. ବିବିଧ ସାମଗ୍ରୀ, ୬. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ ।**

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।

ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

**ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର**
**ଦୂରଭାଷ: ୦୬୭୪-୨୪୩୧୦୫୫**

**RITES THE INFRASTRUCTURE PEOPLE**
**ରାଇଟ୍‌ସ ଲିମିଟେଡ୍**
**(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)**
**ଭୁବନେଶ୍ୱର - ୭୫୧୦୨୪**

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ମେସର୍ସ ଏମ୍‌ସିଏଲ୍, ସମଲେଶ୍ୱରୀ ଓସିପି ଏରିଆ ତରଫରୁ ଗ୍ରୁପ୍ ମହାପ୍ରବନ୍ଧକ (ସିଭିଲ), ରାଇଟ୍‌ସ ଲିଃ, ଭୁବନେଶ୍ୱରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ଆମନ୍ତ୍ରଣ କରାଯାଉଛି:

୧. ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ୱାଇ-କର୍ଭ ଶିଫ୍ଟିଂ/ଓଟି-୧୦/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏସ୍.ଇ.ସି. ରେଳପଥ, ବିଳାସପୁରର ବିପିଏଚ୍-ବିଆର୍‌ଜେଏନ୍ ସେକ୍ସନ ମଧରେ ହାଓଡା-ମୁମ୍ବାଇ ମେନ୍ ଲାଇନ୍ ଉପରେ ବ୍ରଜରାଜନଗର ଓ ଲାଜକୁରା ଷ୍ଟେଶନରୁ ୱାଇ-କର୍ଭ ସାଇଡିଂ (ଝାରସୁଗୁଡ଼ା ନିକଟରେ) ଟେକିଂ ଅଫ୍‌ର ପ୍ରସ୍ତାବିତ ସ୍ଥାନାନ୍ତର ନିମନ୍ତେ ଫର୍ମେଶନରେ ମାଟି କାମ, ବଡ଼ ଓ ଛୋଟ ସେତୁ, ରିଟେନିଂ ୱାଲ୍, ଡ୍ରେନ୍ ନିର୍ମାଣ, ପିଏସ୍‌ସି ସ୍ଲିପର୍ସ, ଟର୍ନଆଉଟ୍ ସ୍ଲିପର୍ସ ଯୋଗାଣ, ବାଲାଷ୍ଟ ଯୋଗାଣ, ପି.ୱେ ଫିଟିଂ ଓ ଟ୍ରାକ୍ ଲିଙ୍କିଙ୍ଗ୍ କାର୍ଯ୍ୟ, ବିଲ୍‌ଡିଂ ନିର୍ମାଣ ତଥା ତତ୍‌ସମ୍ପର୍କିତ କାର୍ଯ୍ୟ।" ଅଟକଳ ମୂଲ୍ୟ: ଟ.୧୨୬,୬୭,୭୬,୬୮୯.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୨ (ବାର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

୨. ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ଓବିଡିୟୁଏମ୍‌ପି/ଓଟି-୧୧/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏମ୍‌ସିଏଲ୍‌ର ଲଖନପୁର ଏରିଆଠାରେ ନୂଆ ଅବସ୍ଥିତିରେ ୱାଇ-କର୍ଭର ସ୍ଥାନାନ୍ତର ଲାଗି ରେଲ୍‌ୱେ ଟ୍ରାକ୍ ଫର୍ମେଶନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସମଲେଶ୍ୱରୀ ଓସିପିଠାରେ ଓଭର୍-ବର୍ଡେନ୍‌ର କଟିଂ, ଫିଲିଂ ଓ ରି-ହ୍ୟାଣ୍ଡଲିଂ ।" ଅଟକଳ ମୂଲ୍ୟ: ଟ.୫୭,୬୨,୩୧,୧୬୫.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ। ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

## ସଂକ୍ଷେପରେ

### ସେସୁ : ଆଦାୟ୍ କଲାଣି ୬୭.୨୭ କୋଟି ବକେୟା

**ଭୁବନେଶ୍ୱର,୨।୨(ବ୍ୟୁରୋ):** ସେସୁ ପକ୍ଷରୁ ବକେୟା ବିଲ୍ ଆଦାୟ୍ ଏବଂ ଖିଲାପକାରୀଙ୍କ ବିଜୁଳି ସଂଯୋଗ ବିଚ୍ଛିନ୍ନ କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ରବିବାର ୬୫୨ଜଣ ଉପଭୋକ୍ତାଙ୍କ ବିଜୁଳି ସଂଯୋଗ କାଟି ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୨୦,୦୪୬ ସଂଯୋଗ କଟାଯାଇ ସାରିଲାଣି। କେବଳ ରବିବାର ସେସୁ ପକ୍ଷରୁ ୧.୯୯ କୋଟି ଟଙ୍କା ଜରିମାନା ବାବଦ ଆଦାୟ୍ କରାଯାଇଛି। ଏହିପରି ମୋଟ୍ ୬୦.୨୩ କୋଟି ଟଙ୍କା ଆଦାୟ୍ କରାଯାଇଛି। ଏତଦ୍‌ବ୍ୟତୀତ ୭.୦୬ କୋଟି ଟଙ୍କା ଅନ୍‌ଲାଇନ୍ ମାଧ୍ୟମରେ ଆଦାୟ୍ କରାଯାଇଛି। ଉଭୟ ଅନ୍‌ଲାଇନ୍ ଏବଂ ସିଧାସଳଖ ଆଦାୟ୍‌ର ପରିମାଣ ୬୭.୨୯ କୋଟି ଟଙ୍କାରେ ପହଞ୍ଚିଛି।

### କଂଗ୍ରେସର ନିର୍ବାଚନୀ ଇସ୍ତାହାର
### ବେକାରି ଭତ୍ତା, ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି

**ନୂଆଦିଲ୍ଲୀ,୨।୨(ପି.ଟି.):** ଦିଲ୍ଲୀ ଭୋଟ ପାଇଁ କଂଗ୍ରେସ ପକ୍ଷରୁ ରବିବାର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ମାସିକ ୫୦୦୦ରୁ ୭୫୦୦ ଟଙ୍କା ବେକାରୀ ଭତ୍ତା, ଜଳ ଓ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ କ୍ୟାସ୍‌ବ୍ୟାକ୍ ଯୋଜନା ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ଦିଲ୍ଲୀରେ କ୍ଷମତାକୁ ଆସିଲେ ସିଏଏକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ଦିଲ୍ଲୀ କଂଗ୍ରେସ ସଭାପତି ସୁଭାଷ ଚୋପ୍ରା ଏହି ଇସ୍ତାହାର ଉନ୍ମୋଚନ କରିଥିଲେ। ଦିଲ୍ଲୀକୁ ପ୍ରଦୂଷଣମୁକ୍ତ କରିବା ଏବଂ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ବଜେଟର ୨୫ ପ୍ରତିଶତ ବିନିଯୋଗ କରାଯିବ ବୋଲି ଇସ୍ତାହାରରେ କୁହାଯାଇଛି। ପ୍ରତିମାସରେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇଦେବାକୁ ଦଳ ପ୍ରତିଶ୍ରୁତି ଦେଇଛି। ସେହିପରି ଦିଲ୍ଲୀ ମହାନଗରରେ ୧୦୦ ଇନ୍ଦିରା କ୍ୟାଣ୍ଟିନ ଖୋଲାଯାଇ ଲୋକଙ୍କୁ ୧୫ ଟଙ୍କାରେ ଖାଦ୍ୟ ଯୋଗାଇଦିଆଯିବ।

# ଡଙ୍ଗର ଜମିକୁ ଚାଷୋପଯୋଗୀ କଲେ ୯୦ ବର୍ଷୀୟ ବୃଦ୍ଧ


ଫାଉଡ଼ା ଧରି ଜମିରେ ମୁନା ମାଧବ କାମ କରୁଛନ୍ତି ।

**ସ୍ୱପ୍ନଜିତ୍ ପଟ୍ଟନାୟକ ପାପଡ଼ାହାଣ୍ଡି,୨।୨**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଗାଦବା କତରା ଗ୍ରାମର ମୁନା ମାଧବ। ବୟସ ୯୦ରୁ ଉର୍ଦ୍ଧ୍ୱ। ତଥାପି ଜୀବନରେ ହାର ମାନି ନାହାନ୍ତି। ଯେଉଁ କାମ ଯୁବପିଢି କରିପାରିବେ ନାହିଁ, ବୟସର ଅପରାହ୍ନରେ ପହଞ୍ଚି ସେ ତାହା କରି ଦେଖାଇଛନ୍ତି। ନିଜସ୍ୱ ଉଦ୍ୟମରେ ୪ ବର୍ଷରେ ୪ ଏକର ଡଙ୍ଗର ଜମିକୁ ସମତୁଲ କରି ଚାଷ ଉପଯୋଗୀ କରିଛନ୍ତି। ସତେ ଯେମିତି ଜୀବିକା ଆଗରେ ହାର ମାନିଛି ବୟସ। ଯୁବପିଢି ପାଇଁ ସେ ସାଜିଛନ୍ତି ଉଦାହରଣ।

ମୁନାଙ୍କ ପତ୍ନୀ ଗତ ୨୦ ବର୍ଷ ତଳେ ଆରପାରିକୁ ଚାଲିଯିବା ପରେ ସେ ବର୍ତ୍ତମାନ ଏକାକୀ ରହୁଛନ୍ତି। ପ୍ରଥମେ ଗୋରୁ ବ୍ୟବସାୟ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଚାଷକୁ ହିଁ ନିଜର ଜୀବିକା ଭାବେ ଗ୍ରହଣ କରିଥିଲେ। ନିଜର କିଛି ଜମିରେ ଧାନ ଚାଷ କରି ଯାହା ରୋଜଗାର ହୁଏ ସେଥିରେ ଗୁଜୁରାଣ ମେଣ୍ଟାଇଥାନ୍ତି। ବର୍ତ୍ତମାନ ବୟସର ଅପରାହ୍ନରେ ପହଞ୍ଚିଛନ୍ତି। ତଥାପି ମୁନାଙ୍କ ନିକଟରେ ରହିଛି ପରିଶ୍ରମ କରିବାର ଦୃଢ ମନୋବଳ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହାତରେ ଫାଉଡା ଧରି ଜମିକୁ ସମତୁଲ କରିବାରେ ଲାଗି ପଡିଥାନ୍ତି ମୁନା। ଗତ ୪ ବର୍ଷ ହେଲା ସେ ୪ ଏକର ଡଙ୍ଗର ଜମିକୁ ଖୋଳି ଚାଷ ଜମିରେ ତିଆରି କରିଛନ୍ତି। ମୁନାଙ୍କ ଏପରି କାର୍ଯ୍ୟକୁ ଦେଖି ଗ୍ରାମବାସୀ ପ୍ରଶଂସା କରିବା ସହ ଆଜିର ଯୁବପିଢି ପାଇଁ ସେ ଉଦାହରଣ ବୋଲି କହିଛନ୍ତି। ଦୁଇ ତିନ ଦିନ ପର୍ଯ୍ୟନ୍ତ କିଛି ବି ନ ଖାଇ ମୁନା ରହି ପାରୁଥିବା ଗ୍ରାମବାସୀ କହିଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ ୧୦ କେଜି ଚାଉଳ ଓ ୭୦୦ ଟଙ୍କା ଭତ୍ତା ମିଳୁଛି। ଏକ ଭଙ୍ଗା ଚାଳ ଘରେ ରହୁଥିଲେ ମଧ ଆବାସ ଯୋଜନାରେ ତାଙ୍କୁ ଏପର୍ଯ୍ୟନ୍ତ ସାମିଲ କରାଯାଇନାହିଁ। ବାରମ୍ବାର ପ୍ରଶାସନ ନିକଟରେ ଘର ଟିଏ ପାଇଁ କହିଥିଲେ ମଧ ଏ ପର୍ଯ୍ୟନ୍ତ ମିଳି ନାହିଁ । ଖରା ଓ ଶୀତ ଦିନ ଯେମିତି ସେମିତି ଚଳି ଯାଏ କିନ୍ତୁ ବର୍ଷା ଦିନେ ରହିବାକୁ ବହୁତ ଅସୁବିଧା ହୁଏ ବୋଲି ସେ କହିଛନ୍ତି।୧୯୪୨ ପାପଡାହାଣ୍ଡି ଗୁଳିକାଣ୍ଡ ଦେଖିଥିବା ମୁନା କହିଛନ୍ତି। ପ୍ରଶାସନ ତରଫରୁ ଏପରି ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବା ଲାଗି ଗ୍ରାମବାସୀ ଅନୁରୋଧ କରିଛନ୍ତି।

> ■ଜୀବିକା ଆଗରେ ହାର ମାନିଛି ବୟସ
>
> ■୧୯୪୨ ପାପଡ଼ାହାଣ୍ଡି ଗୁଳିକାଣ୍ଡର ମୂକସାକ୍ଷୀ

# ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପିତ


ରବିବାର ସମ୍ବଲପୁର ପୁସ୍ତକମେଳା ଉଦଯାପନୀ ଉତ୍ସବରେ ବୈଜ୍ଞାନିକ ଅବନିଶ ପଣ୍ଡାଙ୍କୁ ସେତୁ ସମ୍ମାନରେ ସମ୍ମାନିତ କରାଯାଉଛି ।

**ସମ୍ବଲପୁର, ୨।୨ (ବ୍ୟୁରୋ)**

ଦ୍ୱାବିଂଶତିତମ ସମ୍ବଲପୁର ପୁସ୍ତକ ମେଳା- ୨୦୨୦ ରବିବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି।ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ମୁଖ୍ୟଅତିଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଜ୍ଞାନିକ ଅବନିଶ ପଣ୍ଡାଙ୍କୁ ସେତୁ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ନିତ୍ୟାନନ୍ଦ ବେହେରାଙ୍କୁ ବାଳକୃଷ୍ଣ କର ଶିକ୍ଷକ

**ବୈଜ୍ଞାନିକ ଅବନିଶ ପଣ୍ଡାଙ୍କୁ ସେତୁ ସମ୍ମାନ**

ଦାଶ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସିଦ୍ଧାର୍ଥ ପଣ୍ଡା, ଡ. ମୀନକେତନ ପାଠି, ରୀତାରାଣୀ ମିଶ୍ର ମାନପତ୍ର ପାଠ କରିଥିଲେ । ହରିନାରାୟଣ ପଣ୍ଡା ଓ ଜୟକୃଷ୍ଣ ବେହେରା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିବା ସହ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଗଞ୍ଜେଇ ଚାଷକୁ ବୈଧ କର
## ନେପାଳର ୪୬ ଏମ୍‌ପିଙ୍କ ଦାବି

**କାଠମାଣ୍ଡୁ,୨।୨(ପି.ଟି.):** ନେପାଳର ଶାସକ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି)ର ୪୬ ଏମ୍‌ପି ଦେଶରେ ଗଞ୍ଜେଇ ଚାଷକୁ ବୈଧ କରିବା ପାଇଁ ଦାବି କରିଛନ୍ତି। ଆଲକୋହଲ ଆମଦାନୀକୁ ନିଷେଧ କରି ଗଞ୍ଜେଇ ଚାଷକୁ ଆଇନଗତ ମାନ୍ୟତା ପ୍ରଦାନ ନିମନ୍ତେ ସେମାନେ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଆଣିଛନ୍ତି।
ନେପାଳରେ ଗଞ୍ଜେଇ ଓ ଭାଙ୍ଗ ଚାଷ ତଥା ବ୍ୟବସାୟକୁ ୧୯୭୩ରୁ ନିଷେଧ କରାଯାଇଛି। ୪୬ ଏମ୍‌ପିଙ୍କ ଯୁକ୍ତି ହେଲା ଆମେରିକା, ୧୯୭୦ ଦଶକରେ ଗଞ୍ଜେଇ ଉପରେ କଟକଣା ଜାରିର ନେତୃତ୍ୱ ନେଇଥିବା କାନାଡା ଓ ଜର୍ମାନୀ ସମେତ ୬୫ରୁ ଉର୍ଦ୍ଧ୍ୱ ଦେଶ ଏହାକୁ ବୈଧ କରିସାରିଲେଣି। ତେଣୁ ନେପାଳରେ ମଧ ଗଞ୍ଜେଇ ଚାଷକୁ ଅନୁମତି ମିଳୁ।

# ଖିଣ୍ଡା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଶିବିର


ଖିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏନ୍‌ଏଲ୍‌ସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ରେଙ୍ଗାଲି, ୨।୨ (ଡି.ଏନ.ଏ.)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏନ୍‌ଏଲ୍‌ସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ରବିବାର ଏହି ସ୍ୱାସ୍ଥ୍ୟ ଶିବିରକୁ ସମ୍ବଲପୁର ଏଡିଏମ୍‌ଓ ଡା. ପଞ୍ଚାନନ ନାୟକ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଚକ୍ଷୁ, ମେଡିସିନ, ସର୍ଜରି, ଶିଶୁ ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଖିଣ୍ଡା, ମଲଦା, ରାମପୁର, ପତ୍ରାପାଲି, ତଲାବିରା, ବୁଧିଆପାଲି ଗ୍ରାମର ପ୍ରାୟ ୪୫୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଡା. ଚିନ୍ତାମଣି ମେହେର, ଏନଏଲସିର ପ୍ରୋଜେକ୍ଟ ହେଡ୍ ସୁରେଶ ସୁମନ, ସୁବ୍ରତ ବିଶ୍ୱାଳ, ପି. ସତ୍ୟମୂର୍ତ୍ତିଙ୍କ ସହ ଏନ୍‌ଏଲ୍‌ସିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନକ୍ସାପାଲି ସମଲେଇ ମନ୍ଦିରରେ ନୂତନ କୁମ୍ଭ ସ୍ଥାପନ

**ସମ୍ବଲପୁର,୨।୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ନକ୍ସାପାଲି ଗ୍ରାମରେ ଥିବା ସମଲେଇ ମନ୍ଦିରରେ ନୂତନ କୁମ୍ଭ ଓ ଅଶ୍ୱ ସ୍ଥାପନ କରାଯାଇଛି । ପଣ୍ଡିତ ଜଗଦୀଶ ଦାସ ଓ ଜିତେନ୍ଦ୍ରୀୟ ବେହେରା ମନ୍ତ୍ର ଉଚ୍ଚାରଣ କରିଥିଲେ। ଗ୍ରାମର ଦୟାନିଧି ବେହେରା ଓ ତାଙ୍କ ସହଧର୍ମିଣୀ ସବିତା କର୍ତ୍ତା ଥିଲେ। ନିରୋଦ କୁମାର ବେହେରା, ଭାଗୀରଥି ପ୍ରଧାନ, ପ୍ରଶାନ୍ତ ପାଣ୍ଡେ, ବିମଳ ଚନ୍ଦ୍ର ପୁରୋହିତ, ରାମକୃଷ୍ଣ ବେହେରା, ଧନେଶ୍ୱର ଦାସ, ଅନୀଲ ବେହେରା, ପୂର୍ଣ୍ଣେନ୍ଦୁ ବେହେରା, ମନରଞ୍ଜନ ବେହେରା, ସୁଶାନ୍ତ ବେହେରା, ପଦ୍ମଲୋଚନ ପ୍ରଧାନ, ନକୁଲ ବେହେରା, ଦିଲୀପ ସାନବଡ, ସୁନୀଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ସମ୍ବଲପୁର ମହାନଗର ନିଗମ ନକ୍ସପାଲିରେ ସମଲେଇମନ୍ଦିର କୁମ୍ଭ ସ୍ଥାପନରେ ପୂଜା।

## ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ: ସମ୍ରାଟ, ଜିମଖାନା ବିଜୟୀ

ସମ୍ବଲପୁର, ୨।୨ (ବ୍ୟୁରୋ)
ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା ରବିବାର ମ୍ୟାଚରେ ସମ୍ରାଟ କ୍ରିକେଟ କ୍ଲବ ଓ ଜିମଖାନା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ ସମ୍ରାଟ କ୍ଲବ ବନାମ ହୀରାକୁଦ କ୍ରୀଡା ସଂଘ ମଧ୍ୟରେ ହୋଇଥିଲା । ସମ୍ରାଟ କ୍ଲବ ୪ ଉଇକେଟରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଜିମଖାନା ବନାମ ମେହେତାବ ମେମୋରିଆଲ ମଧ୍ୟରେ ହୋଇଥିଲା । ଏଥିରେ ଜିମଖାନା ୧୨ ରନରେ ବିଜୟୀ ହୋଇଥିଲା । ଉଦିତ ଦାସଭାୟା, ପୁରୁଷୋତ୍ତମ ରାଉତ, ବିକାଶ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ । ଲକି ଶର୍ମା ସ୍କୋରର ଥିଲେ । ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ସୁବୋଧ ସାହୁ ଓ ପ୍ରଶାନ୍ତ ସେଠ ଅତିଥି ଭାବେ ଯୋଗଦେଇ ସଚିତ୍ରମୋହନ ବେହେରା ଓ ରୋଶନ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ଟ୍ରଫି ପ୍ରଦାନ କରିଥିଲେ।

# ମାନେଶ୍ୱରକୁ ହରାଇଲା ବୌଦ୍ଧ ଜେସିସି


ଆତଙ୍କ କ୍ରିକେଟ ଟୁର୍ନାମେଣ୍ଟକୁ ଆୟୋକଙ୍କ ଗହଣରେ ଅତିଥିମାନେ ଫିତାକାଟି ଶୁଭାରମ୍ଭ କରୁଛନ୍ତି ।

**ରେଢାଖୋଲ,୨।୨(ଡି.ଏନ.ଏ.)**

**ଆତଙ୍କ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ରେଢାଖୋଲ କଲେଜ ଖେଳପଡିଆରେ ରବିବାର ଆତଙ୍କ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୬ତମ ଆତଙ୍କ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଇଂ. ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ମାନେଶ୍ୱର କ୍ଲବ ଓ ଜେସିସି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ମାନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେସିସି ବୌଦ୍ଧ ଦଳ ୧୯.୩ ଓଭରରେ ୭ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଜେସିସି ବୌଦ୍ଧ ଦଳର ଦେବାଶିଷ ବାଘଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସରୋଜ ମହାପାତ୍ର ଓ କୁନାଲ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରଞ୍ଜିତ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ହାରୁନ ଖାଁ ଓ ସୁଶାନ୍ତ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଆତଙ୍କ କ୍ରିକେଟ କ୍ଲବର ସଭାପତି ଶୁକଦେବ ପୁଲେଇ, ସଂପାଦକ ସୋନୁ ବେହେରାଙ୍କ ସମେତ କ୍ଲବର ସଦସ୍ୟମାନେ ଆୟୋଜନରେ ସହଯୋଗ କରିଥିଲେ। ଏଥିରେ ୧୦ଟି ଦଳ ଭାଗ ନେଇଛନ୍ତି। ସୋମବାର ବ୍ରଜରାଜନଗର ଓ ଅନୁଗୋଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଫଟୋରେ ଖବର





ସମ୍ବଲପୁର ପଡିଆବାହାଲଠାରେ ଡ. ବିଆର. ଆମ୍ବେଡ଼କର ସେବା ସମିତିର ତୃତୀୟ ପ୍ରତିଷ୍ଠା ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା (ବାମ)। ବଡବଜାର ଅନାମିକା କ୍ଲବ କବାଡି ଖେଳାଳିଙ୍କୁ ଜର୍ସି ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ ।



ପ୍ରତ୍ୟେକ ବ୍ୟକ୍ତି ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କର ଉନ୍ନତିରେ ନିଜର ଉନ୍ନତି ବୋଲି ବୁଝିବା ଉଚିତ।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ...

### କଫସିରପ କାରବାରରେ ୬ ଗିରଫ

ସମ୍ବଲପୁର,୨।୨(ବ୍ୟୁରୋ)
ସମ୍ବଲପୁର ଜିଲା ଟାଉନ ଥାନା ପୋଲିସ କଫସିରପ କାରବାରବରେ ୬ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ଭିତରୁ ୩ ଜଣ ହେଲେ ସୋନୁ ଦୀପ, ଗୋବିନ୍ଦ ମୁଖି, ଶଙ୍କର ସିଂ। ଏମାନଙ୍କ ନିକଟରୁ ୨୩ ବୋତଲ କଫସରପ ଓ ନିଶା ବଟିକା ଜବତ ହୋଇଛି। ଏ ନେଇ ଥାନାରେ ମାମଲା (ନଂ ୫୦/୨୦) ରୁଜୁ ହୋଇଛି। ସେହିପରି ଜୋକି କୁମାର, ଏସ.କେ. ରିୟାଜ, ନୋପାଲ ମେହେରଙ୍କୁ ମଧ୍ୟ ପୋଲିସ କଫସିରପ କାରବାରରେ ଗିରଫ କରିଛି । ସେମାନଙ୍କ ପାଖରୁ ୨୧ ବୋତଲ କଫସିରପ ଜବତ କରିବା ସହ ନିଶା ବଟିକା ଜବତ କରିଛି । ଏ ନେଇ ଅନ୍ୟ ଏକ ମାମଲା (ନଂ.୫୨/୨୦) ରୁଜୁ ହୋଇଛି।

### ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରେଙ୍ଗାଲି, ୨।୨ (ଡି.ଏନ.ଏ.)
ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଠେଲକଲୋଇ ହାଇସ୍କୁଲ ସମ୍ମୁଖରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ଜଣା ପଡି ନାହିଁ। ସମ୍ପୃକ୍ତ ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବୁର୍ଲା ଭିମସାରରେ ମୃତଦେହକୁ ରଖାଯାଇଛି। ଠେଲକଲୋଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

### କନକେଶ୍ୱର ଶିବମନ୍ଦିରର ରତ୍ନମୁଦ ସ୍ଥାପନ

ନାକଟିଦେଉଳ,୨।୨(ଡି.ଏନ.ଏ.)
ବାବା କନକେଶ୍ୱର ଶିବ ମନ୍ଦିରର ରତ୍ନମୁଦ ସ୍ଥାପନ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ମନ୍ଦିରରୁ ଭକ୍ତମାନେ ନାମସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଜଗନ୍ନାଥ ପ୍ରସାଦ ପର୍ଯ୍ୟନ୍ତ ଯାଇ ସେଠାରେ ମନ୍ଦିର ବିଶ୍ୱକର୍ମା କାଳିଆ ମହାରଣା ଏବଂ ସନ୍ତୋଷ ମହାରଣାଙ୍କ ଉପସ୍ଥିତିରେ ସାହାଡ଼ା ବୃକ୍ଷକୁ ପୂଜାର୍ଚ୍ଚନା କରି ବରଣ କରିଥିଲେ। ଉକ୍ତ ସାହାଡ଼ା ବୃକ୍ଷକୁ ମନ୍ଦିରକୁ ଅଣାଯାଇ ବିଶ୍ୱକର୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଦୁର୍ଯ୍ୟୋଧନ ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ସୀତାରାମ ପାଢୀ, ଧୀରେନ କୁମାର ପଣ୍ଡା ଏବଂ ଜନ୍ମେଜୟ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ।



### ଗଞ୍ଜେଇ କାରବାରରେ ଫେରାର ଅଭିଯୁକ୍ତ ଗିରଫ

ରେଢାଖୋଲ୨।୨(ଡି.ଏନ.ଏ.)
ରେଢାଖୋଲ ପୋଲିସ ହାବୁଡରେ ପଡି ଫେରାର ଥିବା ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ଗୁରୁଚରଣ କଲତା (୩୮)। ସହରର ସାଲେ ସିଂ ଗ୍ରାମରୁ ପୋଲିସ ତାଙ୍କୁ ଗିରଫ କରିଛି। ୨୦୧୭ରେ ରେଢାଖୋଲ ପୋଲିସ ରେଳ ଷ୍ଟେଶନ ନିକଟରୁ ଗୁରୁଚରଣ ଚୋରାଚାଲାଣ କରୁଥିବା ୨୨ କେଜି ଗଞ୍ଜେଇ ଜବତ କରିଥିଲା। ହେଲେ ଘଟଣାସ୍ଥଳରୁ ଗୁରୁଚରଣ ଫେରାର ହୋଇଯାଇଥିଲେ। ପୋଲିସ ଗୁରୁଚରଣଙ୍କ ନାମରେ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ. ୮୬) ରୁଜୁ କରି ସମ୍ବଲପୁର ସ୍ୱତନ୍ତ୍ର ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲା। ତେବେ ସ୍ୱତନ୍ତ୍ର ଅଦାଲତ ଫେରାର ଗୁରୁଚରଣଙ୍କ ନାମରେ ୱାରେଣ୍ଟ ଜାରି କରିବା ପରେ ପୋଲିସ ତାଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିଲା। ଗୁରୁଚରଣଙ୍କ ଘର ରେଢାଖୋଲ ଥାନା ସିମିଳିପାଳରେ ହୋଇଥିବା ବେଳେ ପୋଲିସକୁ ଭୁଆଁ ବୁଲାଇ ସେ ସହରର ସାଲେସିଂରେ ରହୁଥିଲେ। ଶନିବାର ପୋଲିସ ସୂଚନା ପାଇ ସାଲେ ସିଂ ଗ୍ରାମରେ ଚଢାଉ କରି ଗୁରୁଚରଣଙ୍କୁ ଗିରଫ କରିଥିଲା।

# ରାଷ୍ଟ୍ର ସୁରକ୍ଷା ପାଇଁ ପ୍ରଶିକ୍ଷଣ ନେଲେ

## ବଜରଙ୍ଗ ଦଳ ଓଡ଼ିଶା ପଶ୍ଚିମପ୍ରାନ୍ତ ଅଧିବେଶନ ଉଦ୍‌ଯାପିତ

ସମ୍ବଲପୁର, ୨।୨ (ବ୍ୟୁରୋ)
ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ୩ ଦିନିଆ ଅଧିବେଶନ ରବିବାର ବସ୍ତି ମାରୱାଡି ଧର୍ମଶାଳାଠାରେ ଉଦ୍‌ଯାପିତ ହୋଇଯାଇଛି । ୧୭ଟି ସାଂଗଠାନିକ ଜିଲାରୁ ୧୧୨ଜଣ ଶିକ୍ଷାର୍ଥୀ ଭାଗ ନେଇଥିଲେ। ରାଷ୍ଟ୍ର ସୁରକ୍ଷା ଦିଗରେ ଯୁବକଙ୍କ ଭୂମିକା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ସେହିପରି ପ୍ରତି ଗ୍ରାମରୁ ସଂଯୋଜକ ଗଠନ, ରାମ ମହୋତ୍ସବ ପାଳନ ବିଷୟରେ ଆଲୋଚନା ହୋଇଥିଲା । ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀରରଞ୍ଜନ ବହିଦାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ଓ ସତ୍ୟନାରାୟଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଅପରାହ୍ନ ସାଢ଼େ ୩ଟାରେ ହାଟପଡା ରାମମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ଶୋଭାଯାତ୍ରା ବାହାରି ଦଲେଇପଡା, ମ୍ୟୁନିସିପାଲଟି ଛକ, କଚେରୀ ଛକ, ଜେଲ ଛକ, ଭୁତାପଡା, ଜିଲାସ୍କୁଲ ଛକ, ଭିଏସଏସ ମାର୍ଗ, ଲକ୍ଷ୍ମୀଟକିଜ ଛକ ପରିକ୍ରମା କରିଥିଲା । ଜୟଶ୍ରୀ ରାମ ଓ ହନୁମାନଙ୍କ ଜୟଗାନରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା । କାମଧେନୁ, ଶ୍ରୀରାମ, ଲକ୍ଷ୍ମଣ ଓ ବୀର ହନୁମାନଙ୍କ ମେଢ଼ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା । ସହ ସଂଯୋଜକ କୁନୁ ମହାନ୍ତି, ଅଶ୍ୱିନୀ ମେହେର, ରାଜୀବ ଶତପଥି, ପ୍ରଦୀପ ବହିଦାର ପ୍ରମୁଖ ପରିଚାଳନା କରିଥିଲେ । ଗତ ୩୧ ତାରିଖ ହୋଇଥିବା ଅଧିବେଶନକୁ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗଦର୍ଶନ ମଣ୍ଡଳୀ ସଦସ୍ୟ ସ୍ୱାମୀ ଜୀବନ ମୁକୁନ୍ଦ ପୁରୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । କ୍ଷେତ୍ରୀୟ ସଂଗଠନ ସମ୍ପାଦକ ସପନ କୁମାର ମୁଖାର୍ଜୀ ମୁଖ୍ୟବକ୍ତା ଥିଲେ ।


ରବିବାର ସମ୍ବଲପୁର ବଜରଙ୍ଗ ଦଳର ଶୋଭାଯାତ୍ରାରେ ଭକ୍ତମାନେ ସହର ପରିକ୍ରମା କରୁଛନ୍ତି ।

### ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ

ସମ୍ବଲପୁର,୨।୨(ବ୍ୟୁରୋ)
ସମ୍ବଲପୁର ବସନ୍ତପୁରରେ ଥିବା ସୈନିକ ସ୍କୁଲର ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ମୋଟ ୨୬୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶଯୋଗ୍ୟ, ଏହା ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ। ଚଳିତ ବର୍ଷଠାରୁ ଏଠାରେ ଷଷ୍ଠଶ୍ରେଣୀରୁ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ଜାନୁୟାରୀ ୫ ତାରିଖ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୮ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

### କେନାଲରେ ବୁଡ଼ି ଯୁବକ ମୃତ, ବର୍ତ୍ତିଗଲେ ସାଙ୍ଗ

ସମ୍ବଲପୁର,୨।୨(ବ୍ୟୁରୋ)
ସମ୍ବଲପୁର ଶାସନ କେନାଲରେ ରବିବାର ପୂର୍ବାହ୍ନ ୧୧ଟାରେ ଗାଧୋଇବାବେଳେ ଜଣେ ଯୁବକ ବୁଡିଯିବାରୁ ମୃତ୍ୟୁ ଘଟିଛି । ଏହି ଯୁବକ ଜଣକ ହେଲେ କରମଟୁଲି ଗ୍ରାମର ବସନ୍ତ ମୁଣ୍ଡା (୨୦)। ଅନ୍ୟପକ୍ଷେ ତାଙ୍କ ସାଙ୍ଗ ମହାବୀର ମୁଣ୍ଡା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶାସନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, କରମଟୁଲିର ବସନ୍ତ, ମହାବୀର ଓ ରିଙ୍କୁ ମୁଣ୍ଡା ବଲବସପୁର ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ମହାବୀର ଓ ରିଙ୍କୁ ମୋବାଇଲରେ ବ୍ୟସ୍ତ ଥିବାବେଳେ ବସନ୍ତ ଗାଧୋଇବାକୁ କେନାଲକୁ ଯାଇଥିଲେ। ଏହି ସମୟରେ ପାଖରେ ଗାଧୋଉଥିବା ଲୋକେ ପାଣିର ସ୍ରୋତ ଅଧିକ ଥିବାରୁ ସେଠାରେ ଗାଧୋଇବାକୁ ମନା କରିଥିଲେ। ହେଲେ ବସନ୍ତ ମାନି ନ ଥିଲେ। ଦେଖୁ ଦେଖୁ ଭାସି ଯାଇଥିଲେ। ଏହା ଦେଖି ତାଙ୍କୁ ବଞ୍ଚାଇବା ପାଇଁ ସାଙ୍ଗ ମହାବୀର ପାଣିକୁ ଡେଇଁଥିଲେ। ହେଲେ ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

# ବଲାଙ୍ଗୀରର ଜେଏମ୍‌ସିସି ଚାମ୍ପିୟନ

## ରେଢାଖୋଲ କପ୍ କ୍ରିକେଟ ଉଦ୍‌ଯାପିତ

ରେଢାଖୋଲ୨।୨(ଡି.ଏନ.ଏ.)
ଭୀମ ଭୋଇ ମିନି ଷ୍ଟାଡିୟମଠାରେ ଗତ ୨୭ ତାରିଖଠାରୁ ଚାଲିଥିବା ରେଢାଖୋଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ବଲାଙ୍ଗୀରର ଜେଏମସିସି ଚାମ୍ପିୟନ ହୋଇଛି। ସମୁଦାୟ ୧୦ଟି ଦଳ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ବଲାଙ୍ଗୀର ଜେଏମସିସି ଓ ଆମ୍ବିସନ କ୍ଲବ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୧୯.୩ ଓଭରରେ ୮ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଶରତ ରାଉଳ, ବାଳକୃଷ୍ଣ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଶୁଭମ ସେଠୀ ଓ ପତିତପାବନ ସେଠ୍ ସ୍କୋରର ଥିଲେ। ମିଲନ ମହାକୁଡ ଧାରା ବିବରଣି ପ୍ରଦାନ କରିଥିଲେ। ବଲାଙ୍ଗୀର ଦଳର ଅଂଶୁମାନ ଜୟଗୁରୁ ମ୍ୟାନ ଅଫ ଦି ମ୍ୟାଚ ଓ ବ୍ରଜରାଜନଗର ଦଳର ରୋଶନ ସାହୁ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବଂଶାଜାଲ ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ ଓ ଥାନା ଅଧିକାରୀ ପ୍ରଶାନ୍ତ ସାମଲ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଦଳର ରଶ୍ମିରଞ୍ଜନ ରାଉତ, ଦେବାଶିଷ ନେପାକ, ପ୍ରସନ୍ନ ମୁଣ୍ଡା, ବେଦବ୍ରହ୍ମା ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।


ଟ୍ରଫି ସହ ବିଜୟୀ ଦଳର ଖେଳାଳି।

# କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଚିପିଲିମା,୨।୨(ଡି.ଏନ.ଏ.)
ଚିପିଲିମାସ୍ଥିତ ସମ୍ବଲପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଷୋଡଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା ଓ ସଂପ୍ରସାରଣ ନିର୍ଦ୍ଦେଶାଳୟ (ଓୟୁଏଟି) ଯୁଗ୍ମ ନିର୍ଦ୍ଦେଶକ ଡ. ମନୋରଞ୍ଜନ ମହାପାତ୍ର ଓ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବନଖଣ୍ଡ ଅଧିକାରୀ ଡ. ସଞ୍ଜୀବ କୁମାର, କୋଲକାତାସ୍ଥିତ କୃଷି ଓ ପ୍ରଯୁକ୍ତି ଅନୁସନ୍ଧାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଏସ.କେ. ମଣ୍ଡଳ, ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ଆଇସିଏଆର କୋରାପୁଟ, କୃଷି ଓ ଅନୁସନ୍ଧାନ ଗବେଷଣା କେନ୍ଦ୍ରର ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ. ଏମ. ମଧୁ, ଗୋପିନାଥ ଭୋଇ, ଡିଡିଏଚ୍ ରଞ୍ଜନ ମହାପାତ୍ର, ୱାଟରଶେଡ୍ ଏପିଡି ହରିବନ୍ଧୁ ସେଟ ପ୍ରମୁଖ ଯୋଗ ଦେଇଥିଲେ। ଭବାନୀ ହୋତା, ଦୀପାଞ୍ଜଳି କୁମ୍ଭାର, ସେବତୀ ପ୍ରଧାନ, ସୁଶୀଲା ଭୋଇ, ପଦ୍ମାବତୀ ବନଛୋର, ମନବୋଧ ସାହୁ, ସୁଶୀଲ ମିର୍ଦ୍ଧା ପ୍ରମୁଖ ଚାଷୀ ନିଜ ନିଜ ଉପଲବ୍ଧି ପ୍ରକାଶ କରିଥିଲେ। କ୍ଷେତ୍ର ବୈଜ୍ଞାନିକ ଡ. ମୋନାଲିସା ପ୍ରଧାନ, ଡ. ଜ୍ୟୋତିପ୍ରଭା ପ୍ରଧାନ, ଶ୍ରୀକାନ୍ତ ସାହୁ, ଉମା ପ୍ରଧାନ, ଆଦିତ୍ୟ ପଢ଼ିଆରୀ ପ୍ରମୁଖ ୨୦୨୦-୨୧ ପାଇଁ ପ୍ରସ୍ତୁତ ହୋଇଥିବା ଖସଡା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚିପିଲିମାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଶାଶ୍ୱତି ପଟ୍ଟନାୟକ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗୀକାର ସମାରୋହରେ ବୃକ୍ଷରୋପଣ, ସୋଲାର ବିଦ୍ୟୁତୀକରଣକୁ ଗୁରୁତ୍ୱ

ସମ୍ବଲପୁର,୨।୨(ବ୍ୟୁରୋ)
ସମ୍ବଲପୁର ମହାନଗର ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟରେ ଅଙ୍ଗୀକାର ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡୁଡା ପିଡି ବିକାଶ ଚନ୍ଦ୍ର ବେନ୍, ମହାନଗର ନିଗମ ଅତିରିକ୍ତ କମିଶନର ଅଞ୍ଜଳିନା ପ୍ରଧାନ, ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ସଂଯୋଜକ ପଓନ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜାରେ ଘର ଗୁଡିକ କିଭଳି ଶୀଘ୍ର ସମ୍ପୂର୍ଣ୍ଣ କରାଯିବ, ସମସ୍ତ ଆବାସରେ ଉଜ୍ଜଳା ଯୋଜନାରେ ଗ୍ୟାସ୍ ପ୍ରଦାନ, ବିଦ୍ୟୁତ୍ ସଂରକ୍ଷଣ ପାଇଁ ଏଲ୍‌ଇଡି ଲାଇଟ ବ୍ୟବହାର କରିବା, ଜଳ ସଂରକ୍ଷଣ ବ୍ୟବସ୍ଥା, ପାରିପାର୍ଶ୍ୱିକ ସ୍ୱଚ୍ଛତା ଓ ବୃକ୍ଷରୋପଣ କରିବା ନେଇ ଆଲୋଚନା କରାଯାଇଥିଲା । ସୋଲାର ବିଦ୍ୟୁତ୍ ଯୋଜନାକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ମହାନଗର ନିଗମ ଅଧୀନରେ ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୨୬୪୪ କାର୍ଯ୍ୟାଦେଶ ବଣ୍ଟ କରାଯାଇଛି । ସେଥିମଧ୍ୟରୁ ୮ ଶହ ଘର ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୯୮୭ ଘର ନିର୍ମାଣ ଚାଲିଛି। ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ହିତାଧିକାରୀଙ୍କୁ ଉଜ୍ଜଳା ଯୋଜନାରେ ସାମିଲ କରାଯାଇ ଏଲଇଡି ଲାଇଟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଛି।

### ବନ୍ଦ ପାଇଁ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର

ସମ୍ବଲପୁର,୨।୨(ବ୍ୟୁରୋ)
ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଫେବୃୟାରୀ ୫ ତାରିଖ ପଶ୍ଚିମ ଓଡିଶା ବନ୍ଦ ଡାକରା ଦିଆଯାଇଛି। ବଲାଙ୍ଗୀରଠାରେ ବିଭିନ୍ନ ଜିଲାର ଓକିଲ ସଂଘ ବୈଠକ ପରେ ଏହି ଡାକରା ଦିଆଯାଇଛି। ତେବେ କେତୋଟି ଜିଲାର ବାର୍ କାରଣ ଦର୍ଶାଇ ବନ୍ଦ ପାଳନରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି । ଅନ୍ୟପଟେ ଆନ୍ଦୋଳନରେ ସାମିଲ ହୋଇଥିବା ଜିଲା ଗୁଡିକ ଲୋକଙ୍କ ସମର୍ଥନ ପାଇଁ ଜୋରଦାର ଲାଗି ପଡିଛନ୍ତି । ସମ୍ବଲପୁର ଜିଲା ଓକିଲ ସଂଘ ଓ ବରିଷ୍ଠ ନାଗରିକ କମିଟି ସଦସ୍ୟମାନେ ଗ୍ରାମାଞ୍ଚଳକୁ ଯାଇ ବିଭିନ୍ନ ସ୍ଥାନରେ ବୈଠକ କରୁଛନ୍ତି। ସୋସିଆଲ ମିଡିଆକୁ ପ୍ରଚାର ପ୍ରସାର ପାଇଁ ବ୍ୟବହାର କରାଯାଉଛି। ଲୋକମାନଙ୍କ ପାଖକୁ ପଚାରପତ୍ର ପହଞ୍ଚାଯାଉଛି। ଏକ ଅଡିଓ ପ୍ରସ୍ତୁତ କରାଯାଇ ଲୋକମାନଙ୍କୁ ଆନ୍ଦୋଳନରେ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଉଛି । ସେଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ, କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ଅନୁଷ୍ଠାନ ଗୁଡିକ ବନ୍ଦ ରହିବ ବୋଲି କୁହାଯାଇଛି । ଯାନ ବାହାନ ଚଳାଚଳ ମଧ୍ୟ ବନ୍ଦ କରାଯିବ । କେବଳ ଆମ୍ବୁଲାନ୍ସ, ଦୁଗ୍ଧ ଯୋଗାଣ ଗାଡି, ଦମକଳ ପ୍ରତି କୋହଳ କରାଯାଇଥିବା ସୂଚନା ଦିଆଯାଇଛି।

### ପଶ୍ଚିମ ଓଡିଶା ବନ୍ଦକୁ ବହୁ ଅନୁଷ୍ଠାନର ସମର୍ଥନ

ସମ୍ବଲପୁର, ୨।୨ (ବ୍ୟୁରୋ)
ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ୫ ତାରିଖରେ ପଶ୍ଚିମ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଆଇନଜୀବୀଙ୍କ ଆହ୍ୱାନକୁ ବହୁ ଅନୁଷ୍ଠାନ ସମର୍ଥନ ଜଣାଇଛନ୍ତି । ରବିବାର କୋଶଳ ପରିଷଦ ପୂର୍ଣ୍ଣ ସମର୍ଥନ ଜଣାଇବାକୁ ସ୍ଥିର କରିଛି। ପରିଷଦ ସମ୍ପାଦକ ସୁନୀଲ ନନ୍ଦଙ୍କ ସମେତ ରତନ ଶର୍ମା, ଅଶୋକ ଚାନ୍ଦ, ଶିବଶଙ୍କର ମିଶ୍ର, ମହେଶ୍ୱର ବରଡ଼ି, କରୁଣାକର ପ୍ରଧାନ, ରମାକାନ୍ତ ପ୍ରଧାନ, ସନ୍ତୋଷ ବେହେରା, ଏକେ ୱାଜିର, କାର୍ତ୍ତିକ ସାହୁ ପ୍ରମୁଖ ବନ୍ଦକୁ ସମର୍ଥନ ଜଣାଇବେ ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି । କୋଶଳ ପରିଷଦ ପଶ୍ଚିମାଞ୍ଚଳ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ସେହିପରି ସମ୍ବଲପୁର ଜିଲା ପରିଷଦ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ଆଇନଜୀବୀଙ୍କ ବନ୍ଦ ଡାକରାକୁ ସଂପୂର୍ଣ୍ଣ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ରବୀନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂଦେଓ, ଜିଲା ସମ୍ପାଦକ ଏନ ଗୋପାଳ, ମିତ୍ରଭାନୁ ପୋଢ଼, ସହସମ୍ପାଦିକା ସରୋଜିନୀ ଆଚାର୍ଯ୍ୟ, ନିରୋଧ ସିଂଦେଓ, ଦିଲୀପ ବେହେରା, ଅରୁଣ ଖୁଣ୍ଟିଆ, ପାଣ୍ଡବ ମିର୍ଦ୍ଧା, ଜଗନ୍ନାଥ ପଣ୍ଡା, ବୁଦ୍ଧଦେବ ବିଶ୍ୱାଳ, ସନ୍ତୋଷ ଖୁଣ୍ଟିଆ, କରମଚାନ୍ଦ ମିର୍ଦ୍ଧା, ଭାରତ ମିର୍ଦ୍ଧା, ଚୈତନ୍ୟ ମିର୍ଦ୍ଧା, ଧ୍ରୁବ ବେହେରା, ସୌରେନ୍ଦ୍ରୀ ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ

## ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍

ସମ୍ବଲପୁର, ୨।୨ (ବ୍ୟୁରୋ)
ଓଡିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍ ରବିବାର ମ୍ୟାଚରେ କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ୪୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୩୦୭ ରନ୍ ସଂଗ୍ରହ କରିଥିଲା । ଓପନର୍ ଯୋଡି ଧୂଆଁଧାର ବ୍ୟାଟିଂ କରିଥିଲେ। ବ୍ୟାଟ୍ସମ୍ୟାନ ସ୍ୱପ୍ନେଶ ବାରିକ ୧୧୨ ବଲ୍‌ରେ ୧୦୬ ରନ୍ କର ୧୨ଟି ଚୌକା ଓ ୩ଟି ଦର୍ଶନୀୟ ଛକା ମାରିଥିଲେ। ଅଭିନବ ନନ୍ଦ ୯୬ ବଲ୍‌ରେ ୭୯ ରନ୍ କରିଥିଲେ । ବିପକ୍ଷ ସେଭେନ ହିଲ୍ସ ବୋଲର ରାହୁଲ ପ୍ରସାଦ ଓ ଅଭିଶେକ ମୁଣ୍ଡ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଶୁଭମ ସାହୁ ୨ଟି ଓ ଲକ୍ଷ୍ମୀନାରାୟଣ ଏବଂ ଲେଲିନ ପ୍ରଧାନ ଗୋଟିଏ ଲେଖାଏଁ ଉଇକେଟ ନେବାରେ ସଫଳ ହୋଇଥିଲେ । ୩୦୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ସେଭେନ ହିଲ୍ସ ବ୍ୟାଟ୍ସମ୍ୟାନ କ୍ରିଜକୁ ଓହ୍ଲାଇଥିଲେ । କିନ୍ତୁ କେନ୍ଦ୍ରୀୟ ବିଦ୍ୟାଳୟ ବୋଲରଙ୍କ ଘାତକ ବୋଲିଂ ସାମନା କରି ନ ପାରି ନିୟମିତ ବ୍ୟବଧାନରେ ବ୍ୟାଟ୍ସମ୍ୟାନମାନେ ପ୍ୟାଭିଲିୟନ୍ ଫେରି ଯାଇଥିଲେ । ଫଳରେ ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୬ ରନ ସଂଗ୍ରହ କରି ୨୬୧ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ବୋଲର କ୍ରିଷ୍ଣା ପଟେଲ ଓ ଅଭିନବ ନନ୍ଦ ୪ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ଅମ୍ପାୟର ବିଜୟ କୁମାର ଦୋରା ଓ ସୁନୀଲ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାକି ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ଖେଳାଳି ଅଭିନବ ନନ୍ଦ ୭୯ ଓ ୪ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଭାରତୀୟ ଦଳର ପୂର୍ବତନ ଖେଳାଳି ଅଶୋକ ଦିଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଭାଜପା ଯୁବନେତା ଅଶ୍ୱିନୀ ମାଝି ସମ୍ମାନିତ ଅତିଥି ଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ବିକାଶ ସମୁହ ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ଡା. ଦିଲୀପ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବଲପୁର ଜିଲା କ୍ରୀଡା ସଂଘ, ଝାରସୁଗୁଡା କ୍ରିକେଟ ସଂଘ, ଓଡିଶା କ୍ରିକେଟ ଆସୋସିଏସନ୍ ସଭ୍ୟ ଓ କର୍ମକର୍ତ୍ତା ସାମିଲ ଥିଲେ ।




ରବିବାର ସମ୍ବଲପୁର ବିକାଶ ସ୍କୁଲ ଖେଳ ପଡିଆରେ ଭାରତୀୟ କ୍ରିକେଟ ପୂର୍ବତନ ଖେଳାଳି ଅଶୋକ ଦିଣ୍ଡାଙ୍କୁ ସ୍ୱାଗତ କରାଯାଉଛି (ବାମ) ବିକାଶ ସ୍କୁଲ ଖେଳ ପଡିଆରେ ଅଭିନବ ନନ୍ଦଙ୍କୁ ରବିବାର ଅତିଥି ଅଶ୍ୱିନୀ ମାଝି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

# ମାଟ୍ରିକ ପରୀକ୍ଷା ସାଥୀ





## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ — ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧× ୫=୫**
(କ) ଚମ୍ପାରନ୍ ଜିଲ୍ଲାର ସଦର ମହକୁମାର ନାମ କ'ଣ ?
(ଖ) କେଉଁଠାରେ ବକ୍ସାଇଟ୍‌ର ସନ୍ଧାନ ମିଳିବା ପରେ ଓଡ଼ିଶାରେ ଦୁଇଟି ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠିତ ହେଲା ?
(ଗ) ଥୁମ୍ବା ବିଷୁବୀୟ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?
(ଘ) ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
(ଙ) ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳର ଶାସନ ମୁଖ୍ୟଙ୍କୁ କ'ଣ କୁହାଯାଏ ?

**୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧× ୫=୫**
(କ) ୧୯୦୮ ମସିହା ଅଗଷ୍ଟରେ ଦେଶାନ୍ତର ଗମନ ନିଷେଧ ଆଇନକୁ ବିରୋଧ କରି କେଉଁମାନେ ଗିରଫ ହୋଇଥିଲେ ?
(ଖ) କିଏ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଥିଲେ ?
(ଗ) ଭାଗ୍ୟବତୀ ପାଟ ମହାଦେଈ କେଉଁ ଅଞ୍ଚଳର ରାଣୀ ଥିଲେ ?
(ଘ) ଇରମ୍ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମହିଳାଜଣଙ୍କର ନାମ କ'ଣ ?
(ଙ) କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ଥାନ କାହାର ସଦସ୍ୟ ହେଲା ?

**୩. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫**
(କ) ତିନ୍‌ବିଘା ସମସ୍ୟାନେଇ ଭାରତର ________ ସହ ତିକ୍ତତା ହୋଇଥିଲା।
(ଖ) ମାଡ୍ରାସ୍‌ର ________ ଭାଷାଭାଷୀ ଅଞ୍ଚଳକୁ ନେଇ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା।
(ଗ) ________ ମାନେ ଓଡ଼ିଶାରେ ପାର୍ଶୀଭାଷାକୁ ରାଜଭାଷା ରୂପେ ପ୍ରଚଳନ କରିଥିଲେ।
(ଘ) ସିଂହଭୂମି ଅଞ୍ଚଳ ________ ଅଧୀନରେ ଥିଲା।
(ଙ) ଫରାସୀମାନଙ୍କର ________ ଉପନିବେଶ ବଙ୍ଗଳାରେ ରହିଥିଲା।

**୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧× ୫=୫**
(କ) ରାଓଲାଟ୍ ଆଇନ ବିରୋଧରେ ଗାନ୍ଧିଜୀଙ୍କ ଗଣ ସତ୍ୟାଗ୍ରହକୁ ସୁରେନ୍ଦ୍ରନାଥ ବାନାର୍ଜୀ ବିରୋଧ କରିଥିଲେ।
(ଖ) ମହିମା ଧର୍ମର ପ୍ରବର୍ତ୍ତକ ଥିଲେ ଭୀମଭୋଇ।
(ଗ) କୋହ୍ଲାପୁର ଓ ବରୋଦା ବମ୍ବେ ପ୍ରଦେଶ ସହ ମିଶିଯାଇଥିଲା।
(ଘ) ଅଙ୍ଗନବାଡ଼ି ହେଉଛି ସ୍ୱୟଂସହାୟକ ଦଳ।
(ଙ) ଚୋଗ୍ୟାଲ୍ ସିକିମ୍ ଅଞ୍ଚଳର ରାଷ୍ଟ୍ରମୁଖ୍ୟ ଥିଲେ।

**୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧× ୫=୫**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମହାତ୍ମା ଗାନ୍ଧୀ | ତାମିଲ ବ୍ୟାଘ୍ର |
| ଉତ୍କଳ ଦୀପିକା | ଉତ୍କଳ ସମ୍ମିଳନୀ |
| ଲର୍ଡ଼ କର୍ଜନ | ଇଣ୍ଡିଆନ୍ ଓପିନିୟନ୍ |
| ଚମ୍ପାରନ୍ | ଗୌରୀଶଙ୍କର ରାୟ |
| ଉମା ମହେଶ୍ୱରନ୍ | ରାଜକୁମାର ଶୁକ୍ଳ |

### ଭୂଗୋଳ ଓ ଅର୍ଥନୀତି

**୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧× ୫=୫**
(କ) ଲୋଏସ୍ ________ ମୃତ୍ତିକାର ଅନ୍ତର୍ଗତ। (ଅପସୃତ, ଅବଶିଷ୍ଟ, ପଟୁ, ଲୁଣା)
(ଖ) ________ ଗଛର ରସରେ ଚମଡ଼ା କଷାଯାଏ। (ଜାମୁ, ଆକାଶିଆ, ଓକ୍, ଶିମିଳି)
(ଗ) ________ ରାଜ୍ୟ ବୃଷ୍ଟିଜଳ ଅମଳ ବ୍ୟବସ୍ଥା ଲାଗୁ କରିବାରେ ଦେଶର ପ୍ରଥମ ଏବଂ ଏକମାତ୍ର ରାଜ୍ୟ ଅଟେ। (କେରଳ, ରାଜସ୍ଥାନ, ତାମିଲନାଡୁ, କର୍ଣ୍ଣାଟକ)
(ଘ) ________ ସାଧାରଣ ବଣ୍ଟନ ବ୍ୟବସ୍ଥାର ଦ୍ରବ୍ୟ ନୁହେଁ। (ଚାଉଳ, ତେଲ, ଚିନି, ସାବୁନ)
(ଙ) ________ ପ୍ରକାର ଅର୍ଥନୀତି ହେଉଛି ବଜାରଭିତ୍ତିକ ଅର୍ଥନୀତି। (ଶିଳ୍ପୀକରଣ, ଉଦାରୀକରଣ, ଜଗତୀକରଣ, ଘରୋଇକରଣ)

**୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧× ୫=୫**
(କ) କଂକର ମୃତ୍ତିକା
(ଖ) ଲାଲ ତଥ୍ୟ ପୁସ୍ତକ
(ଗ) ମିଲ୍‌ପା
(ଘ) ମିଶ୍ର ଅର୍ଥ ବ୍ୟବସ୍ଥା
(ଙ) ସାଧାରଣ ବଣ୍ଟନ ବ୍ୟବସ୍ଥା

**୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧× ୫=୫**
(କ) ଟୁଥପେଷ୍ଟର ଚମକ ପାଇଁ <u>ସୀସା</u> ଖଣିଜ ବ୍ୟବହାର କରାଯାଏ।
(ଖ) <u>କେରଳ ରାଜ୍ୟରେ</u> ଅଧିକ ଗହମ ଚାଷ କରାଯାଏ।
(ଗ) ଖାଉଟି ଅଭିଯୋଗର ଶୁଣାଣି <u>୬ ମାସ</u> ମଧ୍ୟରେ ହେବାର ବ୍ୟବସ୍ଥା ରହିଛି।
(ଘ) ରିକ୍‌ସା ଚାଳକ <u>ପ୍ରାବିଧିକ</u> ବେକାରୀର ଅନ୍ତର୍ଗତ।
(ଙ) ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭବ୍ୟାଙ୍କ୍ <u>ରାଜସ୍ୱସଂକ୍ରାନ୍ତ</u> ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି।

**୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧× ୫=୫**
(କ) ଭିତର କନିକା ଓ ଓଡ଼ିଶାର ଉପକୂଳରେ ଦେଖାଯାଉଥିବା ବିରଳ କଙ୍କଡ଼ା।
(ଖ) ଆଲୁମିନିୟମ୍ ଉତ୍ତୋଳନ କରାଯାଉଥିବା ଖଣିଜପିଣ୍ଡ।
(ଗ) ଚୂର୍ଣ୍ଣୀଭବନ ପ୍ରକ୍ରିୟାରେ ଶିଳା କ୍ଷୁଦ୍ର ରେଣୁରେ ପରିଣତ ହୋଇ ଜମା ହେବା ଫଳରେ ସୃଷ୍ଟି ହେଉଥିବା ମୃତ୍ତିକା।
(ଘ) କୃଷି ପାଇଁ ଅନୁକୂଳ ସମୟ ଛଡ଼ା ଅନ୍ୟ ସମୟରେ ବେକାର ରହୁଥିବା ଶ୍ରମିକ।
(ଙ) ଜିଲ୍ଲାସ୍ତରୀୟ ଖାଉଟି ଅଦାଲତ

**୧୦. ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତଗୁଡ଼ିକ ଦର୍ଶାଅ। [୧× ୩=୩**
(କ) (୧) ଅଙ୍କଲେଶ୍ୱର ତୈଳ ଖଣି
(୨) ଓ୍ୱାଇନାଡ ରାଷ୍ଟ୍ରୀୟ ଉଦ୍ୟାନ
(୩) ସିଙ୍ଗ୍‌ଭଲି
(ଖ) ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର: [୨
୧. ଭାରତୀୟ ବଷ୍ଟାର୍ଡ଼ : ରାଜସ୍ଥାନ : : ହୁଲକ୍ ଗିବନ : ________।
୨. ରାଜ୍ୟ: ରାଜ୍ୟ ଖାଉଟି କମଶିନ : : ଜିଲ୍ଲା : ________ ।

### PART – II (SUBJECTIVE)

#### ଭୂଗୋଳ

**11.(A)** ଭାରତରେ କୃଷି ଭୂମିର ବିତରଣ ଓ ବ୍ୟବହାର ବର୍ଣ୍ଣନା କର। [4
**କିମ୍ବା,** ଭାରତରେ ଭୂ-ସମ୍ବଳର ପ୍ରକାର ଭେଦ ସମ୍ବନ୍ଧରେ ଏକ ବିବରଣୀ ଦିଅ।
**(B)** ଭାରତର ଅର୍ଥନୀତିରେ ଶିଳ୍ପକ୍ଷେତ୍ରର ଭୂମିକା ଆଲୋଚନା କର।[4
**କିମ୍ବା,** ଭାରତରେ ଜଳାଭାବର କାରଣଗୁଡ଼ିକ ଆଲୋଚନା କର।

**12.(A) ସଂକ୍ଷେପରେ ଉତ୍ତର ଦିଅ।** [3
ଆମ ଦେଶର ଗ୍ରାମାଞ୍ଚଳରେ କାହିଁକି ଜୈବ-ବାଷ୍ପର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି ?
**କିମ୍ବା,** ପ୍ରାକୃତିକ ଗ୍ୟାସ୍ ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ ହେବ ବୋଲି କାହିଁକି ବିଶ୍ୱାସ କରାଯାଉଛି ?
**(B) ସଂକ୍ଷେପରେ ଉତ୍ତର ଲେଖ।** [3
ପବନ ଶକ୍ତି
**କିମ୍ବା,** କୃଷ୍ଣହୀରକ
**(C)** ଆର୍ଥନୀତିକ ବିକାଶ କହିଲେ କ'ଣ ବୁଝାଏ ? [3
**କିମ୍ବା,** ବିଶ୍ୱ ବାଣିଜ୍ୟ ସଂଗଠନ କେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ?

**13.(A) କାରଣ ଦର୍ଶାଅ।**
ପଟୁ ମୃତ୍ତିକା କୃଷି କାର୍ଯ୍ୟ ପାଇଁ ବିଶେଷ ଉପଯୋଗୀ। [2
**କିମ୍ବା,** ଲୁଣା ଓ କ୍ଷାରୀୟ ମୃତ୍ତିକା ଅନୁର୍ବର ହୋଇଥାଏ।
**(B) ପାର୍ଥକ୍ୟ ଦର୍ଶାଅ।** [2
ଧାତବ ଖଣିଜ ଓ ଅଧାତବ ଖଣିଜ
**କିମ୍ବା,** ଭେନ୍ ଓ ଲୋଡ୍
**(C) ସଂକ୍ଷିପ୍ତ ଟିପ୍ପଣୀ ଲେଖ।:** [2
ସବୁଜ ବିପ୍ଳବ:
**କିମ୍ବା,** ପାରମ୍ପରିକ ଶକ୍ତି
**(D) ପାର୍ଥକ୍ୟ ଦର୍ଶାଅ।** [2
ଭାରତର ଦେଶୀୟ କମ୍ପାନୀ ଓ ବହୁରାଷ୍ଟ୍ରୀୟ କମ୍ପାନୀ
**କିମ୍ବା,** ବେକାରୀ ଓ ଅର୍ଦ୍ଧବେକାରୀ

#### ଇତିହାସ ଓ ରାଜନୀତି ବିଜ୍ଞାନ

**14. ସଂକ୍ଷେପରେ ଉତ୍ତର ଦିଅ।** [4
**(A)** ଇରମ ଗୁଳିକାଣ୍ଡ ସଂପର୍କରେ ଏକ ବିବରଣୀ ପ୍ରଦାନ କର।
**କିମ୍ବା,** ଭାରତ ଛାଡ଼ ଚାଲିଯିବା ପଛରେ ସୁଭାଷ ବୋଷଙ୍କ ଉଦ୍ଦେଶ୍ୟ ଓ ଚିନ୍ତାଧାରା କ'ଣ ଥିଲା ?
**(B)** ଶିଳ୍ପ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଓଡ଼ିଶାରେ ସେଗୁଡ଼ିକର ଉପଲବ୍ଧତା ସମ୍ପର୍କର ବିବରଣୀ ଦିଅ। [4
**କିମ୍ବା,** ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା କେବେଠାରୁ କାର୍ଯ୍ୟକାରୀ ହେଉଛି ? ଏହାର ଲକ୍ଷ୍ୟଗୁଡ଼ିକ କ'ଣ ?

**15. ସଂକ୍ଷେପରେ ଉତ୍ତର ଦିଅ।**
**(A)** ଭାରତ ଛାଡ଼ ଆନ୍ଦୋଳନ ପ୍ରସ୍ତାବ କଂଗ୍ରେସର କେଉଁ ଅଧିବେଶନରେ ଅନୁମୋଦିତ ହୋଇଥିଲା ? ଏହି ଅଧିବେଶନରେ କିଏ ପ୍ରସ୍ତାବଟିକୁ ଆଗତ କରିଥିଲେ ଓ କିଏ ସମର୍ଥନ କହିଥିଲେ ?
**କିମ୍ବା,** ଲାହୋର କଂଗ୍ରେସ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ଏବଂ ସେଠାରେ କ'ଣ ଘୋଷଣା କରାଯାଇଥିଲା ?
**(B)** ମଧୁବାବୁ ଉତ୍କଳ ସମ୍ମିଳନୀ ସହିତ କାହିଁକି ସମ୍ପର୍କ ଛିନ୍ନ କରିଥିଲେ ? [3
**କିମ୍ବା,** 'ଅପରେସନ୍ ଗୁଲମାର୍ଗ' କ'ଣ ଥିଲା ?
**(C)** ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତି ଓ ପରୋକ୍ଷ ନିର୍ବାଚନ ପଦ୍ଧତି ମଧ୍ୟରେ ପାର୍ଥକ୍ୟ କ'ଣ ଏବଂ କେଉଁମାନେ ପରୋକ୍ଷ ନିର୍ବାଚନ ପଦ୍ଧତିରେ ନିର୍ବାଚିତ ହୁଅନ୍ତି ? [3
**କିମ୍ବା,** ୧୯୭୧ ଡିସେମ୍ବର ୧୦ରେ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିରେ କି କି ବ୍ୟବସ୍ଥା ଥିଲା ?

**16. ସଂକ୍ଷେପରେ ଉତ୍ତର ଦିଅ :** [2
**(A)** କାହା ଉଦ୍ୟମରେ ବଙ୍ଗ ଜାତୀୟସଭା ଗଠନ କରାଯାଇଥିଲା ଏବଂ ଏହାର ଉଦ୍ଦେଶ୍ୟ କ'ଣ ଥିଲା ?
**କିମ୍ବା,** ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ପ୍ରତିନିଧିମାନଙ୍କୁ କ'ଣ ପିନ୍ଧିବାକୁ ବାଧ କରାଯାଇଥିଲା ? ଏହି ସମ୍ମିଳନୀରେ କେଉଁ ସ୍ଲୋଗାନ ଦିଆଯାଇଥିଲା ?
**(B)** ପର୍ତ୍ତୁଗୀଜମାନେ କେବେ ଓ କାହା ସାହାଯ୍ୟରେ ଗୋଆ ଅଧିକାର କରିଥିଲେ ? [2
**କିମ୍ବା,** ଉତ୍କଳ ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହା ପ୍ରଥମାବସ୍ଥାରେ କିପରି କାର୍ଯ୍ୟ ଆରମ୍ଭ କରିଥିଲା ?
**(C)** କେଉଁ ଆଇନ ବଳରେ ଓଡ଼ିଶାରୁ 'ଗୋତିପ୍ରଥା' ଉଚ୍ଛେଦ କରାଯାଇଥିଲା ଏବଂ କେବେ ? [2
**କିମ୍ବା,** ଭାରତ ତା'ର ଦ୍ୱିତୀୟ ପରମାଣୁ ବୋମା କେବେ ଓ କେଉଁଠାରେ କରିଥିଲା ?
**(D)** ଭାରତରେ ମୁଖ୍ୟ ନିର୍ବାଚନ ଆୟୋଗକୁ କିଏ ନିଯୁକ୍ତ କରନ୍ତି ଏବଂ ନିର୍ବାଚନ ଆୟୋଗକୁ କିପରି ଶକ୍ତିଶାଳୀ କରାଯାଇଛି ? [2
**କିମ୍ବା,** ଭାରତ ଓ ଭୁଟାନ ମଧ୍ୟରେ କେଉଁ ମସିହାରେ ବନ୍ଧୁତ୍ୱର ସନ୍ଧି ସ୍ୱାକ୍ଷରିତ ହୋଇଥିଲା ଏବଂ କାହାର ଭାରତ ଗସ୍ତ ସମୟରେ ଏହାକୁ ପରିମାର୍ଜିତ ଓ ସମୟୋପଯୋଗୀ କରାଯାଇଥିଲା ?

### ANSWER: PART – I (OBJECTIVE)

୧. (କ) ମୋତିହାରି (ଖ) ପଞ୍ଚପତିମାଳି(ଗ) କେରଳ (ଘ) କଟକ (ଙ) ଉପରାଜ୍ୟପାଳ

୨. (କ) ୧୯୦୮ ମସିହା ଅଗଷ୍ଟରେ ଦେଶାନ୍ତର ଗମନ ନିଷେଧ ଆଇନକୁ ବିରୋଧ କରି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟମାନେ ଗିରଫ ହୋଇଥିଲେ। (ଖ) ମୌଲାନା ଅବୁଲ କାଲାମ୍ ଆଜାଦ୍ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଥିଲେ। (ଗ) ଭାଗ୍ୟବତୀ ପାଟ ମହାଦେଈ କୁଜଙ୍ଗର ରାଣୀ ଥିଲେ। (ଘ) ଇରମ୍ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମହିଳା ଜଣଙ୍କର ନାମ ଥିଲା ପରିବେଓ୍ୱା। (ଙ) କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ଥାନ ସିଆଟୋର ସଦସ୍ୟ ହେଲା।

୩. (କ) ବଙ୍ଗଳାଦେଶ (ଖ) ତେଲୁଗୁ (ଗ) ମରହଟ୍ଟା (ଘ) ଛୋଟନାଗପୁର (ଙ) ଚନ୍ଦନନଗର

୪. (କ) ✓ (ଖ) × (ଗ) ✓ (ଘ) × (ଙ) ✓

୫.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମହାତ୍ମା ଗାନ୍ଧୀ | ଇଣ୍ଡିଆନ୍ ଓପିନିୟନ୍ |
| ଉତ୍କଳ ଦୀପିକା | ଗୌରୀଶଙ୍କର ରାୟ |
| ଲର୍ଡ଼ କର୍ଜନ | ଉତ୍କଳ ସମ୍ମିଳନୀ |
| ଚମ୍ପାରନ୍ | ରାଜକୁମାର ଶୁକ୍ଳ |
| ଉମା ମହେଶ୍ୱରନ୍ | ତାମିଲ ବ୍ୟାଘ୍ର |

୬. (କ) ଅପସୃତ (ଖ) ଆକାଶିଆ (ଗ) ତାମିଲନାଡୁ (ଘ) ସାବୁନ (ଙ) ଜଗତୀକରଣ

୭. (କ) ଭାଙ୍ଗର ମୃତ୍ତିକାରେ ଚୂନ ଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଂକର ମୃତ୍ତିକା କୁହାଯାଏ। (ଖ) ବିଶ୍ୱ ସଂରକ୍ଷଣ ସଂଘ ଦ୍ୱାରା ସଂକଟାପନ୍ନ ଜାତିର ଜୀବମାନଙ୍କ ଉପରେ ପ୍ରକାଶ ପାଉଥିବା ପୁସ୍ତକର ନାମ ହେଉଛି ଲାଲ ତଥ୍ୟ ପୁସ୍ତକ। (ଗ) ମେକ୍ସିକୋ ଓ କେନ୍ଦ୍ରୀୟ ଆମେରିକାରେ ସ୍ଥାନାନ୍ତରିତ କୃଷିକୁ ମିଲ୍‌ପା କୁହାଯାଏ। (ଘ) ଯେଉଁ ଅର୍ଥବ୍ୟବସ୍ଥାରେ ଉଭୟ ପୁଞ୍ଜିବାଦୀ ଓ ସମାଜବାଦୀ ଅର୍ଥବ୍ୟବସ୍ଥାର ମିଶ୍ରଣ ଦେଖିବାକୁ ମିଳେ ତାହାକୁ ମିଶ୍ର ଅର୍ଥବ୍ୟବସ୍ଥା କୁହାଯାଏ। (ଙ) ଯେଉଁ ବ୍ୟବସ୍ଥା ଦ୍ୱାରା ଦରବୃଦ୍ଧି ସମୟରେ ସରକାର ଲୋକମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇଥା'ନ୍ତି ତାହାକୁ ସାଧାରଣ ବଣ୍ଟନ ବ୍ୟବସ୍ଥା କୁହାଯାଏ।

୮. (କ) ଟୁଥପେଷ୍ଟର ଚମକ ପାଇଁ ଅଭ୍ର ଖଣିଜ ବ୍ୟବହାର କରାଯାଏ। (ଖ) ପଞ୍ଜାବ ରାଜ୍ୟରେ ଅଧିକ ଗହମ ଚାଷ କରାଯାଏ। (ଗ) ଖାଉଟି ଅଭିଯୋଗର ଶୁଣାଣି ୩ ମାସ ମଧ୍ୟରେ ହେବାର ବ୍ୟବସ୍ଥା ରହିଛି। (ଘ) ରିକ୍‌ସା ଚାଳକ ପ୍ରଚ୍ଛନ୍ନ ବେକାରୀର ଅନ୍ତର୍ଗତ। (ଙ) ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭବ୍ୟାଙ୍କ୍ ମୁଦ୍ରାଗତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି।

୯. (କ) ନୀଳ କଙ୍କଡ଼ା (ଖ) ବକ୍ସାଇଟ୍ (ଗ) ଅବଶିଷ୍ଟ ମୃତ୍ତିକା (ଘ) ଋତୁକାଳୀନ ବେକାରୀ (ଙ) ଜିଲ୍ଲା ବିଚାର ମଞ୍ଚ

୧୦. (କ)




(ଖ) (୧) ଆସାମ (୨) ଜିଲ୍ଲା ବିଚାର ମଞ୍ଚ।

### ANSWER: PART – II (SUBJECTIVE)

**11.(A)** (i) ଭାରତର କୃଷିଭୂମିର ଆୟତନ ସମୁଦାୟ କ୍ଷେତ୍ରଫଳ ୨୦୧୧-୧୨ ମସିହା ରେ ଶତକଡ଼ା ୪୬-୬୪ ଭାଗ ବା ପ୍ରାୟ ୧୮୭.୫ ନିୟୁତ ହେକ୍ଟର।
(ii) ବିଭିନ୍ନ ନଦୀ ଓ ଉପନଦୀଗଡ଼ିକର ଅବବାହିକା, ପ୍ଳାବନ ଭୂମି ଓ ତ୍ରିକୋଣଭୂମି ଅଞ୍ଚଳ, ପୂର୍ବ ତଥା ପଶ୍ଚିମ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳର ମୃତ୍ତିକା ଉର୍ବର ହେତୁ ଏ ଅଞ୍ଚଳମାନଙ୍କରେ ଅଧିକ କୃଷିକାର୍ଯ୍ୟ କରାଯାଏ।
(iii) ଗୁଜରାଟ ଓ ମହାରାଷ୍ଟ୍ରର ଲାଭାଜନିତ ମାଳଭୂମିରେ କୃଷିକାର୍ଯ୍ୟ ଅଧିକ କରାଯାଏ।
(iv) ପାର୍ବତ୍ୟ, ଡାଲୁ ଓ ମାଳ ଅଞ୍ଚଳରେ ଶୁଷ୍କ କୃଷି, ସୋପାନ କୃଷି କରାଯାଇଥାଏ।

**କିମ୍ବା,**
(i) ଉଚ୍ଚାବଚ୍ଚ ଦୃଷ୍ଟିରୁ ଭୂମିକୁ ତିନିଭାଗରେ ବିଭକ୍ତ କରାଯାଇଛି; ଯଥା- ପାର୍ବତ୍ୟଭୂମି, ମାଳଭୂମି ଓ ସମତଳ ଭୂମି।
(ii) ପାର୍ବତ୍ୟଭୂମି ଅଧିକ ଉଚ୍ଚ, ତିଖ ଓ ଡାଲୁ ତଥା ଶୃଙ୍ଗ ବିଶିଷ୍ଟ ଭୂମି। ଏହା ସମୁଦାୟ ଭୂ-ଭାଗର ପ୍ରାୟ ଶତକଡ଼ା ୩୦ ଭାଗ।
(iii) ମାଳଭୂମି ହେଉଛି ମଧ୍ୟମ ଉଚ୍ଚତା ବିଶିଷ୍ଟ ସମୋଚ୍ଚଭୂମି। ଏହା ସମୁଦାୟ ଭୂ-ଭାଗର ପ୍ରାୟ ଶତକଡ଼ା ୨୭ ଭାଗ।
(iv) ସମତଳ ଭୂମି ହେଉଛି କମ୍ ଉଚ୍ଚତା ବିଶିଷ୍ଟ ନଦୀ ଉପତ୍ୟକା ଓ ସମୁଦ୍ର ଉପକୂଳବର୍ତ୍ତୀ ଭୂମି। ଏହା ସମୁଦାୟ ଭୂ-ଭାଗର ପ୍ରାୟ ୪୩ ଭାଗ। ଏହା ବ୍ୟତୀତ ସମୁଦ୍ର, ହ୍ରଦ ଓ ଦ୍ୱୀପ ମଧ୍ୟ ଭୂ-ସମ୍ବଳର ଅର୍ନ୍ତଭୁକ୍ତ।

**(B)** (i) ୧୯୫୧ ମସିହା ପରଠାରୁ ପଞ୍ଚବାର୍ଷିକ ଯୋଜନା ଦ୍ୱାରା ହୋଇଥିବା ଶିଳ୍ପ ବିକାଶ ଦେଶର ପ୍ରଗତିରେ ସହାୟକ ହୋଇଛି। ଦେଶ ଖାଉଟି ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାସହ ରପ୍ତାନୀ କରିବାରେ ସକ୍ଷମ ହୋଇପାରିଛି। ଲୌହ ଇସ୍ପାତ ଶିଳ୍ପରେ ଆମ ଦେଶରେ ପ୍ରଶଂସନୀୟ ବିକାଶ ଘଟିଛି।
(ii) ଦେଶୀୟ କଞ୍ଚାମାଲ ବିନିଯୋଗ ଦ୍ୱାରା ଅର୍ଥନୀତି, ବିଶେଷ କରି ବିଦେଶୀ ମୁଦ୍ରା ଭଣ୍ଡାର ସୁଦୃଢ଼ ହୋଇଛି।
(iii) ଶକ୍ତି, ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି। କୃଷିକ୍ଷେତ୍ରରେ ବଳକା ଶ୍ରମିକଙ୍କୁ ଶିଳ୍ପରେ ନିୟୋଜନ ହେତୁ ଉତ୍ପାଦିକା ଶକ୍ତି ତଥା ମୁଣ୍ଡପିଛା ଆୟ ବୃଦ୍ଧି ହୋଇପାରିଛି।
(iv) ଶିଳ୍ପ ଅଭିବୃଦ୍ଧି ହାର ଗତ ଦଶନ୍ଧିର ୭ପ୍ରତିଶତରୁ ବୃଦ୍ଧି ପାଇ ୯ରୁ ୧୦ ପ୍ରତିଶତରେ ପହଞ୍ଚିଛି ଓ ଆଗାମୀ ଦଶନ୍ଧିରେ ୧୨ ପ୍ରତିଶତ ହେବାର ଆଶା କରାଯାଉଛି।

**କିମ୍ବା,**
(i) ଭାରତରେ ଋତୁ ଅନୁସାରେ ବୃଷ୍ଟିପାତର ଅନିଶ୍ଚିତତା ଦେଖାଯାଏ।
(ii) ଜନସଂଖ୍ୟା ବୃଦ୍ଧି ହେତୁ ଜଳର ଅତ୍ୟଧିକ ଆବଶ୍ୟକ ଅନୁଭୂତ ହେଉଛି। ଅଧିକ ଜନସଂଖ୍ୟା ଯୋଗୁଁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ଆବଶ୍ୟକ ଓ ଏଥିପାଇଁ ଅଧିକ ଜଳର ଆବଶ୍ୟକତା ପଡ଼ିଥାଏ।
(iii) ଶିଳ୍ପାୟନ ଓ ସହରୀକରଣ ହେତୁ ଜଳର ଆବଶ୍ୟକ ଅଧିକ ହୋଇଥାଏ।
(iv) କେତେକ ଲୋକମାନଙ୍କଠାରୁ ଜଳ ଉତ୍ସର ଅଧିକ ଦୂରତ୍ୱ ଯୋଗୁଁ ଜଳାଭାବ ଦେଖାଯାଏ।

**12.(A)**(i) ଗ୍ରାମାଞ୍ଚଳରେ ଗାଈଗୋରୁଙ୍କର ମଳମୂତ୍ରରୁ ଗୋବର ଗ୍ୟାସ୍ ପ୍ଲାଣ୍ଟଦ୍ୱାରା ଜୈବଗ୍ୟାସ୍ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହାର ଦୁଇଟି କାରଣ ହେଉଛି-
(ii) ଜୈବ ବସ୍ତୁତ୍ୱର ଅପଘଟନରୁ ମିଳୁଥିବା ଗ୍ୟାସ୍ କିରୋସିନି, ଘଷି ଆଦିଠାରୁ ତାପ ପ୍ରଦାନ ଶକ୍ତି ଅଧିକ ଏବଂ ଏହା ରନ୍ଧନ ପାଇଁ ବିଶେଷ ଉପଯୋଗୀ ହୁଏ।
(iii) ଏହାଛଡ଼ା ଗୋବର ଅପଘଟିତ ହୋଇ ଚାଷ ପାଇଁ ଉତ୍କୃଷ୍ଟ ଜୈବସାର ମିଳିଥାଏ।

**କିମ୍ବା,**
(i) ପ୍ରାକୃତିକ ଗ୍ୟାସ୍ ଏକ ନିର୍ମଳ ଏବଂ ଗୁରୁତ୍ୱପୂର୍ଣ୍ଣ ଶକ୍ତିସ୍ରୋତ। ଏହା ପେଟ୍ରୋଲିୟମ୍ ଖଣି କିମ୍ବା ଅଲଗା ଖଣିରୁ ମିଳିଥାଏ।
(ii) ପେଟ୍ରୋଲିୟମ୍ ଶିଳ୍ପରେ କଞ୍ଚାମାଲ ଭାବରେ ଏବଂ ଶକ୍ତି କେନ୍ଦ୍ର ତଥା ପରିବହନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ।
(iii) ଏହାର ବ୍ୟବହାର ଦ୍ୱାରା କମ୍ କାର୍ବନ୍ ଡାଇ ଅକ୍‌ସାଇଡ୍ ଗ୍ୟାସ୍ ବାହାରୁଥିବା ହେତୁ ବିଶେଷ ପରିବେଶ ପ୍ରଦୂଷଣ କରେ ନାହିଁ।

**(B)** (i) ଭାରତ ପବନ ଶକ୍ତି ବ୍ୟବହାର ଦୃଷ୍ଟିରୁ ଏକ ଅଗ୍ରଣୀ ଦେଶ।
(ii) ଦେଶର ସର୍ବବୃହତ୍ ପବନଶକ୍ତି ବିନିଯୋଗ କ୍ଷେତ୍ର ତାମିଲନାଡୁ ରାଜ୍ୟର ନଗରକୋଏଲ୍‌ରୁ ମଦୁରାଇ ପର୍ଯ୍ୟନ୍ତ ଲମ୍ବିଛି।
(iii) ଏହା ବ୍ୟତୀତ କର୍ଣ୍ଣାଟକ, ଗୁଜରାଟ, କେରଳ, ମହାରାଷ୍ଟ୍ର, ରାଜସ୍ଥାନର ଜଇସାଲମାର ଓ ଲାକ୍ଷାଦ୍ୱୀପରେ ପବନ ଶକ୍ତି କେନ୍ଦ୍ରମାନ କାର୍ଯ୍ୟକାରୀ ହେଉଛି।

**କିମ୍ବା,**
(i) ଜାଳେଣୀ ଶକ୍ତି ହିସାବରେ କୋଇଲାର ବ୍ୟବହାର ସର୍ବାଧିକ।
(ii) ରାସାୟନିକ ଶିଳ୍ପରେ କୋଇଲା ମୁଖ୍ୟ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।
(iii) ରଙ୍ଗ, ସାର ଭଳି ବିଭିନ୍ନ ରାସାୟନିକ ପଦାର୍ଥ ତଥା ଉପ ଉତ୍ପାଦ ଭାବେ ଆଲକାତରା, ସଲଫର, ବେଞ୍ଜିନ୍, ଆମୋନିଆ ବାଷ୍ପ, ନାଫ୍‌ଥା ଆଦି ଅନେକ ଦରକାରୀ ପଦାର୍ଥ କୋଇଲାରୁ ମିଳୁଥିବାରୁ ଏହାକୁ କୃଷ୍ଣହୀରକ କୁହାଯାଏ।

**(C)**(i) ଆର୍ଥନୀତିକ ବିକାଶ କହିଲେ ମୁଖ୍ୟତଃ ଆର୍ଥନୀତିକ ଅଭିବୃଦ୍ଧିକୁ ବୁଝାଏ। ଆର୍ଥିକ ଅଭିବୃଦ୍ଧି ଯୋଗୁଁ ଆର୍ଥିକ ବିକାଶ ସମ୍ଭବ ହୁଏ। ଦେଶର ମୁଣ୍ଡପିଛା ଆୟ ଓ ଜାତୀୟ ଆୟରେ କ୍ରମାଗତ ଅଭିବୃଦ୍ଧି ଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇଥାଏ।
(ii) କିନ୍ତୁ କେବଳ ଆର୍ଥିକ ଅଭିବୃଦ୍ଧିକୁ ଆର୍ଥନୀତିକ ବିକାଶ କୁହାଯାଇପାରିବ ନାହିଁ।
(iii) ଏଥିପାଇଁ ଲୋକଙ୍କର ଆର୍ଥିକ ଉନ୍ନତି ବ୍ୟତୀତ ଜୀବନଯାପନ ମାନ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧି ପ୍ରକୃତିରେ ଆର୍ଥନୀତିକ ବିକାଶ ସୂଚାଏ।

**କିମ୍ବା,**
ବିଶ୍ୱବାଣିଜ୍ୟ ସଂଗଠନ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଯଥା:-
(i) ପୃଥିବୀର ବିଭିନ୍ନ ଦେଶ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।
(ii) ଦେଶ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ରାଜିନାମା ପରିବର୍ତ୍ତେ ବହୁପାକ୍ଷିକ ରାଜିନାମା ପ୍ରବର୍ତ୍ତନ।
(iii) ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନୀ ରପ୍ତାନୀ ନିୟମ ତଥା କଟକଣା ଉଚ୍ଛେଦ।

**13.(A)** (i) ପଟୁ ମୃତ୍ତିକାରେ ବିଭିନ୍ନ ପରିମାଣରେ ବାଲୁକାରେଣୁ, ପଟୁ ଓ କର୍ଦ୍ଦମ ମିଶ୍ରିତ ଭାବେ ରହିଥାଏ।
(ii) ଏଥିରେ ଅଧିକ ପରିମାଣର ଖଣିଜପଦାର୍ଥାଂଶ ଓ ଜୈବାଂଶ ଥିବାରୁ ଏହା ଅତ୍ୟନ୍ତ ଉର୍ବର ଓ କୃଷି କାର୍ଯ୍ୟ ପାଇଁ ବିଶେଷ ଉପଯୋଗୀ।

**କିମ୍ବା,**
(i) ଲୁଣା ମାଟିରେ ସୋଡ଼ିୟମ୍ କମ୍ ଓ ଅନ୍ୟାନ୍ୟ ଲବଣ ପଦାର୍ଥ ଅଧିକ ଥାଏ। ଏଥିରେ କାଲସିୟମ୍ ଓ ଯବକ୍ଷାରଜାନର ଅଭାବ ପରିଲକ୍ଷିତ ହୁଏ।
(ii) ଏହାର ଜଳଧାରଣ କ୍ଷମତା ବହୁତ କମ୍ ହୋଇଥାଏ। ତେଣୁ ଏହା ଅନୁର୍ବର ହୋଇଥାଏ।

**(B)** (i) ଖଣିଜ ପିଣ୍ଡରେ ଅଧିକ ପରିମାଣରେ ଧାତବ ପଦାର୍ଥ ଥିଲେ ତାକୁ ଧାତବ ଖଣିଜ କୁହାଯାଏ। ଲୁହାପଥର ଓ ମାଙ୍ଗାନିଜ୍ ଆଦି ଲୌହ ମିଶ୍ରିତ ଖଣିଜ ଏବଂ ବକ୍ସାଇଟ୍, ତମ୍ବା ଆଦି ଲୌହ ବିହୀନ ଖଣିଜ ଏବଂ ସୁନା, ରୂପା ଆଦି ମୂଲ୍ୟବାନ ଖଣିଜର ଉଦାହରଣ।
(ii) ଖଣିଜ ପିଣ୍ଡରେ ପ୍ରାୟତଃ ଧାତବ ପଦାର୍ଥ ନଥିଲେ ତାକୁ ଅଧାତବ ପଦାର୍ଥ କୁହାଯାଏ।
ଅଭ୍ର, ଲବଣ, ପଟାସ୍, ସଲଫର୍, ଚୂନପଥର, ମାର୍ବଲ, ଗ୍ରାନାଇଟ୍ ଆଦି ଅଧାତବ ଖଣିଜର ଉଦାହରଣ।

**କିମ୍ବା,**
(i) ଆଗ୍ନେୟ ଓ ରୂପାନ୍ତରିତ ଶିଳା ମଧ୍ୟରେ ଥିବା ଫାଟ, ଖଞ୍ଜା, ଭୂଭ୍ରଂଶ ବା ଛିଦ୍ର ମଧ୍ୟରେ ସ୍ୱଳ୍ପ ପରିମାଣରେ ଥିବା ଖଣିଜର ପତଳା ସ୍ତରକୁ ଭେନ୍ କୁହାଯାଏ।
(ii) ଆଗ୍ନେୟ ଓ ରୂପାନ୍ତରିତ ଶିଳା ମଧ୍ୟରେ ଥିବା ଫାଟ, ଖଞ୍ଜା, ଭୂଭ୍ରଂଶ ବା ଛିଦ୍ର ମଧ୍ୟରେ ଥିବା ଖଣିଜର ବହଳ ସ୍ତରକୁ ଲୋଡ୍ କୁହାଯାଏ।

**(C)**(i) ଉନ୍ନତ ବିହନ, ରାସାୟନିକ ସାର, କୀଟନାଶକ ଔଷଧ ଓ ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ଅଧିକ ଶସ୍ୟ ଉତ୍ପାଦନକୁ ସବୁଜ ବିପ୍ଳବ ବୋଲି କୁହାଯାଏ।
(ii) ଏହା ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ କରାଯାଇଥାଏ। ଏହା ପରିବେଶ ଉପରେ କୁପ୍ରଭାବ ପ୍ରକାଉଛି।

**କିମ୍ବା,**
(i) ପାରମ୍ପରିକ ଶକ୍ତିଗୁଡ଼ିକ କ୍ଷୟଶୀଳ। ବହୁ ପୁରାକାଳରୁ ଏହି ଶକ୍ତି କାର୍ଯ୍ୟରେ ଲାଗି ଆସୁଛି।
(ii) ପେଟ୍ରୋଲିୟମ୍, କୋଇଲା, ପ୍ରାକୃତିକ ଗ୍ୟାସ୍, ବିଦ୍ୟୁତ୍ ଶକ୍ତି ଆଦି ପାରମ୍ପରିକ ଶକ୍ତିର ଅନ୍ତର୍ଗତ।

**(D)** (i) **ଭାରତର ଦେଶୀୟ କମ୍ପାନୀ-**
ଭାରତର ସରକାରୀ ଓ ବେସରକାରୀ ଉଦ୍ୟୋଗୁଡ଼ିକର ଉତ୍ପାଦନ ପରିମାଣ କାର୍ଯ୍ୟଦକ୍ଷତା ଓ ଗୁଣବତ୍ତା କମ୍ ହେତୁ ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାକୁ ଅକ୍ଷମ।
(ii) **ବହୁରାଷ୍ଟ୍ରୀୟ କମ୍ପାନି :**
ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଗୋଟିଏ ଦେଶରେ ଥାଏ, କିନ୍ତୁ ଉଭୟ ଉତ୍ପାଦର ପ୍ରସ୍ତୁତ ତଥା ବିକ୍ରୟ କାର୍ଯ୍ୟ ଓ ତତ୍ ପରବର୍ତ୍ତୀ ସେବା ବିଭିନ୍ନ ଦେଶରେ କରାଯାଇଥାଏ। ଏହାଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଅଧିକ ପରିମାଣର ଓ ଉନ୍ନତମାନର ଦ୍ରବ୍ୟ ଉତ୍ପାଦନ ହେତୁ ଅଧିକ ବିକ୍ରି ଓ ଲାଭ ହୋଇଥାଏ।

**କିମ୍ବା,**
(i) ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ଯଦି କୌଣସି ଉତ୍ପାଦନ କାର୍ଯ୍ୟରେ ନିଯୁକ୍ତ ନଥାଏ, ତାକୁ ବେକାରୀ କୁହାଯାଏ।
(ii) ଯେଉଁ କ୍ଷେତ୍ରରେ ଜଣାଯାଏ ଯେ ବ୍ୟକ୍ତିଟି କାର୍ଯ୍ୟରତ; ମାତ୍ର ସେ ସଂପୂର୍ଣ୍ଣ ରୂପେ କାର୍ଯ୍ୟରତ ନଥାଏ ତାହାକୁ ଅର୍ଦ୍ଧବେକାରୀ କୁହାଯାଏ।

**14.(A)**(i) ବାସୁଦେବପୁରର ଇରମଠାରେ କର ନ ଦେବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ୧୯୪୨ ସେପ୍ଟେମ୍ବର୨୯ ତାରିଖରେ ମେଲଣ ପଡ଼ିଆରେ ଏକ ସଭାର ଆୟୋଜନ କରାଯାଇଥିଲା।
(ii) ଇରମଠାରେ ବାହାରିଥିବା ଏକମାତ୍ର ରାସ୍ତାକୁ ଅବରୋଧ କରି ଡି.ଏସ୍. ପି. ଙ୍କ ନିର୍ଦ୍ଦେଶକ୍ରମେ ଗୁଳିଚାଳନା କରାଯାଇଥିଲା।
(iii) ଏହି ଗୁଳିକାଣ୍ଡ ଘଟଣାରେ ପରୀବେଓ୍ୱା ନାମକ ମହିଳାଙ୍କ ସମେତ ୨୮ ଜଣ ସହିଦ୍ ଓ ୫୫ ଜଣ ଆହତ ହୋଇଥିଲେ।
(iv) ଏହା ଜାଲିଆନାଓ୍ୱାଲାବାଗ୍ ହତ୍ୟାକାଣ୍ଡ ଘଟଣା ସଦୃଶ ହୋଇଥିବାରୁ ଇରମ୍‌କୁ ରକ୍ତତୀର୍ଥ କୁହାଯାଏ।

**କିମ୍ବା,**
(i) ସୁଭାଷ ବୋଷ ଭାରତ ବାହାରେ ରହି ସ୍ୱାଧୀନତା ପାଇଁ ଲଢ଼େଇ କରିବା ପାଇଁ ଇଂରେଜମାନଙ୍କ ଶତ୍ରୁଦେଶ ସହ ସମ୍ପର୍କ ସ୍ଥାପନ କରି ଦେଶବାହାରୁ ବ୍ରିଟିଶ୍ ଶକ୍ତିକୁ ଆଘାତ ଦେବାକୁ ନିଷ୍ପତ୍ତି ନେଇଥିଲେ।
(ii) ବହିଃଶକ୍ତିର ସାହାଯ୍ୟ ବିନା ସ୍ୱାଧୀନତା ହାସଲ ସମ୍ଭବ ନୁହେଁ ବୋଲି ସେ ବିଶ୍ୱାସ କରୁଥିଲେ।
(iii) ଇଂଲଣ୍ଡର ଶତ୍ରୁ ଜର୍ମାନୀ ଓ ଜାପାନର ସମର୍ଥନ ହାସଲ ପାଇଁ ସେ ଉଦ୍ୟମ କରିଥିଲେ।
(iv) ଭାରତ ମାଟିରୁ ଇଂରେଜ ସରକାରଙ୍କୁ ବିତାଡ଼ିତ କରି ସ୍ୱାଧୀନ ଭାରତ ପ୍ରତିଷ୍ଠା ସୁଭାଷଙ୍କ ଉଦ୍ଦେଶ୍ୟ ଥିଲା।

**(B)**(i) ଓଡ଼ିଶାରେ ଶିଳ୍ପ ଭିତ୍ତିଭୂମି ପାଇଁ ପରିବହନର ସୁବିଧା, ଆବଶକୀୟ ଜମି ଓ ଜଳ, ଉନ୍ନତ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥା, ପ୍ରଶିକ୍ଷିତ ମାନବ ଶକ୍ତି, ବିଜୁଳି ଶକ୍ତି ଯୋଗାଇଦେବା ଆବଶ୍ୟକ। ଏହା ବ୍ୟତୀତ ଉଦ୍ୟୋଗପତିମାନଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ମଧ୍ୟ ରହିଛି।
(ii) ଓଡ଼ିଶାରେ ଶିଳ୍ପ ଉପଯୋଗୀ ଅନେକ ଜମି ରହିଛି ଓ ଏହା ଏକ ଉପକୂଳବର୍ତ୍ତୀ ପ୍ରଦେଶ ହୋଇଥିବାରୁ ଏହାର ଦୀର୍ଘ ସମୁଦ୍ରତଟ ରହିଛି।
(iii) କେତେକ ସ୍ଥଳେ ଶିଳ୍ପ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତମାନଙ୍କ ସମସ୍ୟା ଦେଖାଯାଉଛି।
(iv) ଶିଳ୍ପ ପାଇଁ ଆବଶ୍ୟକ ଜଳ ଓଡ଼ିଶାରେ ପ୍ରବାହିତ ନଦୀମାନଙ୍କରୁ ମିଳୁଛି।

**କିମ୍ବା,**
(i) ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା ୧୯୯୬ ମସିହଠାରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି।
(ii) ସମସ୍ତ ଶିଶୁଙ୍କ ପାଖରେ ପ୍ରାଥମିକ ଶିକ୍ଷା ସୁବିଧା ପହଞ୍ଚାଇବା, ପ୍ରାଥମିକ ପାଠପଢ଼ା ଛାଡ଼ିଚାଲିଯାଉଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ଶତକଡ଼ା ୧୦କୁ କମାଇବା, ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କର ବିଦ୍ୟା ଆହରଣ କୃତୀକୁ ଶତକଡ଼ା ୨୫ ବଢ଼ାଇବା ଏବଂ କନ୍ୟା ଶିଶୁ ଓ ଅବହେଳିତ ସାମାଜିକ ଗୋଷ୍ଠୀର ଶିଶୁକୁ ଶିକ୍ଷାପ୍ରତି ଆକର୍ଷିତ କରିବା ଏହାର ମୂଳ ଲକ୍ଷ୍ୟ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



# ୬୧ କଲେଜକୁ ଆର୍‌ଡିଇର ଜବାବତଲବ

**ବେଆଇନ ଫି' ଆଦାୟକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା**

- ଯାଜପୁର ଜିଲାର ରହିଛି ୯ ଘରୋଇ ଆବାସିକ ଡିଗ୍ରୀ କଲେଜ
- ଖୋର୍ଦ୍ଧା ଜିଲାର ରହିଛି ସର୍ବାଧିକ ୨୫ କଲେଜ
- ମାନ୍ୟତା ଫେରାଇ ନେବାକୁ ଚେତାବନୀ

ଯାଜପୁର ଅଫିସ,୨।୨

ସେଲ୍ଫ ଫାଇନାନ୍ସିଂ ସ୍କିମ ନାମରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାର ବ୍ୟବସାୟୀକରଣ ଯୋଗୁ ରାଜ୍ୟରେ ବହୁ ପ୍ରତିଷ୍ଠିତ ଘରୋଇ ଆବାସିକ ଡିଗ୍ରୀ କଲେଜଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଠାରୁ ବେଆଇନ ଫି' ଆଦାୟ ଚାଲିଛି। ଏନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହେବାପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆର୍‌ଡିଇ) ଅଧୀନସ୍ଥ ୬୧ଟି ଘରୋଇ ଆବାସିକ କଲେଜର ଅଧ୍ୟକ୍ଷ/ପ୍ରିନ୍ସିପାଲଙ୍କୁ ଜବାବ ତଲବ କରାଯାଇଛି। ଏଥିମଧ୍ୟରୁ ଯାଜପୁର ଜିଲାର ୯ଟି ଆବାସିକ ଡିଗ୍ରୀ କଲେଜ ବେଆଇନ ଫି' ଆଦାୟ କରୁଥିବା ଜଣାପଡ଼ିଛି।

ଉନ୍ନତମାନର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ଯୋଗୁ ଅନେକ ଘରୋଇ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆକର୍ଷିତ କରିପାରିଛନ୍ତି। କିନ୍ତୁ ଏହି ବ୍ୟବସାୟୀକରଣକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା ଯୋଗୁ ବହୁ କୋଚିଂ ସେଣ୍ଟର କଲେଜ ଖୋଲିଛି। ଏପରି କି ଟ୍ୟୁଶନ ସାର କଲେଜ ମାଲିକ ମଧ୍ୟ ସାଜିଛନ୍ତି। ଅନେକ କଲେଜକୁ ଆବଶ୍ୟକ ଭିତ୍ତିଭୂମି ଅଭାବ ସତ୍ତ୍ୱେ ସ୍ୱୀକୃତି ମିଳିଛି। ଏହି କ୍ରମରେ ସଂସ୍କୃତ ମହାବିଦ୍ୟାଳୟଠାରୁ ଆରମ୍ଭ କରି ଆବାସିକ ଡିଗ୍ରୀ କଲେଜଗୁଡ଼ିକୁ ଯାଜପୁର ଜିଲାରେ ଅହେତୁକ ଅନୁକମ୍ପା ଦେଖାଯାଇଛି। ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇ କିଛି କଲେଜକୁ ଅନୁମତି ଦିଆଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅଧୀନରେ ଥିବା ଯାଜପୁର ଜିଲାରେ ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ୩ କଲେଜ ରହିଛି। ଜିଲାର କୌଣସି ଘରୋଇ କଲେଜ ଓଡ଼ିଶା ଏଜୁକେଶନ ଆକ୍ଟ ଆଣ୍ଡ ରୁଲ୍ସ ଅନୁସାରେ ଆବଶ୍ୟକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। ଯେନତେନ ପ୍ରକାରେ ପରିଚାଳନା କମିଟି ଗଠନ ଏବଂ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅନୁମତି ହାତେଇଥିବା ନଜିର ରହିଛି। ଅପରପକ୍ଷରେ କଲେଜର ବିଲ୍ଡିଂ, ଖେଳପଡ଼ିଆ, ଲ୍ୟାବ ଆଦି ଆନୁଷଙ୍ଗିକ ଭିତ୍ତିଭୂମି ପୂରଣ କରିବାକୁ ଛାତ୍ରୀଛାତ୍ରଙ୍କ ଉପରେ ବୋଝ ଲଦି ବେଆଇନ ଭାବେ ଫି' ଆଦାୟ କରାଯାଉଛି। ଛାତ୍ରୀଛାତ୍ର ପିଛା ବାର୍ଷିକ ଲକ୍ଷାଧିକ ଟଙ୍କା ଅସୁଲି ହେଉଥିବା ଅଭିଯୋଗ ହେଉଛି। ଏସଂକ୍ରାନ୍ତରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ ହେବାପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ତତ୍ପରତା ପ୍ରକାଶ କରିଛି। ଏନେଇ ୨୬।୧୧।୨୦୧୯ ତାରିଖରୁ ଏପର୍ଯ୍ୟନ୍ତ ୪ଥର ସମ୍ପୃକ୍ତ କଲେଜଗୁଡ଼ିକୁ ନୋଟିସ ହୋଇ ସାରିଛି। ଏଥିରେ ଯାଜପୁର ଜିଲାର ୯ଟି କଲେଜ ସମେତ ଅନୁଗୋଳ ଜିଲାର ୨, କଟକ ଜିଲାର ୭, ଢେଙ୍କାନାଳ ଜିଲାର ୨, କେନ୍ଦ୍ରାପଡ଼ା ଜିଲାର ୩, ଖୋର୍ଦ୍ଧା ଜିଲାର ୨୫, ନୟାଗଡ ଜିଲାର ୨ଟି ଏବଂ ପୁରୀ ଜିଲାର ୧୧ଟି କଲେଜ ରହିଛି। ନିକଟରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୨୨୫/୨୭।୧।୨୦୨୦ରେ ଉପରୋକ୍ତ କଲେଜର ଅଧ୍ୟକ୍ଷ ଓ ପ୍ରିନ୍ସିପାଲଙ୍କୁ ଏନ୍‌ଏଚ୍‌ଆର୍‌ସି ମାମଲା ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ପତ୍ରସଂଖ୍ୟା ୨୬୮୪୬/ଏଚ୍‌ଇ/୨୬।୧୧।୨୦୧୯, ୧୦୫୫୦/ଆର୍‌ଡିଇ/୨୮।୧୧।୨୦୧୯ ଓ ୧୧୨୧୪/୧୧।୧୨।୨୦୧୯, ୨୧୩/ଆରଡିଇ/୬।୧।୨୦୨୦ରେ ସଂପୃକ୍ତ କଲେଜ ଅଧ୍ୟକ୍ଷ ଓ ପ୍ରିନ୍ସିପାଲମାନଙ୍କୁ ଜବାବ ତଲବ କରାଯାଇଥିଲା। ତେବେ ସମସ୍ତ ୬୧ଟି କଲେଜରୁ କୌଣସି ଉତ୍ତର ନ ମିଳିବାରୁ ପୁଣି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଗତ ୨୭ତାରିଖ ପତ୍ରରେ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଜବାବ ରଖି ନ ପାରିଲେ ଆଇନ ଅନୁଯାୟୀ ମାନ୍ୟତା ଫେରାଇନେବାକୁ ଚେତାବନୀ ଦେଇଛନ୍ତି। ତେବେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ଏଯାଏ ଜବାବ ତଲବ କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇ ପାରିନାହିଁ।

## ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ଲାଗିଲା ମାଓବାଦୀ ପୋଷ୍ଟର



ମାଲକାନଗିରି, ୨।୨(ସ୍ୱ.ପ୍ର.)

ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ବ୍ୟାନର ଓ ପୋଷ୍ଟର ଲାଗିଥିବା ରବିବାର ଦେଖିବାକୁ ମିଳିଛି। ଯୋଡ଼ାମ୍ବରୁ ପଣସପୁଟ ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଓ ସରକାରଙ୍କୁ ବିରୋଧ କରି ଏହି ପୋଷ୍ଟର ଲାଗିଛି। ଗତ ୨୫ରୁ ବିଚ୍ଛିନ୍ନାଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ଯୋଡ଼ାମ୍ବ ପଞ୍ଚାୟତର ୪ ଜଣଙ୍କୁ ମାଓବାଦୀମାନେ ଟାର୍ଗେଟ କରିଛନ୍ତି। ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ମାଓବାଦୀମାନେ ପୋଷ୍ଟରରେ ଯୋଡ଼ାମ୍ବ, ଜନ୍ତୁରାଇ ଓ ସିନ୍ଧିବାଡି ଗ୍ରାମବାସୀଙ୍କୁ ପୋଲିସ ସହ ମିତ୍ରତା ସ୍ଥାପନ ନ କରିବାକୁ ଉଲ୍ଲେଖ କରିଛନ୍ତି। ଗତ ୨୫ରେ ଘଟିଥିବା ଘଟଣାରେ ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ତେବେ ଏହି କାର୍ଯ୍ୟରେ ଜଡିତ ବ୍ୟକ୍ତିମାନଙ୍କୁ ପୋଲିସ କେତେଦିନ ସୁରକ୍ଷା ଦେବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଯୋଡ଼ାମ୍ବ ଓ ଜାନ୍ତୁରାଇ ଗ୍ରାମରେ ଘଟିଥିବା ଘଟଣା ପାଇଁ ପୋଲିସ ସମ୍ପୂର୍ଣ୍ଣ ଦାୟୀ। ପୋଲିସ କ୍ୟାମ୍ପ ପ୍ରତିଷ୍ଠାରେ ବିଚ୍ଛିନ୍ନାଞ୍ଚଳର ବିକାଶ ହେବନାହିଁ। ରାସ୍ତା ନିର୍ମାଣରେ ଖାଲି ବିକାଶ ହୁଏନି ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି।

## ୨ ଲୁହାପଥର ଖଣି ହାତେଇଲା ଜେଏସ୍‌ଡବ୍ଲ୍ୟୁ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାରଠାରୁ ବିଭିନ୍ନ ଖଣିର ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବଣ୍ଟନ ପ୍ରକ୍ରିୟାର ପ୍ରଥମ ଦୁଇଦିନରେ ନୂଆଗାଁ ଏବଂ ନାରାୟଣପୋଷୀସ୍ଥିତ ଲୁହାପଥର ଖଣି ନିଲାମୀ ପ୍ରକ୍ରିୟା ସମାପ୍ତ ହୋଇଛି। ଏହି ୨ଟି ଲୁହାପଥର ଖଣି ଜେଏସ୍‌ଡବ୍ଲ୍ୟୁକୁ ମିଳିଛି। ଏହି ୨ଟି ଖଣିରେ ପ୍ରାୟ ୯୮୦ ମିଲିୟନ୍ ଟନ୍‌ର ଲୁହାପଥର ମହଜୁଦ ରହିଥିବା କୁହାଯାଉଛି। କେବଳ ନୂଆଗାଁ ଲୁହାପଥର ଖଣିର ପରିମାଣ ୭୯୦ ମିଲିୟନ ଟନ୍ ରହିଛି। ଶୁକ୍ରବାର ଜେଏସ୍‌ଡବ୍ଲ୍ୟୁ ନିଲାମୀ ପ୍ରକ୍ରିୟାରେ ଆଦାନୀ, ଆର୍ସେଲର ମିତ୍ତଲ, ବେଦାନ୍ତ, ଟାଟା ଏବଂ ରୁଙ୍ଗଟା ସନ୍ସ ପ୍ରଭୃତିକୁ ପଛରେ ପକାଇ ନୂଆଗାଁ ଖଣି ଲାଭ କରିଥିଲା। ସେହିପରି ଶନିବାର ହୋଇଥିବା ନିଲାମ ପ୍ରକ୍ରିୟାରେ ମଧ ଏହି କମ୍ପାନୀ ଜେଏସ୍‌ପିଏଲ୍, ଆର୍ସେଲର ମିତ୍ତଲ ଇଣ୍ଡିଆ, ମର୍ଚ୍ଚାଣ୍ଟ ମାଇନର୍ସ ରୁଙ୍ଗଟା ମାଇନ୍ସ ଏବଂ କେଜେଏସ୍ ଆଲୁୱାଲିଆଙ୍କୁ ପଛରେ ପକାଇଥିଲା। ସାମ୍ପ୍ରତିକ ସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ବାର୍ଷିକ ୧୮ ମିଲିୟନ ଟନ୍ ଉତ୍ପାଦନର କ୍ଷମତା ରଖିଛି। ନିଲାମ ଦ୍ୱାରା ପ୍ରାପ୍ତ ହୋଇଥିବା ଏହି ୨ଟି ଖଣି ଯୋଗୁ କମ୍ପାନୀ ନିଜ ପାରାଦୀପ ପ୍ଲାଣ୍ଟ ପାଇଁ ବାର୍ଷିକ ୧୩.୨ ମିଲିୟନ ଟନ୍ ପରିମାଣର କ୍ୟାପ୍‌ଟିଭ୍ ଲୁହାପଥର ପାଇବାକୁ ସକ୍ଷମ ହେବ। ପାରାଦୀପର ଏହି ଶିଳ୍ପରେ ଜେଏସ୍‌ଡବ୍ଲ୍ୟୁ ୫୫,୦୦୦ କୋଟି ଟଙ୍କାର ନିବେଶ କରିବାକୁ ଯାଉଛି। ଏହି ନିବେଶ ରାଜ୍ୟର ଶିଳ୍ପକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ସେହିପରି ସ୍ଥାନୀୟ ଏବଂ ରାଜ୍ୟର ଯୁବବର୍ଗଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ରୋଜଗାର ମଧ ସୃଷ୍ଟି ହେବ। ନୂଆଗାଁ ଲୁହାପଥର ଖଣିଟି ବର୍ତ୍ତମାନ କେଜେଏସ୍ ଆଲୁୱାଲିଆଙ୍କ ଲିଜ୍‌ରେ ରହିଛି। ଏହାର ଅବଧି ଆସନ୍ତା ମାର୍ଚ୍ଚରେ ସମାପ୍ତ ହେଉଛି। ରବିବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ଶେଷ ସୂଚନାନୁଯାୟୀ, ଠାକୁରାଣୀ ଲୁହାପଥର ଖଣିର ନିଲାମ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ମାର୍ଚ୍ଚ ଶେଷସୁଦ୍ଧା ଲିଜ୍ ଅବଧି ସମାପ୍ତ ହେଉଥିବା ୧୯ଟି ଲୁହାପଥର ଖଣିର ନିଲାମ କରାଯିବ। ପ୍ରତିଦିନ ଗୋଟିଏ ଗୋଟିଏ ଖଣି ନିଲାମ ହେବ। ଏହି ପ୍ରକ୍ରିୟା ଆସନ୍ତା ୧୮ ତାରିଖ ଯାଏ ଜାରି ରହିବ ବୋଲି ଜଣାପଡ଼ିଛି।

## ଜାଲରୁ ଉଦ୍ଧାର ହେଲା ବଉଳା କୁମ୍ଭୀର

ବାହାନଗା, ୨।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ରୂପଖଣ୍ଡ ଗ୍ରାମର ମତ୍ସ୍ୟଜୀବୀମାନେ ସମୁଦ୍ରରେ ଜାଲ ବିଛାଇ ମାଛ ଧରୁଥିବା ବେଳେ ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ବାଲେଶ୍ୱର ଜିଲା ବନବିଭାଗ ଅଫିସର ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ଶ୍ରାବନ୍ତି ମାରାଣ୍ଡି, ପ୍ରୋଟେକ୍ସନ୍ ଟିମ୍‌ର ଫରେଷ୍ଟଗାର୍ଡ ପ୍ରଦୀପ ରାଉତ, କୌଳାସ ରାଉତ ପ୍ରମୁଖ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ବାଲେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଛନ୍ତି।

ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ବେଳେ କୁମ୍ଭୀର ଜାଲରେ ଲାଗିଯାଇଥିଲା। ତେବେ ଜାଲ ଉଠାଇବା ବେଳେ ଓଜନ ଲାଗିବାରୁ ଗୋଟେ ବଡମାଛ ଲାଗିଛି ଭାବି ୬ରୁ ୭ ଜଣ ମିଳିତ ଭାବେ ଜାଲକୁ ଧୀରେ ଧୀରେ ଟାଣି ଦିନ ୧୧ଟାରେ କୂଳକୁ ଆଣିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ତାହାକୁ ଦେଖିବା ପାଇଁ ରୂପଖଣ୍ଡ ଗ୍ରାମର ଶହ ଶହ ମହିଳା, ପୁରୁଷ ଓ ଆଖପାଖ ଗ୍ରାମର ଲୋକମାନେ ରୁଣ୍ଡ ହୋଇଥିଲେ। ରୂପଖଣ୍ଡ ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ, ଦେବେନ୍ଦ୍ର ମହାଲିକ, ଶୁକୁରା ମାଝି, ରମେଶ ମାଝି, ହରିହର ମାଝି ଓ ସଦାନନ୍ଦ ନାୟକ ପ୍ରମୁଖ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ କର୍ମଚାରୀମାନେ ପହଞ୍ଚି କୁମ୍ଭୀରର ଲମ୍ୱ ମାପିଥିଲେ। କୁମ୍ଭୀରର ଲମ୍ୱ ୬ ଫୁଟ ଓ ଓଜନ ୨୦ରୁ ୨୨ କିଲୋ ଅଟେ।



**ଜିଲା ଚିଠି**

**ନବରଙ୍ଗପୁର**

### ଖାଉଟି ଠକେଇ

ନବରଙ୍ଗପୁର ଜିଲାରେ ଖାଉଟି ଠକାମିର ଶିକାର ହେଉଛନ୍ତି। ଏବେ ବି ଜିଲାରେ ମାଣ ଓ ଅଡା କାରବାର ହାଟ ବଜାରରେ ଦେଖିବାକୁ ମିଳୁଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଖାଉଟି ସଚେତନତା ଏଯାଏ ଆସି ନାହିଁ। ଫଳରେ ଚାଉଳ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ବେଳେ ଲୋକମାନେ ଠକାମିର ଶିକାର ହେଉଛନ୍ତି। ବିଶେଷକରି ଚାଷୀ ଅଧିକ ଠକାମିର ଶିକାର ହେଉଛନ୍ତି। ଚାଷୀ ଧାନ ଚାଷ କରୁଛନ୍ତି। କିନ୍ତୁ ଅଭାବ ଯୋଗୁ ଅଧିକାଂଶ ଚାଷୀ ନିଜ ପାଇଁ ଆବଶ୍ୟକ ଧାନ ନ ରଖି ବିକ୍ରି କରି ଦେଉଛନ୍ତି। ପରବର୍ତ୍ତୀ ସମୟରେ ବଜାରରୁ ଚାଉଳ ପ୍ୟାକେଟ କିଣି ଘରକୁ ନେଉଛନ୍ତି। ୨୫ କିଲୋ ଚାଉଳ ପ୍ୟାକେଟରେ ରହିଛି ବୋଲି ଭାବି ଘରକୁ ନେଉଛନ୍ତି। ଓଜନ କରୁନାହାନ୍ତି। ବ୍ୟବସାୟୀ ଏହାର ଭରପୂର ଫାଇଦା ଉଠାଉଛନ୍ତି। କାରଣ ବାସ୍ତବରେ ପ୍ୟାକେଟରେ ୨୫ କିଲୋ ଓଜନର ଚାଉଳ ରହୁ ନାହିଁ। ଏବେ ନବରଙ୍ଗପୁର ସହରକୁ ୨୨ କିଲୋ ଓଜନର ଚାଉଳ ପ୍ୟାକେଟ ଆସୁଛି। ସୁନ୍ଦର ବସ୍ତାରେ ବିଭିନ୍ନ ଚାକଚକ୍ୟ ବ୍ରାଣ୍ଡ ନାଁ ଦେଇ ଏହାକୁ ବିକ୍ରି କରାଯାଉଛି। ପଡୋଶୀ ରାଜ୍ୟରୁ ନବରଙ୍ଗପୁର ବଜାରକୁ ଏହାର ଚେର ଲମ୍ୱିଛି। କେବଳ ଚାଉଳ ନୁହେଁ, ପ୍ୟାକିଂ ହୋଇ ଆସୁଥିବା ଡାଲି, ଅନ୍ୟାନ୍ୟ ସାମଗ୍ରୀରେ ଏଭଳି ଠକାମି କରାଯାଉଛି। ଅନ୍ୟପକ୍ଷେ ମୁଗ, ହରଡ ଡାଲିରେ ଏକାଭଳି ଲାଗୁଥିବା ଅନ୍ୟ ଏକ ପ୍ରକାର ଡାଲି ମିଶ୍ରିତ କରି ବିକ୍ରି କରାଯାଉଛି। ସେହିଭଳି ପରିବା, ମାଛ ଓ ମାଂସ ବଜାର ଉପରେ ମଧ ପ୍ରଶାସନର ନଜର ରହୁନାହିଁ। ଦର ଉପରେ ନିୟନ୍ତ୍ରଣ ନାହିଁ। ବ୍ୟବସାୟୀ ନିଜର ଇଚ୍ଛା ମୁତାବକ ଦର ବଢାଇ ଚାଲିଛନ୍ତି। ଚାଷୀ ଉତ୍ପାଦିତ ପରିବା ନିଜେ ବଜାରକୁ ଆଣି ବିକ୍ରି କରିବାକୁ ସୁଯୋଗ ପାଉ ନାହିଁ। ବଜାର ଓ ହାଟକୁ ଚାଷୀ ଆସି ବିକ୍ରି କରି ଦି ପଇସା ରୋଜଗାର କରିବା ପୂର୍ବରୁ ରାସ୍ତା ଘାଟରେ ବ୍ୟବସାୟୀ ଜଗି ସେମାନଙ୍କ ଠାରୁ ବିଭିନ୍ନ ଆଳରେ କମ୍ ଦରରେ ପରିବା କିଣି ବଜାରରେ ଚଢା ଦରରେ ବିକ୍ରି କରୁଛନ୍ତି। ଏଭଳି ପରିସ୍ଥିତିରେ ଖାଉଟି ଓ ଚାଷୀ କିଭଳି ଗତି କରୁଛନ୍ତି ତାହା ସାଧାରଣରେ ଅନୁମେୟ। ଜିଲାରେ ମାପ ଏବଂ ଓଜନ ବିଭାଗ ରହିଛି, କେବେ ମଧ ଏଦିଗ ପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏନେଇ ଜିଲା ପ୍ରଶାସନ ଏକ ସ୍କ୍ୱାଡ ଗଠନ କରି ଖାଉଟି ପ୍ରତି ଗୁରୁତ୍ୱ ଦେବା ସହ ବିଭିନ୍ନ ପ୍ୟାକେଟ ସାମଗ୍ରୀ ଉପରେ ଲେଖାଯାଇଥିବା ଓଜନର ଯାଞ୍ଚ କରିବା ସହ ପରିବା, ମାଛ, ମାଂସ ଦର ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

– ସଦାଶିବ ପ୍ରହରାଜ

## ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ

- ମୋଟୁ-ତ୍ରିବେଣୀ ସଙ୍ଗମ ଗୋଦାବରୀରୁ ଜଳ ସଂଗ୍ରହ
- ରକ୍ତଦାନ କଲେ ଜିଲାପାଳ
- ବହୁ ଜନ ସମାଗମରେ ହେଲା କଳସ ଶୋଭାଯାତ୍ରା
- ଆଦିବାସୀଙ୍କ ନୃତ୍ୟବାଦ୍ୟରେ କମ୍ପିଲା ଅଞ୍ଚଳ

ମାଲକାନଗିରି,୨।୨ (ଡି.ଏନ.ଏ./ ସ୍ୱ.ପ୍ର./ଏମ୍‌ଭି-୭୯)

ମାଲକାନଗିରି ଜିଲାର ବହୁ ପ୍ରତୀକ୍ଷିତ ଗଣପର୍ବ ରବିବାର ଶୁଭାରମ୍ଭ ହୋଇଛି। ଓଡ଼ିଶାର ଶେଷ ସୀମାନ୍ତ ତଥା ଛତିଶଗଡ଼ ଏବଂ ଆନ୍ଧ୍ରକୁ ଲାଗି ରହିଥିବା ସାବେରୀ, ସିଲେରୁ ଏବଂ ଗୋଦାବରୀ ନଦୀର ତ୍ରିବେଣୀ ସଙ୍ଗମ ଗୋଦାବରୀ ନଦୀରୁ ପବିତ୍ର ଜଳ ସଂଗ୍ରହ କରାଯାଇଛି। ତ୍ରିବେଣୀ ସଙ୍ଗମଠାରୁ ଏକ ଶୋଭାଯାତ୍ରାରେ ଆଦିବାସୀଙ୍କ ପାରମ୍ପରିକ ଲୋକ ନୃତ୍ୟ ଢେମ୍‌ସା, ଘଣ୍ଟ ବାଦ୍ୟ, ସିଙ୍ଗ ନାଚରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏଥିରେ ପଡ଼ୋଶୀ ଛତିଶଗଡ଼ ଏବଂ ଆନ୍ଧ୍ରର ବହୁସଂଖ୍ୟାରେ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତ୍ରିବେଣୀ ସଙ୍ଗମଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରଥମେ ରକ୍ତଦାନ କରିଥିଲେ। ପରେ ଅନେକ ଯୁବତୀଯୁବକ ରକ୍ତଦାନ କରିଥିଲେ। ଶିବିରରୁ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆସନ୍ତା ୭ରେ ଜଗନ୍ନାଥ ମନ୍ଦିରରୁ ଜଳକଳସଗୁଡ଼ିକୁ ଶୋଭାଯାତ୍ରାରେ ଡିଏନକେ ପଡିଆ ମାଲ୍ୟବନ୍ତ ମୁଖ୍ୟ ମଣ୍ଡପକୁ ନିଆଯିବ। ସେଠାରେ ୩ ଦିନ ଧରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲାପାଳ ଅଗ୍ରୱାଲ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଗ୍ରାମ ଉନ୍ନୟନ ପ୍ରକଳ୍ପ ଉପ ନିର୍ଦ୍ଦେଶକ ମାନସ ମିଶ୍ର, କାଳିମେଳା ବିଡିଓ ଉମାଶଙ୍କର ଦଳେଇ, ବିଭିନ୍ନ ବିଭାଗର ପଦାଧିକାରୀ, ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, କାଳିମେଳା ବ୍ଲକ ଅଧ୍ୟକ୍ଷ ମାଲାମାଢ଼ି, କାଳିମେଳା ଓ ପଡିଆ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିଥିଲେ।



ଗଣପର୍ବ ରବିବାର ଶୁଭାରମ୍ଭ

## ଶିକ୍ଷାଗତ ଯୋଗ୍ୟତାର ଭୁଲ୍ ତଥ୍ୟ ରଖିଛନ୍ତି ଅନୁଭବ: କଂଗ୍ରେସ

ଭୁବନେଶ୍ୱର,୨।୨(ବ୍ୟୁରୋ)

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ନିଜର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରମାଣ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ୨୦୧୪ ରାଜ୍ୟ ସଭା ନିର୍ବାଚନ ସମୟରେ ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତାର ଜାଲ୍ ସାର୍ଟିଫିକେଟ ଦେଇଥିଲେ ବୋଲି ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଥିବା କଂଗ୍ରେସ କହିଛି। ମାତ୍ର ଏମ୍‌ପି ଅନୁଭବ କଂଗ୍ରେସର ଏହି ଅଭିଯୋଗକୁ ମିଥ୍ୟା ବୋଲି ଦର୍ଶାଇ ଏହାକୁ ଖଣ୍ଡନ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ଅନୁଭବଙ୍କ ଜାଲ୍ ସାର୍ଟିଫିକେଟ୍‌ର ପ୍ରମାଣ ମିଳିଛି ତାଙ୍କୁ ତୁରନ୍ତ ଜେଲ୍ ପଠାଯାଉ। ଯେଉଁମାନେ ଆଇନ ପ୍ରଣୟନ କରିବା ପାଇଁ ବିଧାନସଭା ହେଉ କି ଲୋକ ସଭା ନିର୍ବାଚନ ଲଢୁଛନ୍ତି ସେମାନେ ନିଜକୁ ସମାଜ ଆଗରେ ଉଚ୍ଚ ଦେଖାଇବା ପାଇଁ ହେଉ ବା ନିଜର ଶିକ୍ଷାଗତ ଯୋଗ୍ୟତାକୁ ଲୁଚାଇବା ଉଦ୍ଦେଶ୍ୟରେ ଉଚ୍ଚଶିକ୍ଷିତ ବୋଲି ସତ୍ୟପାଠ ଦ୍ୱାରା ଦର୍ଶାଇବା ଏକ ସାଧାରଣ ପ୍ରକ୍ରିୟା ହୋଇଯାଇଛି। ସୂଚନା ଅଧିକାର ଆଇନକୁ ଆଧାର କରି ସଂଗୃହୀତ ତଥ୍ୟ ଅନୁଯାୟୀ, ୨୦୧୪ ରାଜ୍ୟ ସଭା ନିର୍ବାଚନ ସମୟରେ ଅନୁଭବ ନିଜ ସତ୍ୟପାଠରେ ଶୋଭିତ୍ ୟୁନିଭରସିଟି ଅଫ ଟେକ୍‌ନୋଲୋଜି, ମିରଟରୁ ବି.ଏ ଇନ ଆର୍ଟସ, ପବ୍ଲିକ ଆଡମିନଷ୍ଟ୍ରେଶନ ଶିକ୍ଷାଗତ ଯୋଗ୍ୟତା ବୋଲି ଦର୍ଶାଇଛନ୍ତି। ଯାହା ବାସ୍ତବ ଚିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନ ମଧ ସେ କଟକ କନ୍ଦରପୁର କଲେଜର ଯୁକ୍ତ୩ର ଛାତ୍ର। ଏହାର ରେଜିଷ୍ଟ୍ରେଶନ ନମ୍ବର ସୂଚନା ଅଧିକାର ଆଇନ ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂଗ୍ରହ କରାଯାଇଛି। ତାଙ୍କ ରେଜିଷ୍ଟ୍ରେଶନ ନମ୍ବର ଅନୁଯାୟୀ କୌଣସି ମାଇଗ୍ରେସନ ସାର୍ଟିଫିକେଟ ଜାରି କରାଯାଇନାହିଁ। ସେ ସମ୍ପୂର୍ଣ୍ଣ ମିଥ୍ୟା ଶିକ୍ଷାଗତ ଯୋଗ୍ୟତା ରିପୋର୍ଟ ଦେଇଛନ୍ତି। ସରକାର ତୁରନ୍ତ ମାମଲା ରୁଜୁକରି ତାଙ୍କ ବିରୋଧରେ ପଦକ୍ଷେପ ନିଅନ୍ତୁ। ଏହା କେବଳ କେନ୍ଦ୍ରାପଡ଼ା ନୁହେଁ ବରଂ ସମଗ୍ର ରାଜ୍ୟ ପାଇଁ ଲଜ୍ଜା ବୋଲି ନିଶିକାନ୍ତ କହିଛନ୍ତି।

କଂଗ୍ରେସ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଅନୁଭବ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ। ତାଙ୍କୁ ନିନ୍ଦିତ କରିବା ପାଇଁ କଂଗ୍ରେସ ଚେଷ୍ଟା କରୁଛି। ନିର୍ବାଚନ କମିଶନଙ୍କ ନିକଟରେ ଯାହା ତଥ୍ୟ ଦାଖଲ କରିଛି ତାହା ସମ୍ପୂର୍ଣ୍ଣ ଠିକ୍। ରାଜ୍ୟରେ କଂଗ୍ରେସ ନିଜର ପ୍ରାସଙ୍ଗିତା ହରାଇଛି। କେନ୍ଦ୍ରାପଡ଼ା ନିର୍ବାଚନରେ ଅତ୍ୟନ୍ତ ଶୋଚନୀୟ ଭାବେ ପରାଜିତ ହୋଇଛି। ତେଣୁ ହତାଶ ହୋଇ କଂଗ୍ରେସ ତାଙ୍କ ବିରୋଧରେ ଏଭଳି ଭିତ୍ତିହୀନ ଅଭିଯୋଗ କରିଛି। କେନ୍ଦ୍ରାପଡ଼ାବାସୀ ବିଜେଡି ଏବଂ ତାଙ୍କୁ ଆଶୀର୍ବାଦ କରି ୨୦୧୯ ସାଧାରଣ ନିର୍ବାଚନରେ ବହୁତ ଭୋଟ ଦେଇଛନ୍ତି। ଭବିଷ୍ୟତରେ ମଧ କେନ୍ଦ୍ରାପଡ଼ାବାସୀ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ଅନୁଭବ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(iii) ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ସମଗ୍ର ଓଡ଼ିଶାରେ ନୂତନ ବିଦ୍ୟାଳୟମାନ ଖୋଲିବା ମଧ୍ୟ ଏହାର ଲକ୍ଷ୍ୟ।
(iv) ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

**15.(A)** (i) ୧୯୪୨ ମସିହାରେ ମୁମ୍ବାଇଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଭାରତଛାଡ଼ ଆନ୍ଦୋଳନ ପ୍ରସ୍ତାବ ଅନୁମୋଦିତ ହୋଇଥିଲା।
(ii) ଏହି ଅଧିବେଶନରେ ଜବାହରଲାଲ ନେହେରୁ ପ୍ରସ୍ତାବଟିକୁ ଆଗତ କରିଥିଲେ।
(iii) ଏହି ପ୍ରସ୍ତାବକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସମର୍ଥନ କରିଥିଲେ।

**କିମ୍ବା,**
(i) ଲାହୋର କଂଗ୍ରେସ ଅଧିବେଶନରେ ଜବାହରଲାଲ ନେହେରୁ ସଭାପତିତ୍ୱ କରିଥିଲେ।
(ii) ଏହି ଅଧିବେଶନରେ ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।
(ii) ୧୯୩୦ ଜାନୁୟାରୀ ୨୬ କୁ ଭାରତର ପ୍ରଥମ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା।

**(B)**(i) ୧୯୨୦ ମସିହାର ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିନେବା ଫଳରେ ଉତ୍କଳ ସମ୍ମିଳନୀ କଂଗ୍ରେସ ସହିତ ମିଶିଗଲା ବୋଲି ମଧୁବାବୁ ହୃଦ୍‌ବୋଧ କଲେ।
(ii) ଉତ୍କଳ ସମ୍ମିଳନୀ ତା'ର ସ୍ୱତନ୍ତ୍ର ସତ୍ତା ହରାଇ ବସିଲା ବୋଲି ମଧୁବାବୁ ତା'ର ବିରୋଧ କଲେ।
(iii) ସେ ଅସହଯୋଗ ଆନ୍ଦୋଳନର ବିରୋଧୀ ଥିବାରୁ ଉତ୍କଳ ସମ୍ମିଳନୀ ସହିତ ସଂପର୍କ ତୁଟାଇ ଦେଇଥିଲେ।

**କିମ୍ବା,**(i) ପାକିସ୍ଥାନର ପ୍ରରୋଚନାରେ ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର ପଠାଣ ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଅଧିକାର କରିନେଲେ।
(ii) ଆଜାଦ୍ କାଶ୍ମୀର ଗଠନକରି ଝେଲମ୍ ନଦୀ ଟପି ସେମାନେ ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ। ସେମାନଙ୍କ ସହିତ ନିୟମିତ ପାକିସ୍ଥାନୀ ସୈନ୍ୟ ମଧ୍ୟ ଥିଲେ।
(iii) ଏହା ଥିଲା ପାକିସ୍ଥାନର 'ଅପରେସନ୍ ଗୁଲମାର୍ଗ' ଯାହା କାଶ୍ମୀରକୁ ଦଖଲ କରିନେବା ପାଇଁ ଅଭିପ୍ରେତ ଥିଲା।

**(C)**(i) ପ୍ରତ୍ୟକ୍ଷ ନିର୍ବାଚନରେ ମତଦାତାମାନେ ନିଜେ ମତଦାନ କରି ଲୋକପ୍ରତିନିଧି ସଭାର ସଦସ୍ୟମାନଙ୍କୁ ନିର୍ବାଚିତ କରିଥାନ୍ତି।
(ii) ପରୋକ୍ଷ ନିର୍ବାଚନରେ ପ୍ରତ୍ୟକ୍ଷ ନିର୍ବାଚନଠାରୁ କମ୍ ଖର୍ଚ୍ଚ ହୋଇଥାଏ ଓ ପରୋକ୍ଷ ନିର୍ବାଚନରେ ପ୍ରତ୍ୟକ୍ଷ ନିର୍ବାଚନ ଅପେକ୍ଷା ଦଳୀୟ ରାଜନୀତିର ପ୍ରଭାବ କମ୍ ଥାଏ।
(ii) ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ, ବିଧାନପରିଷଦର ସଦସ୍ୟମାନେ ପରୋକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୋଇଥା'ନ୍ତି।

**କିମ୍ବା,**
(i) ଏହି ଚୁକ୍ତିରେ ଭାରତୀୟ ସେନାଧକ୍ଷଙ୍କ ତତ୍ତ୍ୱାବଧାନରେ ଏକ ମୁକ୍ତିବାହିନୀ ଗଠନର ବ୍ୟବସ୍ଥା ରହିଲା।
(ii) ପ୍ରସ୍ତାବିତ ବଙ୍ଗଳାଦେଶକୁ ପାକିସ୍ଥାନୀ ସାମରିକ ଶାସନ କବଳରୁ ସଂପୂର୍ଣ୍ଣ ମୁକ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା।
(iii) କିନ୍ତୁ ଭାରତ ବଙ୍ଗଳାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ପ୍ରତିଶ୍ରୁତି ଦେଇଥିଲା।

**16.(A)** (i) ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଉଦ୍ୟମରେ ବଙ୍ଗ ଜାତୀୟ ସଭା ଗଠନ କରାଯାଇଥିଲା।
(ii) ବଙ୍ଗଳାର ବିଭିନ୍ନ ସମସ୍ୟା ବିଚାର କରି ନିଷ୍ପତ୍ତି ନେବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ।

**କିମ୍ବା,**
(i) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଗୋଲାପୀ ରଙ୍ଗ ସିଲ୍କ କନାର ଭାରତୀୟ ପଗଡ଼ି ପିନ୍ଧିବାକୁ ବାଧ କରାଯାଇଥିଲା।
(ii) ଏହି ସମ୍ମିଳନୀରେ 'ବନ୍ଦେ ଉତ୍କଳ ଜନନୀ' ସ୍ଲୋଗାନ ଦିଆଯାଇଥିଲା।

**(B)**(i) ପର୍ତ୍ତୁଗୀଜମାନେ ୧୫୧୦ ମସିହାରେ ଗୋଆ ଅଧିକାର କରିଥିଲେ।
(ii) ସେମାନେ ବିଜୟନଗର ସମ୍ରାଟଙ୍କ ସହାୟତାରେ ଏହାକୁ ଅଧିକାର କରିଥିଲେ।

**କିମ୍ବା,**
(i) ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହାରେ ପ୍ରତିଷ୍ଠା କରାଯାଇଥିଲା।
(ii) ଏହା ପ୍ରଥମାବସ୍ଥାରେ ଏକ ସହବନ୍ଧନ ପରୀକ୍ଷା ପରିଚାଳକ ବିଶ୍ୱବିଦ୍ୟାଳୟ ଭାବେ ନିଜର କାର୍ଯ୍ୟ ଆରମ୍ଭ କରିଥିଲା।

**(C)** (i) ଗୋତିପ୍ରଥା ଉଚ୍ଛେଦ ନିୟାମକ ଆଇନ ବଳରେ ଓଡ଼ିଶାରୁ 'ଗୋତିପ୍ରଥା' ଉଚ୍ଛେଦ କରାଯାଇଥିଲା।
(ii) ୧୯୪୮ ମସିହାରେ ଏହା କରାଯାଇଥିଲା।

**କିମ୍ବା,**(i) ଭାରତ ତା'ର ଦ୍ୱିତୀୟ ପରମାଣୁ ବୋମା ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ କରିଥିଲା।
(ii) ଏହି ପରୀକ୍ଷା ଭାରତ ରାଜସ୍ଥାନର ପୋଖରାନଠାରେ କରିଥିଲା।

**(D)** (i) ଭାରତର ମୁଖ୍ୟ ନିର୍ବାଚନ ଆୟୋଗକୁ ଭାରତର ରାଷ୍ଟ୍ରପତି ନିଯୁକ୍ତ କରନ୍ତି।
(ii) ନିର୍ବାଚନ ଆୟୋଗକୁ ଶକ୍ତିଶାଳୀ କରିବାପାଇଁ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଆଯାଉଛି।

**କିମ୍ବା,**
(i) ଭାରତ ଓ ଭୁଟାନ୍ ମଧ୍ୟରେ ୧୯୪୯ ମସିହାରେ ବନ୍ଧୁତ୍ୱର ସନ୍ଧି ସ୍ୱାକ୍ଷର ହୋଇଥିଲା।
(ii) ଏହି ଚୁକ୍ତିକୁ ୨୦୦୭ ମସିହାରେ ଭୁଟାନର ରାଜା ଜିଗ୍‌ମେ ଖେସର ନାମଗିୟେଲ୍ ୱାଂଗଚୁକ୍‌ଙ୍କ ଭାରତ ଗସ୍ତ ସମୟରେ ପରିମାର୍ଜିତ ଓ ସମୟୋପଯୋଗୀ କରାଗଲା।

❑❑❑



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ସୁସ୍ଥ, ସୁନ୍ଦର ଜିଲ୍ଲା ଗଠନ ଉପରେ ଗୁରୁତ୍ୱ

**ବୌଦ୍ଧ,୨।୨(ସ୍ୱ.ପ୍ର.):** ସୁସ୍ଥ, ସୁନ୍ଦର ପରିବେଶ ପାଇଁ ଲୋକଙ୍କ ମାନସିକତାର ପରିବର୍ତ୍ତନ ଜରୁରୀ। ଲୋକଙ୍କ ଚାଲି ଚଳଣି ଓ ବ୍ୟବହାର ଅଞ୍ଚଳର ସଂସ୍କୃତି, ପରମ୍ପରାର ପରିଚୟ ମିଳିଥାଏ। ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାକୁ ସୁସ୍ଥ ଓ ସୁନ୍ଦର ଭବେ ଗଢ଼ିବା ପାଇଁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ମର୍ମରେ ଜିଲାର ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସୁସ୍ଥ ରହିବା ପାଇଁ ସାଇକେଲ ଚଳାଇବାକୁ ଆହ୍ୱାନ ଦେଇଛନ୍ତି। ଏପରି କି ସପ୍ତାହରେ ଗୋଟିଏ ଦିନ (ଗୁରୁବାର) ସମ୍ବଲପୁରୀ ପୋଷାକ ପରିଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ସରକାରୀ କର୍ମଚାରୀମାନେ ସାଇକେଲ ଚଳାଇବା ଦ୍ୱାରା ନିରୋଗ ରହିବା ସହିତ ପ୍ରଦୂଷଣ ହ୍ରାସ ପାଇବ। ଅନ୍ୟପକ୍ଷେ ସମ୍ବଲପୁରୀ ପୋଷାକ ପରିଧାନ ଦ୍ୱାରା ପଶ୍ଚିମାଞ୍ଚଳ ସଂସ୍କୃତିର ବିକାଶ ହେବା ସହ ବୁଣାକାର ପରିବାରଙ୍କୁ ମଧ୍ୟ ପ୍ରୋତ୍ସାହନ ମିଳିପାରିବ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୮୨୩ ତା ୦୧.୦୨.୨୦୨୦ରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।





ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର(ବାମ)। ଛାତ୍ରଛାତ୍ରୀମାନେ କଳା କୌଶଳ ପର୍ଦ୍ଦଶନ କରୁଛନ୍ତି।

# ନୃତ୍ୟଗୀତ, ଖେଳର ମଜା ଉଠାଇଲେ ଲୋକେ

**ଦେବଗଡ଼ରେ ବାଟେଘାଟେ କାର୍ଯ୍ୟକ୍ରମ**

**ଦେବଗଡ଼,୨।୨(ଡି.ଏନ.ଏ)**

ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ପ୍ରଥମ ରବିବାରରେ ଅନୁଷ୍ଠିତ ହେଉଛି ଅଭିନବ କାର୍ଯ୍ୟକ୍ରମ 'ବାଟେଘାଟେ'। ଏହିକ୍ରମରେ ଆଜି ଦେବଗଡ ସହର ରାସ୍ତାରେ ସୁନ୍ଦର ରଙ୍ଗୋଲୀ କାର୍ଯ୍ୟକ୍ରମସ୍ଥଳୀକୁ ଆସିଥିଲେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର। ପରିବେଷଣ କରିଥିଲେ ଚିତାକର୍ଷକ ନୃତ୍ୟ। ଏହା ବିମୋହିତ କରିଥିଲା ଉପସ୍ଥିତ ଜନସାଧାରଣଙ୍କୁ। ବାଟେ ଘାଟେ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସକ ଦଳଙ୍କୁ ନିୟୋଜିତ କରାଯାଇଥିଲା। ଯୋଗ, ପ୍ରାଣାୟାମ ଓ କବିତା ପାଠୋତ୍ସବରେ ବରିଷ୍ଠ ନାଗରିକମାନଙ୍କର ଅଂଶଗ୍ରହଣ ଜିଲା ପ୍ରଶାସନକୁ ଉତ୍ସାହିତ କରିଥିଲା। ସେହିପରି ଭଲିବଲ, ବ୍ୟାଡମିଣ୍ଟନ, କ୍ରିକେଟ, ଫୁଟବଲ ସମେତ ବିଭିନ୍ନ କ୍ରୀଡାରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଖୋଦ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ପ୍ରଶାସନିକ ଅଧିକାରୀମାନେ ଛୋଟପିଲା ମାନଙ୍କ ସହ ଖେଳୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ରଜାମୁଣ୍ଡା ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସର୍ଜିକାଲ ଷ୍ଟ୍ରାଇକ ସମ୍ପର୍କିତ ଗୀତିନାଟ୍ୟ ବାଟେଘାଟେର ମୁଖ୍ୟ ଆକର୍ଷଣ ପାଲଟିଥିଲା। ବିଭିନ୍ନ ଘରୋଇ ବ୍ୟାଙ୍କ ଓ ଅନୁଷ୍ଠାନ ପକ୍ଷରୁ ମାଗଣାରେ ବିସ୍କୁଟ,ଚା ଓ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା।

# ତୈଳ ସଂରକ୍ଷଣ ସଚେତନତା ସଭା

**ଦେବଗଡ଼,୨।୨(ଡି.ଏନ.ଏ.)**

ଆଇଓସିଏଲ ପକ୍ଷରୁ ତୈଳ ସଂରକ୍ଷଣ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବଗଡ ଗୋପାଳଜୀ ମନ୍ଦିର ପରିସରରେ ଆଇଓସିଏଲ୍‌ର କର୍ମକର୍ତ୍ତା ରଜତ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଆଇଓସିଏଲ୍‌ର ବିବେକ ଓରାମ, ଏଚ୍‌ପିସିଏଲ୍‌ର ଅଭିଷେକ କୁମାର ଗୁପ୍ତା ମଞ୍ଚାସୀନ ରହିଥିଲେ। ଅତିଥିମାନେ ସୁସ୍ଥ ସମାଜ ପାଇଁ ଚାଲିବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ। ଯାନବାହାନର ବ୍ୟବହାରକୁ ନିୟନ୍ତ୍ରଣ କରି ତୈଳ ସଂରକ୍ଷଣରେ ପ୍ରତ୍ୟେକ ଜନସାଧାରଣ ସହଯୋଗ କରିବାକୁ ଅତିଥିମାନେ ସଚେତନ କରାଇଥିଲେ। ଅରୁଣ କୁମାର ଟାଲି ସଭା ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ଚାଲିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ରେକର୍ଡ ସୃଷ୍ଟି କରିଥିବା ଦେବଗଡ଼ ଜିଲାର ଛାତ୍ରୀ ନିଶା ବାରିକ, ତିଶା ବାରିକ ଓ ସାଇ ସ୍ୱନ୍ଦନ ବେହେରାଙ୍କୁ ଆନୁଷ୍ଠାନ ପକ୍ଷରୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ତୈଳ ସଂରକ୍ଷଣ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ଇନ୍ଧନ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ ମୁଖ୍ୟଅତିଥି ଦେବଗଡ଼ ବିଧାୟକ ପାଣିଗ୍ରାହୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ଆଇଓସିଏଲ ପକ୍ଷରୁ ତୈଳ ସଂରକ୍ଷଣ ସମ୍ପର୍କୀତ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

### ମିକ୍ସଚର ମେଶିନରେ ପିଚିହୋଇ ବାଇକ ଆରୋହୀ ମୃତ

**ରିଆମାଳ, ୨।୨(ଡି.ଏନ.ଏ.):** ଦେବଗଡ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ କୋରଡ଼ପଣିଠାରେ ରବିବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଣ୍ଢେଇଗୋଲା ପଞ୍ଚାୟତ କମାରପାଳର ସୁଜିତ ବେହେରା (୨୪)। ସୂଚନାନୁଯାୟୀ ରବିବାର ଅପରାହ୍ନ ୩ଟାରେ ସୁଜିତ ଏକ ବାଇକ (ନଂ.ଓଆର୍‌୨୩ ସି-୯୨୯୮) ଯୋଗେ ତୁଙ୍ଗାମାଳ ଗ୍ରାମକୁ ଯାଉଥିବା ସମୟରେ କୋରଡ଼ପଣିଠାରେ ରାସ୍ତା ମଝିରେ ଥିବା ମକ୍ସଚର ମେଶିନରେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଜାମ୍ବୁବଣିଆ ଛକଠାରେ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ୫ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରୀ ରହିଥିଲା। କୁଣ୍ଢେଇଗୋଲା ଥାନା ଅଧିକାରୀ ହେମନ୍ତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲ କାମ ପାଇଁ ରାସ୍ତା ମଝିରେ ଏକ ମିକ୍ସଚର ମେଶିନ ରଖାଯାଇଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରମାନେ।

# ୧୯୯୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଦେବଗଡ଼,୨।୨(ଡି.ଏନ.ଏ)**

ବସନ୍ତ ନିବାସ ଡାକବଙ୍ଗଳାରେ ରବିବାର ରାଜା ବାସୁଦେବ ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଚର ଛାତ୍ରମାନେ ସ୍କୁଲ ସମୟର ସ୍ମୃତି ଏବଂ ଅନୁଭୁତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସାମାଜିକ ଏବଂ ଜନହିତକର କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ରୋମିଓ ମହାପାତ୍ର, କୁମୁଦ ଚନ୍ଦ୍ର ଶତପଥୀ, ପ୍ରଣବ କିଶୋର ଗୁରୁ, ଶ୍ରୀକାନ୍ତ କୁମାର ଶତପଥୀ, ଆଶୋକ କୁମାର ଅଗ୍ରୱାଲା, ସରୋଜ କୁମାର ବ୍ରହ୍ମା, ସରୋଜ କୁମାର କର, ଟିକେଶ୍ୱର ଧଳ, ସୌମ୍ୟକାନ୍ତ ପ୍ରଧାନ, ଦେବଶଙ୍କର ବେହେରା, ପ୍ରଶାନ୍ତ କୁମାର ଜେନା, ଚନ୍ଦ୍ରମା ପ୍ରସାଦ ଜୟସ୍ୱାଲ, ଅରବିନ୍ଦ ଦେବତା, ନିରଞ୍ଜନ ପାନ୍ଡା, ପ୍ରତାପ କୁମାର ପାତ୍ର, ସୁଦୀପ୍ତ କୁମାର ବେହେରା, ଶ୍ରୀକାନ୍ତ କୁମାର ସାହୁ, ସୁରେନ କୁମାର ମାଝି, ଅମ୍ବିକା ପ୍ରସାଦ ସାହୁ, ଶକ୍ତିଧର ସାହୁ, ଟିକେଶ୍ୱର ଧଳ, ମାନଭଞ୍ଜନ ନାୟକ, ଶେଷଦେବ ପ୍ରଧାନ, ଦିଲୀପ କୁମାର ମେହେର, ସିଦ୍ଧାର୍ଥ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ଓ କଳାକାର ପୁରସ୍କାର ବିତରଣ ଉତ୍ସବ

**ସମ୍ବଲପୁର, ୨।୨ (ବ୍ୟୁରୋ):** ପିଏଚଡି ପଡିଆସ୍ଥିତ ଗାନ୍ଧୀ ସ୍ମୃତି ମଞ୍ଚଠାରେ ରବିବାର କଳା ଓ କଳାକାର ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ଗୌରିଦାସ ପଧାନ, ଡ. ମନୋଜ ପଣ୍ଡା, ଅଧ୍ୟାପକ ଅଖିଳ ବିଶ୍ୱାଳ, ପ୍ରଶାସକ ଶମ୍ଭୁଭୂଷଣ ମିଶ୍ର, ଦୟାନନ୍ଦ ସମୂହ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଈଶ୍ୱର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ରାଙ୍କନ ଓ ସୁନ୍ଦର ହସ୍ତାକ୍ଷର ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୁଦାମ ପଣ୍ଡା, ଜଗନ୍ନାଥ ବେହେରା, ପବିତ୍ର ବେରିହା ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ମାଝି, ବଳରାମ ହୋତା, କୁଳଦୀପ ବର୍ମା, ମହମ୍ମଦ କାସିମ, ନମ୍ରତା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରବିବାର ସମ୍ବଲପୁର ପିଏଚଡି ପଡିଆସ୍ଥିତ ଗାନ୍ଧୀ ସ୍ମୃତି ମଞ୍ଚଠାରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ବୌଦ୍ଧ,୨।୨(ସ୍ୱ.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ବାମଣ୍ଡା ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାମଣ୍ଡା ଗ୍ରାମର ସାନନ୍ଦ ପ୍ରଧାନ(୨୭)। ମିଳିଥିବା ସୂଚନା ମୁତାବକ, ଶନିବାର ରାତି ସାନନ୍ଦ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହେଲେ ଗାଁ ନିକଟରେ ଏକ ଗାଡି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହିତ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ୨ ଟ୍ରକ ମୁହାଁମୁହିଁ : ଜଣେ ମୃତ

**ଦେବଗଡ଼,୨।୨( ଡି.ଏନ.ଏ)**

ଦେବଗଡ ପୌରାଞ୍ଚଳର ଶାସନ ସାହି ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥରେ ଶନିବାର ବିଳମ୍ବିତ ରାତିରେ ୨ ଟ୍ରକ ମୁହାଁମୁହିଁ ଧକ୍କାହେବା ଫଳରେ ଜଣେ ଚାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୁମ୍ବାଇରୁ କୋଲକାତା ଅଭିମୁଖେ ଯାଉଥିବା କଣ୍ଟେନର (ନଂ-ଡବ୍ଲୁବି ୧୧-ସି ୯୧୩୫) ଦେବଗଡ ସହରର ଶାସନ ସାହି ନିକଟରେ ପହଞ୍ଚିଥିବା ବେଳେ କେନ୍ଦୁଝରର ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଲୁହାପଥର ବୋଝେଇ ଟ୍ରକ(ନଂ-ଓଆର ୦୯-ଏମ୍-୬୩୧୯)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ମଧ୍ୟରେ ଚାପିହୋଇ ରହିଥିବା ଚାଳକମାନଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଚାଳକ ବିନୟ ମୋହନ ପ୍ରଜାପତି (୩୮)ଙ୍କର ମୃତ୍ୟୁ ଘଟିଥିଲା। ଲୁହାପଥର ବୋଝେଇ ଟ୍ରକର ଚାଳକ ସମ୍ବଲପୁର ଅଞ୍ଚଳର ଅରୁଣ ବିଶ୍ୱାଳ ଗୁରୁତର ଥିବା ଜଣା ପଡିଛି। ଏନେଇ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।



ମୁହାଁମୁହିଁ ଧକ୍କା ହୋଇଥିବା ୨ ଟ୍ରକ।

# ମନ୍‌ବଲ ଆଘେ ହାରମାନିଛେ ଅକ୍ଷମତା



ଜଗନ୍ନାଥ ସାଂଗ୍‌ସାଥି ସଂଗେ ସ୍କୁଲରେ ପାଠ୍ ପଢୁଛନ୍।

**ଚରଚାରେ ଦିବ୍ୟାଙ୍ଗ ଛାତ୍ର ଜଗନ୍ନାଥ**

**ପାଇକମାଲ,୨।୨(ଡି.ଏନ.ଏ)**

କଥାରେ ଅଛେ ମନ୍‌ବଲ ଥିଲେ ସବୁ ସମ୍ଭବ। ଏହେଦେ ଏନ୍‌ତା ଝନେ ଦିବ୍ୟାଙ୍ଗ ଛାତ୍ର ନିଜର ମଜବୁତ୍ ମନ୍‌ବଲ ଲାଗି ଏହେଦେ ଚରଚାରେ ରହିଛନ୍। ସେ ହେଉଛନ୍ ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଠ ପଁଚେତ୍ ଭେରୁଆମୁଣ୍ଡା ଗାଁର କ୍ଷୀରୋଦ୍ର ତାଣ୍ଡିକଁର ପୁଓ ଜଗନ୍ନାଥ ତାଣ୍ଡି(୧୧)। ସୂଚନା ଅନ୍‌ସାରେ ଭେରୁଆମୁଣ୍ଡାର କ୍ଷୀରୋଦ୍ର ତାଣ୍ଡିକଁର ପରିବାର କହେଲେ ମାଏକିନା ଜେମା ତାଣ୍ଡି, ଦୁଇ ଝି ଆର ଗୁଟେ ବଲି ପୁଓ ଜଗନ୍ନାଥକୁଁ ନେଇ ସଁସାର। ଜଗନ୍ନାଥ ଜନ୍‌ମୁ ଦିବ୍ୟାଙ୍ଗ ଆଏ, ତାକର ହାତ୍‌ଗୋଡ଼ ନାଁଇଁନ। ସାଂଗସାଥି ଆର ଗାଁର ଲୋକ ତାହାକୁ ଜଗା ଭାଇ ବଲି ଡାକୁଛନ୍। ଜଗା ଏହେଦେ ଗାଁର ପ୍ରାଥମିକ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପାଠ୍ ପଢୁଛନ୍। ମା' ଜେମା ତାହାକୁ ଫିଦିନ ହ୍ୱିଲ ଚେୟାରରେ ବସେଇ ସ୍କୁଲ ନେବାର ଆନବାର କରୁଛନ୍। ଦିନାକେତେ ତଲେ ସ୍କୁଲର ବଛରକିଆ ଉଛବ୍‌ରେ ଜଗା ନାଚ୍ ପରିବେଷନ କରି ଚରଚାକେ ଆସିଥିଲେ। ଗୀତ୍, ବାଜ୍‌ନାର ତାଲେ ତାଲେ ତାକର ନାଚ୍ ଆର ଦିହି ମଲ୍‌କାର କମାଲ ଦେଖି ସାଂଗସାଥି, ଶିକ୍ଷୟିତ୍ରୀ ଶିକ୍ଷକ, ଗଁବାସୀ ତାହାକୁ ପରଶଁସାରେ ଗୁଧେଇ ଦେଇଥିଲେ। ସେନ୍‌ତା ତାକର ଇ ନାଚ୍ ସୋସିଆଲ ମିଡ଼ିଆରେ ଭାଇରାଲ ହେଲା ଉତାରୁ ପିଲାନୁ ବୁଢ଼ା ତକ୍ ତାକର ପରଶଁସା କରିଛନ୍। ସେ ଖାଲି ନାଚ୍ ନୁହେ ଭଲ ଗୀତ୍ ବି ଗାଇ ପାରୁଛନ୍। ଲେଖାପଢ଼ା ସଂଗେ ଫଟୁ ବି କାଟିପାରୁଛନ୍। ଜଗାକଁର ଇ ସବୁ କାଯ୍ ଏହେଦେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛେ। ତାକର ଇ ଆତ୍‌ମ ବିଶୁଆସକେ ଲୋକ୍ ପରଶଁସା କରବାର ସଂଗେ ଛାତ୍ରୀଛାତ୍ରକଁର ଲାଗି ସେ ଉଦାହରନ୍ ଆଏ ବଲି ଚରଚା ହେଉଛେ। ଜଗାକୁଁ ଭବିଷତ୍‌ରେ କାଣା କରବ ବଲି ପଚ୍‌ରାଲାରୁ ଆଗିଆଁ ମୁଇଁ ଝନେ ନିହାତି ଗରିବ୍ ଘରର ପିଲା। ଅଭାବ୍ ଅନାଟନ ଲାଗି ପାଠ୍‌ପଢ଼ାରେ ଅସ୍‌ବିଧା ହେଉଛେ। ହେଲେ ସରକାରୀ ସାହାଯ୍ ମିଲ୍‌ଲେ ପାଠ୍‌ପଢ଼ି ଜୀବନ୍‌ରେ ଝନେ ଶିକ୍ଷକ ହେମି ବଲି ସେ କହିଥିଲେ।

# ୫ରେ ୧୨ ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ

**ବୌଦ୍ଧରେ ସାମିଲ ହେବେ ବିଭିନ୍ନ ସଂଘ**

**ବୌଦ୍ଧ,୨।୨(ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଏବଂ ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତରେ ସାମିଲ ନେଇ ଦୀର୍ଘ ଦିନ ହେଲା ବୌଦ୍ଧ ଜିଲା ଓକିଲ ସଂଘ ଆନ୍ଦୋଳନ ଜାରି ରଖିଛି। ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ଓ କେନ୍ଦ୍ର ସରକାର ଦାବି ପ୍ରତି ଉଦାସିନତା ମନୋଭାବ ପ୍ରଦର୍ଶନ କରୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ପଶ୍ଚିମ ଓଡ଼ିଶାର ହକ୍ ଏବଂ ସ୍ୱାଭିମାନର ଆନ୍ଦୋଳନକୁ ଷଡଯନ୍ତ୍ର କରି ନ୍ୟାୟାଳୟସ୍ତରରେ ଚପାଇଦେବାକୁ ଉଦ୍ୟମ କରାଯାଉଛି। ଏନେଇ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘ ଏହାର ପ୍ରତିବାଦରେ ଆସନ୍ତା ୫ ତାରିଖରେ ପଶ୍ଚିମ ଓଡ଼ିଶା ବନ୍ଦ ପାଳନ କରିବାକୁ ସ୍ଥିର କରିଛନ୍ତି। ବନ୍ଦକୁ ବୌଦ୍ଧ ଜିଲାରେ ବ୍ୟାପକ କରାଯିବା ନେଇ ରିବିବାର ଅପରାହ୍ନରେ ବୌଦ୍ଧ ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ ଟ୍ରକ ମାଲିକ ସଂଘ ସଭାପତି ଶିବ ମିଶ୍ର ସଂଘ ବନ୍ଦ ଡାକରାରେ ସାମିଲ ହେବା ସହ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେସରକାରୀ ବସ୍ ସଂଘ ସମ୍ପାଦକ ରାଜକିଶୋର ପଟ୍ଟନାୟକ ବନ୍ଦରେ ବସ୍ ସଂଘ ସହଯୋଗ କରିବା ସହ ୧୨ ଘଣ୍ଟା ଧରି ଗାଡି ଚଳାଚଳ ମଧ୍ୟ ରଖାଯିବ ବୋଲି କହିଥିଲେ। ରାମଲିଳା ନାଟ୍ୟ ସଂସର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଆନ୍ଦୋଳନରେ ରାମଲିଳା ନାଟ୍ୟ ସଂସଦ ସାମିଲ ହେବା ସହ ସଫଳ କରିବାକୁ ଆହ୍ୱାନ କରିଥିଲେ। ବଣିକ ସଂଘର ପ୍ରତିନିଧି କପୁର ଅଗ୍ରୱାଲ ବନ୍ଦରେ ବଣିକ ସଂଘ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସମ୍ବାଦିକ ସଂଘ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପଶ୍ଚିମ ଓଡିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକ ହେବା ଦରକାର ବୋଲି ମତ ଦେବା ସହ ବରଯାତ୍ରୀ ଗାଡିକୁ ବନ୍ଦରୁ ନିବୃତ୍ତ ରଖାଯିବାକୁ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସି ସଂଘ, ଜୟ ଭୈରବୀ କ୍ଲବ କର୍ମକର୍ତ୍ତା ଯୋଗଦେଇ ଆନ୍ଦୋଳନରେ ସାମିଲ ହେବାକୁ ମତ ଦେଇଥିଲେ। ବନ୍ଦରେ ଅତ୍ୟାବଶ୍ୟକୀୟ ସେବା ଯଥା ଔଷଧ ଦୋକାନ, ଆମ୍ବୁଲାନ୍ସ, ବରଯାତ୍ରୀ ଗାଡି ଓ ଦୁଗ୍ଧ ଯୋଗାଣ ଗାଡିକୁ ଅବ୍ୟାହତି ଦିଆଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ବୌଦ୍ଧ ଜିଲାର ୩ଟି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳରେ ବନ୍ଦପାଳନକୁ ଜୋରଦାର କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଜିଲା ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ମିଶ୍ର, ଉପସଭାପତି ଅଶୋକ କୁମାର ସାହୁ, ରବୀନ୍ଦ୍ର କୁମାର ରାଉତଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା ବନ୍ଦ ପାଳନ ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।



ଯବାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
-ଲାଲ ବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ...



### ରାଜବୋଡାସମ୍ବର ଧନୁଯାତ୍ରା: ପୁତନାଙ୍କୁ ଗୋପପୁର ପ୍ରେରଣ

ପଦ୍ମପୁର, ୨।୨ (ଡି.ଏନ.ଏ)- ରାଜବୋଡାସମ୍ବର ଧନୁଯାତ୍ରା ମହୋତ୍ସବରେ ଶନିବାର ପୂର୍ବାହ୍ନ ୧୧ଟାରେ ରାଜା ଉଗ୍ରସେନଙ୍କ ଦ୍ୱାରା ଦେବକୀ, ବସୁଦେବଙ୍କ ବିବାହ ଗଣ୍ଡପାଲିରେ ସଂପନ୍ନ ହୋଇଥିଲା । ପରେ ସନ୍ଧ୍ୟାରେ ଅନୁଷ୍ଠିତ ରାଜଦରବାରରେ ଦେବକୀ, ବସୁଦେବଙ୍କ ଅଷ୍ଟମ ଗର୍ଭ ହାତରେ କଂସଙ୍କ ମୃତ୍ୟୁ ନେଇ ଶୂନ୍ୟବାଣୀ ହୋଇଥିଲା। ଏଥିରେ କଂସ ଭୟଭିତ ହୋଇ ଦେବକୀ, ବସୁଦେବଙ୍କୁ ବନ୍ଦୀଶାଳାରେ ରଖିଥିଲେ। ପର କଂସ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ସିଂହାସନ ଆରୋହଣ କରିଥିଲେ। ଦେବକୀଙ୍କ ଗର୍ଭରୁ କୃଷ୍ଣଙ୍କ ଜନ୍ମ। କୃଷ୍ଣଙ୍କୁ ଗୋପପୁର ପ୍ରେରଣ, କୃଷ୍ଣଙ୍କୁ ହତ୍ୟା ନେଇ ପୁତନାଙ୍କୁ ଗୋପପୁରକୁ ପ୍ରେରଣ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ପରେ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ପରିବେଷଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂ, ସିଦ୍ଧାର୍ଥ ସିଂ ବରିହା, ବିଜୟରଞ୍ଜନ ସିଂବରିହା, ଶଶିଭୂଷଣ ସାହୁ, ଡାଲିମ୍ବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏପରି କି ଦର୍ଶକ ମିନାବଜାର ସହ ଅପେରାର ମଜା ଉଠାଇଥିଲେ।



ପୁରୁଣା ହସ୍ପିଟାଲ ଆଗରେ ଟାୟାର ଜାଳି ରାସ୍ତା ଅବରୋଧ ।



ଲୋକଙ୍କ ସହିତ ବରଗଡ଼ ବିଧାୟକଙ୍କ ଆଲୋଚନା ।

# ସଭିଏଁ ଏକାଠି, ଲିଭୁନି ଅସନ୍ତୋଷର ନିଆଁ

## ସିଟି ହସ୍ପିଟାଲ ଘୋଷଣା ଦାବି

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ, ଏମ୍‌ପି
- କଂଗ୍ରେସର ଅନଶନରେ ସାମିଲ ହେଲା ଭାଜପା
- ଏକତା ମଞ୍ଚର ଆହ୍ୱାନରେ ପଥପ୍ରାନ୍ତ ସଭା ଆଜି

ବରଗଡ଼ ଅଫିସ୍,୨।୨

ବରଗଡ଼ ସହରରେ ସିଟି ହସ୍ପିଟାଲ ଦାବିନେଇ ତାତି ବଢ଼ିବାରେ ଲାଗିଛି। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା ଦାବି ଜୋର୍ ଧରିଛି। ଏନେଇ ଦଳମତ ନିର୍ବିଶେଷରେ ସହରବାସୀ ଏକାଠି ହୋଇଛନ୍ତି। ସହରବାସୀ ଶନିବାର ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ଉଭୟ ରାଜନୈତିକ, ସାମାଜିକ ସଂଗଠନଗୁଡ଼ିକ ଦାବି ନେଇ ପରସ୍ପର ହାତ ମିଳାଇଛନ୍ତି। ସିଟି ହସ୍ପିଟାଲ ଦାବି ଉପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଥିବାବେଳେ ରବିବାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସହରବାସୀଙ୍କ ଆବଶ୍ୟକତା ଦୃଷ୍ଟିରୁ ସିଟି ହସ୍ପିଟାଲ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ବରଗଡ଼ରେ ଲେଭେଲ୍-୩ କ୍ୟାନସର ହସ୍ପିଟାଲ ସ୍ଥାପନ ଘୋଷଣା ପାଇଁ ଏମ୍‌ପି ପୂଜାରୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିବାବେଳେ ଏକ ପୂର୍ଣ୍ଣାଙ୍ଗ କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ସ୍ଥାପନ ହୋଇପାରିଲେ, କେବଳ ବରଗଡ଼ ନୁହେଁ, ପଶ୍ଚିମ ଓଡ଼ିଶାବାସୀ ସେଥିରୁ ଉପକୃତ ହୋଇପାରିବେ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ସିଟି ହସ୍ପିଟାଲ ଦାବି ନେଇ ସହରରେ ଆନ୍ଦୋଳନ ଥମିବାର ନାଁ ନେଉ ନାହିଁ । ଶନିବାର ସହରର ବିଭିନ୍ନ ଛକରେ ଟାୟାର ଜାଳି ଲୋକେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିବାବେଳେ ରବିବାର ସ୍ଥାନୀୟ ବିଧାୟକଙ୍କ ଘର ସମ୍ମୁଖକୁ ଯାଇ ସିଟି ହସ୍ପିଟାଲ ଦାବି ଉପସ୍ଥାପନ କରିଥିଲେ। ବିଧାୟକ ଆଚାର୍ଯ୍ୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଆଗରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ଧାରଣାରେ ବସିଥିଲେ । ଅପରପକ୍ଷେ ସିଟି ହସ୍ପିଟାଲ ଦାବି ନେଇ ଶନିବାର ପୂର୍ବାହ୍ନ ୧୦ଟାରୁ ସ୍ଥାନୀୟ ଗାନ୍ଧୀଛକରେ ୨୪ଘଣ୍ଟିଆ ଅନଶନରେ ବସିଥିବା କଂଗ୍ରେସ ନେତା ନିପନ କୁମାର ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, କିଶନ ଶର୍ମା ଅନଶନ ଭଙ୍ଗ କରିଛନ୍ତି । କଂଗ୍ରେସ ନେତାଙ୍କ ଅନଶନସ୍ଥଳୀକୁ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଓକିଲ ସଂଘ ଉପସଭାପତି ସରୋଜ କୁମାର ତ୍ରିପାଠୀ, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ ପ୍ରମୁଖ ପହଞ୍ଚି ସମର୍ଥନ ଜଣାଇଥିଲେ । ସେହିପରି ଅତିରିକ୍ତ ଜିଲାପାଳ(ଏଡ଼ିଏମ) ମିର୍ଦ୍ଧା ଟପ୍ପୋ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ବିଭୂତି ଭୂଷଣ ମେହେର ପ୍ରମୁଖ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ । ସିଟି ହସ୍ପିଟାଲ ଦାବି ହାସଲ ନେଇ ଏକତା ମଞ୍ଚ ଗଠନ କରାଯାଇଛି । ଏକତା ମଞ୍ଚର ଆହ୍ୱାନକ୍ରମେ ସୋମବାର ସନ୍ଧ୍ୟା ୫ଟାରେ ସ୍ଥାନୀୟ ମହିଳା କଲେଜ ସମ୍ମୁଖରେ ଦଳମତ ନିର୍ବିଶେଷରେ ପଥପ୍ରାନ୍ତ ସଭା ରହିଛି । ଏଥିରୁ ଦାବି ହାସଲ ପାଇଁ ଠୋସ୍ ପ୍ରତିଶ୍ରୁତି ନ ମିଳିଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ତେବେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କିଭଳି ରହିବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ରାଜ୍ୟ ସରକାର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପିଏଚ୍‌ସି(ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ଭାବେ ଘୋଷଣା କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ସହରବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଏବଂ ସହରର ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ଥିବାଯୋଗୁ ସିଟି ହସ୍ପିଟାଲ ଦାବି ପାଇଁ ଅଡ଼ି ବସିଛନ୍ତି। ପ୍ରକାଶଥାଉ କି, ଗତ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ଟୁକୁର୍ଲା(ଖେଦାପାଲି)ର ୩ଶହ ଶଯ୍ୟା ତଥା ୭ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ । ପରେ ଗତ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ଅନ୍ତର୍ବିଭାଗ, ବହିର୍ବିଭାଗକୁ ବନ୍ଦ କରିବା ସହିତ ଆବଶ୍ୟକ ଯନ୍ତ୍ରପାତି ଆଦି ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହା ଜାଣିବା ପରେ ସହରରେ ଅସନ୍ତୋଷର ନିଆଁ ଜଳି ଉଠିଛି।

### ଭେଉଁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ



ପଦ୍ମପୁର,୨।୨(ଡି.ଏନ.ଏ.)

ରାଜବୋଡାସମ୍ବର ପଦ୍ମପୁର ଅଧୀନ ଭେଉଁରିଆ ନେହେରୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ବିଜୟରଞ୍ଜନ ସିଂବରିହା ପ୍ଲାଟିନମ୍ ଜୟନ୍ତୀର ଶୁଭାରମ୍ଭ କରିଥିଲେ। ମହୋତ୍ସବର ଉପଦେଷ୍ଟା ଭକ୍ତପୁରନ ସାହୁ, ସଭାପତି ଅରୁପାନନ୍ଦ ସାହୁ, ସମ୍ପାଦକ ଅଶୋକ ମେହେର, ପ୍ରଧାନଶିକ୍ଷକ ତରଣୀସେନ ବରିହା, ସରପଞ୍ଚ ରଜନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏପରି କି ମୁଖ୍ୟଅତିଥି ପ୍ଲାଟିନମ୍ ଜୟନ୍ତୀ ସମାରୋହର ସ୍ମୃତିରେ ନିର୍ମିତ ପ୍ଲାଟିନମ୍ ଜୁବିଲି ତୋରଣ, ସ୍ମୃତିସ୍ତମ୍ଭ ଓ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନୂଆଁଧର ସାହୁ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅଧିବେଶନରେ କୋକିଳ ସାହୁ ସଭାପତିତ୍ୱ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କ ସହ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ହେଉଥିବା ସମାରୋହକୁ ମନ୍ତ୍ରୀ ସିଂ ପ୍ରଶଂସା କରିଥିଲେ। ଭେଉଁରିଆ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲବ ସଦସ୍ୟ, ପୁରାତନ ଛାତ୍ର, ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହେଉଛି।

# ସାମାଜିକ ସୁରକ୍ଷା, ସ୍ୱଚ୍ଛତା ଶିବିର

ବିଜେପୁର,୨।୨(ଡି.ଏନ.ଏ.): ବରଗଡ଼ ଜିଲା ବିଜେପୁର ଏନ୍‌ଏସି ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନା ଓ ସ୍ୱଚ୍ଛତା ସଚେତନତା ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେର ଶିବିରରେ ଅଧକ୍ଷତା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅଗ୍ନିଶମ ଅଧିକାରୀ ଭ୍ରମରବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ପରିବେଶର ସୁରକ୍ଷା ସହ ଘରର ଚତୁଃପାର୍ଶ୍ୱ ପରିଷ୍କାର ରଖିବାକୁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ଓ ଯୋଗ୍ୟ ବିବେଚିତ ସ୍ୱଚ୍ଛ ଗୃହକର୍ତ୍ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ସଂଗଠକ ଛନ୍ଦାମିତ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍‌ତା ତରେ ଜୀବନ୍ ଜିବ୍‌କା

ବରପାଲି, ୨।୨ (ଡି.ଏନ.ଏ)

ଧନୀନୁ ଗରିବ୍ ସଭେ ପେଟ୍ ପାଲବାର ଲାଗି ନାନା ଉପେ ପାଁଚୁଛନ୍। ଯାହାର ପଏସା କଉଡ଼ ଅଛେ ବେପାର ବନିଜ କରି ଆରାମ ସେ ଚଲୁଛେ। ଗରିବ୍ ଦୁଖି, ଖଟିଖିଆ ଲୋକ୍ ନିଜର ବାହାଜାଂଗଲ ମାଜି କମେଇ ଖାଉଛନ୍। ସେନ୍‌ତା ଆରକେତେ ଭିନେ ଭିନେ କଳା କଉଶଲର ବେଭାର କରି ନିଜର କୁଟୁମ୍ ପୁଷୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ବରପାଲି ଅଂଚଲରେ।

ସୂଚନା ଅନ୍‌ସାରେ ରାଜସ୍ଥାନ ଜୟପୁର ଜିଲା ଅଧୀନ କୋଟା ଅଂଚଲର ହୀରାଲାଲ ରାମସିଂ(୮୦)। ସେ ଲୁହୁରା ସମାଜର। ବାପ୍‌ଅଜାରନୁ ନିଜର କଉଲିକ୍ ବୁରତି ଶିଖିଛନ୍। ହେଲେ ନିଜର କଉଲିକ୍ ବୁରତିର ଚାହିଦା ନିଜର ଅଂଚଲରେ ବିଶେଷ ନାଁଇଁନ। ଏନ୍‌ତାଥି କମେଇ ଖାଏବାର ଲାଗି ସେ ଫିବଛର ଅକ୍ଟୋବର, ନଭେମ୍ବର ହେଲେ କୁଟୁମବସିଆ ଓଡ଼ିଶାକେ ପଲେଇ ଆସୁଛନ୍। ଦିନ୍‌ଯାକ ଝାଲବୁହା ପରିଶ୍ରମ କରି କୁଡି, ଟଂଗିଆ, ଚଟୁ, ନଲା ଲେଖେଁ ଲୁହା ସାମାନ ତିଆରି ବିକାଭଂଗା କରୁଛନ୍। ଯାହା କମାନି ହେଉଛେ ସେଥିରେ ପରିବାର ଆରାମରେ ଚଲୁଛେ। ଦିନାକେତେ ହେଲା ହୀରାଲାଲ ବରପାଲି ତହସିଲ ଛକ୍ ପାସେ ନିଜର ଡେରା ପକେଇ ବେପାର କରୁଛନ୍। ଇ ବୁଲା ବେପାର ବାବ୍‌ଦେ ତାହାକୁ ପଚ୍‌ରାଲାରୁ ଆଗିଆଁ ଆମେ ଗରିବ୍ ଲୋକ୍, ଜମିବାଡ଼ି, ସଁପତି ବଲି କିଛି ନାଇଁ। ଫିଦିନ ବାହାଜାଂଗଲ ମାଜି ପେଟ୍‌ର ଲାଗି ଦାନା ଯୁଗାଡ଼ କରୁଛୁଁ। ଇ ସରକାରୀ ସାହାଯ୍ ସବୁ ଚୁଛା କଥା। ମିଲୁଥିଲେ ଆମେ ବାରବୁଲା ଜୀବନ୍ ବିତେଇ କାଏଁଯେ ଶୀତ କାକର ଖାଏତୁଁ ବଲି ସେ କହିଥିଲେ।



ହୀରାଲାଲ ଲୁହା ସାମାନ ତିଆରୁଛନ୍।

### ଟେମିରିମାଲ ଯୁବତୀଙ୍କ ହତ୍ୟାକାଣ୍ଡ ଘଟଣା:୨ ଗିରଫ

ପାଇକମାଲ,୨।୨(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଲ ବ୍ଲକ ଟେମିରିମାଲରେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପାଇକମାଲ ଥାନା ପୋଲିସ ଗିରଫ କରି ଶନିବାର ପଦ୍ମପୁର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ଣ୍ଣ ଅମରି (୩୨) ଓ ଡମ୍ବରୁ ଅମରୀ (୩୭)। ମିଳିଥିବା ସୂଚନା ମୁତାବକ, ଉକ୍ତ ଘଟଣାରେ ମୁଖ୍ୟଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ ପୋଲିସ ଜାନୁୟାରୀ ୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ କର୍ଣ୍ଣ ଓ ଡମ୍ବରୁଙ୍କୁ ଧରିବାରେ ସଫଳ ହୋଇଥିଲା। ସମ୍ପୃକ୍ତ ୩ ଅଭିଯୁକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ପାଇକମାଲ ଆଇଆଇସି ବିଶ୍ୱଜିତ ମନବୋଧ ପ୍ରକାଶ କରିଛନ୍ତି।



ଗିରଫ ୨ ଅଭିଯୁକ୍ତ।

# ଫେବୃୟାରୀ ୫ରେ ମହାବନ୍ଦକୁ ସମର୍ଥନ କରିବ ବରଗଡ଼ ଜିଲା ଓକିଲ ସଂଘ

ବରଗଡ଼ ଅଫିସ୍,୨।୨

ଆସନ୍ତା ୫ତାରିଖ ପଶ୍ଚିମ ଓଡ଼ିଶା ମହାବନ୍ଦକୁ ବରଗଡ଼ ଜିଲା ଓକିଲ ସଂଘ ସମର୍ଥନ କରିବ। ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପଶ୍ଚିମ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ମହାବନ୍ଦକୁ ସମର୍ଥନ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି । ଜିଲା ଓକିଲ ସଂଘର ସଭାପତି ବେଲାଲସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ଏବଂ ଅନ୍ୟ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଶୁକ୍ରବାର ସମ୍ବଲପୁର, ବଲାଙ୍ଗୀର ଜିଲା ଓକିଲ ସଂଘର ପ୍ରତିନିଧିମାନେ ଏଠାକୁ ଆସି ଫେବୃୟାରୀ ୫ତାରିଖର ପଶ୍ଚିମ ଓଡ଼ିଶା ମହାବନ୍ଦକୁ ସଫଳ କରିବା ସକାଶେ ଏଥିରେ ସହଯୋଗ କରିବା ପାଇଁ ବରଗଡ଼ ଜିଲା ଓକିଲ ସଂଘକୁ ଅନୁରୋଧ କରିଥିଲେ ।



ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଓକିଲ ସଂଘର କର୍ମକର୍ତ୍ତାବୃନ୍ଦ ।

# ରାଣାପ୍ରତାପ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବରଗଡ଼ ଅଫିସ୍,୨।୨

ବରଗଡ଼ସ୍ଥିତ ରାଣାପ୍ରତାପ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଜର୍ଜ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ସ୍ୱାଇଁ ମୁଖ୍ୟଅତିଥି, ଆନନ୍ଦ ସାହୁ, ପ୍ରେମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ସାହୁ, ଭାବନା ସାହୁ, ସୁନିତା ମିଶ୍ର, ପ୍ରଭାତି ସାହୁ, ତପସ୍ୱିନୀ ତ୍ରିପାଠୀ, ମନୋରମା ଷଡ଼ଙ୍ଗୀ, କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ । ସାଞ୍ଜା ପ୍ରଧାନ ଓ କାୟା ଜୟପୁରିଆ ସହଯୋଗ କରିଥିଲେ । ଶିକ୍ଷକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ରାଣାପ୍ରତାପ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଉଛି ।

# ମଉଲିକ୍ ସୁବିଧାରୁ ବଁଚିତ୍ ସାଲମାପାଲି ଗାଁବାସୀ

ଗଣ୍ଡତୁରୁମ, ୨।୨ (ଡି.ଏନ୍.ଏ.)

ଦେଶ୍ ସୁଆଧୀନ ହେବାର ଆଏଜ୍‌କେ ୭୦ ବଛର ବିତିଯାଇଛେ। କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗାଁର ବିକାଶ କଥା କହୁଛନ୍। ହେଲେ ଆମର ରାଏଜେ ଆଏଜ୍ ବି ଏନ୍‌ତା ଅନେକ ଗାଁଗଁଡ଼ା ଅଛେ ଯେନ୍‌ଠାନେ ଲୋକ୍ ସାଧାରନ୍ ମଉଲିକ୍ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ମାନପୁର ପଁଚେତ୍ ଅଧୀନ ସାଲମାପାଲି ଗାଁରେ।

ସୂଚନା ଅନ୍‌ସାରେ ସାଲମାପାଲିଟା ଗୁଟେ ୱାର୍ଡକେ ନେଇ ରହିଛେ। ଗାଁରେ ୩୦ ପରିବାରର ପାଖାପାଖି ୨ଶହ ଲୋକ୍ ବାସ୍ କରୁଛନ୍। ସେ ଭିତ୍‌ରୁ ୧୫୦ ଲୋକ୍ ହେଉଛନ୍ ଭୋଟର। ହେଲେ ଇ ଗାଁକେ ଆଏଜ୍ ବି ଫିଦିନିଆଁ ରାସ୍‌ତା ଖଁଡ଼େ ନାଁଇଁନ। ଗର୍ଭଣା ତରପଟୁ ଗଲେ ଗୁଟେ ଅନାବାଦୀ ପଡ଼ିଆ ଦେଇ ରାସ୍‌ତା ରହିଛେ। ଆରଗୁଟେ ରାସ୍‌ତା ମହଲେ କାଳେଶ୍ୱର ପ୍ରାଥମିକ ବିଦ୍ୟାଳୟ ତରାରେ ରହିଛେ। ହେଲେ ରାସ୍‌ତାଟା ଖାଲନାଲ ଆର ଆଁଠେ କାଦୋରେ ଭରି ରହିଛେ। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ୨ଟା ନଲ୍‌ଚୁଆଁ ରହିଛେ। ହେଲେ ବଡ଼ଭାଗି ସମିଆ ପାଏନ୍ ନାଇଁ ବାହାରବାର ଲାଗି ଲୋକ୍ ହଟ୍‌ହଟା ହେଉଛନ୍। ସେନ୍‌ତା ଗାଁବାସୀ ଦିହିପା ଲାଗି ପାସର ଦାତୁକପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିରଭର କରୁଛନ୍। ହେଲେ ବହୁତ୍ ଦିନ୍ ହେଲା ସ୍ୱାସ୍ଥ୍ୟକେନ୍ଦ୍ରଟା ଡାକ୍‌ତର ଅଭାବୁ ଫାର୍ମାସିଷ୍ଟ ଭରସାରେ ଚାଲିଛେ। ଏନ୍‌ତାଥି ଗାଁବାସୀ ସାଧା ଜରତପ୍ ଲାଗି ବି ୪୦ କି.ମି. ଦୂରିଆ କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ରକେ ଯାଇ ହଇରାନ ହରକତ୍ ହେଉଛନ୍। ସେନ୍‌ତା ଗାଁରେ ସ୍କୁଲ ତ ଦୂରର କଥା ଛୁଆମାନକର ଲାଗି ଅଙ୍ଗନୱାଡି କି ମିନି ଅଙ୍ଗନୱାଡି କେନ୍ଦ୍ରଟେ ନାଁଇଁନ। ଏନ୍‌ତାଥି ଗାଁର ଛୋଟ ଛୋଟ ଛୁଆମାନଙ୍କୁ ଫିଦିନ ମା'ବାପ୍‌ମାନେ ୨ କି.ମି. ଦୂରିଆ ମହୁଲେ ଗାଁର ଅଙ୍ଗନୱାଡି କେନ୍ଦ୍ରକେ ନେବାର ଆନବାର କରୁଛନ୍। ଯେନ୍‌ଥିରଲାଗି ସବୁ ଛୁଆ ଫିଦିନ ଅଙ୍ଗନୱାଡିକେ ପାଠ୍‌ପଢ଼ି ଯାଇ ନାଇଁପାରବାର। ଅନେକ ସମିଆରେ ଛୁଆମାନେ ପାଠ୍‌ପଢ଼ା ସଂଗେ ପୁଷ୍ଟିକର ଖାଏଦ୍‌ରୁ ବଁଚିତ୍ ହେଉଛନ୍। ଏହେଦେ ଦୁନିଆଁ କେନ୍‌ନୁ କେନ୍‌କେ ଗଲାବେଲେ ଗାଁବାସୀ ବିଦ୍ୟୁତ୍ ସେବାରୁ ବଁଚିତ୍ ହେଇ ବେଲ୍‌ବୁଡ଼ଲେ ଲାଲ୍‌ଟିନ୍ ଡିବ୍‌ରିରେ ଜୀବନ୍ ବିତଉଛନ୍। ସେନ୍‌ତା ହାଇସ୍କୁଲ, କଲେଜରେ ପଢୁଥିବାର ଗାଁର ଛାତ୍ରୀଛାତ୍ର ରାସ୍‌ତାଘାଟ ଅଭାବୁ ନାନା ସମସିଆର ସାମନା କରୁଛନ୍। ଏନ୍‌ତାଥି ବରଷା ଦିନର କଥା ନାଇଁ କହେବାର ଭଲ। ଗାଁର ବିକାଶ କଥା କହେଲେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଗାଁ ଭିତରର ରାସ୍‌ତାଟା କଂକ୍ରିଟ ଆର ସିଏଫ୍‌ସି ଯୋଜନାରେ ଇନ୍‌ଫୋଥେଟର ଘର ତିଆର ହେଇଛେ। ସେନ୍‌ତା ଗାଁବାସୀ ସରକାରୀ ଯୋଜନାରେ ଚାଉଲ, କିରୋସିନୀ ପାଉଥିଲାବେଲେ ଗାଁର ଅନେକ ବୁଢ଼ାବୁଢ଼ି, ବିଧବା ଭତା ପାଏବାରୁ ବଁଚିତ୍ ଥିବାର ଜନାଯାଇଛେ। ଇ ଦିଗେ ଜିଲା ଆର ଥାନୀଅ ପରଶାସନ ଦୁରୁଷ୍‌ଟି ଦେଇ ମଉଲିକ୍ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ସାଲମାପାଲି ଗାଁର ଦୁରୁଶ୍।

## ଦଳାଚକଟାରେ ୨୦ ମୃତ

ତାଞ୍ଜାନିଆର ଏକ ଚର୍ଚ୍ଚରେ ଉତ୍ସବ ଚାଲିଥିବାବେଳେ ଦଳାଚକଟାରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନେକ ଆହତ ହୋଇଥିବାବେଳେ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଶନିବାର ଚର୍ଚ୍ଚରେ ପୂଜାର୍ଚ୍ଚନା ବେଳେ ନିଜକୁ ଆପୋଷ୍ଟଲ୍ କହୁଥିବା ବୋନିଫେସ୍ ମାମ୍ବୋସା ଭୂମି ଉପରେ ପବିତ୍ର ତୈଳ ଢାଳିଥିଲେ। ଶ୍ରଦ୍ଧାଳୁମାନେ ତାହାକୁ ଛୁଇଁବା ପାଇଁ ମାଡ଼ିଆସିବାରୁ ଦଳାଚକଟା ଘଟିଥିଲା।

# ଖୁସି ନୁହନ୍ତି ମଧ୍ୟବିତ୍ତ

ନୂଆଦିଲ୍ଲୀ,୨।୨(ଆଇଏଏନ୍ଏସ୍)



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିବା ୨୦୨୦-୨୧ ଆର୍ଥିକ ବର୍ଷର ବଜେଟକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆସିବାରେ ଲାଗିଛି। ୩୦ ଲକ୍ଷ ୪୨ ହଜାର ୨୩୦ କୋଟି ଟଙ୍କାର ଏହି ବଜେଟରେ କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଲୋକଙ୍କୁ ଖୁସି କରିବା ପାଇଁ କେତେକ ନୂଆ ଯୋଜନା ଘୋଷଣା କରିଛନ୍ତି। ତେବେ ଏହା ମଧ୍ୟବିତ୍ତଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ବଜେଟକୁ କୃଷକଙ୍କ ହିତରେ ଥିବା କେତେକ ମହଲରେ କୁହାଯାଉଥିବାବେଳେ ଅଧିକାଂଶ ମଧ୍ୟବିତ୍ତଙ୍କ ଆଶା ଆକାଂକ୍ଷାକୁ ଅର୍ଥମନ୍ତ୍ରୀ ନିଜ ଦୀର୍ଘ ଅଭିଭାଷଣରେ ପୂରଣ କରିପାରି ନ ଥିବା ଏକ ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି।

ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ ବଜେଟକୁ ନେଇ ଏକ ସର୍ଭେ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ ଭାରତର ମଧ୍ୟବିତ୍ତ ଓ ଦରମାଭୋଗୀ ଶ୍ରେଣୀର ଲୋକଙ୍କୁ ଖୁସି କରିପାରି ନାହାନ୍ତି। ବଜେଟକୁ ମାତ୍ର ୨୦.୧% ଲୋକ ମଧ୍ୟବିତ୍ତଙ୍କ ସପକ୍ଷରେ ଥିବା ମତ ଦେଇଛନ୍ତି। ବିସ୍ତୃତ ଭାବେ ଅନୁଧ୍ୟାନ କଲେ ୩୬.୬% ଲୋକ ଏହାକୁ ନେଇ ସକାରାତ୍ମକ ଉତ୍ତର ଦେଇଥିବାବେଳେ

**ବଜେଟ ୨୦୨୦-୨୧କୁ ନେଇ ଆଇଏଏନ୍ଏସ୍-ସିଭୋଟର ସର୍ବେକ୍ଷଣ**

୩୯.୮ ପ୍ରତିଶତ ଲୋକ ମଧ୍ୟବିତ୍ତଙ୍କୁ ସାମାନ୍ୟ ସୁହାଇଲା ଭଳି ବଜେଟ ବୋଲି କହିଛନ୍ତି। ୧୬.୬ ପ୍ରତିଶତ ଏହା ମଧ୍ୟବିତ୍ତଙ୍କ ସପକ୍ଷରେ ନ ଥିବା କହିଛନ୍ତି। ୭% ଏନେଇ କିଛି ଉତ୍ତର ଦେଇନାହାନ୍ତି। ସେହିପରି ବେରୋଜଗାରୀ ସମସ୍ୟାର ସମାଧାନ ଦିଗରେ ବଜେଟ କେତେ ସହାୟକ ହେବ ବୋଲି ପ୍ରଶ୍ନ କରାଯାଇଥିଲା। ମାତ୍ର ୧୦% ଲୋକ ଏହା ସପକ୍ଷରେ ଉତ୍ତର ଦେଇଛନ୍ତି। ଅନ୍ୟପକ୍ଷରେ ସ୍ୱଚ୍ଛ ପାନୀୟ ଜଳ, ପିପିପି ମୋଡ୍‌ରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଦେଶରୁ ଯକ୍ଷ୍ମାରୋଗର ମୂଳୋତ୍ପାଟନ ଭଳି ସାମାଜିକ ଯୋଜନାଗୁଡ଼ିକୁ ଲୋକେ ପ୍ରଶଂସା କରିଛନ୍ତି। ତେବେ ବଜେଟରେ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ଭଳି ବିଶେଷ କିଛି ବ୍ୟବସ୍ଥା ନ ଥିବା ଅନେକେ ମନେକରନ୍ତି। ଅନୁରୂପ ଭାବେ ୨୦୨୨ ସୁଦ୍ଧା ଦେଶର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସୀତାରାମନ୍ ୧୬ ସୂତ୍ରୀ ଯୋଜନା ଘୋଷଣା କରିଛନ୍ତି। କୃଷି ବଜେଟରେ ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଏହାକୁ ଚାଷୀଙ୍କ ସପକ୍ଷରେ ସେତେଟା ନୁହେଁ ବୋଲି ବିବେଚନା କରାଯାଉଛି। ବଜେଟ ପରବର୍ତ୍ତୀ ଏହି ସର୍ବେକ୍ଷଣରେ ଦେଶର ବିଭିନ୍ନ ଭାଗର ଭିନ୍ନ ଭିନ୍ନ ଶ୍ରେଣୀର ୧,୨୦୦ ଲୋକଙ୍କୁ ସାମିଲ କରାଯାଇଥିଲା। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବାର ଠିକ୍ ପରେ ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ ଏହି ଲୋକମାନଙ୍କ ସାକ୍ଷାତ୍‌କାର ନିଆଯାଇଥିଲା।

## ହିନ୍ଦୁ ନେତାଙ୍କୁ ଗୁଳି କରି ହତ୍ୟା

ଲକ୍ଷ୍ନୌ,୨।୨(ଆଇଏଏନ୍ଏସ୍)



ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ହିନ୍ଦୁବାଦୀ ନେତା ରଣଜିତ ବଚ୍ଚନଙ୍କୁ ରବିବାର ସକାଳେ ଗୁଳି କରି ହତ୍ୟା କରାଯାଇଛି। ଏକ ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ତେବେ ହତ୍ୟାକାଣ୍ଡର ଅନ୍ୟ ସମସ୍ତ ଦିଗକୁ ନେଇ ମଧ୍ୟ ଯାଞ୍ଚ ଚାଲିଥିବା ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ମହାସଭାର ଉତ୍ତରପ୍ରଦେଶ ମୁଖ୍ୟ ରଣଜିତ ବଚ୍ଚନ ଲକ୍ଷ୍ନୌର ହଜରତ୍‌ଗଞ୍ଜ ଥାନା ଅଞ୍ଚଳରେ ପ୍ରାତଃ ଭ୍ରମଣ ପାଇଁ ଯାଉଥିଲେ। ଏତିକିବେଳେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଏକ ୯ଏମ୍ଏମ୍ ପିସ୍ତଲରେ ତାଙ୍କୁ ଖୁବ୍ ନିକଟରୁ ଗୁଳି କରିଥିଲେ। ରଣଜିତଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣସ୍ଥଳରୁ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ସାଇବର ସେଲ ଅଧିକାରୀମାନେ ତାଙ୍କ କଲ୍ ଡିଟେଲ ଯାଞ୍ଚ କରୁଛନ୍ତି। ସିସିଟିଭି ଫୁଟେଜ୍‌କୁ ମଧ୍ୟ ଛାନ୍‌ଭିନ୍ କରାଯାଉଛି ବୋଲି ଏସିପି ନବୀନ ଆରୋରା ସୂଚନା ଦେଇଛନ୍ତି। ହତ୍ୟାକାରୀଙ୍କୁ ଧରିବା ଲାଗି ୮ଟି ପୋଲିସ ଟିମ୍ ଗଠନ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ସ୍ଥାନୀୟ ଥାନାଧିକାରୀ ସନ୍ଦୀପ ତିୱାରୀଙ୍କ ସମେତ ୪ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଅହରୌଲି ପଞ୍ଚଗଭା ଗ୍ରାମରେ ଜନ୍ମିତ ୪୦ ବର୍ଷୀୟ ରଣଜିତ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ଜଣେ ବଡ଼ ପ୍ରଶଂସକ ଥିଲେ। ଏଥିଲାଗି ସେ ଏହି ବର୍ଷୀୟାନ ଅଭିନେତାଙ୍କ ସାଙ୍ଗିଆକୁ ନିଜ ନାମ ସହ ଯୋଡ଼ିଥିଲେ। ତାଙ୍କର ଦୁଇଜଣ ସ୍ତ୍ରୀ ଅଛନ୍ତି। ଜଣେ ଗୋରଖପୁର ଓ ଅନ୍ୟ ଜଣେ ଲକ୍ଷ୍ନୌରେ ରୁହନ୍ତି। ଗୋରଖପୁରରେ ଥିବା ପ୍ରଥମ ସ୍ତ୍ରୀଙ୍କ ସହ ରଣଜିତଙ୍କ ବିବାଦ ଲାଗିରହିଥିଲା। ଏହାକୁ ନେଇ ରଣଜିତଙ୍କ ବିରୋଧରେ ସେ ଏତଲା ମଧ୍ୟ ଦେଇଥିଲେ।

## ବଜେଟ ପ୍ରସ୍ତାବକୁ ସର୍ବାଧିକ ରେଟିଂ

ନୂଆଦିଲ୍ଲୀ,୨।୨(ଆଇଏଏନ୍ଏସ୍)

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ୨ ଘଣ୍ଟା ୪୦ ମିନିଟର ବଜେଟ ଭାଷଣରେ ଅର୍ଥନୀତିର ସବୁ କ୍ଷେତ୍ର ପାଇଁ ପ୍ରସ୍ତାବ ରଖିଥିଲେ। ଯଦିଓ କେତେଜଣ ବଜେଟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି, ତେବେ ଅଧିକାଂଶ ଏହାକୁ ପ୍ରଶଂସା କରିଥିବା ଜଣାପଡିଛି। ଗତ ୮ ବର୍ଷ ମଧ୍ୟରେ ଏଥର ବଜେଟକୁ ସର୍ବାଧିକ ଜନସାଧାରଣଙ୍କଠାରୁ ସର୍ବାଧିକ ରେଟିଂ ମିଳିଛି। ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ ଜନସାଧାରଣଙ୍କଠାରୁ ବଜେଟ ପରବର୍ତ୍ତୀ ମତାମତ ସଂଗ୍ରହ କରାଯାଇଥିଲା। ସୀତାରାମନଙ୍କ ବଜେଟ ଭାଷଣ ପରେ ବିଭିନ୍ନ ଅଞ୍ଚଳରୁ ୧୨୦୦ ଲୋକଙ୍କ ମତାମତ ନିଆଯାଇ ଏହି ରେଟିଂ ପ୍ରଦାନ କରାଯାଇଛି। ୨୦୨୦-୨୧ ବଜେଟକୁ ଅଧିକାଂଶ ୧୦ରୁ ୭.୧ ରେଟିଂ ପ୍ରଦାନ କରିଛନ୍ତି। ୨୦୧୩ରୁ ଇତିମଧ୍ୟରେ ଏହା ସର୍ବାଧିକ ରେଟିଂ। ଉପା ସରକାର ବେଳର ବଜେଟକୁ ମାତ୍ର ୪.୪ ପ୍ରତିଶତ ରେଟିଂ ମିଳିଥିଲା।

ବିଶେଷ କରି ବଜେଟରେ ବେତନଭୋଗୀ କର୍ମଚାରୀଙ୍କ ପାଇଁ ଟିକସରେ ଦିଆଯାଇଥିବା ସୁବିଧା ଏବଂ ଭିତ୍ତିଭୂମି ସେକ୍ଟର ସମେତ ଗ୍ରାମାଞ୍ଚଳ ଅର୍ଥନୀତି ପାଇଁ ରହିଥିବା ପ୍ରସ୍ତାବ ନିମନ୍ତେ ଏହାକୁ ସର୍ବାଧିକ ରେଟିଂ ମିଳିଥିବା କୁହାଯାଉଛି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ବଜେଟ ରେଟିଂ ଭଲ ରହୁଛି। ୨୦୧୪ରେ ଏହା ୪.୮ ଥିବାବେଳେ ୨୦୧୫ରେ ୬.୬, ୨୦୧୬ରେ ୬.୩, ୨୦୧୭ରେ ୫.୨ ଏବଂ ୨୦୧୮ରେ ୪.୭ ରହିଥିଲା। ଗତବର୍ଷ ବଜେଟ ରେଟିଂ ୭.୦ ଥିଲା।

# ଗରିବଙ୍କ ହିତରେ ବଜେଟ

ନୂଆଦିଲ୍ଲୀ,୨।୨(ଆଇଏଏନ୍ଏସ୍)

ପାର୍ଲାମେଣ୍ଟରେ ଶନିବାର ଉପସ୍ଥାପିତ ୨୦୨୦-୨୧ ଆର୍ଥିକ ବର୍ଷର ବଜେଟକୁ ୪୪% ଲୋକ ଗରିବଙ୍କ ହିତରେ ବୋଲି ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ କରାଯାଇଥିବା ସର୍ଭେରେ କୁହାଯାଇଛି। ଏଥିରେ ୩୨.୯%

**୪୪% ଲୋକଙ୍କ ମତ**

ଲୋକ ଦେଶର ଆର୍ଥିକ ଦୁର୍ବଳ ଶ୍ରେଣୀ ପ୍ରତି ବଜେଟରେ କମ୍ ଧ୍ୟାନ ଦିଆଯାଇଥିବା ଦର୍ଶାଇଛନ୍ତି। ସେହିପରି ୧୭.୧% ଏହାକୁ ଗରିବଙ୍କ ହିତରେ ଆଦୌ ନ ଥିବା କହିଛନ୍ତି। ଅବଶିଷ୍ଟ ୫.୩% ଲୋକ ଏନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଉତ୍ତର ଦେଇନାହାନ୍ତି। ବଜେଟ ପରବର୍ତ୍ତୀ ସର୍ଭେ ବେଳେ ୪୦.୯%





ଲୋକ ଏହାକୁ ଶିଳ୍ପପତିଙ୍କୁ ବହୁଳ ଭାବେ ସୁହାଇଲା ଭଳି ହୋଇଥବା କହିଛନ୍ତି। ୩୮.୮% ଉତ୍ତରଦାତାଙ୍କ ମତରେ ଏହି ବଜେଟ ବଡ଼ ବ୍ୟବସାୟ ଆଡ଼କୁ ସାମାନ୍ୟ ଢଳି ରହିଛି। ହେଲେ ୧୬% ଏହାକୁ ଖଣ୍ଡନ କରିଛନ୍ତି। ଅବଶିଷ୍ଟ ୭.୨ ପ୍ରତିଶତ ଲୋକ ଏନେଇ କୌଣସି ମତାମତ ଦେଇନାହାନ୍ତି।

## ପଙ୍ଗପାଳକୁ ନେଇ ପାକ୍‌ରେ ଜରୁରୀ ପରିସ୍ଥିତି

ଇସ୍‌ଲାମାବାଦ,୨।୨

ପାକିସ୍ତାନକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପଙ୍ଗପାଳ ମାଡ଼ିଆସି ଫସଲ ନଷ୍ଟ କରିଚାଲିଥିବାରୁ ସରକାର ଜାତୀୟ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ପଙ୍ଗପାଳ ସିନ୍ଧ୍ ପ୍ରଦେଶରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ କରିସାରିଲେଣି। ଏବେ ସେମାନେ ପଞ୍ଜାବ ପ୍ରଦେଶରେ ଫସଲ ନଷ୍ଟ କରିଚାଲିଥିବାବେଳେ ଚାଷୀମାନଙ୍କ ନିଦ ହଜାଇଦେଲେଣି। ଫଳରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନେତୃତ୍ୱରେ ଜରୁରୀ ବୈଠକ ବସି ଜାତୀୟ ଜରୁରୀ ପରିସ୍ଥିତି ଜାରି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ୪ଟି କ୍ଷତିଗ୍ରସ୍ତ ରାଜ୍ୟର ବରିଷ୍ଠ ଅଧିକାରୀ ଓ ପାକ୍ ମନ୍ତ୍ରୀମାନେ ଯୋଗଦେଇଥିଲେ। ଏହି ସଂକଟରୁ ରକ୍ଷା ପାଇବା ଲାଗି ୭୩୦ କୋଟି ଟଙ୍କାର ଜାତୀୟ କାର୍ଯ୍ୟଯୋଜନାକୁ ଅନୁମୋଦନ କରାଯାଇଛି।

**ଇତିହାସର ଆଇନାରେ** ଫେବୃୟାରୀ ୩ର ପ୍ରମୁଖ ଘଟଣା

୧୯୮୮ ଫେବୃୟାରୀ ୩ରେ ପ୍ରଥମ ଆଣବିକ କ୍ଷମତାସମ୍ପନ୍ନ ବୁଡ଼ାଜାହାଜ ଆଇଏନ୍ଏସ୍ ଚକ୍ର ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ଏହି ଚାର୍ଲି ଶ୍ରେଣୀର ବୁଡ଼ାଜାହାଜ କେ-୪୩କୁ ରୁଷିଆରୁ ୪ ବର୍ଷ ପାଇଁ ଲିଜ୍‌ରେ ଅଣାଯାଇଥିଲା।

୨୦୦୮ ଫେବୃୟାରୀ ୩ରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ନୋବେଲ ପୁରସ୍କାରର ଗୋଲ୍ଡ ମେଡାଲ ବାଂଲାଦେଶରେ ରହିଥିବାର ସୂଚନା ମିଳିଥିଲା। ଏହି ମେଡାଲ ୨୦୦୪ରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଚୋରି ହୋଇଯାଇଥିଲା।

# ଶାହିନବାଗ ଆନ୍ଦୋଳନକୁ ବିରୋଧ

**ନୂଆଦିଲ୍ଲୀ,୨।୨(ପି.ଟି.):** ଦିଲ୍ଲୀର ଶାହିନବାଗଠାରେ ଦୀର୍ଘଦିନ ହେଲା ସିଏଏ ବିରୋଧୀ ଆନ୍ଦୋଳନ ଜାରି ରହିଥିବାରୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। କାଳିନ୍ଦୀକୁଞ୍ଜ ସହ ନୋଏଡାକୁ ସଂଯୋଗ କରୁଥିବା ରାସ୍ତାରୁ ତୁରନ୍ତ ବ୍ୟାରିକେଡ୍ ହଟାଇବା ଲାଗି ସେମାନେ ଦାବି କରିଛନ୍ତି। ରବିବାର ସ୍ଥାନୀୟ ଅଞ୍ଚଳର ଏକ ଗୋଷ୍ଠୀ ସିଏଏ ବିରୋଧୀଙ୍କ ଧାରଣାସ୍ଥଳ ପାଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିଏଏ ବିରୋଧୀମାନେ ୫୦ଦିନ ହେଲା ରାସ୍ତାକୁ ଅବରୋଧ କରି ରଖିଥିବାରୁ ଲୋକମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ସେମାନେ ଅଭିଯୋଗ କରିଥିଲେ। ପିଲାମାନେ ସ୍କୁଲ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମକୁ ବାହାରିଲେ ଗଳି ରାସ୍ତାରେ ଯିବାକୁ ପଡୁଛି ବୋଲି ବିକ୍ଷୋଭକାରୀମାନେ କହିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବିକ୍ଷୋଭକାରୀମାନଙ୍କ ସହ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। ୫୨ ଜଣଙ୍କୁ ଅଟକ ରଖାଯାଇ ପରେ ଛାଡ଼ିଦିଆଯାଇଥିଲା।

## ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେଲା ପୋଲିସ

ନୂଆଦିଲ୍ଲୀ,୨।୨(ପି.ଟି.)

**ଶାହିନବାଗ ଗୁଳିକାଣ୍ଡ**

ଦିଲ୍ଲୀର ଶାହିନବାଗ୍ ଅଞ୍ଚଳରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ଜାରି ରହିଥିବାବେଳେ ଶନିବାର ଫାଙ୍କା ଗୁଳିଚାଳନା କରିଥିବା କପିଲ ଗୁଜ୍ଜରଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କୁ ରବିବାର କୋର୍ଟରେ ହାଜର କରିବା ପରେ ୨ ଦିନ ପାଇଁ ପୋଲିସ ହାଜତକୁ ନେଇଛି। ଦୁଇରାଉଣ୍ଡ ଗୁଳି ଚଳାଇଥିବା କପିଲଙ୍କୁ ପୋଲିସ କାବୁ କଲାବେଳେ ସେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ତାଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ବିଜେତା ସିଂ ରାଓ୍ୱତଙ୍କ କୋର୍ଟରେ ହାଜର କରାଯାଇଥିଲା। ଏହାର ଦୁଇଦିନ ପୂର୍ବରୁ ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ଜଣେ ଗୁଳି ଚଳାଇବାରୁ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଆହତ ହୋଇଥିଲେ।

## ଲାଲଚୌକରେ ଗ୍ରେନେଡ୍ ମାଡ଼: ୨ ଯବାନଙ୍କ ସମେତ ୯ ଆହତ

ଶ୍ରୀନଗର,୨।୨(ପି.ଟି.)

ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ଲାଲଚୌକରେ ରବିବାର ସକାଳେ ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରିଛନ୍ତି। ଏଥିରେ ସିଆର୍‌ପିଏଫ୍‌ର ୨ ଯବାନ ଓ ଅନ୍ୟ ୭ ନାଗରିକ ଆହତ ହୋଇଛନ୍ତି।

ବ୍ୟସ୍ତବହୁଳ ଲାଲଚୌକ ଅଞ୍ଚଳର ପ୍ରତାପ ପାର୍କ ନିକଟରେ ମୁତୟନ ଥିବା ସିଆର୍‌ପିଏଫ୍ ଯବାନମାନଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଏକ ଗ୍ରେନେଡ୍ ଫିଙ୍ଗିଥିଲେ। ରବିବାର ସାପ୍ତାହିକ ବଜାର ଥିବାରୁ ଲୋକେ ଭୟଭୀତ ହୋଇ ଯିଏ ଯୁଆଡ଼େ ପଳାଇବାରେ ଲାଗିଥିଲେ। ଆକ୍ରମଣରେ ଆହତ ହୋଇଥିବା ୯ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛି।



ଇରାକର ପୂର୍ବତନ ଯୋଗାଯୋଗ ମନ୍ତ୍ରୀ ମହମ୍ମଦ ଅଲ୍ଲାଭିଙ୍କୁ ରବିବାର ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ନଜାଫ୍‌ଠାରେ ଏହାର ପ୍ରତିବାଦରେ ରାସ୍ତାରେ ଟାୟାର ଜାଳି ତା' ଉପରେ ଡେଉଁଛନ୍ତି ଜଣେ ସରକାର ବିରୋଧୀ ବିକ୍ଷୋଭକାରୀ।





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ସାମାନ୍ୟ ବର୍ଷା ସାଙ୍ଗକୁ କେତେକ ସ୍ଥାନରେ କୁହୁଡ଼ି ଜାରି ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୬ | ୧୩.୩ |
| ଚାନ୍ଦବାଲି | ୨୪.୮ | ୧୬.୨ |
| କଟକ | ୨୮.୨ | --- |
| ପାରାଦ୍ୱୀପ | ୨୫.୨ | ୧୮.୪ |
| ଭୁବନେଶ୍ୱର | ୨୭.୨ | ୧୭.୭ |
| ଗୋପାଳପୁର | ୨୭.୮ | ୧୯.୮ |
| ପୁରୀ | ୨୭.୦ | ୧୭.୬ |
| ଅନୁଗୋଳ | ୨୫.୧ | ୧୨.୦ |
| ବାରିପଦା | ୨୪.୬ | ୧୪.୦ |
| ଝାରସୁଗୁଡ଼ା | ୨୭.୨ | ୧୨.୪ |
| କେନ୍ଦୁଝର | ୨୪.୬ | ୧୧.୪ |
| ସମ୍ବଲପୁର | ୨୭.୬ | ୧୩.୯ |
| ସୁନ୍ଦରଗଡ଼ | ୨୬.୫ | ୧୩.୦ |
| ହୀରାକୁଦ | ୨୭.୯ | ୧୫.୫ |
| ତାଳଚେର | ୨୮.୬ | ୧୨.୫ |
| ଭବାନୀପାଟଣା | ୨୬.୦ | ୧୩.୬ |
| ବଲାଙ୍ଗୀର | ୨୬.୫ | ୧୫.୦ |
| କୋରାପୁଟ | ୨୬.୦ | ୧୪.୦ |
| ଫୁଲବାଣୀ | ୨୩.୪ | ୧୪.୦ |
| ଟିଟିଲାଗଡ଼ | ୨୮.୪ | ୧୧.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୨୮.୦ | ୧୦.୮ |
| ଦାରିଙ୍ଗିବାଡ଼ି | ୨୧.୫ | ୧୩.୫ |

ଡିଗ୍ରୀ ସେଲ୍‌ସିୟସ୍

# ଉହାନରୁ ଫେରିଲେ ୬୪୭ ଭାରତୀୟ

ନୂଆଦିଲ୍ଲୀ,୨।୨(ପି.ଟି.)

ଚାଇନାର କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ ଉହାନ ସହରରୁ ଏୟାର ଇଣ୍ଡିଆ ବିମାନ ଦୁଇଥରରେ ୬୪୭ ଭାରତୀୟଙ୍କୁ ଫେରାଇ ଆଣିଛି। ଦ୍ୱିତୀୟ ଦିନରେ ୩୨୩ ଭାରତୀୟଙ୍କ ସମେତ ମାଳଦ୍ୱୀପର ୭ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନେ ରବିବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଛନ୍ତି। ଶନିବାର ଆସିଥିବା ୩୨୪ ଜଣଙ୍କୁ ସେନା ଏବଂ ଆଇଟିବିପିର କ୍ୱାରେଣ୍ଟାଇନ ସୁବିଧା ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ କାହାଠାରେ କରୋନା ଭୂତାଣୁ ଚିହ୍ନଟ ହୋଇନାହିଁ। ଭୂତାଣୁ ସଂକ୍ରମଣ ଭୟରେ ଇଣ୍ଡିଗୋ ଚାଇନାକୁ ଏହାର ବିମାନ ସେବା ବନ୍ଦ କରିଛି। ସେହିପରି ଦିଲ୍ଲୀ ଓ ସାଙ୍ଘାଇ ମଧ୍ୟରେ ଚାଲୁଥିବା ଏୟାର ଇଣ୍ଡିଆ ବିମାନର ଉଡାଣକୁ ମଧ୍ୟ ବନ୍ଦ କରିଦିଆଯାଇଛି।



ଉହାନକୁ ଯାଇଥିବା ପ୍ରଥମ ଏୟାର ଇଣ୍ଡିଆ ବିମାନରେ ରାମ ମନୋହର ଲୋହିଆ ହସ୍ପିଟାଲରୁ ୫ ଜଣ ଡାକ୍ତର ଯାଇଥିଲେ। ସେମାନେ ଦ୍ୱିତୀୟ ବିମାନରେ ମଧ୍ୟ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଅଣାଯାଇଥିବା ୩୨୪ ଜଣଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶର ୫୬, ତାମିଲନାଡୁର ୫୩ ଓ କେରଳର ୪୨ ଜଣ ଅନ୍ତର୍ଭୁକ୍ତ।

## ଦେଶରେ ଦ୍ୱିତୀୟ କରୋନା ରୋଗୀ ଚିହ୍ନଟ

ନୂଆଦିଲ୍ଲୀ,୨।୨(ପି.ଟି.): ଭାରତରେ ଦ୍ୱିତୀୟ କରୋନା ଭୂତାଣୁ ସଂକ୍ରମିତ ରୋଗୀ ଶନିବାର ଚିହ୍ନଟ ହୋଇଛି। ନିକଟରେ ଚାଇନାରୁ ଫେରିଥିବା କେରଳର ଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଥିବା ପରୀକ୍ଷାରୁ ଜଣାପଡିଛି। ଏ ସମ୍ପର୍କରେ ପୁନେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜି (ଏନ୍ଆଇଭି)ରୁ ରିପୋର୍ଟ ଆସି ନ ଥିଲେ ମଧ୍ୟ ସେମାନେ ଟେଲିଫୋନ ଯୋଗେ ଜଣାଇଥିବା କେରଳ ସରକାର ସ୍ପଷ୍ଟ କରିଛନ୍ତି। ଭାରତର ପ୍ରଥମ କରୋନା ରୋଗୀ ମଧ୍ୟ କେରଳର ଥ୍ରିଶୂର ଜିଲ୍ଲାରୁ ଚିହ୍ନଟ ହୋଇଥିଲେ। ଦ୍ୱିତୀୟ ରୋଗୀ ଜଣକ ଉହାନ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ବୋଲି କେରଳ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ଗଣମାଧ୍ୟମକୁ କହିଛନ୍ତି।



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର' ଆସନ୍ତା ଡିସେମ୍ବର ୪ରେ ରିଲିଜ୍ ହେବ। ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସିନେମା ହିନ୍ଦୀ ସହିତ ତାମିଲ, ତେଲୁଗୁ, ମାଲୟାଲମ ଓ କନ୍ନଡ଼ ଭାଷାରେ ମୁକ୍ତିଲାଭ କରିବ। ଏନେଇ ଆଲିଆ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।



# ପିଆଜ ଦୂର କରିପାରେ କରୋନା ଭାଇରସ

**ଚେନ୍ନାଇ:** କରୋନାଭାଇରସ ଏବେ ସାରା ବିଶ୍ୱର ଚିନ୍ତାର କାରଣ ପାଲଟିଛି। ହେଲେ ଏହି ସମୟରେ ତାମିଲନାଡୁ କରାଇକୁଡିର ଜଣେ ହୋଟେଲ ମାଲିକ ସହଜ ଉପାୟରେ କରୋନାଭାଇରସଠାରୁ ଦୂରେଇ ରହିହେବ ବୋଲି କହିଛନ୍ତି। ସେ କହିଛନ୍ତି ଗୋଟିଏ ଛୋଟ ପିଆଜ ଖାଇଲେ କରୋନାଭାଇରସ ସଂକ୍ରମଣଠାରୁ ଦୂରେଇ ରହିହେବ। ସିଦ୍ଧ ମେଡିସିନ ସିଷ୍ଟମ ଅନୁଯାୟୀ, ଫ୍ଲୁ ଜାତୀୟ ରୋଗ ନ ହେବା ପାଇଁ ପିଆଜରେ ଅଛି ପ୍ରତିରୋଧକ ଶକ୍ତି। ତେଣୁ ଉକ୍ତ ହୋଟେଲ ମାଲିକ ତାଙ୍କ ହୋଟେଲରେ ଉଥପମ୍ ସହ ଏକ ଛୋଟ ପିଆଜ ଗ୍ରାହକମାନଙ୍କୁ ଦେଉଥିବା କହିଛନ୍ତି। ସୂଚନାଯୋଗ୍ୟ, କରୋନାଭାଇରସର ସଂକ୍ରମଣରେ ଏବେ ଚାଇନାରେ ମୃତ୍ୟୁ ସଂଖ୍ୟା ୩ଶହ ଟପିଯାଇଥିବା ବେଳେ ହଜାର ହଜାର ଲୋକ ଏଥିରେ ଆକ୍ରାନ୍ତ ଅଛନ୍ତି। ସେହିପରି ବିଶ୍ୱର ବିଭିନ୍ନ ଦେଶରେ ଏବେ କରୋନାଭାଇରସରେ ପୀଡିତ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।





# ଜଙ୍ଗଲରେ ଫଳମୂଳ ଖାଇ ୩୪ ଦିନ

ବୋଗୋଟା: କଲମ୍ବିଆର ଜଙ୍ଗଲରେ ଏକ ପରିବାର ଛୁଟି କଟାଇବାକୁ ଯାଇଥିବା ବେଳେ ମା' ଏବଂ ୩ ସନ୍ତାନ ବାଟ ଭୁଲି ରହିଯାଇଥିଲେ। ଏମାନଙ୍କୁ ୩୪ ଦିନ ପରେ କଲମ୍ବିଆର ନାଭି ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ନୌସେନା କମାଣ୍ଡର ଜେନେରାଲ ସର୍ଜିୟୋ ଆଲଫ୍ରେଡୋ ସେରାନୋ କୁହନ୍ତି, ୪୦ ବର୍ଷୀୟା ଜଣେ ମହିଳାଙ୍କ ସହ ତାଙ୍କର ତିନି ସନ୍ତାନ ୧୯ ଡିସେମ୍ବରରେ ଛୁଟି କାଟିବା ପାଇଁ ଜଙ୍ଗଲକୁ ଆସିଥିଲେ। ତିନି ସନ୍ତାନଙ୍କ ବୟସ ଯଥାକ୍ରମେ, ୧୪, ୧୨ ଏବଂ ୧୦ ବର୍ଷ। ରାତି ହେବାରୁ ସେମାନେ ରାସ୍ତା ଭୁଲି କଲମ୍ବିଆ-ପେରୁ ସୀମାରେ ହଜି ଯାଇଥିଲେ। ତେଣୁ ଜଙ୍ଗଲରେ କେମିତି ବଞ୍ଚିବେ ସେନେଇ ଚିନ୍ତାରେ ପଡ଼ିଥିଲେ। ଅନ୍ୟ ଉପାୟ ନ ପାଇ ଶେଷରେ ଜଙ୍ଗଲରେ ଥିବା କୋଳି ଖାଇ, ପାଣି ପିଇ ଜୀବନ ବଞ୍ଚାଇଥିଲେ। ଜୀବଜନ୍ତୁଙ୍କ ଭୟରେ ରାତିରେ ଗଛ ଉପରେ ଆଶ୍ରୟ ନେଇଥିଲେ। ଅନ୍ୟପଟେ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ନାଭି କର୍ମଚାରୀଙ୍କୁ ଜଣାଇଥିଲେ। ଏହା ପରେ ଖୋଜିବା ଅଭିଯାନ ଆରମ୍ଭ ହୋଇଥିଲା। ଶେଷରେ ୩୪ ଦିନ ପରେ ସେମାନଙ୍କୁ ନାଭିର କର୍ମଚାରୀମାନେ ଉଦ୍ଧାର କରିଥିଲେ। କମାଣ୍ଡର ସୂଚନା ଦେଇଛନ୍ତି, ଉତ୍ତର-ପୂର୍ବ ପେରୁର ୟୁବିନାଟୋ ସେକ୍ଟର ଲା ଏସ୍‌ପେରେଞ୍ଜାର ଏକ ଗାଁରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ଖାଇବା ଏବଂ ପାଣି ପିଇବା ପାଇଁ ଚାଲି ଚାଲି ପୁଟୁମାଓ ନଦୀକୂଳରେ ପହଞ୍ଚିଥିଲେ। ଏହା ପରେ ସେମାନେ ସେକୋୟା ସମ୍ପ୍ରଦାୟର ସଂସ୍ପର୍ଶରେ ଆସିଥିଲେ। ପେରୁର ଅଧିକାରୀମାନେ କଲମ୍ବିଆ ନୌସେନାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ।

## କୁକୁରର ଜୀବନ ବଞ୍ଚାଇଲେ ଡାକ୍ତର

# ଧନ୍ୟବାଦ ଦେବାକୁ ମାଲିକ ଖର୍ଚ୍ଚ କଲେ ୪୨ କୋଟି

**ୱାଶିଂଟନ୍:** ପୋଷା ଜୀବଜନ୍ତୁ ଅନେକ ସମୟରେ ମାଲିକଙ୍କ ଜୀବନ ରକ୍ଷା କରିଥିବା ଉଦାହରଣ ରହିଛି। ସେହିପରି ମାଲିକମାନେ ମଧ୍ୟ ପାଳିତ ପଶୁପକ୍ଷୀଙ୍କୁ ବହୁତ ସ୍ନେହ ଆଦର ଦେଇ ଘରେ ପାଳିଥାନ୍ତି। ଏପରିକି ସେମାନଙ୍କର ଦେହ ଖରାପ ହେଲେ ଡାକ୍ତରଙ୍କ ପାଖକୁ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଆମେରିକାର ଡେଭିଡ୍ ମୈକଲିନ୍‌ଙ୍କ କ୍ଷେତ୍ରରେ। ଡେଭିଡ୍ ଜଣେ କାର୍ ଆସେସରିଜ୍ କମ୍ପାନୀର ସିଇଓ। ତାଙ୍କ ପୋଷା କୁକୁର ସ୍କାଉଟ୍‌ର ଦେହ ଖରାପ ଥିଲା। ଡେଭିଡ୍ ତାକୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର କୁକୁରର ସ୍ୱାସ୍ଥ୍ୟ ପରୀକ୍ଷା କରି କ୍ୟାନସର ହୋଇଥିବା କହିଥିଲେ। ଆଉ ବେଶିଦିନ ବଞ୍ଚିବ ନାହିଁ ବୋଲି ଡେଭିଡ୍‌ଙ୍କୁ କହିଥିଲେ। କିନ୍ତୁ ଡେଭିଡ୍ ସ୍କାଉଟ୍‌କୁ ଆଦୌ ହରାଇବାକୁ ଚାହୁଁ ନ ଥିଲେ। ତେଣୁ ସେ ' ଦ ୟୁନିଭରସିଟି ଅଫ୍ ଉଇକ୍‌ନେସ୍ ସ୍କୁଲ୍ ଅଫ୍ ଭେଟନାରୀ ମେଡିସିନ'କୁ ଚିକିତ୍ସା ପାଇଁ ନେଇଗଲେ। ଏଠାରେ ଡାକ୍ତର ସ୍କାଉଟ୍‌ର କେମୋଥେରାପି, ରେଡିଏଶନ୍ ଥେରାପି ଏବଂ ଇମ୍ୟୁନୋଥେରାପି କରିଥିଲେ। ପରେ ବ୍ଲଡ୍ ଭେସେଲ୍‌ସରେ ହୋଇଥିବା ଟ୍ୟୁମରକୁ କାଢ଼ି ଦେବାରୁ ସ୍କାଉଟ୍ ଠିକ୍ ହୋଇଗଲା। ଡାକ୍ତରଙ୍କ କଠିନ ପରିଶ୍ରମ ଯୋଗୁ ଡେଭିଡ୍‌ଙ୍କ କୁକୁର ନୂଆ ଜୀବନ ପାଇଲା। ତେଣୁ ସେ ଡାକ୍ତରଙ୍କୁ ସର୍ବସାଧାରଣରେ ଧନ୍ୟବାଦ ଦେବା ପାଇଁ ବିଜ୍ଞାପନ ମାଧ୍ୟମରେ ଶହେ କି ହଜାରେ ନୁହଁ, ୪୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ବିଜ୍ଞାପନ ସେ ସୁପର ବାଉଲ୍ ଲିଗ୍‌ରେ ଦେଇଥିଲେ। ଏହି ଲିଗ୍‌ଟି ଆମେରିକାରେ ବହୁ ଲୋକପ୍ରିୟ ଅଟେ।





# ଗ୍ରାଜିଆ ମାଗାଜିନ ପାଇଁ ଫଟୋ ଶୁଟ୍ କଲେ ଅନୁଷ୍କା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜର ଫିଲ୍ମକୁ ନେଇ ଯେତିକି ଚର୍ଚ୍ଚିତ ତା'ଠାରୁ ଅଧିକ ଚର୍ଚ୍ଚିତ ତାଙ୍କ ବୋଲ୍ଡ ନେସ୍ ପାଇଁ। କିଛି ସମୟ ହେବ ସେ ବଡ ପରଦାରୁ ଦୂରରେ ଥିଲେ ମଧ୍ୟ ସୋସିଆଲ ମିଡିଆରେ ସେ ଖୁବ୍ ଆକ୍ଟିଭ୍। ସୋସିଆଲ ମିଡିଆ ମାଧ୍ୟମରେ ସେ ତାଙ୍କ ପ୍ରଶଂସକଙ୍କ ସହ ଯୋଡି ହୋଇ ରହିଥାଆନ୍ତି। ନିକଟରେ ସେ ଗ୍ରାଜିଆ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରିଥିବା ଜଣାପଡିଛି। କାହିଁକିନା ସେ ଏହାର କିଛି ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏମିତିକି ମାଗାଜିନର କଭର ଫଟୋ ମଧ୍ୟ ଶେୟାର କରିଛନ୍ତି ଅନୁଷ୍କା। ଏହି ଫଟୋରେ ଅନୁଷ୍କା ଖୁବ୍ ବୋଲ୍ଡ ଲୁକ୍‌ରେ ନଜର ଆସିଛନ୍ତି। ଗ୍ରାଜିଆର ଫେବୃୟାରୀ ସଂସ୍କରଣରେ ଅନୁଷ୍କାଙ୍କୁ ଦେଖିବାକୁ ମିଳିଛି। ଅବଶ୍ୟ ଏହା ପୂର୍ବରୁ ସେ ଭୋଗ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରି ଆସିଛନ୍ତି ଚର୍ଚ୍ଚାକୁ। ବଲିଉଡ୍‌ର ଷ୍ଟାଇଲିସ୍ ନାୟିକାଙ୍କ ମଧ୍ୟରେ ଅନୁଷ୍କା ଜଣେ। ତାଙ୍କର ଏହି ଷ୍ଟାଇଲିସ୍ ଅନ୍ଦାଜ ଫଟୋରେ ଦେଖିବାକୁ ମିଳିଛି। ଏବେ ଏହି ଫଟୋକୁ ନେଇ ଲାଇକ୍ ଓ କମେଣ୍ଟ ମଧ୍ୟ ଆସିବାରେ ଲାଗିଛି। ଅନୁଷ୍କାଙ୍କର ଇନଷ୍ଟାଗ୍ରାମ ଫଲୋୟର୍ସଙ୍କ ସଂଖ୍ୟା ରହିଛି ପ୍ରାୟ ୩୨.୩ ମିଲିୟନ।

# ବହିର ଓଜନ ୧୪୨୦ କେଜି

**ସିନପେତ୍ରୀ:** ବହିର ଓଜନ ୧୪୨୦ କେଜି। ଏପରି ବିଶାଳକାୟ ପୁସ୍ତକ ପାଇଁ ଚର୍ଚ୍ଚାର ପରିଧିକୁ ଆସିଛି ଉତ୍ତର ହଙ୍ଗେରୀର କ୍ଷୁଦ୍ର ଗାଁ ସିନପେତ୍ରୀ। ପାରମ୍ପରିକ ପୁସ୍ତକ ପ୍ରସ୍ତୁତି ପ୍ରଣାଳୀର ଉପଯୋଗ କରି ଏହାକୁ ତିଆରି କରିଛନ୍ତି ବେଲା ବର୍ଗା। ଏହାକୁ ପୃଥିବୀର ସବୁଠାରୁ ବଡ଼ ପୁସ୍ତକ ବୋଲି ସେ ଦାବି କରିଛନ୍ତି।

ଉକ୍ତ ବହିର ଲମ୍ବା ୪.୧୮ ମିଟର, ଚଉଡ଼ା ୩.୭୭ ମିଟର। ୩୪୬ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ଅଞ୍ଚଳର ବାତାବରଣ, ଗୁମ୍ଫା, ଭୌଗୋଳିକସ୍ଥିତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ପାରମ୍ପରିକ ବୁକ୍ ବାଇଣ୍ଡିଂ ଟେକ୍‌ନିକ୍‌କୁ ଉପଯୋଗ କରି ଏଭଳି ବିଶାଳ ପୁସ୍ତକ ତିଆରି କରିଛନ୍ତି ୭୧ ବର୍ଷୀୟ ବେଲା। ନିଜର କଳା କାରିଗରି ସମ୍ପର୍କରେ ବେଲା କହିଛନ୍ତି, କେବଳ ବିଶାଳକାୟ ଆକାର ପାଇଁ ନୁହେଁ; ବରଂ ପ୍ରସ୍ତୁତି ପଛରେ ବ୍ୟବହୃତ ଟେକ୍‌ନିକ୍ ପାଇଁ ଏହି ବହି ଚର୍ଚ୍ଚା ସାଉଁଟୁଛି। ଅଞ୍ଚଳ ବିଷୟରେ ସୂଚନା ଦେବାକୁ ଅନେକ ପୁସ୍ତକ ପ୍ରକାଶିତ ହୋଇଛି। ହେଲେ ଏହି ବହି ଅନ୍ୟ ସବୁଠାରୁ ଭିନ୍ନ ଏବଂ ନିଆରା।

ଏହାକୁ ରଖିବା ଲାଗି ନିର୍ମାଣ କରାଯାଇଥିବା ଟେବୁଲ ମଧ୍ୟ ସ୍ୱତନ୍ତ୍ର। ସେହିପରି ବନ୍ଧାଇବା ଲାଗି ବ୍ୟବହୃତ ଗୋରୁ ଚମଡ଼ା ଆର୍ଜେଣ୍ଟିନାରୁ ଅଣାଯାଇଛି। ଏହାର ପ୍ରତି ପୃଷ୍ଠାକୁ ଓଲଟାଇବାକୁ ୬ଜଣ ଆବଶ୍ୟକ। ଏକ ମେଶିନ, ସ୍କ୍ରୁ ସହାୟତାରେ ସେମାନେ ପୃଷ୍ଠା ଓଲଟାଇଥାନ୍ତି। ବହିକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଇବା ଉଦ୍ଦେଶ୍ୟରେ ଏହାର ଏକ ଛୋଟ କପି ପ୍ରସ୍ତୁତ କରାଯାଉଛି। ଏହି ଛୋଟ ବହିର ଓଜନ ୧୧ କେଜି। ଭୁଟାନର ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ବର୍ଗାଙ୍କୁ ବିଶେଷ ଉପହାର ସ୍ୱରୂପ ଚମରି ଗାଈର ଲାଞ୍ଜ ମିଳିଛି। ଭୁଟାନରେ ଏହି ଲାଞ୍ଜକୁ ପବିତ୍ର ପୁସ୍ତକକୁ ସଫା କରିବାରେ ବୌଦ୍ଧ ଭିକ୍ଷୁମାନେ ବ୍ୟବହାର କରିଥାନ୍ତି। ବହିରୁ ଧୂଳି ହଟାଇବା ଲାଗି ବେଲା ଏହାକୁ ବ୍ୟବହାର କରୁଥିବା କହିଛନ୍ତି।



# ସବୁଠାରୁ ଧନୀ ଗାଁ: ଏଠି ସବୁ କୃଷକ ଲକ୍ଷପତି



**ନୂଆଦିଲ୍ଲୀ:** ହିମାଚଳ ପ୍ରଦେଶର ରାଜଧାନୀ ଶିମଲାଠାରୁ ପାଖାପାଖି ୯୨ କିଲୋମିଟର ଦୂରରେ ଅବସ୍ଥିତ ମଡାବଗ ଗାଁ। ଏହା ଏସିଆର ସବୁଠାରୁ ଧନୀ ଗାଁ ବୋଲି କୁହାଯାଏ। ୭ ହଜାର ଫୁଟ ଉଚ୍ଚରେ ଥିବା ଏହି ଗାଁର ଲୋକେ ସେଓ ଚାଷ କରିଥାଆନ୍ତି। ଏଠାରେ ଗୋଟିଏ ପରିବାର ବର୍ଷକୁ ୭୦-୭୫ ଲକ୍ଷ ଟଙ୍କା ଆୟ କରିଥାଆନ୍ତି ବୋଲି କୁହାଯାଏ। ଏଠାରେ ସବୁଠାରୁ ଭଲ ଗୁଣବତ୍ତା ଥିବା ସେଓ ଚାଷ କରାଯାଏ ବୋଲି କୁହାଯାଏ। ରୟାଲ ଆପଲ, ରେଡ ଗୋଲ୍ଡ, ଗେଲ ଗାଲା ଭଳି ସେଓର ଭଲ କ୍ୱାଲିଟି ଚାଷ କରାଯାଇଥାଏ। ଏହାସହ ଏଠାରେ ଫଳୁଥିବା ସେଓର ଆକାର ମଧ୍ୟ ସବୁଠାରୁ ଭିନ୍ନ। ବରଫ ପଡିଲେ ମଧ୍ୟ ଏହି ସେଓ ଶୀଘ୍ର ନଷ୍ଟ ହୋଇ ନ ଥାଏ। ଏହି ସେଓ ଚାଷ ପାଇଁ ପରିବାରର ସମସ୍ତ ସଦସ୍ୟ ଶ୍ରମଦାନ କରିଥାଆନ୍ତି। ୮୦ ଦଶକ ପରଠାରୁ ଏଠାରେ ଫଳୁଥିବା ସେଓର ଚାହିଦା ବେଶ୍ ବୃଦ୍ଧି ପାଇଛି ବୋଲି କୁହାଯାଏ।

# ମାତ୍ର ୧୨ ଦିନରେ ଭାଙ୍ଗିଗଲା ପାମେଲାଙ୍କ ବୈବାହିକ ଜୀବନ

**ୱାଶିଂଟନ:** ଜଣାଶୁଣା ଅଭିନେତ୍ରୀ ତଥା ମଡେଲ ପାମେଲା ଆଣ୍ଡରସନଙ୍କ ବୈବାହିକ ଜୀବନ ମାତ୍ର ୧୨ ଦିନ ପରେ ଭାଙ୍ଗି ଯାଇଛି। ମୋଗୁଲ ଜନ ପିଟର୍ସଙ୍କ ସହ ଜାନୁୟାରୀ ୨୦ରେ ପାମେଲାଙ୍କର ବିବାହ ହୋଇଥିଲା। କାଲିଫର୍ନିଆର ମାଲିବୁରେ ଏକ ଘରୋଇ ଉତ୍ସବରେ ଏହି ବିବାହ କରାଯାଇଥିଲା। ହଲିଉଡ ରିପୋର୍ଟର୍ସର ସୂଚନା ଅନୁଯାୟୀ, ବିବାହର ୧୨ଦିନ ପରେ ଏହି ଯୋଡି ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଫକ୍ସ ନ୍ୟୁଜର ସୂଚନା ଅନୁଯାୟୀ, ପାମେଲା କହିଛନ୍ତି ଜୀବନ ଏକ ଯାତ୍ରା ଓ ଭଲପାଇବା ଏକ ପ୍ରକ୍ରିୟା। ପାମେଲା ଆହୁରି ମଧ୍ୟ କହିଛନ୍ତି ପିଟର୍ସଙ୍କୁ ସେ ବହୁ ପୂର୍ବରୁ ଜାଣନ୍ତି ହେଲେ କେବେ ତାଙ୍କ ସହ ସମୟ କାଟି ନ ଥିଲେ। ତେଣୁ ଏବେ ସେ ଅନୁଭବ କରିଛନ୍ତି କି ତାଙ୍କ ସହ ସମୟ କାଟିବା ଏତେ ସହଜ ନୁହେଁ। ଏବେ ସେ ତଙ୍କେ ପରିବାର ସହ ସମୟ କାଟିବେ ବୋଲି କହିଛନ୍ତି।


ପାମେଲା ଆଣ୍ଡରସନ

# ମନୁଷ୍ୟକୃତ ଇନ୍ଦ୍ରଧନୁ

ଇନ୍ଦ୍ରଧନୁ ପ୍ରକୃତିର ଏକ ଅପରୂପ ଦୃଶ୍ୟ। ଖୋଲା ଆକାଶରେ ସପ୍ତରଙ୍ଗର ଏହି ଦୃଶ୍ୟ ଦେଖିବାକୁ କାହାକୁ ବା ଭଲ ନ ଲାଗେ। ତେବେ ଇନ୍ଦ୍ରଧନୁକୁ ଚାରିକାନ୍ଥ ଭିତରେ ମନୁଷ୍ୟକୃତ ଭାବେ ସୃଷ୍ଟିକରି ଜଣେ କଳାକାର ସାଉଁଟିଛନ୍ତି ଅନେକ ପ୍ରଶଂସା। ମେକ୍ସିକୋ ଜନ୍ମିତ ଗାବ୍ରିଏଲ ଦାବେ ନାମକ ଏହି କଳାକାର ନିଜ ସୃଜନାତ୍ମକ କଳାକୃତି ଲାଗି ବେଶ ଚର୍ଚ୍ଚାରେ ଥା'ନ୍ତି। ଓହିଓଠାରେ ଥିବା ଗ୍ରେଟ ଗ୍ୟାଲେରି ଅଫ ଟୋଲେଡୋ ମ୍ୟୁଜିୟମ ଅଫ ଆର୍ଟଠାରେ ସେ ଏମ୍ବ୍ରୋଡରୀ ସୂତାକୁ ବ୍ୟବହାର କରି ସୃଷ୍ଟି କରିଛନ୍ତି ଏଭଳି ଏକ କଳାକୃତି, ଯାହା ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ। ଗାବ୍ରିଏଲ ହଜାରେ ପ୍ରକାର ସାଧାରଣ ରଙ୍ଗିନ ଏମ୍ବ୍ରୋଡରୀ ସୂତାକୁ ଘରର ଛାତରୁ ଚଟାଣ ଯାଏ ପୁଣି ଚଟାଣରୁ ଛାତ ଯାଏ ବାରମ୍ବାର ଗୁଡାଇ ଏହି ପ୍ୟାଟର୍ନ ପ୍ରସ୍ତୁତ କରିଥିଲେ, ଯାହା ଇନ୍ଦ୍ରଧନୁର ଏକ କଳାତ୍ମକ ଦୃଶ୍ୟ ଭଳି ପ୍ରତୀୟମାନ ହେଲା। ଏହି କଳାକୃତି ସମ୍ପର୍କରେ ଗାବ୍ରିଏଲ କୁହନ୍ତି, ମନୁଷ୍ୟ ଏବଂ ପ୍ରକୃତି ମଧ୍ୟରେ ଥିବା ଦୃଢ ସମ୍ପର୍କକୁ ଦର୍ଶାଇବାକୁ ଯାଇ ସେ ଏଭଳି ଏକ କଳାକୃତି ନିର୍ମାଣ କରିବା କଥା ଚିନ୍ତା କରିଥିଲେ। ପ୍ଲେକ୍ସସ ଏ-୧ ନାମକ ଏହି କଳାକୃତି ପ୍ରସ୍ତୁତ କରିବା ଲାଗି ଗାବ୍ରିଏଲଙ୍କୁ ୧୦ ଦିନ ସମୟ ଲାଗିଥିଲା ଏବଂ ଏଥିରେ ୬୦ ମାଇଲ ସୂତା ବ୍ୟବହୃତ ହୋଇଥିଲା।



# ମେଦବହୁଳତା ଓ ବ୍ୟାକ୍ଟେରିଆ

ମେଦବହୁଳତା ଏପରି ଏକ ସମସ୍ୟା ଯାହା ପାଇଁ ପୂର୍ବରୁ ସତର୍କ ନ ହେଲେ ତାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ଅଧିକ ତୈଳଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଏବଂ ଆବଶ୍ୟକ ମୁତାବକ ନିଦ୍ରା ନ ଯିବା ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ। ତେବେ ଏପରି ସମସ୍ୟା ପାଇଁ ଏକ ପ୍ରକାର ବ୍ୟାକ୍ଟେରିଆ ମଧ୍ୟ ଦାୟୀ ବୋଲି କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶ୍ୱରେ ମେଦବହୁଳତାଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିଚାଲିଛି। ତେଣୁ ଏହାର କାରଣଗୁଡ଼ିକୁ ବିଶ୍ଳେଷଣ କରିବା ସମୟରେ ସେମାନେ ଏକ ବ୍ୟାକ୍ଟେରିଆ ଠାବକରିଥିଲେ। 'ଫ୍ଲୋରା' ନାମକ ବ୍ୟାକ୍ଟେରିଆକୁ ପରୀକ୍ଷା କରିବା ସମୟରେ ତାହା ମେଦବହୁଳତା ପାଇଁ ଅନେକାଂଶରେ ଦାୟୀ ବୋଲି ସେମାନେ ଜାଣିବାକୁ ପାଇଥିଲେ। ତେବେ ଏହା ପଛରେ ଆହୁରି କି ରହସ୍ୟ ଲୁଚି ରହିଛି ତାହା ଜାଣିବାକୁ ସେମାନେ ପ୍ରୟାସ ଜାରି ରଖିଛନ୍ତି।

# ଉପକାରୀ ମହୁ



ମହୁରେ ଅନେକ ଉପକାରୀ ଗୁଣ ଭରି ରହିଛି। ଯଦି ଆପଣ କଫଜନିତ ସମସ୍ୟା ସହ ଜଡ଼ିତ ତେବେ ମହୁ ଖାଇଲେ ଏଥିରୁ ଉପଶମ ମିଳିଥାଏ। ସକାଳୁ ଉଠିବା ପରେ ବାସିପାଣିରେ ଦୁଇବୁନ୍ଦା ମହୁ ମିଶାଇ ପିଇଲେ ମେଦବହୁଳତା ପରି ସମସ୍ୟା ଦୂର ହୋଇଥାଏ। ଗୋଟିଏ କଥା, ଉଷ୍ମ ପଦାର୍ଥ ସହ ମହୁ କିମ୍ବା ଉଷୁମ ମହୁ ଖାଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ମହୁ ଖାଇଲେ ତାହାଦ୍ୱାରା ଦୃଷ୍ଟି ଶକ୍ତି ପ୍ରଖର ହୋଇଥାଏ। ମହୁ ଶରୀର ପାଇଁ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାମ କରିଥାଏ। ଏହା କୋଲେଷ୍ଟରଲକୁ ସନ୍ତୁଳିତ ରଖିଥାଏ। ଲୋ ବ୍ଲଡ୍‌ପ୍ରେସରକୁ ମହୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ମହୁକୁ ଦଂଶନ ସ୍ଥାନରେ ଲଗାଇଲେ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ। ନିୟମିତ ମହୁ ଖାଇଲେ ତାହା ପାଚନ କ୍ରିୟାକୁ ସକ୍ରିୟ ରଖିଥାଏ।

# ସନ୍ଧିବାତ



ଡା. ଆଶିଷ ବାନାର୍ଜୀ

ଆମ ଶରୀରରେ ୨୧୦ଟି ଅସ୍ଥି ସନ୍ଧି ରହିଅଛି। ଏଗୁଡ଼ିକ ମଧ୍ୟରୁ ମସ୍ତିଷ୍କର ଅସ୍ଥି ସନ୍ଧି ସ୍ଥିର, କଶେରୁକା ସନ୍ଧି ଈଷତ୍ ଚାଳିତ ଓ ବେକରେ ଥିବା ପ୍ରଥମ ଦ୍ୱିତୀୟ କଶେରୁକା, କହୁଣି, ଆଣ୍ଠୁ, କାନ୍ଧ, ମେରୁଦଣ୍ଡ, ଅଙ୍ଗୁଳି ଓ ମଣିବନ୍ଧ ଇତ୍ୟାଦି ସଚଳ ସନ୍ଧିର ଅନ୍ତର୍ଭୁକ୍ତ।

ଏହି ସଚଳ ସନ୍ଧି ମଧ୍ୟରୁ ପ୍ରଥମ ଦ୍ୱିତୀୟ କଶେରୁକା ଅସ୍ଥିସନ୍ଧି କିଳକ ସଦୃଶ, କହୁଣି ଏବଂ ଆଣ୍ଠୁର ସନ୍ଧି କବ୍‌ଜା ସଦୃଶ। କାନ୍ଧର ସନ୍ଧି ଗର୍ତ୍ତବର୍ତ୍ତୁଳ ଓ ମେରୁଦଣ୍ଡ, ଅଙ୍ଗୁଳି, ମଣିବନ୍ଧ, ବଳାଗଣ୍ଠିର ସନ୍ଧି ଖସଡ଼ା।

ଯେପରି ଚକ ବୁଲିବା ପାଇଁ ଅଖ ଓ ଏହାର ନଷ୍ଟ ନ ହେବା ଓ ଭଲଭାବେ ଘୂର୍ଣ୍ଣନ ପାଇଁ ମୋବିଲ ଦିଆଯାଇଥାଏ। ସେହିପରି ଏହି ସଚଳ ସନ୍ଧିଗୁଡ଼ିକ ମଧ୍ୟରୁ କେତେକ ମଧ୍ୟରେ ତରୁଣାସ୍ଥି ଥାଏ। ଏହାକୁ ବାନ୍ଧି ରଖିବା ପାଇଁ ମାଂସପେଶୀ, କଣ୍ଡରା, ସାଇନୋଭିଆଲ ମେମ୍‌ବ୍ରେନ୍ ଥାଏ ଏବଂ ଏହା ଭିତରେ ଏକ ତରଳ ପଦାର୍ଥ ଥାଏ ଯାହାକି ସନ୍ଧି ଚାଳନାରେ ସହଜ ହୋଇଥିବାରୁ ଅସ୍ଥି ଚାଳନ ଯୋଗୁ ଏହାର କ୍ଷୟ ହୋଇ ନ ଥାଏ। ତାହାକୁ 'ସାଇନୋଭିଆଲ ଫ୍ଲୁଇଡ୍' କୁହାଯାଏ।

**କାରଣ:** ବିରୁଦ୍ଧ ଆହାର ବିହାର, ମନ୍ଦାଗ୍ନି ବ୍ୟକ୍ତି ସ୍ନିଗ୍ଧ ଭୋଜନ ପରେ ବ୍ୟାୟାମ କଲେ ଅପକ୍ୱ ଆମରସ ବାୟୁ ଓ କଫ ଦ୍ୱାରା ଆବୃତ୍ତ ହୋଇ ଧମନୀରେ ପହଞ୍ଚି ତ୍ରିଦୋଷକୁ ଅଧିକ ପ୍ରକୁପିତ କରି ଶରୀର ସ୍ରୋତରେ ପୂର୍ଣ୍ଣ ହୋଇଯାଇଥାଏ । କଟି, ପୃଷ୍ଠ, ତ୍ରିକ, ଜାନୁସନ୍ଧିରେ ଯନ୍ତ୍ରଣା ଉତ୍ପନ୍ନକରେ। ଏତଦ୍‌ବ୍ୟତୀତ ମାନସିକ ପରିଶ୍ରମ, ଅନ୍ତଃସ୍ରାବି ଗ୍ରନ୍ଥି ଓ ପୀୟୂଷ ଗ୍ରନ୍ଥି ସ୍ରାବର ଅନିୟମିତତା, ଥଣ୍ଡା ସନ୍ତସନ୍ତିଆ ଜାଗାରେ ବସବାସ କରିବା ଦ୍ୱାରା ଓ ଷ୍ଟିରଏଡ୍‌ର ଚୟାପୋଚୟ ବ୍ୟତିକ୍ରମ ଯୋଗୁ ଏହି ରୋଗ ହେବା ଦେଖାଯାଇଥାଏ।

ଏହି ରୋଗ ୨୦ରୁ ୫୦ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏଥିରେ ସନ୍ଧିରେ ସ୍ପର୍ଶାସହ୍ୟତା ଯନ୍ତ୍ରଣା, ସ୍ତବ୍ଧତା, ସ୍ନାୟୁତନ୍ତୁରେ ଶୋଥ, ଶ୍ଳୈଷ୍ମିକ କଳାରେ ଶୋଥ ଅଧିକ ବୃଦ୍ଧି ହୋଇଥାଏ। କେତେକ କ୍ଷେତ୍ରରେ ଏହି ରୋଗ ଉର୍ଦ୍ଧ୍ୱ ଶାଖାର ମଧ୍ୟମ ଅଙ୍ଗୁଳିରୁ ପ୍ରାରମ୍ଭ ହୋଇ ଧୀରେ ଧୀରେ ଦ୍ୱିତୀୟ ସନ୍ଧିକୁ ଆକ୍ରମଣକରେ। ଏହି ଶୋଥ ବହୁଦିନ ପର୍ଯ୍ୟନ୍ତ ରହିଲେ ଶ୍ଳେଷ୍ମ କଳାରେ ସ୍ନାୟୁତନ୍ତୁ ଅଧିକ ଉତ୍ପନ୍ନ ହୋଇ ତରୁଣାସ୍ଥି ଆଭ୍ୟନ୍ତର ପୃଷ୍ଠରେ ତନ୍ତୁ ପ୍ରସରଣ ହୋଇଥାଏ। ତରୁଣାସ୍ଥି ପୃଷ୍ଠ କ୍ଷତ ହେବାପରି ଜଣାପଡ଼େ। କେତେକ ତନ୍ତୁ ତାହା ସହ ସଂଯୁକ୍ତ ହୋଇ ମୋଟା ଓ ଦୃଢ଼ ହୋଇଯାଇଥାଏ ଏବଂ ଆସ୍ତେ ଆସ୍ତେ ତରୁଣାସ୍ଥି ଭଗ୍ନ ହୋଇଥାଏ ଓ ସନ୍ଧିବନ୍ଧନ ଯୁକ୍ତ ସ୍ନାୟୁ ମୋଟା ଓ ସଙ୍କୁଚିତ ହୋଇଯାଏ। ଏପରି କିଛିଦିନ ଗଲାପରେ ଆସ୍ତେ ଆସ୍ତେ ସ୍ନାୟୁ, ତନ୍ତୁ, ପେଶୀ ଓ ତରୁଣାସ୍ଥି ଶୁଷ୍କ ହେବାକୁ ଲାଗେ। ଫଳସ୍ୱରୂପ ସନ୍ଧି ଅଚଳ ହୋଇଯାଏ। ଏକ୍ସ-ରେ ପରୀକ୍ଷା ଦ୍ୱାରା ଠିକ୍ ନିରୂପଣ କରାଯାଏ। ଏଥିରେ ମାଂସପେଶୀରେ ଯନ୍ତ୍ରଣା, ଅରୁଚି, ତୃଷ୍ଣା, ଆଳସ୍ୟ, ଜ୍ୱର, ଅଗ୍ନିମାନ୍ଦ୍ୟ, ଲାଳସ୍ରାବ, ଅଙ୍ଗରେ ଶୋଥ ଓ କୋଷ୍ଠବଦ୍ଧତା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ।

୫୦ ବର୍ଷ ବୟସ ପରେ କେତେଜଣ ବ୍ୟକ୍ତି ଆଣ୍ଠୁ ମୋଡ଼ିଲେ ଭଗ୍ନ ପରି ଖଟ୍ ଖଟ୍ ଶବ୍ଦ ଓ ଯନ୍ତ୍ରଣା ହୋଇଥାଏ। ପାଦ ଉପରପାର୍ଶ୍ୱ ଫୁଲିଯାଏ, ଜାନୁସନ୍ଧି ଶୋଥ ମଧ୍ୟ ଦେଖାଯାଏ। ଏହା ସାଧାରଣତଃ ମୋଟା ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳେ। ରେଡିଓଗ୍ରାଫି ପରୀକ୍ଷା କଲେ ସନ୍ଧିହାଡ଼ରେ ସିଷ୍ଟ ପରି ବୃଦ୍ଧି ହୋଇଥାଏ। ଇଏସ୍ଆରଓ ଲିମ୍ଫୋସାଇଟ୍ ପରୀକ୍ଷା କଲେ ବୃଦ୍ଧି ହୋଇଥିବା ଜଣାପଡ଼େ। କେତେକ ସ୍ଥାନରେ ସନ୍ଧିର ବନ୍ଧନୀ ଓ ମେରୁଦଣ୍ଡ ଅସ୍ଥିର କଣ୍ଟକ ମିଶି ଦୃଢ଼ ହୋଇଯିବା ଫଳରେ ସାଇକ୍ରୋଇଲିଆକ୍ ସନ୍ଧି ସ୍ଥିର ହୋଇଯାଏ। ଫଳରେ ଅଣ୍ଟା ବୁଲାଇହୁଏ ନାହିଁ ଓ ଗୋଡ଼ ଶିର ଯନ୍ତ୍ରଣା ହୋଇଥାଏ। ସନ୍ଧିବାତର ଠିକ୍ ନିଦାନ କରି ଚିକିତ୍ସା କଲେ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ ହୋଇଥାଏ। ମାତ୍ର ଏହାକୁ ଅବହେଳା କଲେ କଷ୍ଟସାଧ୍ୟରେ ପରିଣତ ହୋଇଥାଏ। ଏଥିରେ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ସ୍ୱର୍ଣ୍ଣ, ଲୌହ, ତାମ୍ର, ଅଭ୍ର, ନାଗ, ବଙ୍ଗ, ରସସିନ୍ଦୁର, ରାସ୍ନା, ଗୁଗ୍ଗୁଳ, ଶୋଧିତ ବସନାଭ, ହରିତାଳ, ଅଶ୍ୱଗନ୍ଧା ଇତ୍ୟାଦିର ମୌଳିକ ଔଷଧ ଦିଆଯିବା ସହ ତୈଳ ଅଭ୍ୟଙ୍ଗ ଓ ସେକ ଦେବାକୁ ପରାମର୍ଶ ଦିଆଯାଇଥାଏ। ତତ୍ ସଙ୍ଗେ ସଙ୍ଗେ ପଥ୍ୟାପଥ୍ୟ ନିୟମ ପାଳନ କରିବାକୁ ପଡ଼େ। ତେଣୁ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

*-ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

"୫୦ବର୍ଷ ବୟସ ପରେ କେତେଜଣ ବ୍ୟକ୍ତି ଆଣ୍ଠୁ ମୋଡ଼ିଲେ ଭଗ୍ନ ପରି ଖଟ୍ ଖଟ୍ ଶବ୍ଦ ଓ ଯନ୍ତ୍ରଣା ହୋଇଥାଏ। ପାଦ ଉପରପାର୍ଶ୍ୱ ଫୁଲିଯାଏ, ଜାନୁସନ୍ଧି ଶୋଥ ମଧ୍ୟ ଦେଖାଯାଏ। ଏହା ସାଧାରଣତଃ ମୋଟା ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳେ। ରେଡିଓଗ୍ରାଫି ପରୀକ୍ଷା କଲେ ସନ୍ଧି ହାଡ଼ରେ ସିଷ୍ଟ ପରି ବୃଦ୍ଧି ହୋଇଥାଏ। ଇଏସ୍ଆର୍ଓ ଲିମ୍ଫୋସାଇଟ୍ ପରୀକ୍ଷା କଲେ ବୃଦ୍ଧି ହୋଇଥିବା ଜଣାପଡ଼େ। କେତେକ ସ୍ଥାନରେ ସନ୍ଧିର ବନ୍ଧନୀ ଓ ମେରୁଦଣ୍ଡ ଅସ୍ଥିର କଣ୍ଟକ ମିଶି ଦୃଢ଼ ହୋଇଯିବା ଫଳରେ ସାଇକ୍ରୋଇଲିଆକ୍ ସନ୍ଧି ସ୍ଥିର ହୋଇଯାଏ..."





## ସ୍ୱାସ୍ଥ୍ୟ ସୂଚନା

- ବ୍ୟାୟାମ କରିବା ପୂର୍ବରୁ ଆପଣ କେତେ ସୁସ୍ଥ ଅଛନ୍ତି ତାହା ପରୀକ୍ଷା କରାଇ ନିଅନ୍ତୁ।
- କେଉଁ ପ୍ରକାର ବ୍ୟାୟାମ କଲେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ ତାହା ବ୍ୟାୟାମ ଏକ୍ସପର୍ଟଙ୍କ ସହ ପରାମର୍ଶ କରି ବୁଝି ନିଅନ୍ତୁ।
- ସବୁବେଳେ ସୁସ୍ଥ ପରିବେଶରେ ହିଁ ବ୍ୟାୟାମ କରନ୍ତୁ।
- ବ୍ୟାୟାମ କରିବା ପୂର୍ବରୁ ପେଟ ଖାଲି ରହିବା ଭଲ।
- ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ସେଦିନ ବ୍ୟାୟାମ କରନ୍ତୁ ନାହିଁ।
- ନିଜକୁ ଆରାମ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ।
- ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ।
- ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।
- ବ୍ୟାୟାମ କରିବା ପୂର୍ବରୁ ନିତ୍ୟକର୍ମ ସାରିବାକୁ ଭୁଲନ୍ତୁ ନାହିଁ।
- ବ୍ୟାୟାମ ଶେଷହେବା ପରେ ଅଳ୍ପ ପାଣି କିମ୍ବା ଜୁସ୍ ପିଇପାରନ୍ତି।



## ଅଣ୍ଟାବିନ୍ଧାର ଘରୋଇ ଉପଚାର

ଅଣ୍ଟା ବିନ୍ଧିବା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଏହାର ଲକ୍ଷଣ ସମ୍ପର୍କରେ ଅବଗତହେବା ପରେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ। ତେଣୁ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶକରି ଚିକିତ୍ସା କରାଇନେବା ଦରକାର। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି ଯାହାକୁ ଅନୁସରଣ କଲେ ଏଥିରୁ ଅନେକାଂଶରେ ଉପଶମ ମିଳିଥାଏ। କୌଣସି ସ୍ଥାନରେ ବସିବା ବେଳେ ଏପରି ବସନ୍ତୁ ଯେପରି ନିଜ ଅଣ୍ଟା ଉପରେ ଚାପ ପଡ଼ିବ ନାହିଁ। ଉଠିବା ସମୟରେ ସତର୍କତାର ସହ ଉଠନ୍ତୁ। କାରଣ ଉଠିବା ବେଳେ ସାମାନ୍ୟ ଅବହେଳାରୁ ଅଣ୍ଟା ଉପରେ ଚାପ ପଡ଼ିଥାଏ ଏବଂ ତାହା ଅଣ୍ଟାବିନ୍ଧାର କାରଣ ସାଜିଥାଏ। କୌଣସି ସ୍ଥାନରେ ଠିଆ ହୋଇଥିଲେ ସିଧା ଠିଆ ହୁଅନ୍ତୁ। ନଇଁପଡ଼ି ହଠାତ୍ କୌଣସି ଓଜନିଆ ଜିନିଷ ଉଠାନ୍ତୁ ନାହିଁ। ଯଦି ନଇଁକରି କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଣ୍ଟାକୁ ବିଶ୍ରାମ ଦିଅନ୍ତୁ। ଅଧିକ ମୋଟା ଗଦିରେ ବସନ୍ତୁ ନାହିଁ କି ଶୁଅନ୍ତୁ ନାହିଁ। ଯଦି କାର୍ ଚଳାଉଛନ୍ତି ତେବେ ୯୦ ଡିଗ୍ରୀ ପୋଜିସନରେ ବସି ଡ୍ରାଇଭ କରନ୍ତୁ। ଅଣ୍ଟାଜନିତ ସମସ୍ୟା ଦେଖାଦେଲେ କେତେକ ବ୍ୟାୟାମ କରିବାକୁ ପଡ଼ିଥାଏ। ଏନେଇ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।



## ବୁଦ୍ଧିମତ୍ତା ବଢ଼ାଏ ସୁନିଦ୍ରା

ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ହେଲେ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ନିକଟରେ ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନେ ନିଦ୍ରାକୁ ନେଇ କରିଥିବା ଏକ ଗବେଷଣାରୁ ରୋଚକ ତଥ୍ୟ ଜାଣିପାରିଛନ୍ତି। ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତି ତେବେ ତାଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ଏପରି ତଥ୍ୟ ପ୍ରକାଶ କରିବା ପୂର୍ବରୁ ସେମାନେ ପ୍ରାୟ ୧୦,୦୦୦ ବ୍ୟକ୍ତିଙ୍କ ନିଦ୍ରା ଏବଂ ସେମାନଙ୍କର ବୁଦ୍ଧିମତ୍ତା ଉପରେ ତାହାର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ।

# ବଳୟାକାର ସୂର୍ଯ୍ୟୋପରାଗ



ନିକୁଞ୍ଜ ବିହାରୀ ସାହୁ

"ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ତିଥିରେ ସଂଘଟିତ ହୋଇଥାଏ। ମାତ୍ର ସମସ୍ତ ଅମାବାସ୍ୟାରେ ସୂର୍ଯ୍ୟୋପରାଗ ଘଟି ନ ଥାଏ। କୌଣସି ଅମାବାସ୍ୟା ତିଥିରେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଏକ ସମତଳରେ ଅବସ୍ଥାନ କରିଥାନ୍ତି। ମାତ୍ର କେତେକ ଅମାବାସ୍ୟାରେ ଏ ତିନି ମହାକାଶୀୟ ପିଣ୍ଡ ଏକ ସରଳରେଖାରେ ମଧ୍ୟ ଅବସ୍ଥାନ କରିଥାନ୍ତି। ଏହିଦିନ ହିଁ କେବଳ ସୂର୍ଯ୍ୟୋପରାଗ ଘଟିଥାଏ।"



ସୂର୍ଯ୍ୟୋପରାଗ ତିନି ପ୍ରକାର, ଯଥା ସମ୍ପୂର୍ଣ୍ଣ, ଆଂଶିକ ଓ ବଳୟାକାର । ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯାଉଥିବା ବେଳେ ଏକ ଆଂଶିକ ପରାଗରେ ସୂର୍ଯ୍ୟ ବିମ୍ବ ଆଂଶିକ ମାତ୍ରାରେ ଦୃଶ୍ୟ ହୋଇଥାଏ। ମାତ୍ର ସବୁଠାରୁ ଦର୍ଶନୀୟ ହେଉଛି ବଳୟାକାର ସୂର୍ଯ୍ୟୋପରାଗ। ଏହି ପରାଗରେ ଚନ୍ଦ୍ର ସୂର୍ଯ୍ୟ ବିମ୍ବର କେନ୍ଦ୍ରାଞ୍ଚଳର ଅଧିକାଂଶ ଭାଗ ଢାଙ୍କି ଦେଉଥିଲା ବେଳେ ପ୍ରାନ୍ତ ଭାଗକୁ ଅବରୋଧକରି ନ ଥାଏ। ଫଳରେ ସୂର୍ଯ୍ୟର କେବଳ ପ୍ରାନ୍ତ ଭାଗ ହିଁ ଦୃଶ୍ୟ ହୁଏ। ଏହା ଆକାଶରେ ଏକ ଆଲୋକିତ ବଳୟ ରୂପେ ଦୃଶ୍ୟମାନ ହେଉଥିବାରୁ ଏଭଳି ପରିସ୍ଥିତିକୁ ବଳୟାକାର ସୂର୍ଯ୍ୟୋପରାଗ କୁହାଯାଏ।

ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ତିଥିରେ ସଂଘଟିତ ହୋଇଥାଏ। ମାତ୍ର ସମସ୍ତ ଅମାବାସ୍ୟାରେ ସୂର୍ଯ୍ୟୋପରାଗ ଘଟି ନ ଥାଏ। କୌଣସି ଅମାବାସ୍ୟା ତିଥିରେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଏକ ସମତଳରେ ଅବସ୍ଥାନ କରିଥାନ୍ତି। ମାତ୍ର କେତେକ ଅମାବାସ୍ୟାରେ ଏ ତିନି ମହାକାଶୀୟ ପିଣ୍ଡ ଏକ ସରଳରେଖାରେ ମଧ୍ୟ ଅବସ୍ଥାନ କରିଥାନ୍ତି। ଏହିଦିନ ହିଁ କେବଳ ସୂର୍ଯ୍ୟୋପରାଗ ଘଟିଥାଏ। ପୃଥିବୀର କକ୍ଷତଳ ଓ ଚନ୍ଦ୍ରର କକ୍ଷତଳ ପ୍ରାୟ ୫ ଡିଗ୍ରୀ କୋଣ ଅନ୍ତରରେ ରହୁଥିବାରୁ ସବୁ ଅମାବାସ୍ୟାରେ ଏ ତିନି ପିଣ୍ଡ ଏକ ସରଳରେଖାରେ ରହି ନ ଥାନ୍ତି। ତେଣୁ ପ୍ରତି ଅମାବାସ୍ୟା ତିଥିରେ ସୂର୍ଯ୍ୟୋପରାଗ ଘଟି ନ ଥାଏ।

ସୂର୍ଯ୍ୟର ଆକାର ଚନ୍ଦ୍ରଠାରୁ ବଡ଼ ଥିଲେ ସୁଦ୍ଧା ଏହା ଦୂରରେ ଥିବାରୁ ଛୋଟ ଦେଖାଯାଏ। ସେହିପରି ଚନ୍ଦ୍ରର ଆକାର ଛୋଟ ଥିଲେ ସୁଦ୍ଧା ଏହା ପାଖରେ ଥିବାରୁ ବଡ଼ ଦେଖାଯାଏ। ଉଭୟ ପିଣ୍ଡର ଆକାର ଓ ଦୂରତା ଏପରି ଯେ ପୃଥିବୀୟ ଦୃଷ୍ଟିରେ ଉଭୟଙ୍କର ବିମ୍ବ ସମାନ ଆକାରରେ ଦେଖାଯାଏ। ତେଣୁ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗରେ ଚନ୍ଦ୍ର ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ଢାଙ୍କିପାରେ। ମାତ୍ର ବେଳେ ବେଳେ ଚନ୍ଦ୍ର ପୃଥିବୀ ଚାରିପଟେ ନିଜ କକ୍ଷପଥରେ ଘୂରୁ ଘୂରୁ ସବୁଠାରୁ ଦୂର ସ୍ଥାନରେ ପହଞ୍ଚିଥାଏ। ଫଳରେ ପୃଥିବୀରୁ ଚାହିଁଲେ ଚନ୍ଦ୍ରର ବିମ୍ବ ସାମାନ୍ୟ ଛୋଟ ଦେଖାଯାଏ। ଏଭଳି ଅବସ୍ଥାରେ ଚନ୍ଦ୍ର ସୂର୍ଯ୍ୟ ବିମ୍ବକୁ ସମ୍ପୂର୍ଣ୍ଣ ଢାଙ୍କିପାରେ ନାହିଁ। ଚନ୍ଦ୍ର କେବଳ ସୂର୍ଯ୍ୟର ସମ୍ମୁଖରେ ରହି ସୂର୍ଯ୍ୟର କେନ୍ଦ୍ରଭାଗର ଅଧିକାଂଶ ଅଞ୍ଚଳ ଢାଙ୍କିଥାଏ। ମାତ୍ର ସୂର୍ଯ୍ୟର ପ୍ରାନ୍ତ ଭାଗ ଉନ୍ମୁକ୍ତ ରହିଥାଏ। ସୁତରାଂ ସୂର୍ଯ୍ୟର କେନ୍ଦ୍ରାଞ୍ଚଳ ଅନ୍ଧାର ଦେଖାଯାଉଥିଲେ ସୁଦ୍ଧା ଏହାର ପ୍ରାନ୍ତଭାଗ ଏକ ସରୁ ଆଲୋକିତ ବଳୟ ରୂପେ ଦୃଶ୍ୟମାନ ହୁଏ। ଏହା ହିଁ ବଳୟାକାର ସୂର୍ଯ୍ୟୋପରାଗ । ବଳୟାକାର ସୂର୍ଯ୍ୟୋପରାଗ ଭାରତର ଦକ୍ଷିଣ ଭାଗରେ ଦୃଶ୍ୟ ହୋଇଥିଲା ବେଳେ ପରବର୍ତ୍ତୀ ବଳୟାକାର ସୂର୍ଯ୍ୟୋପରାଗ ଆଗାମୀ ଜୁନ ୨୧ତାରିଖରେ ଉତ୍ତର ଭାରତରେ ଦୃଷ୍ଟିଗୋଚର ହେବ। ସୂର୍ଯ୍ୟୋପରାଗ ଏକ ବିରଳ ମହାକାଶୀୟ ଘଟଣା ହୋଇଥିବାରୁ ଏଥିରେ ଶଙ୍କିତ ନ ହୋଇ ଏହାକୁ ନିରାପଦ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରି ଉପଭୋଗ କରିବା ଉଚିତ।

*-ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*



❝ ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଏଲ୍ଆଇସିର ଆଇପିଓ ଆସିବାର ସମ୍ଭାବନା ରହିଛି।
– ରାଜୀବ କୁମାର, ଅର୍ଥ ସଚିବ



❝ ବଜେଟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ କମ୍ କରାଯାଇଛି। ନୂଆ ଆୟକର ସ୍ଲାବରୁ ଲୋକମାନେ ଲାଭବାନ ହେବେ।
– ପି.ସି. ମୋଦି, ସିବିଡିଟି ଅଧ୍ୟକ୍ଷ

## ବଜେଟ ପ୍ରତିକ୍ରିୟା

### ■ ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିବ



ଆୟକର କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ଲୋକଙ୍କ ନିକଟରେ ଖର୍ଚ୍ଚ ଲାଗି ଅଧିକ ଅର୍ଥ ରହିବ। ଲୋକମାନେ ଖର୍ଚ୍ଚ କରିବା ଲାଗି ଅଧିକ ଅର୍ଥ ପାଇ ପାରିବେ। ହାଉସିଂ କ୍ଷେତ୍ର ଏବଂ ସୁଲଭ ବାସଗୃହକୁ ପ୍ରୋତ୍ସାହନ ଭଲ ପଦକ୍ଷେପ। ନୂଆ ଶିକ୍ଷାନୀତି, ଭିତ୍ତିଭୂମି ବିକାଶ ଲାଗି ନିଆଯାଇଥିବା ଯୋଜନା ଅର୍ଥ ବ୍ୟବସ୍ଥା ଲାଗି ମଙ୍ଗଳକାରୀ ହେବ।

– ଉତ୍ତମ ମଲାନୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସେଞ୍ଚୁରୀ ମ୍ୟାଟ୍ରେସେସ

### ■ ସ୍ୱାସ୍ଥ୍ୟ ସେବାରେ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହନ ଲୋଡ଼ା



ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ବ୍ୟୟବରାଦ ହୋଇଥିବାରୁ ଏହି କ୍ଷେତ୍ରର ବିକାଶ ଦିଗରେ ଏହା ସହାୟକ ହେବ। ଅନ୍ତତଃ ପକ୍ଷେ ମାତ୍ର ମୋଟ ଜିଡିପିର ୨.୫% ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେବାର ଆବଶ୍ୟକତା ରହିଛି। ଏହାଠାରୁ ବର୍ତ୍ତମାନ ମଧ୍ୟ ଆମେ ପଛୁଆ ରହିଛେ। ସ୍ୱାସ୍ଥ୍ୟ ସେବାରେ ଘରୋଇ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି।

– ମହେନ୍ଦର ପାଲା, ମୁଖ୍ୟ ମାର୍କେଟିଂ ଅଧିକାରୀ, ଆମ୍ରି ହସ୍ପିଟାଲ ଗ୍ରୁପ

### ■ ବିକାଶରେ ସହାୟକ ହେବ



ଭିତ୍ତିଭୂମି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ଲାଗି ସରକାର ବଜେଟରେ ପଦକ୍ଷେପ ନେଇଛନ୍ତି। ଆୟକରକୁ ସରଳ କରିବା ଲାଗି ସରକାର ଯୋଜନା ହାତକୁ ନେଇଛନ୍ତି। ଗ୍ରାମାଞ୍ଚଳ କ୍ଷେତ୍ର ଲାଗି ବ୍ୟୟ ବରାଦ ଉନ୍ନତ ହୋଇଥିବା ବେଳେ ରପ୍ତାନି ପ୍ରୋତ୍ସାହନ ଯୋଜନା ଏବଂ ଏମ୍ଏସ୍ଏମ୍ଇଗୁଡିକୁ ନଜରରେ ରଖାଯାଇଛି। ବ୍ୟାଙ୍କ ଜମାରେ ବୀମା ସୁରକ୍ଷା ବୃଦ୍ଧି, ସରଳୀକୃତ ଜିଏସ୍ଟି ଫାଇଲିଂ ସିଷ୍ଟମ ଭଳି ଅନ୍ୟ ପଦକ୍ଷେପ ଦେଶର ବିକାଶ ଦିଗରେ ସହାୟକ ହେବ।

– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍ବିଆଇ

### ■ ଟେକ୍ନୋଲୋଜିକୁ ଗୁରୁତ୍ୱ ମିଳିଛି



ନୂତନ ଅର୍ଥନୀତି ଲାଗି ଟେକ୍ନୋଲୋଜିକୁ ଗୁରୁତ୍ୱ ମିଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ କମ୍ପ୍ୟୁଟିଂ ସହ ଆଇଟି ସେବା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଭାରତର ଆଇଟି ସେବା ରପ୍ତାନି ଦିଗରେ ଏକ ପ୍ରମୁଖ ସ୍ଥଳ ଭାବେ ଗଢି ତୋଳିବାକୁ ସହାୟକ ହେବ।

– ସଞ୍ଜୟ ଜଲୋନା, ସିଇଓ, ଏଲ୍ଆଣ୍ଡଟି ଇନଫୋଟେକ

### ■ ବିକାଶ ଆକାଂକ୍ଷାକୁ ନଜରରେ ରଖାଯାଇଛି



ଦେଶର ବିକାଶ ଆକାଂକ୍ଷାକୁ ନଜରରେ ରଖି ବଜେଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଭିତ୍ତିଭୂମି ବିକାଶ ଏବଂ ସାମାଜିକ ପ୍ରତିବଦ୍ଧତା ଅନ୍ତର୍ଗତ ବିକାଶକୁ ଫୋକସ କରାଯାଇଛି। ଅର୍ଥନୈତିକ ବିକାଶ ଲାଗି ଭିତ୍ତିଭୂମି କ୍ଷେତ୍ରର ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ରେଳ, ବିମାନ ଚଳାଚଳ, ଲଜିଷ୍ଟିକ, ନ୍ୟାଶନାଲ ଗ୍ୟାସ ଗ୍ରୀଡ, ଜଳ ଯୋଗାଣ ଭଳି ପଦକ୍ଷେପ ଏ ଦିଗରେ କାର୍ଯ୍ୟ କରିବ।

– ଟି.ଭି. ନରେନ୍ଦ୍ରନ, ସିଇଓ, ଟାଟା ଷ୍ଟିଲ

### ■ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ ସହଭାଗିତା ବଢୁ



ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଣ ଦିଗରେ ଆୟୁଷ୍ମାନ ଭାରତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାସ୍ଥ୍ୟ କ୍ଷେତ୍ରକୁ ବ୍ୟୟ ବରାଦ ବଢିଥିଲେ ମଧ୍ୟ ଜିଡିପି ତୁଳନାରେ ଯେତେ ପରିମାଣର ଅର୍ଥ ଖର୍ଚ୍ଚ ହେବା କଥା ତାହା ଏବେ କମ୍ ରହୁଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଘରୋଇ କ୍ଷେତ୍ରର ସହଭାଗିତା ବଢିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ। ଘରୋଇ ସହଭାଗିତା ବଢିବା ଦିଗରେ ବିଚାର କରିବାର ଆବଶ୍ୟକତା ରହିଛି।

– ରାଜୀବ ସିଂଘଲ, ସିଇଓ, କେୟାର ହସ୍ପିଟାଲ ଗ୍ରୁପ

# ପୁଞ୍ଜି ବଜାର ଉପରେ ନିବେଶକଙ୍କ ନଜର

ମୁମ୍ବାଇ,୨-୨

ବଜେଟ ଘୋଷଣା ପରେ ଦେଶର ପୁଞ୍ଜି ବଜାର ପ୍ରାୟ ୧୦୦୦ ପଏଣ୍ଟ ତଳକୁ ଖସିଛି। ଏବେ ପୁଞ୍ଜି ବଜାର ଉପରେ ନିବେଶକଙ୍କ ନଜର ରହିଛି। ନିବେଶକମାନେ ଶେୟାର କିଣାବିକା ବେଳେ ଅନେକ ପ୍ରସଙ୍ଗକୁ ବିଚାର କରୁଛନ୍ତି। ବଜାର ଉପରେ ରହିଥିବା ଏହି ପ୍ରଭାବ ଚଳିତ ସପ୍ତାହରେ ମଧ୍ୟ ଲାଗି ରହିବ ବୋଲି ପୁଞ୍ଜି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହାବାଦ ନିବେଶକ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା, ସରକାରଙ୍କ ତ୍ରୈମାସ ଡାଟା ଘୋଷଣା, କମ୍ପାନୀଗୁଡିକର ତ୍ରୈମାସ ଆୟ ଭଳି ପ୍ରସଙ୍ଗ ମଧ୍ୟ ନିବେଶ ବିଚାର କରିବେ ବୋଲି କୁହାଯାଉଛି। ବଜେଟ ଆସିବା ପରେ ସେନସେକ୍ସରେ ୧ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ ଧରଣର ହ୍ରାସ ଦେଖିବାକୁ ମିଳିଛି। ପୁଞ୍ଜି ବଜାରର ଆଶାକୁ ରଖିବାକୁ ବଜେଟ ସଫଳ ହୋଇ ନ ଥିବା କୁହାଯାଇଛି। ସେହିଭଳି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଭଳି ପଦକ୍ଷେପ ନ ଆସିବା ଏବଂ ବିତ୍ତୀୟ ପଦକ୍ଷେପ ଠିକ୍ ନ ରହିବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ଦେଖାଯାଇଛି। ବିଶେଷଜ୍ଞ କହିଛନ୍ତି ଯେ, ସରକାର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଭଳି କୌଣସି ପଦକ୍ଷେପ ନେଲେ ନାହିଁ ଯାହାର ପ୍ରଭାବ ତ୍ୱରିତ ଭାବେ ବଜାର ଉପରେ ଦେଖାଗଲା।

ଟାକ୍ସ ଏଜଜେମ୍ପଟ୍ ଇକ୍ୱିଟି ସେଭିଂ ସ୍କିମଗୁଡିକ ଲାଗି ନୂଆ ଆୟକର ଢାଞ୍ଚା ନକାରାତ୍ମକ ହୋଇଥିବା ଆନନ୍ଦ ରାଠି ଶେୟାର୍ସ ଆଣ୍ଡ ଷ୍ଟକ ବ୍ରୋକର୍ସର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ଅର୍ଥନୀତିଜ୍ଞ ସୁଜନ ହଜ୍ରା କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ହ୍ରାସ ଘୋଷଣା କରିଛନ୍ତି। କମ୍ପାନୀଗୁଡିକ ଲାଗି ଡିଭିଡେଣ୍ଡ ଟାକ୍ସ ହଟାଯାଇଛି। ଏହାବାଦ ଭିତ୍ତିଭୂମି ଏବଂ କୃଷି କ୍ଷେତ୍ର ଲାଗି ଘୋଷଣା କରାଯାଇଛି। ସେହିଭଳି ଲୋକଙ୍କ ଉପରେ ଡିଭିଡେଣ୍ଡ ଟିକସ ପୁଣିଥରେ ଲାଗୁ କରିବା ଘରୋଇ ପୁଞ୍ଜି ନିବେଶକଙ୍କ ଉପରେ ପ୍ରଭାବ ପକାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ପୁଞ୍ଜି ବଜାର ଲାଗି ବଜେଟ ନକାରାତ୍ମକ ହୋଇଛି ବୋଲା ହାଜ୍ରା କହିଛନ୍ତି। ଆୟକର ସ୍ଲାବରେ ପରିବର୍ତ୍ତନ ହେବା ପରେ ଟାକ୍ସ ସେଭିଂ ନିବେଶ ପରିସର ମାନ୍ଦା ପଡିବ ବୋଲି ଏକ ପ୍ରକାରର ଭୟ ଉପୁଜିଛି। ନୂଆ ବ୍ୟବସ୍ଥାରେ ଟିକସ ରିହାତି ଉଠିଯିବା ଯୋଗୁ ଏହା ବଜାରର ନିବେଶକଙ୍କୁ ହତୋତ୍ସାହିତ କରିଛି। ଏହା ଦ୍ୱାରା ବୀମା ସେକ୍ଟର ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜିଓଜିତ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି।

୨୦୨୦ରେ ବିତ୍ତୀୟ ନିଅଣ୍ଟ ସକାରାତ୍ମକ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଧାରା ଜାରି ରହିଲେ ବଜାରକୁ ଏହା ଅଧିକ ଆତ୍ମ ବିଶ୍ୱାସ ଦେବ। ବଡ କମ୍ପାନୀଗୁଡିକର ତୃତୀୟ ତ୍ରୈମାସ ଫଳାଫଳ ବିଶ୍ୱ ବଜାରର କାର୍ଯ୍ୟକଳାପ ଉପରେ ମଧ୍ୟ ନିବେଶକମାନେ ଧ୍ୟାନ ରଖିଛନ୍ତି ବୋଲି ନାୟାର କହିଛନ୍ତି। ଗୁରୁବାର ରିଜର୍ଭ ବ୍ୟାଙ୍କ ବଜେଟ ପରେ ପ୍ରଥମ ଦ୍ୱିମାସିକ ତ୍ରୈମାସ ଫଳାଫଳ ଘୋଷଣା କରିବ। ସମାନ ସମୟରେ ପିଏମ୍ଆଇ ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ର ଡାଟା ଫଳାଫଳ ପ୍ରକାଶ ପାଇବ।



■ ବଜେଟ ପ୍ରଭାବ, ମୁଦ୍ରାନୀତି, ତ୍ରୈମାସ ଲାଭ ଘୋଷଣା ବଜାର ସ୍ଥିତି ନିର୍ଣ୍ଣୟ କରିବ
■ ବଜାରର ଆଶା ପୂରଣ କରିପାରିନି ବଜେଟ
■ ୯୮୭.୯୬ ପଏଣ୍ଟ ଖସିଛି ସେନସେକ୍ସ

### ପୁଞ୍ଜି ବଜାରର ପ୍ରତିକ୍ରିୟା ଆଶ୍ଚର୍ଯିତ କରିଛି: ରାଜୀବ କୁମାର

ବଜେଟକୁ ପୁଞ୍ଜି ବଜାରର ପ୍ରତିକ୍ରିୟା ନେଇ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବଜେଟ ଘୋଷଣା ପରେ ପୁଞ୍ଜି ବଜାରର ପ୍ରତିକ୍ରିୟା ଆଶ୍ଚମିତ କରିଛି। ବଜେଟ ପ୍ରସ୍ତାବକୁ ନେଇ ପୁଞ୍ଜି ବଜାର ଉପରେ ନକାରାତ୍ମକ ପ୍ରଭାବ ପଡିଛି। ହୁଏତ ନିବେଶକମାନେ କିଛି ବଡ଼ ଘୋଷଣା ଆଶା କରୁଥିଲେ ବୋଲି ସେ ମତ ରଖିଛନ୍ତି। ମାତ୍ର ବଜେଟରେ କିଛି ଭୁଲ ଘୋଷଣା କରାଯାଇ ନାହିଁ। ଯାହାଦ୍ୱାରା ନିବେଶକଙ୍କର କ୍ଷତି ସାଧିତ ହେବ। ସୂଚନାଯୋଗ୍ୟ ସେନସେକ୍ସ ଗତ ଗୋଟିଏ ଦଶନ୍ଧିର ଗୋଟିଏ ଦିନରେ ସର୍ବାଧିକ କ୍ଷତି ସହିଛି। ଏହି ସମୟରେ ନିବେଶକଙ୍କର ୩.୪୬ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବଜାରର ସୂଚକାଙ୍କ ୧୦୦୦ ପଏଣ୍ଟ ଖସିଥିବାବେଳେ ଏହା କାହିଁକି ହେଲା ବୋଲି ଆଶ୍ଚର୍ଯ୍ୟ ବୋଲି ସେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଏହି ପ୍ରସଙ୍ଗକୁ ବୁଝିବା ଲାଗି ଚେଷ୍ଟା କରୁଛି।

## ଏନ୍ଆର୍ଆଇଙ୍କ ବିଦେଶୀ ଆୟ ଉପରେ ଟିକସ ଲାଗିବନି

ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍ଆର୍ଆଇ) ବା ପ୍ରବାସୀ ଭାରତୀୟଙ୍କ ବିଦେଶୀ ଆୟ ଉପରେ ଟିକସ ଲାଗିବନି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ସ୍ପଷ୍ଟ କରିଛନ୍ତି। ଦୁବାଇ ସମେତ ଅନ୍ୟ ସ୍ଥାନରେ ଏନ୍ଆର୍ଆଇଙ୍କ ଆୟ ଉପରେ ଟିକସ ଲାଗୁ କରିବା ନେଇ ସରକାରଙ୍କର କୌଣସି ଅଭିପ୍ରାୟ ନାହିଁ। ଏନ୍ଆର୍ଆଇଙ୍କ ଭାରତରେ ହେଉଥିବା ଆୟ ଉପରେ ଟିକସ ଲାଗୁ ହେବ ବୋଲି ସୀତାରାମନ କହିଛନ୍ତି। ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଥିଲେ ଯେ, ଏନ୍ଆର୍ଆଇଙ୍କ ଉପରେ ଟିକସ ଲାଗୁ ହେବ। ଏନ୍ଆର୍ଆଇ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏହାକୁ ନେଇ ଭ୍ରମାତ୍ମକ ଧାରଣା ସୃଷ୍ଟି ହୋଇଥିଲା। ବିଦେଶରେ ହେଉଥିବା ଆୟ ଉପରେ ମଧ୍ୟ ସରକାର ଟିକସ ଲାଗୁ ହେବ ବୋଲି ଲୋକମାନେ ଭାବିବାକୁ ଲାଗିଲେ। ଯାହାକୁ ନେଇ ଅର୍ଥମନ୍ତ୍ରୀ ସୋମବାର ସ୍ପଷ୍ଟ କରିଛନ୍ତି। ଏହାର ଉଦାହରଣ ଦେଇ ସୀତାରାମନ କହିଛନ୍ତି, ଯଦି କୌଣସି ପ୍ରବାସୀ ଭାରତୀୟ ବିଦେଶରେ ରହିବା ସତ୍ତ୍ୱେ ଏଠାରେ ଘର ଭଡ଼ା ଦେଇ ରୋଜଗାର କରୁଛନ୍ତି, ତେବେ ତାଙ୍କର ସେହି ଆୟ ଉପରେ ଟିକସ ଲାଗୁ କରାଯିବ। ଲୋକମାନେ ସେଠାରେ ଟିକସ ଦେଇ ନ ଥାନ୍ତି। ମାତ୍ର ଭାରତରେ ହେଉଥିବା ଆୟ ଉପରେ ଟିକସ ଲାଗୁ କରିବାର ନିୟମ ରହିଛି। ଏହି ଆଧାରରେ ସରକାର ଟିକସ ଲାଗୁ କରିବେ ବୋଲି ନିର୍ମଳା ମତ ରଖିଛନ୍ତି।





## ଫୋର୍ଡର ନୂଆ ବିଏସ୍-୬ ଇକୋସ୍ପୋର୍ଟସ

ଭୁବନେଶ୍ୱର,୨-୨

ପ୍ରମୁଖ ଯାନ ନିର୍ମାତା ଫୋର୍ଡ ଇଣ୍ଡିଆ ପକ୍ଷରୁ ନୂଆ ବିଏସ୍-୬ ମାନକ ଇଞ୍ଜିନଯୁକ୍ତ ଇକୋସ୍ପୋର୍ଟସ ମଡେଲ ବଜାରକୁ ଆସିଛି। ସ୍ଥାନୀୟ ତୃପ୍ତି ଫୋର୍ଡ ଶୋ'ରୁମଠାରେ ଟ୍ରାଫିକ୍ ଡିସିପି ସାଗରିକା ନାଥ, ଶୋ'ରୁମ ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ଏହାର ଉନ୍ମୋଚନ କରିଥିଲେ। ଏହା ଓଡିଶା ବଜାରରେ ଶନିବାରଠାରୁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନଟିରେ ଅତିରିକ୍ତ ବୈଶିଷ୍ଟ୍ୟ ସାମିଲ କରାଯାଇଛି। ଏଥିରେ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ଉପଲବ୍ଧ। ଗ୍ରାହକମାନେ ଏଥିରେ ଫୋର୍ଡ ପାସ ଟେକ୍ନୋଲୋଜି, ଭେଇକିଲ ଲୋକେଶନ ଟ୍ରାକିଂ, ସର୍ଭିସ ରିମାଇଣ୍ଡର, ସର୍ଭିସ ପ୍ଲାନ, ଇଞ୍ଜିନ ଅନ୍ ଅଫ୍, ଫୁଏଲ ଷ୍ଟେଶନ ଆଭେଲେବିଲିଟି ଭଳି ଅତ୍ୟାଧୁନିକ ଫିଚର ଲାଭ କରିପାରିବେ ବୋଲି ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

**Cont.13 (201)/2020/SBPY-ATB** **Date: -01.02.2020**

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **(i) H&TC for handling of food grains at RH, Sambalpur City and transportation from RH, Sambalpur City to FSD, Hirakud and vice-versa and (ii) H&TC for handling of food grains at RH, Sambalpur City and transportation from RH, Sambalpur City to FSD, Attabira and vice-versa for a period of two years**. The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website **www.fci.gov.in.**

**DISTRICT PROJECT OFFICE**
**SAMAGRA SIKHYA, NABARANGPUR**

**No. 196 / Ped/2020** **Date: 01.02.2020**

**TENDER CALL NOTICE FOR PRINTING & SUPPLY OF QUESTION-CUM-ANSWER SHEET AND STUDENT REPORT CARD 2019-20**

Sealed tenders under two bid system are invited in prescribed format from the registered offset printers for printing and supply of Question-Cum-Answer sheet including MLE Language & Student Report Card for the Summative Assessment-II, 2019-20 of Nabarangpur district. The detailed terms and conditions can be downloaded from the official website **http://osepa.odisha.gov.in/** and **http://www.nabarangpur.nic.in**.

**By the order of Collector-Cum-Chairman**
**Sd./- District Project Coordinator**
**Samagra Sikhya, Nabarangpur**

# CLASSIFIED DISPLAY

**ALL EDITION - B/W (Everyday)**

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

**JAGRUTI FINANCE**
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନୁ ଧୋକା ଦେଉନୁ
**AMERICAN FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

**Radhe Finance**
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

REAL ESTATE

GHARABARI PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.: 9178500350

ASTROLOGY

**ଶକ୍ତିର ଦେଖନ୍ତୁ ଚମତ୍କାର**
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

BUSINESS

**BUSINESS**
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
7664091295

EDUCATION

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୨୦-୨୧) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଦରଖାସ୍ତ ଫର୍ମ ସଂଗ୍ରହ କରିବାର ଶେଷ ତାରିଖ: ୦୫।୦୩।୨୦୨୦
ଜମା କରିବା ଶେଷ ତାରିଖ: ୧୦।୦୩।୨୦୨୦
ପ୍ରବେଶିକା ପରୀକ୍ଷା ତାରିଖ: ୨୨।୦୩।୨୦୨୦
ଫୋନ୍: ୦୬୭୫୨-୨୩୨୪୦୭
Sd./- Secretary
Ramakrishna Mission
Ashrama, Puri-752001, Odisha

HEALTH CARE

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



❝ଏହି ସିରିଜରେ ଯେଉଁଭଳି ଆମେ ଖେଳିଲୁ ସେଥିଲାଗି ସମସ୍ତେ ଗର୍ବିତ। ଯୁବ ଖେଳାଳିମାନେ ଚାପକୁ ବହୁତ ଭଲ ଭାବେ ମୁକାବିଲା କଲେ। ବାହାରୁ ଦେଖି ଏହା ମୋତେ ଆନନ୍ଦିତ କରିଛି।
– ବିରାଟ କୋହଲି, ଭାରତୀୟ ଅଧିନାୟକ



❝ଏହା ଆଉ ଏକ କ୍ଲୋଜ ମ୍ୟାଚ୍ ଥିଲା। ଦୁର୍ଭାଗ୍ୟବଶତଃ ଆମେ ପୁଣିଥରେ ହାରିଲୁ। ଏହା ଏକ ବଡ଼ ବ୍ୟବଧାନ ବୋଲି ମୋତେ ଲାଗୁନାହିଁ।
– ଟିମ୍ ସୌଦି, ନ୍ୟୁଜିଲାଣ୍ଡ ଅଧିନାୟକ

# ଭାରତର କ୍ଲିନ୍ ସୁଇପ୍



ପ୍ଲେୟାର ଅଫ୍ ଦି ମ୍ୟାଚ୍
ଯଶପ୍ରୀତି ବୁମ୍ରା

**ମାଉଣ୍ଟ ମାଉଁଗାନୁଇ,୨।୨(ପି.ଟି.)**

କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ ଟି୨୦ରେ ଭାରତ ରେକର୍ଡ କରିଛି। ବିଶ୍ୱର ପ୍ରଥମ ଦଳ ଭାବେ ଭାରତ ବୃହତ୍ ବ୍ୟବଧାନରେ ସିରିଜ ଜିତି ରେକର୍ଡ ସୃଷ୍ଟି କରିଛି। ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ୭ ରନରେ ଘରୋଇ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ସବୁ ମ୍ୟାଚ୍ ଜିତି ଭାରତ ୫–୦ରେ କ୍ଲିନ୍ ସୁଇପ୍ କରି ଏକ ବିରଳ ସଫଳତା ହାସଲ କରିଛି। ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍ରାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଅନ୍ତିମ ୭.୨ ଓଭରରେ ମାତ୍ର ୨୫ ରନ ବ୍ୟୟ କରି ଶେଷ ୭ ଉଇକେଟ ହାସଲ କରି ନ୍ୟୁଜିଲାଣ୍ଡକୁ ଚକ୍‌ମା ଦେଇଥିଲା। ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିୟମିତ ଅନ୍ତରରେ ଉଇକେଟ ହରାଇବା ସହ ୯ ଉଇକେଟ ହରାଇ ୧୫୬ ରନରେ ସୀମିତ ରହି ବିଜୟଠାରୁ ୮ ରନ ଦୂରରେ ରହିଯାଇଥିଲା। ୪ ଓଭରରେ ମାତ୍ର ୧୨ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ତାରକା ଦ୍ରୁତ ବୋଲର ବୁମ୍ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସାରା ସିରିଜରେ ଦମ୍‌ଦାର ବ୍ୟାଟିଂ ଓ ଉଇକେଟକିପିଂ ପ୍ରଦର୍ଶନ କରି ତାରକା ଓପନର ଲୋକେଶ ରାହୁଲ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଏଥି ସହିତ ବିଦେଶରେ ଭାରତ ତୃତୀୟ ଥର ପାଇଁ ପ୍ରତିପକ୍ଷ ଦଳ ବିପକ୍ଷରେ କ୍ଲିନ୍ ସୁଇପ୍ କରିବାରେ ସଫଳ ହୋଇଛି। ଏହାପୂର୍ବରୁ ୨୦୧୯ରେ ଭାରତ ଟି୨୦ ସିରିଜରେ ୱେଷ୍ଟଇଣ୍ଡିଜକୁ ୩–୦ ଓ ୨୦୧୬ରେ ଅଷ୍ଟ୍ରେଲିଆକୁ ମଧ୍ୟ ୩–୦ରେ ପରାସ୍ତ କରିଥିଲା। ଆସନ୍ତା ୫ ତାରିଖରୁ ଦିନିକିଆ ସିରିଜ ଆରମ୍ଭ ହେବ। ହାମିଲଟନ୍‌ରେ ବୁଧବାର ପ୍ରଥମ ଦିନିକିଆ ମ୍ୟାଚ୍ ଆୟୋଜନ ହେବ।

୧୬୪ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ମାତ୍ର ୧୭ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆଉଟ୍‌ଅଫ୍ ଫର୍ମ ଓପନର ମାର୍ଟିନ ଗୁପ୍ଟିଲ ୨ ରନ କରି ବୁମ୍ରା ଓ ଅନ୍ୟତମ ଓପନର କଲିନ ମୁନରୋ ୧୫ ରନକରି ୱାଶିଂଟନ ସୁନ୍ଦରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ସଞ୍ଜୁ ସାମସଙ୍କ ଥ୍ରୋରେ ଟମ୍ ବ୍ରୁସ୍ ଉଇକେଟ କିପର ରାହୁଲଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସିଫର୍ଟ ଓ ଅଭିଜ୍ଞ ରସ୍ ଟେଲର ୫୭ ବଲରୁ ୯୯ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ନ୍ୟୁଜିଲାଣ୍ଡକୁ ମ୍ୟାଚ୍‌କୁ ଫେରାଇଥିଲେ ଓ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ଇନିଂସର ୧୦ମ ଓଭରରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଶିବମ ଦୁବେଙ୍କୁ ନିର୍ମମ ପ୍ରହାର କରିଥିଲେ ଓ ରେକର୍ଡ ୩୪ ରନ ସଂଗ୍ରହ କରିଥିଲେ। ତେବେ ସିଫର୍ଟ ୫ ଚୌକା ଓ ୩ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ନବଦୀପ ସଇନିଙ୍କ ବଲ୍‌ରେ ମିଡ୍ ଉଇକେଟରେ ସାମସନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ନ୍ୟୁଜିଲାଣ୍ଡର ପୁଣି ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଡାରିଲ ମିଚେଲ ୨, ମିଚେଲ ସାଣ୍ଟନର ୬, ସ୍କଟ କୁଗେଲେଜିନ ବିନା ସ୍କୋରରେ ଆଉଟ ହୋଇଥିଲେ। ତେବେ ଗୋଟିଏ ପଟେ ଟେଲର ଲଢେଇ ଜାରି ରଖିଥିଲେ ମଧ୍ୟ ୪୭ ବଲରୁ ୫ ଚୌକା ଓ ୨ ଛକା ସହ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସଇନିଙ୍କ ଫୁଲ୍ ୱାଇଡ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ ପଛରେ ରାହୁଲଙ୍କୁ କ୍ୟାଚ୍ ଦେଇଥିଲେ। ଟେଲର ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ହାରିବା ନିଶ୍ଚିତ ହୋଇଥିଲା। କାମଚଳା ଅଧିନାୟକ ଟିମ୍ ସୌଦି ୬ ରନକରି ଆଉଟ ହେବା ପରେ ଅନ୍ତିମ ଓଭରରେ ଇଶ୍ ସୋଧି ଶାର୍ଦ୍ଦୂଳ ଠାକୁରଙ୍କୁ ୨ଟି ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଇଶ୍ ୧୦ ବଲରୁ ୧୬ ଓ ହାମିଶ ବେନେଟ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବୁମ୍ରା ୩, ସଇନି ଓ ଠାକୁର ୨ଟି ଲେଖାଏ, ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ହାସଲ କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ତରଫରୁ ଓପନିଂ କରିବାର ସୁଯୋଗ ପାଇଥିବା ସାମସନ ପୁଣି ଥରେ ଫେଲ୍ ମାରିଥିଲେ ଓ ସେ ୨ ରନ କରି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାହୁଲ ଓ ରୋହିତ ଶର୍ମା ୬୦ ବଲରୁ ୮୮ ରନ ସଂଗ୍ରହ କରିଥିଲେ। ରାହୁଲ ୩୩ ବଲରୁ ୪ ଚୌକା ଓ ୨ ଛକା ସହ ୪୫ ରନ କରି ଆଉଟ ହୋଇଥିଲେ। ୩ ନଂରେ ବ୍ୟାଟିଂ କରିବାକୁ ଆସିଥିବା ରୋହିତ ୪୧ ବଲରୁ ୩ ଚୌକା ଓ ୩ ଛକା ସହ ୬୦ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଦୁବେ ୫ ରନକରି ଆଉଟ ହୋଇଥିବା ବେଳେ ଶ୍ରେୟାସ ଆୟାର ୩୩ (୩୧ ବଲ, ୧ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୧୧ (୪ ବଲ, ୧ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ରାହୁଲ ଓ ରୋହିତ ଆଉଟ ହେବା ପରେ ଭାରତର ବ୍ୟାଟିଂ ଧିମା ହୋଇଥିଲା।

## ଟି୨୦ ସିରିଜ

■ ନ୍ୟୁଜିଲାଣ୍ଡ ୭ ରନରେ ପରାସ୍ତ

### ସର୍ବାଧିକ ଦ୍ୱିପାକ୍ଷିକ ସିରିଜ ବିଜୟୀ ଅଧିନାୟକ

| | |
|---|---|
| ୧୦ | ବିରାଟ କୋହଲି |
| ୯ | ଫାଫ୍ ଡୁପ୍ଲେସି |
| ୭ | ଇଅନ ମୋର୍ଗାନ |
| ୬ | ଡାରେନ ସାମି |
| ୫ | ମହେନ୍ଦ୍ର ସିଂ ଧୋନୀ |

### ବ୍ୟୟ ବହୁଳ ଓଭର

| | |
|---|---|
| ୩୬ | ଷ୍ଟୁଆର୍ଟ ବ୍ରଡ ବନାମ ଭାରତ |
| ୩୪ | ଶିବମ୍ ଦୁବେ ବନାମ ନ୍ୟୁଜିଲାଣ୍ଡ |
| ୩୨ | ୱେର୍ନ ପାର୍ନେଲ ବନାମ ଇଂଲଣ୍ଡ |
| ୩୨ | ଇଜାତୁଲ୍ଲା ଦଲତଜାଇ ବନାମ ଇଂଲଣ୍ଡ |
| ୩୨ | ଷ୍ଟୁଆର୍ଟ ବିନ୍ନି ବନାମ ୱେଷ୍ଟଇଣ୍ଡିଜ |
| ୩୨ | ମ୍ୟାକ୍ସ ଓ'ଡାଉଡ ବନାମ ସ୍କଟଲାଣ୍ଡ |

### ବିଦେଶରେ ଭାରତର କ୍ଲିନ୍ ସୁଇପ୍

| | | |
|---|---|---|
| ୩–୦ ବନାମ ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆରେ | ୨୦୧୫–୧୬ |
| ୩–୦ ବନାମ ୱେଷ୍ଟଇଣ୍ଡିଜ | ୟୁଏସ୍‌ଏ/ ୱେଷ୍ଟଇଣ୍ଡିଜରେ | ୨୦୧୯ |
| ୫–୦ ବନାମ ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡରେ | ୨୦୨୦ |





ରୋହିତ ଶର୍ମା

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ–କ–ସାଣ୍ଟନର–ବୋ–ବେନେଟ–୪୫
ସାମସନ–କ–ସାଣ୍ଟନର–ବୋ–କୁଗେଲେଜିନ–୨
ରୋହିତ–ରିଟାୟର୍ଡ ହର୍ଟ–୬୦
ଆୟାର–ନଟଆଉଟ–୩୩
ଦୁବେ–କ–ବ୍ରୁସ–ବୋ–କୁଗେଲେଜିନ–୫
ମନୀଷ–ନଟଆଉଟ–୧୧
ଅତିରିକ୍ତ–୭
ମୋଟ(୩ ଉଇକେଟ, ୨୦ ଓଭର) ୧୬୩
ଉଇକେଟ ପତନ: ୧/୮, ୨/୯୬, ୩/୧୪୮।

**ବୋଲିଂ(ନ୍ୟୁଜିଲାଣ୍ଡ)**

ଟିମ୍ ସୌଦୀ ୪–୦–୫୨–୦
ସ୍କଟ କୁଗେଲେଜିନ ୪–୦–୨୫–୨
ହାମିଶ ବେନେଟ ୪–୦–୨୧–୧
ଇଶ୍ ସୋଧି ୪–୦–୨୮–୦
ମିଚେଲ ସାଣ୍ଟନର ୪–୦–୩୬–୦

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପଟିଲ–ଏଲବିଡବ୍ଲ୍ୟୁ–ବୁମ୍ରା–୨
ମୁନ୍‌ରୋ–ବୋ–ସୁନ୍ଦର–୧୫
ସିଫର୍ଟ–କ–ସାମସନ–ବୋ– ସଇନି–୫୦
ବ୍ରୁସ–ରନଆଉଟ–୦
ଟେଲର–କ–ରାହୁଲ–ବୋ–ସଇନି–୫୩
ମିଚେଲ–ବୋ–ବୁମ୍ରା–୨
ସାଣ୍ଟନର–କ–ମନୀଷ–ବୋ–ଠାକୁର–୬
କୁଗେଲେଜିନ–କ–ସୁନ୍ଦର–ବୋ–ଠାକୁର–୦
ସୌଦୀ–ବୋ–ବୁମ୍ରା–୬
ସୋଧି–ନଟଆଉଟ–୧୬
ବେନେଟ–ନଟଆଉଟ–୧
ଅତିରିକ୍ତ–୫
ମୋଟ(୯ ଉଇକେଟ, ୨୦ ଓଭର) ୧୫୬
ଉଇକେଟ ପତନ:୧/୭, ୨/୧୭, ୩/୧୭, ୪/୧୧୬, ୫/୧୧୯, ୬/୧୩୧, ୭/୧୩୨, ୮/୧୩୩, ୯/୧୪୧।

**ବୋଲିଂ(ଭାରତ)**

ୱାଶିଂଟନ ସୁନ୍ଦର ୩–୦–୨୦–୧
ଯଶପ୍ରୀତ ବୁମ୍ରା ୪–୧–୧୩–୩
ନବଦୀପ ସଇନି ୪–୦–୨୩–୨
ଶାର୍ଦ୍ଦୂଳ ଠାକୁର ୪–୦–୩୮–୨
ଯୁଜବେନ୍ଦ୍ର ଚହଲ ୪–୦–୨୮–୦
ଶିବମ ଦୁବେ ୧–୦–୩୪–୦।

# ଫାଓକୁ ଆସିବେ ଆଶୀର୍ବାଦ: ୧୬ରେ ନିର୍ବାଚନ

**କଟକ ଅଫିସ,୨।୨**

ଚଳିତ ମାସ ୧୬ରେ ହେବ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର କର୍ମକର୍ତ୍ତା ନିର୍ବାଚନ। କିଛି ମାସ ହେବ ଏହି କ୍ରୀଡ଼ା ସଂଘର ପଦବୀଗୁଡ଼ିକ ଫାଙ୍କା ପଡ଼ିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ନାମାଙ୍କନ ପତ୍ର ଦାଖଲ ହୋଇଥିବାବେଳେ ରବିବାର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଏହି ସଂଘର ସମ୍ପାଦକ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ପୂର୍ବରୁ ଏହି ପଦବୀରେ ଥିଲେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା। ବାପା ଆଶୀର୍ବାଦଙ୍କ ସ୍ଥାନରେ ସଞ୍ଜୟ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସମ୍ପାଦକ ପଦରେ ଅବସ୍ଥାପିତ ହୋଇଥିବାବେଳେ ଏବେ ଆଶୀର୍ବାଦ ପୁଅଙ୍କ ପଦବୀକୁ ଫେରିବା ସ୍ପଷ୍ଟ ହୋଇଯାଇଛି।

ଆଶୀର୍ବାଦ ଫାଓ ଭଳି ରାଜ୍ୟର ଏକ ଅଗ୍ରଣୀ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ହେବା ପାଇଁ ମନସ୍ଥ କରିଛନ୍ତି। ଦୀର୍ଘ ମାସ ହେବ ଫାଓର କର୍ମକର୍ତ୍ତା ନିର୍ବାଚନ ହୋଇ ନ ଥିଲା। ଫାଓ ନିର୍ବାଚନ ନେଇ ଆସନ୍ତା ୪ରେ ପ୍ରାର୍ଥୀ ତାଲିକା ପ୍ରତ୍ୟାହାର ଦିବସ ଧାର୍ଯ୍ୟ କରାଯାଇଥିବା ବେଳେ ଏହିଦିନ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ତେବେ କିଛି ପ୍ରମୁଖ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ନିମନ୍ତେ ପୂର୍ବତନ ବିଧାୟକ ତଥା ସଂଘର ପୂର୍ବତନ ସଭାପତି ଦେବାଶିଷ ସାମନ୍ତରାୟ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପଦବୀ ପାଇଁ ଶ୍ରୀକର ମିଶ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆଶୀର୍ବାଦ ସମ୍ପାଦକ ପଦବୀରେ ଏକ ମାତ୍ର ସଦସ୍ୟ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସେହିପରି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଭକ୍ତ ବଲ୍ଲଭ ଦାସ ଏକମାତ୍ର ସଦସ୍ୟ ଭାବେ କୋଷାଧ୍ୟକ୍ଷ ପଦବୀରେ ଦାଖଲ କରିଛନ୍ତି ନାମାଙ୍କନ ପତ୍ର। ୮ଟି ଉପସଭାପତି ପଦବୀ ପାଇଁ ୧୩ଜଣ ଦୌଡ଼ରେ ରହିଛନ୍ତି। ଏମାନେ ହେଲେ ବିଜୟ ଦାସ, ଦିଲ୍ଲୀପ ସାହୁ, ପ୍ରଦୀପ କିଶୋର ମହାନ୍ତି, ରବି ନାରାୟଣ ପଣ୍ଡା, ହୃଦୟ ରଞ୍ଜନ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ସୟଦ ଅକମଲ ଅଲ୍ଲୀ, ଡ. ଜନାର୍ଦ୍ଦନ ଦାସ, ରାଜେନ୍ଦ୍ର ମହାନ୍ତି, ଯୁଗଳ ସିଂ, ପ୍ରଦୀପ କୁମାର ଦାସ, ଉପେନ୍ଦ୍ରନାଥ ଦାସ, ଜୀବନ ମହାନ୍ତି। ୩ଟି ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ୩ଜଣ ହିଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନେ ହେଲେ ଅଭିଜିତ ପାଲ, ସାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ। ଉପେନ୍ଦ୍ର କୁମାର ଦାସ ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇଛନ୍ତି।

# ଅଂଶୁମାନ ଚାମ୍ପିୟନ

**ଭୁବନେଶ୍ୱର, ୨।୨(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ର୍‌ୟାପିଡ୍ ଚେସ୍ ରବିବାର ସାଇ ବୀଣାପାଣି ଜ୍ଞାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୪ ପ୍ରତିଯୋଗୀ ୬ ପଏଣ୍ଟ ଲେଖାଏ ହାସଲ କରି ଖେଳ ଶେଷ କରିଥିଲେ। ତେବେ ବୁକୋଲ୍‌ଜରେ କଟକର ଅଂଶୁମାନ ସାମଲ ଚାମ୍ପିୟନ ହୋଇଛନ୍ତି। ରାଜେନ୍ଦ୍ର କୁମାର ସାହୁ, ମାନସ ରଞ୍ଜନ ପରିଡ଼ା ଓ ହର୍ଷିତ ରଞ୍ଜନ ସାହୁ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଭବ ମିଶ୍ର, ସ୍ୱପ୍ନିଲ ପ୍ରିୟଦର୍ଶୀ, ବାସ୍ତବ ବ୍ରଜେଶ ଭୋଇ, ଲରେନ୍ସ ପ୍ରଧାନ, ସୌମ୍ୟରଞ୍ଜନ ସାହୁ, ସୌମ୍ୟରଞ୍ଜନ ମିଶ୍ର, ରାଜେଶ ନାୟକ, ଅମିତ ମହାନ୍ତି, ହୃଦାନନ୍ଦ ସାମନ୍ତରାୟ, ଆଲ୍‌ଡ୍ରିନ ବି.ଇ. ଓ ରବୀନ୍ଦ୍ର କୁମାର ଓଝା ଟପ୍–୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨ ବର୍ଷରୁ କମ୍, ବାଳିକା ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୨ ଜଣ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିବାବେଳେ କବିତା ଦାସ ଶ୍ରେଷ୍ଠ ମହିଳା ଓ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଛନ୍ତି। ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ ମନମୋହନ ଖ୍ଲାର ମୁଖ୍ୟଅତିଥି, ସାଇ ବୀଣାପାଣୀ ଜ୍ଞାନ ମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ଭୁବନେଶ୍ୱର ଚେସ୍ ଆସୋସିଏଶନ ଉପସଭାପତି ବଂଶୀଧର ଭୋଇ ଓ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



ଅତିଥି ଅଂଶୁମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଗ୍ରୁପ୍ ଚାମ୍ପିୟନ ସହ ସେମିରେ ଟାଉନ୍‌କ୍ଲବ

**ଭୁବନେଶ୍ୱର, ୨।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଭିଜନ–୨୦୨୪ ଅନ୍ତର୍ଗତ ଆନ୍ତଃଜିଲା କ୍ଲବ ଲିଗ୍‌ରେ ରବିବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଏମସିସି ଓ ଟାଉନ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଟାଉନ୍ କ୍ଲବ ୫ ଉଇକେଟରେ ଏମସିସିକୁ ହରାଇ ଗ୍ରୁପ୍ ଚାମ୍ପିୟନ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏମସିସି ୪୨.୨ ଓଭରରେ ୧୬୦ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷର ରିତେଶ କୁମାର ସାହୁ ୪୨ ଓ ଦେବାଶିଷ ରାଉତ ୩୨ ରନ କରିଥିଲେ। ପ୍ରତିପକ୍ଷ ଦଳ ପକ୍ଷରୁ ଆୟନ ମଣ୍ଡୋଇ ୩୩ ରନ ଦେଇ ୪ଟି, ସାଗର ମୂଳିଆ ୨ଟି ଓ ବିନାୟକ ମହାନ୍ତି ଗୋଟିଏ ଉଇକେଟ ନେଇଥିଲେ। ୧୬୧ ରନ ବିଜୟ ଲକ୍ଷ୍ୟର ପିଛା କରି ଟାଉନ୍ କ୍ଲବ ୩୬.୨ ଓଭରରେ ୫ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରି ନେଇଥିଲା। ୯୪ ବଲ୍‌ରୁ ସର୍ବାଧିକ ୯୨ ରନ ସଂଗ୍ରହ କରିଥିବା ବିନାୟକ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏମସିସି ବୋଲରଙ୍କ ମଧ୍ୟରେ ରାକେଶ କୁମାର ରାଉଳ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।





ପୁରସ୍କାର ଗ୍ରହଣ କରୁଛନ୍ତି ବିନାୟକ ମହାନ୍ତି।

# ସର୍ବଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଆନ୍ତଃମଣ୍ଡଳ ବାସ୍କେଟବଲ ଆଜିଠାରୁ





ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଜର୍ସି ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨।୨(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଆନୁକୂଲ୍ୟରେ ସର୍ବଭାରତୀୟ ଷ୍ଟେଟବ୍ୟାଙ୍କ ଆନ୍ତଃ ମଣ୍ଡଳ ବାସ୍କେଟବଲ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହେବ। ୬ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ। ଏଥିରେ ଭାରତୀୟ ଷ୍ଟେଟବ୍ୟାଙ୍କର ୧୨ଟି ମଣ୍ଡଳର ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଭୁବନେଶ୍ୱର ମଣ୍ଡଳର ମଣ୍ଡଳ କଲ୍ୟାଣ ସମ୍ପାଦକ ଶିବ ପ୍ରସାଦ ବେହେରା ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀ ସାମିଲ ଅଛନ୍ତି। ଭାରତୀୟ ଷ୍ଟେଟବ୍ୟାଙ୍କ୍‌ର ଭୁବନେଶ୍ୱର ମଣ୍ଡଳ ୪ର୍ଥ ଥରପାଇଁ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଜର୍ସି ଉନ୍ମୋଚନ କରିଛନ୍ତି।

# ଜୋକୋଭିଚ୍‌ଙ୍କୁ ଅଷ୍ଟମ ଟାଇଟଲ

## ନଂ୧ କୁ ପ୍ରତ୍ୟାବର୍ତ୍ତନ



ନୋଭାକ ଜୋକୋଭିଚ୍

**ମେଲ୍‌ବୋର୍ନ, ୨।୨(ଏଏଫ୍‌ପି)**

ଅଭିଜ୍ଞ ସର୍ବିୟା ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ ୬-୪, ୪-୬, ୨-୬, ୬-୩, ୬-୪ ମାରାଥନ ସେଟ୍‌ରେ ପଞ୍ଚମ ସିଡ୍ ଖେଳାଳି ଅଷ୍ଟ୍ରିଆର ଡୋମିନିକ ଥିମ୍‌ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବିଜୟୀ ହେବା ପାଇଁ ଜୋକୋଭିଚ୍‌ଙ୍କୁ ପାଖାପାଖି ୪ ଘଣ୍ଟା ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ୩୨ ବର୍ଷୀୟ ଜୋକୋଭିଚ୍ ରେକର୍ଡ ଅଷ୍ଟମଥର ପାଇଁ ଏହି ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଛନ୍ତି। ସେ ମଧ୍ୟ କ୍ୟାରିୟରର ୧୭ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଆଉ ୨/୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କଲେ ସେ ଯଥାକ୍ରମେ ନାଡାଲ ଓ ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସମକକ୍ଷ ହେବେ। ଏହି ସଫଳତା ସହ ସୋମବାର ପ୍ରକାଶିତ ହେବାକୁ ଥିବା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସ୍ପେନ୍‌ର ରାଫାଲ ନାଡାଲଙ୍କୁ ହଟାଇ ସେ ପୁଣିଥରେ ଶୀର୍ଷ ସ୍ଥାନ ଅଧିକାର କରିବା ସ୍ପଷ୍ଟ ହୋଇଛି। ର୍‍ୟାଙ୍କିଙ୍ଗ୍‌ରେ ନାଡାଲ ଦ୍ୱିତୀୟ, ଫେଡରର ପୂର୍ବପରି ତୃତୀୟ ଓ ଥିମ୍ ଗୋଟିଏ ପାହ୍ୟା ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିବେ।

ଜୋକୋଭିଚ୍ କ୍ରମାଗତ ୧୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଅଷ୍ଟ୍ରେଲିଆ ଓପନ୍ ମୋର ଫେଭରାଇଟ୍ ଟୁର୍ନାମେଣ୍ଟ। ପୁଣିଥରେ ଏହି ଟାଇଟଲ ଜିତିବାରୁ ନିଜକୁ ଭାଗ୍ୟବାନ୍ ମନେକରୁଛି। ଏହି ବିଜୟ ସହ ସେ ଏକ ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। ତୃତୀୟ ବ୍ୟକ୍ତି ଭାବେ ସେ ଗୋଟିଏ ଗ୍ରାଣ୍ଡସ୍ଲାମ(ଅଷ୍ଟ୍ରେଲିଆନ ଓପନ୍)ରେ ୮ କିମ୍ବା ଅଧିକଥର ଟାଇଟଲ ଜିତିଛନ୍ତି। ନାଡାଲ ପୂର୍ବରୁ ଫ୍ରେଞ୍ଚ ଓପନ୍‌ରେ ୧୨ଥର ଓ ଫେଡରର ୱିମ୍ବେଲଡନ୍‌ରେ ୮ଥର ଟାଇଟଲ ଜିତିବାର ଗୌରବ ଅର୍ଜନ କରିସାରିଛନ୍ତି। ଗତ ୭ଟି ପ୍ରୟାସରେ ଜୋକୋଭିଚ୍ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିପାରି ନ ଥିଲେ। ତେଣୁ ଏହି ବିଜୟ ତାଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି।

ଫାଇନାଲରେ ଥିମ୍‌ଙ୍କୁ ହରାଇବା ପାଇଁ ଜୋକୋଭିଚ୍‌ଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ଜୋକୋଭିଚ୍ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ୨୬ ବର୍ଷୀୟ ଥିମ୍ ଫିଟ୍ ଓ ବେଶ୍ ଫାଷ୍ଟ ଥିଲେ। ଗ୍ରାଉଣ୍ଡ ଷ୍ଟ୍ରୋକ୍‌ରେ ସେ ଜୋକୋଭିଚ୍‌ଙ୍କୁ ପଛରେ ପକାଇଥିଲେ। ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଜୋକୋଭିଚ୍ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ପରାସ୍ତ ହୋଇ ୨-୧ରେ ପଛରେ ପଡ଼ି ବେଶ୍ ନିରାଶ ହୋଇଥିଲେ। ତେବେ ପ୍ରଦର୍ଶନରେ ଉନ୍ନତି ଆଣି ସେ ଚତୁର୍ଥ ଓ ପଞ୍ଚମ ସେଟ୍‌ରେ ବିଜୟୀ ହୋଇ ଶେଷରେ ବାଜି ମାରିଥିଲେ। ପୂର୍ବରୁ ଜୋକୋଭିଚ୍ ସେମିଫାଇନାଲରେ ତୃତୀୟ ସିଡ୍ ରୋଜର ଫେଡରରଙ୍କୁ ୭-୬, ୬-୪, ୬-୩ ସେଟ୍‌ରେ ଓ ଥିମ୍ ସପ୍ତମ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୩-୬, ୬-୪, ୭-୬, ୭-୬ ସେଟ୍‌ରେ ହରାଇ ଫାଇନାଲକୁ ଉଠିଥିଲେ।

## ଭାରତୀୟ ବଂଶୋଦ୍ଭବ ରାଜୀବ ଚାମ୍ପିୟନ

**ମେଲବୋର୍ନ, ୨।୨ (ଏଏଫ୍‌ପି)**

ଆମେରିକାରେ ଅବସ୍ଥାପିତ ଭାରତୀୟ ବଂଶୋଦ୍ଭବ ରାଜୀବ ରାମ ବର୍ଷର ପ୍ରଥମ ଟେନିସ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ବ୍ରିଟେନର ଜୋଏ ସେଲିସବରୀଙ୍କୁ ସାଥୀ କରି ଖେଳୁଥିବା ରାଜୀବ ଫାଇନାଲରେ ୬-୪, ୬-୨ ସିଧାସଳଖ ସେଟ୍‌ରେ ମ୍ୟାକ୍ସ ପର୍ସେଲ ଓ ଲୁକ୍ ସେବିଲେ ଯୋଡ଼ିଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ରାଜୀବ ଓ ଜୋଏଙ୍କୁ ୧ ଘଣ୍ଟା ୧୦ ମିନିଟ୍ ସମୟ ଲାଗିଥିଲା। ୩୫ ବର୍ଷୀୟ ରାଜୀବ ଏଥିପୂର୍ବରୁ ଗତବର୍ଷ ଏଠାରେ ମିକ୍ସଡ ଡବଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ସେହିଭଳି ୨୦୧୬ ରିଓ ଅଲିମ୍ପିକ୍ସର ମିକ୍ସଡ ଡବଲ୍ସରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ।



ଜୋଏ ସେଲିସବରୀ ଓ ରାଜୀବ ରାମ୍

'ମାମୁନା'ର ଜନ୍ମଦିନ ଶୁଭେଚ୍ଛା



ତମନ୍ନା ମିଶ୍ର
ଗବପଡ଼ା, ସାକ୍ଷୀଗୋପାଳ
ବାବା ଧବଳେଶ୍ୱରଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ । ତୋର ଦୀର୍ଘ ଜୀବନ ପାଇଁ ବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୁଭେଚ୍ଛା ସହ:-
ନନା, ବୋଉ, ଅଜା, ଆଈ, ମାମୁ, ମାଇଁ ଓ ସାଥୀ ।
ଧ-୬୭୬୧୫

## ଓଡ଼ିଶା ଏଫସି ବିଜୟୀ

**ନୂଆଦିଲ୍ଲୀ, ୨।୨**

ଚଳିତ ୧୮ ବର୍ଷରୁ କମ୍ ହିରୋ ଏଲିଟ୍ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଓଡ଼ିଶା ଏଫସି ୪-୦ ଗୋଲରେ ୟୁନାଇଟେଡ ପଞ୍ଜାବକୁ ପରାସ୍ତ କରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମର ପିଚ୍-୨ରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫସି ପକ୍ଷରୁ ଅକ୍ଷୁର୍ଣ୍ଣ ତ୍ୟାଗୀ ୨ଟି ଏବଂ ରିଷଭ ଦୋବ୍ରିୟାଲ ଓ ନିଶ୍ଚୟ ଅଧିକାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚର ୧୩ତମ ମିନିଟରେ ଅକ୍ଷୁର୍ଣ୍ଣ ପ୍ରଥମ ଗୋଲ ଦେଇ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫସିକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ରିଷଭ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଓଡ଼ିଶା ଏଫସିର ଆଧିପତ୍ୟ ଅବ୍ୟାହତ ରହିଥିଲା। ଯୋଜନାର ସଫଳ ରୂପାୟନ କରି ଅକ୍ଷୁର୍ଣ୍ଣ ୭୨ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୭୮ତମ ମିନିଟରେ ନିଶ୍ଚୟ ଗୋଟିଏ ଗୋଲ ଦେଇ ଦଳର ବିଜୟକୁ ଏକପ୍ରକାର ନିଶ୍ଚିତ କରି ଦେଇଥିଲେ। ଅନ୍ୟପକ୍ଷରେ ଓଡ଼ିଶା ଏଫସିର ୧୩ ବର୍ଷରୁ କମ୍ ଦଳ ସୁଦେଭା ଫୁଟବଲ କ୍ଲବଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି।

## ଗୁଡ୍‌ୱିଲ ଆମ୍ବାସାଡର ପାଇଁ ଗାଙ୍ଗୁଲିଙ୍କୁ ଅନୁରୋଧ

**ନୂଆଦିଲ୍ଲୀ, ୨।୨ (ପି.ଟି.)**

ଚଳିତ ବର୍ଷ ଜାପାନର ରାଜଧାନୀ ଟୋକିଓଠାରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତା ଲାଗି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଭାରତୀୟ ଦଳର ଗୁଡ୍‌ୱିଲ ଆମ୍ବାସାଡର (ସଦିଚ୍ଛା ଦୂତ) ହେବାଲାଗି ଭାରତୀୟ ଅଲିମ୍ପିକ ମହାସଂଘ (ଆଇଓଏ) ଅନୁରୋଧ କରିଛି। '୨୦୨୦ ଟୋକିଓ ଅଲିମ୍ପିକ ଗେମ୍ସରେ ଭାରତୀୟ ଦଳର ଗୁଡ୍‌ୱିଲ ଆମ୍ବାସାଡର ହେବା ପାଇଁ ଆଇଓଏ ଆପଣଙ୍କୁ ସମ୍ମାନ ଜଣାଉଛି। ଆପଣ ଉଦାରପୂର୍ବକ ଟିମ୍ ଇଣ୍ଡିଆକୁ ସମର୍ଥନ ଜଣାଇବେ ବୋଲି ଆମେ ଆଶା କରୁଛୁ' ବୋଲି ଗାଙ୍ଗୁଲିଙ୍କୁ ଏକ ଚିଠିରେ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା ଉଲ୍ଲେଖ କରିଛନ୍ତି। ଚଳିତ ବର୍ଷର ଅଲିମ୍ପିକରେ ଅଂଶଗ୍ରହଣ କରିବା ସହ ଭାରତ କ୍ରୀଡ଼ାର ଏହି ମହାକୁମ୍ଭରେ ୧୦୦ ବର୍ଷ ପୂରଣ କରି ମାଇଲଖୁଣ୍ଟ ହାସଲ କରିବ। ଏହି ଦୃଷ୍ଟିରୁ ଗାଙ୍ଗୁଲିଙ୍କ ସମର୍ଥନ ଓ ପ୍ରେରଣା ଭାରତୀୟ ଆଥଲେଟ୍ ବିଶେଷ କରି ଯୁବବର୍ଗଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ରହିବ ବୋଲି ମେହେଟା ଏହି ଅବସରରେ କହିଛନ୍ତି।

## ଟ୍ୟାକ୍ସି ଡ୍ରାଇଭରରୁ ଗ୍ରାଣ୍ଡସ୍ଲାମ ୱିନିଙ୍ଗ୍ କୋଚ୍

**ମେଲ୍‌ବୋର୍ନ, ୨।୨(ଏଏଫ୍‌ପି)**

ଏକଦା ନ୍ୟୁୟର୍କରେ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଆଲେକ୍ସ କେନିନ୍ ଏବେ ଗ୍ରାଣ୍ଡସ୍ଲାମ ୱିନିଙ୍ଗ୍ କୋଚ୍ ଭାବେ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆନ ଓପନ୍ ମହିଳା ଚାମ୍ପିୟନ ସୋଫିଆ କେନିନ୍‌ଙ୍କ ପିତା ଆଲେକ୍ସ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଇଂଲିଶ୍ କହିପାରୁ ନ ଥିବା ଆଲେକ୍ସ କେଉଁଠାକୁ ଯିବେ ତାହା ମଧ୍ୟ କହିପାରନ୍ତି ନାହିଁ। ଟେନିସ୍‌ରେ କୌଣସି ଜ୍ଞାନ ନ ଥିବା ସତ୍ତ୍ୱେ ସେ ଜଣେ ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ କୋଚିଂ ଦେଉଛନ୍ତି।

ରୁଷିଆରେ ଜନ୍ମଗ୍ରହଣ କରିଥିବା ଆଲେକ୍ସ ଝିଅ କେନିନ୍‌ଙ୍କୁ ପ୍ରଥମେ ଟେନିସ୍ ଶିଖାଇଥିଲେ ଏବଂ ତାଙ୍କୁ ଗାଇଡ୍ କରିଥିଲେ ଓ ଜଣେ ଚାମ୍ପିୟନ ହେବାର ସବୁ ରଣକୌଶଳ ମଧ୍ୟ ବତାଇଥିଲେ। ଯାହାଫଳରେ କେନିନ୍ ଶନିବାର ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବାରେ ସକ୍ଷମ ହୋଇଛନ୍ତି। ଟେନିସ୍‌ରେ ଜ୍ଞାନ ନ ଥିଲେ ମଧ୍ୟ ବାପା ଟେନିସ୍ ଖେଳିବାକୁ ଉତ୍ସାହିତ କରିଥିଲେ ବୋଲି ସୋଫିଆ କୁହନ୍ତି। ଦେଖି ଦେଖି ଶିଖିଥିଲି। ଅନ୍ୟ କୋଚ୍‌ମାନେ କିପରି ସେମାନଙ୍କ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ତାହା ବାପା ନିଜେ ଶିକ୍ଷା କରିଥିଲେ। ଅଷ୍ଟ୍ରେଲିଆନ ଓପନ୍ ଜିତିବା ପାଇଁ କେନିନ୍ କୋକୋ ଗୋଫ୍, ୧ ନମ୍ବର ଖେଳାଳି ଆଶ୍‌ଲେ ବାର୍ଟି ଓ ଫାଇନାଲରେ ଗର୍ବାଇନ ମୁଗୁରୁଜାଙ୍କୁ ହରାଇଥିଲେ।

ପୂର୍ବରୁ ମଧ୍ୟ ଅନ୍ୟ କେତେଜଣ ପିତା ସେମାନଙ୍କ ସନ୍ତାନଙ୍କୁ ସଫଳ ଖେଳାଳି ବନାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଭେନସ୍ ଓ ସେରେନା ୱିଲିୟମ୍ସଙ୍କ ପିତା ରିଚାର୍ଡ ୱିଲିୟମ୍ସ, ଆନ୍ଦ୍ରେ ଆଗାସିଙ୍କ ପିତା ମାଇକ୍, ମାରିଆ ସାରାପୋଭାଙ୍କ ପିତା ୟୁରି ସାରାପୋଭା। ୧୯୮୭ରେ ଆଲେକ୍ସ ସ୍ତ୍ରୀ ଲିନାଙ୍କ ସହ ମାତ୍ର କେତେଶହ ଡଲାର ସହ ନ୍ୟୁୟର୍କରେ ପହଞ୍ଚିଥିଲେ। ଆମେରିକାରେ ରହିବାର ସ୍ୱପ୍ନ ନେଇ ସେ ରୁଷିଆରୁ ଆସିଥିଲେ। ରାତିରେ ସେ ଟ୍ୟାକ୍ସି ଚଳାଉଥିଲେ ଏବଂ ଦିନରେ ଇଂଲିଶ ଓ କମ୍ପ୍ୟୁଟର ସ୍କୁଲକୁ ଯାଉଥିଲେ। ଏହି ସମୟ ବେଶ୍ କଷ୍ଟକର ଥିଲା ବୋଲି ଆଲେକ୍ସ କୁହନ୍ତି। ସେତେବେଳେ ସେ ଇଂଲିଶ କହିପାରୁ ନ ଥିଲେ କି ବୁଝିପାରୁ ନ ଥିଲେ ବୋଲି ଆଲେକ୍ସ କୁହାନ୍ତି। ଡେଙ୍ଗା ନ ଥିବାରୁ ଲୋକେ ମୋତେ ଅଣଦେଖା କରୁଥିବା କଥା କେନିନ୍ କହିଛନ୍ତି।

କେନିନ୍ ୨୦୧୪ ଯୁବ ଅଲିମ୍ପିକ୍ସରେ ଆମେରିକା ପାଇଁ ପ୍ରତିନିଧିତ୍ୱ କରିଥିଲେ। ୟୁଏସ୍ ଓପନ୍‌ରେ ସେ ୱାଇଲ୍ଡ କାର୍ଡ ଭାବେ ଗ୍ରାଣ୍ଡସ୍ଲାମ ଡେବ୍ୟୁ କରିଥିଲେ। ଗତବର୍ଷ ୩ଟି ସିଙ୍ଗଲ୍ସ ଟାଇଟଲ ଜିତିବା ପରେ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଦ୍ୱାଦଶ ସ୍ଥାନକୁ ଉଠିଥିଲେ।



ପିତା ଆଲେକ୍ସଙ୍କ ସହ ସୋଫିଆ କେନିନ୍ ।

## କରୋନା ଯୋଗୁ ଖେଳାଯାଇ ପାରିବନି ମ୍ୟାଚ୍

**ମେଲବୋର୍ନ, ୨।୨**

ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କାର୍ଯ୍ୟସୂଚୀରେ ପୁଣି ପରିବର୍ତ୍ତନ କରାଯାଇପାରେ। ପର୍ଥ ଗ୍ଲୋରି ଆସନ୍ତା ୧୧ ତାରିଖରେ ଶାଙ୍ଘାଇ ଶେନହୁଆ ସହ ମ୍ୟାଚ୍ ଖେଳିବ। ଏହାର ପରଦିନ ସିଡ୍‌ନୀ ଏଫ୍‌ସି ଚାଇନାର ଶାଙ୍ଘାଇ ସିପିଜିକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ମାତ୍ର ଅଷ୍ଟ୍ରେଲିଆରେ କରୋନା ଭାଇରସ ପାଇଁ କଡ଼ା ପ୍ରତିବନ୍ଧ ଲଗାଯାଇଛି। ଚାଇନାର କୌଣସି ନାଗରିକକୁ ଦେଶରେ ପୂରାଇ ଦିଆଯିବ ନାହିଁ ବୋଲି ଅଷ୍ଟ୍ରେଲିଆ ସରକାର ଶନିବାର ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଫୁଟବଲ ଫେଡେରେଶନ ଅଷ୍ଟ୍ରେଲିଆ (ଏଏଫ୍‌ଏ) ଏସିଆନ ଫୁଟବଲ କନଫେଡେରେଶନ(ଏଏଫ୍‌ସି)କୁ ସୂଚନା ଦେଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଦେଶରେ ମ୍ୟାଚ୍ ଖେଳାଯାଇପାରିବ ନାହିଁ।

## ଲାଲମନି କ୍ରିକେଟ୍ ଜିତିଲା ସେର୍‌ସା





ସେର୍‌ସା ରାଞ୍ଚି ଦଳକୁ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅତିଥି ବୃନ୍ଦ ଟ୍ରଫି ପ୍ରଦାନ କରୁଛନ୍ତି ।

**ସୋନପୁର,୨।୨(ନି.ପ୍ର.):** ସୋନପୁର ଗାନ୍ଧୀ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ୩୪ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ସେରସା(ରାଞ୍ଚି) ଇଷ୍ଟକୋଷ୍ଟ ରେଲୱେ (ଖୋର୍ଦ୍ଧା)କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଷ୍ଟକୋଷ୍ଟ ରେଲ୍‌ୱେ ପ୍ରଥମେ ଅନୁଷ୍ଠିତ ଟି୨୦ ମ୍ୟାଚ୍‌ରେ ୭ ଉଇକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ସୁବିତ ବିଶ୍ୱାଳ ୫୭ ରନ, ରାକେଶ ମହାନ୍ତି ୨୬ ରନ କରିଥିଲେ। ରାଞ୍ଚିର ସୁପ୍ରିୟୋ ଚକ୍ରବର୍ତ୍ତୀ ୩ ଓ କୁଲଦୀପ ଶର୍ମା ୨ ଉଇକେଟ୍ ନେଇଥିଲେ। ଜବାବରେ ସେର୍‌ସା ସିଦ୍ଧାର୍ଥରାଜ ସିହ୍ନା (୫୫) ଓ ୱାଲଟର ଟୋପୋ (୬୭)ଙ୍କ ଅର୍ଦ୍ଧଶତକ ବଳରେ ୧୪.୧ ଓଭରରେ ୧ ଉଇକେଟ ହରାଇ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟ ଫର୍ମାଟ ନିୟମାନୁଯାୟୀ ରାଞ୍ଚି ଦଳକୁ ୬ ରନ ବୋନସ ମିଳିଥିଲା। ଏହାପରେ ଖେଳାଯାଇଥିବା ଟି୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ୯ ଉଇକେଟ ହରାଇ ୭୩ ରନ ସଂଗ୍ରହ କରିଥିଲା। ରାକେଶ ମହାନ୍ତି ୨୬ ରନ, ସୁବିତ ବିଶ୍ୱାଳ ୧୧ ରନ କରିଥିଲେ। ସେର୍‌ସା ରାଞ୍ଚି ପକ୍ଷରୁ କୁଲଦୀପ ଶର୍ମା, ସୁପ୍ରିୟୋ ଚକ୍ରବର୍ତ୍ତୀ ଓ ଚନ୍ଦନ ମୁଖି ୨ଟି ଲେଖାଏଁ ଉଇକେଟ୍ ହାସଲ କରିଥିଲେ। ଜବାବରେ ସେର୍‌ସା ୮.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ସଂଗ୍ରହ କରିନେଇଥିଲା। କୌଶଲ ସିଂ ୩୭ ଓ ସୁପ୍ରିୟୋ ଚକ୍ରବର୍ତ୍ତୀ ୨୪ ରନ କରିଥିଲେ। ଉଭୟ ଫର୍ମାଟର ଫଳାଫଳ ଅନୁଯାୟୀ ରାଞ୍ଚି ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ରାଞ୍ଚିର ସୁପ୍ରିୟୋ ଚକ୍ରବର୍ତ୍ତୀ ମ୍ୟାନ୍ ଅଫ ଦି ଫାଇନାଲ ଓ ସିରିଜ୍ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ ସତ୍ୟପ୍ରକାଶ ରଥ ଓ ପୃଥ୍ୱୀରାଜ ମିଶ୍ର। ସ୍କୋରିଂରେ ଥିଲେ କ୍ଷେତ୍ରବାସୀ ସାହୁ ଏବଂ ଧାରାବିବରଣୀରେ ପ୍ରଜ୍ଞା ପ୍ରିୟଦର୍ଶିନୀ ମିଶ୍ର, ବି.ଏସ.ରାଓ, ଅଚ୍ୟୁତ ମିଶ୍ର ଓ ସଞ୍ଜୀବ ମିଶ୍ର ସହାୟତା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ସେରସା ଦଳକୁ ୫୫,୫୫୫ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ଭାରତୀୟ କ୍ରିକେଟର୍ ଅଶୋକ ଦିଣ୍ଡା ରନର୍ସଅପ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଦଳକୁ ୩୩,୩୩୩ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଓସିଏ ଯୁଗ୍ମ ସମ୍ପାଦକ ମେହେତାବ ଖାନ, ଓସିଏ ଚୟନକର୍ତ୍ତା ଶୋଭନ ଦେବ ଓ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଯୋଗଦାନ କରିଥିଲେ। ଆୟୋଜକ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘର ସଭାପତି ରାମ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଦୀପ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସଂଘର ପ୍ରାକ୍ତନ ସଭାପତି ପଠାନ ପଣ୍ଡା ମଞ୍ଚାସୀନ ଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଶ୍ରଦ୍ଧାଞ୍ଜଳି



Lt.Col ମୃତ୍ୟୁଞ୍ଜୟ ପଟ୍ଟନାୟକ
C-27, BJB Nagar, Bhubaneswar
ଆବିର୍ଭାବ: ୦୨।୧୧।୧୯୨୬
ତିରୋଧାନ: ୨୪।୦୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ସେବା ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଧର୍ମପତ୍ନୀ: କିରଣ ବାଳା, ପୁତ୍ର: ଅନୁଜ, ଅନୁପ ପଟ୍ଟନାୟକ, କନ୍ୟା: ଶୁଭ ଦାସ, ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ ।
ଧ-୬୭୨୮୩

ତୋ ସ୍ମୃତିରେ.........



ସ୍ୱର୍ଗତ ସସ୍ମିତ କୁମାର ଦଳେଇ
ଆବିର୍ଭାବ: ୧୩।୧୨।୨୦୦୦
ତିରୋଧାନ: ୨୪।୦୧।୨୦୨୦
ସାରା ଜୀବନ ସାଥୀହୋଇ ରହିବାର ସ୍ୱପ୍ନ ଦେଖେଇ ମଝିଧାରରେ ଏକଲା ଛାଡ଼ି ଚାଲିଗଲୁ। ଏତେ ବଡ଼ କପଟ କାହିଁକି କଲୁ। ସେଥିପାଇଁ ସବୁବେଳେ ହସୁଥିଲୁ। ଥରୁଟିଏ ମାତ୍ର ମୋ ବିଷୟରେ ଭାବିଲୁନି, ହଉ ଯେଉଁଠି ଥାଆ ସର୍ବଦା ହସୁଥାଆ। ସବୁଦିନ ପାଇଁ ତୋରି ଅପେକ୍ଷାରେ, କେବଳତୋରି ଅପେକ୍ଷାରେ।
ଶୋକସନ୍ତପ୍ତ:
ସ୍ୱାମିଜୀ, ସୀତାରାମ ପରିବାରବର୍ଗ, ବାପା, ମାଆ, ଭାଇ ଓ ସାଙ୍ଗମାନେ ।
ଧ-୬୮୭୭୪

ଷଷ୍ଠଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ
ତିରୋଧାନ: ୦୩।୦୨।୨୦୦୪
ଆଜିର ଏହି ପୁଣ୍ୟ ତିଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶ୍ରଦ୍ଧେୟ:-
ଝିଅ-ଜ୍ୱାଇଁ, ନାତି-ନାତୁଣୀ: ତପୁ, ଧୁନ୍, ଗାଗୁଲ୍, ମିଷ୍ଟି, ଶ୍ରିଷ୍ଟି ଓ ପରିବାରବର୍ଗ ।
ଧ-୬୮୬୫୫

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନନୟନା ନନ୍ଦ
ଡି.ଏଲ-୭୨, ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୬୮
ତିରୋଧାନ: ୨୫।୦୧।୨୦୨୦
"ସୁଦୀର୍ଘ ଜୀବନ ନୁହଁଇ ସାର୍ଥକ
ସାର୍ଥକ ଜୀବନ ଦୀର୍ଘ ।
ସ୍ୱଷ୍ଟ ପ୍ରତିଭାର କ'ଣ ସାର୍ଥକ
ତୁମକୁ କରିଲେ ଲକ୍ଷ୍ୟ ॥
ଦିବଂଗତ ଆତ୍ମା ଲଭୁ ପରମାତ୍ମା
ଏତିକି ବିଭୁରେ ଅଳି।
ଶୋକ ସନ୍ତପ୍ତଟି ନନ୍ଦ ପରିବାର
ହରାଇ ତାହାର କଳି ॥"
ଶୋକସନ୍ତପ୍ତ:
ନନ୍ଦ ପରିବାରବର୍ଗ ।
ଧ-୧୬୫୨୬

ଊନବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳୀ



୰ ଭବାନୀ ଶଙ୍କର ମହାପାତ୍ର
ଧରାବତରଣ : ୨୧/୦୪/୧୯୨୨ (ସୋରଡ଼ା)
ମହାପ୍ରୟାଣ: ୦୨/୦୨/୨୦୦୧ (ଭୁବନେଶ୍ୱର)
"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବମ ଜନ୍ମ ମୃତସ୍ୟ ଚ।"
ଆପଣ ଏହି ତେଲ ଲୁଣ ସଂସାରରୁ ଦେହ ତ୍ୟାଗ କରିବାର ଆଜକୁ ଊଣେଇଶ ବର୍ଷ ହୋଇଗଲା । କିନ୍ତୁ ଆପଣଙ୍କ ଉପସ୍ଥିତି ମୁଁ ସବୁବେଳେ ଅନୁଭବ କରୁଛି । ମୋ ପାଖେ ପାଖେ ରହି ଯେପରି ଏବେ ବି ତୁମେ ମୋତେ ଆଶିର୍ବାଦ କରୁଛ । ଆଜିର ଏହି ପୁଣ୍ୟ ଊଣେଇଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମୋର ମା' ଦୁର୍ଗାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଦେବୀ ପ୍ରସାଦ ମହାପାତ୍ର
ଧ-୬୮୦୫୬

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ରମେଶ


ରାଘବ


କୁବେର


ରଞ୍ଜିତ


ଅନାମ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ରାସ୍ତାରେ ବସିଲେ, ଥାନା ଘେରିଲେ ମହିଳା

**ସୋନପୁର,୨।୨(ନି.ପ୍ର.)**

### ଚୋରି, ନିଶା କାରବାର ବୃଦ୍ଧିର ପ୍ରତିବାଦ

ସୁବର୍ଣ୍ଣପୁର ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ତରଫରୁ ମହିଳାମାନେ ରବିବାର ରାସ୍ତାକୁ ଓହ୍ଲାଇଥିଲେ। ସଭାନେତ୍ରୀ ଜ୍ୟୋତିର୍ମୟୀ ରଥଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ରାଲିରେ ଆସି ଟାଉନ ଥାନା ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ପରେ ସୋନପୁର ଥାନାକୁ ଘେରାଉ କରିଥିଲେ। ସହରରେ ଚୋରି ଓ ବେଆଇନ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଗଞ୍ଜେଇ, ମଦ, କଫ ସିରପ୍ ଭଳି ନିଶା କାରବାର ସହିତ ଜୁଆ ଖେଳକୁ ରୋକା ଯାଇ ପାରୁନି। ତେଣୁ ସହରକୁ ସମ୍ପୂର୍ଣ୍ଣ ନିଶା ମୁକ୍ତ କରିବା ଓ ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ମହିଳାମାନେ ଦାବି କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ଘଟଣାସ୍ଥଳକୁ ଆସି ମହିଳାମାନଙ୍କ ସହିତ ଆଲୋଚନା କରିବା ସହ ସହରରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏସ୍‌ପିଙ୍କ ପ୍ରତିଶ୍ରୁତି ପାଇ ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ନିଶା କାରବାର ରୋକିବା ପାଇଁ ମହିଳାମାନେ ଡ୍ରଗ୍ସ ଇନ୍ସପେକ୍ଟର ଓ ଅବକାରୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘ ସଭାନେତ୍ରୀ ନୁର ବିବି ଓ ନୁର ବେଗମଙ୍କ ସମେତ ଶତାଧିକ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ।



ମହିଳାମାନେ ସୋନପୁର ଥାନା ସମ୍ମୁଖରେ ରାସ୍ତା ଉପରେ ବସିଛନ୍ତି।

# ଟ୍ରାକ୍ଟର ଓଲଟି ହେଲପର ମୃତ

**ଗୁଡ଼ଭେଲା, ୨।୨(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ମୁଖ୍ୟ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନ ସମ୍ମୁଖରେ ରବିବାର ରାତି ପ୍ରାୟ ୯ଟାରେ ଲୁହାଛଡ ବୋଝେଇ ଏକ ଟ୍ରାକ୍ଟର ଓଲଟି ପଡିବାରେ ହେଲପରଙ୍କର ମୃତ ଘଟିଛି। ମୃତକ ହେଲେ ହାତୀସରା ଗ୍ରାମର କୈଳାସ କୁମୁରା(୩୦)। ତୁଷୁରାର ଏକ ଲୁହାଛଡ଼ ଦୋକାନରୁ ଦେଓଗାଁ ବ୍ଲକ ହାତିସରାକୁ ପ୍ରାୟ ୪୦କୁଇଣ୍ଟାଲ ଛଡ ବୋଝେଇ କରି ଟ୍ରାକ୍ଟର ଯାଉଥିଲା । ଓଭର ଲୋଡ଼ିଂଙ୍ଗ ଯୋଗୁଁ ଟ୍ରାକ୍ଟର ଓଡ଼ି ୦୩ ପି ୭୩୦୧ ଭାରସାମ୍ୟ ହରାଇ ମଦ ଦୋକାନ ପାଖରେ ଓଲଟି ପଡିଥିଲା । ହେଲପର ଟ୍ରାକ୍ଟର ତଳେ ଚାପି ହୋଇ ଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଟ୍ରାକ୍ଟର ଡ୍ରାଇଭର ଓ ଗାଡିରେ ଥିବା ଅନ୍ୟ ଦୁଇ ଜଣ ଫେରାର ହୋଇ ଯାଇଥିଲେ। ତୁଷୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# କାମେ ନାଇଁ ଲାଗ୍‌ଲା ସ୍ୱାସ୍ଥ୍ୟବୀମା କାର୍ଡ

**ପର୍ଲା, ୨।୨ (ଡ଼ି.ଏନ୍.ଏ.)**

### ଟଁକା ଅଭାବୁ ବଁଧା ପଡ଼ିଛନ୍ କିଡ୍‌ନୀ ରୁଗୀ

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଁଚେତ୍ କେନ୍ଦୁଗୁଡ଼ା ଗାଁର ଲକ୍ଷ୍ମୀ ତାଣ୍ଡି(୪୩)। ସେ ଅନେକ୍ ଦିନ ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ପରିବାର ଲୋକ୍ ଧାରଉଧାର, ଲାଗ୍‌ବରମସ କରି ଏହେଦେ ତାହାକୁ ବିଶାଖାପାଟଣାର ଗୁଟେ ଘରୋଇ ଡାକ୍‌ତରଖାନାରେ ଚିକିଛା କରଉଛନ୍। ହେଲେ ଟଁକା ଅଭାବୁ ରୁଗୀ ଝନ୍‌କ ଏହେଦେ ଡାକ୍‌ତରଖାନାରେ ବଁଧା ପଡ଼ିଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ କେନ୍ଦୁଗୁଡ଼ା ଗାଁର ବିଷ୍ଣୁ ତାଣ୍ଡି(୫୦)। ପରିବାର କହିଲେ ମାଏକିନା ଲକ୍ଷ୍ମୀ(୪୩), ଦୁଇ ପୁଓ ନମିତ(୨୫), ଅମିତ(୨୦) ଆର ଝିଁ ନମ୍ରିତା(୨୨)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ବିଷ୍ଣୁ ଦୁଖ୍‌ସୁଖ କରି ବଡ଼ପୁଓ ଆର ଝିଁକେ ବିହାତୁରା କରିସାରିଛନ୍। ଇଆଡ଼େ ବିଷ୍ଣୁକଁର ମାଏକିନା ଲକ୍ଷ୍ମୀ ଅନେକ ଦିନ ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ପରିବାର ଲୋକ୍ ତାହାକୁ ଆସର ପାସର ଡାକ୍‌ତରଖାନା ସମତେ ଭବାନୀପାଟଣା ଜିଲା ମୁଖିଆ ଡାକ୍‌ତରଖାନା, ବୁର୍ଲାରେ ଚିକିଛା କରେଇ ନିରାଶ ହେଇଛନ୍। ଗଲା ୨୮ ତାରିଖ୍ ଦିନ ହଠାତ୍ ଲକ୍ଷ୍ମୀକଁର ଦିହି ବିଗ୍‌ଡ଼ି ଯାଇଥିଲା। ପରିବାର ଲୋକ୍ ତାହାକୁ ଭବାନୀପାଟଣା ଜିଲା ଡାକ୍‌ତରଖାନାରେ ଭରତି କରିଥିଲେ। ହେଲେ ସେଠାନେ ଡାକ୍‌ତର ଉଚ ଚିକିଛା ଲାଗି ଲକ୍ଷ୍ମୀକୁଁ ଉନିଆ କେହେନ୍‌ସି ବଡ଼ ଡାକ୍‌ତରଖାନାକେ ନେବାକେ ପରାମଶ ଦେଇଥିଲେ। ଏନ୍‌ତାଥି ପରିବାର ଲୋକ୍ ଜମିବାଡ଼ି ବଁଧା ପକେଇ ଗଲା ୩୧ ତାରିଖ ଲକ୍ଷ୍ମୀକୁଁ ବିଶାଖାପାଟଣାର ଗୁଟେ ଘରୋଇ ଡାକ୍‌ତରଖାନାରେ ଭରତି କରିଥିଲେ। ଫିଦିନ ୩୦ ହଜାର ଟଁକା ଖରଚ୍ ହିସାବେ ଡାକ୍‌ତରଖାନା କତ୍ତୁରପକ୍ଷ ରୁଗୀକଁର ଆପ୍‌ନେ ବିଷ୍ଣୁ ତାଣ୍ଡିକୁଁ ୭୪ ହଜାର ଟଁକାର ଗୁଟେ ବିଲ୍ ଦେଇଛନ୍। ଇଆଡ଼େ ଟଁକା ପଏସା ଅଭାବ୍‌କେ ୭୪ ହଜାର ଚିକିଛା ବିଲ୍ ଦେଖି ବିଷ୍ଣୁ ବାଟ୍‌ବନା ହେଇଯାଇଛନ୍। ଉପେ ଶୁଇନ୍ ହେଇ ସେ ନିଜର ଲାଗେଲେସରମାନକୁ ଘଟ୍‌ନା ବାବ୍‌ଦେ ଫୋନ୍ କରି କହିଥିବାର ଜନାଯାଇଛେ। ସେନ୍‌ତା ବିଲ୍ ଟଁକା ବୁଝେଇ ରୁଗୀକେ ନେଇଯିବାକେ ଡାକ୍‌ତରଖାନା କତ୍ତୁରପକ୍ଷ ବାରବାର କହୁଛନ୍। ହେଲେ ଟଁକା ଅଭାବୁ ପରିବାର ଲୋକ୍ ଲକ୍ଷ୍ମୀକୁଁ ଡାକ୍‌ତରଖାନାରୁ ଆନି ନାଇଁପାରୁଥିବାର କହିଛନ୍। ଇଆଡ଼େ ପରିବାର ଲୋକ୍ ଡାକ୍‌ତରଖାନା କତ୍ତୁରପକ୍ଷକୁଁ ରାଏଜ୍ ସରକାରକଁର ସ୍ୱାସ୍ଥ୍ୟ ବୀମା କାର୍ଡ ଦେଖେଇଥିଲେ ବି କାମେ ନାଇଁ ଲାଗିପାରି ବଲି ଅଭିଯୋଗ କରିଛନ୍। ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ଲକ୍ଷ୍ମୀ ତାଣ୍ଡିକୁଁ ବିଶାଖାପାଟଣାରୁ ଉଧାର କରବାକେ ଅଁଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ମୁଖିଆ ଚିକିଛା ଅଧିକାରୀ ଜଗୁଲାଲ ଅଗ୍ରୱାଲ ଆର ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ଏନ୍‌ତାଥି ଆମେ କିଛି ନାଇଁ କରିପାରୁଁ ବଲି ଉଭଏ କହିଥିଲେ।

# ଅଣ୍ଡର-୧୯ କ୍ରିକେଟ : ଏସ୍‌ଡିସିଏ ରେଡ ବିଜୟୀ


ଖେଳାଳିଙ୍କ ସହ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଅଶୋକ ଦିଣ୍ଡା।

**ଉଲୁଣ୍ଡା, ୨।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା କ୍ରିକେଟ ଆସୋସିଏଶନ୍ ଏବଂ ଓସିଏ ମିଳିତ ଆନୁକୂଲ୍ୟରେ ଉଲୁଣ୍ଡା କଲେଜ ପଡିଆରେ ଖେଳା ଯାଉଥିବା ଜିଲାସ୍ତରୀୟ ଅଣ୍ଡର-୧୯ କ୍ରିକେଟ ଲିଗର ରବିବାର ମ୍ୟାଚରେ ଏସଡିସିଏ ରେଡ ଦଳ ଏସଡିସିଏ ପିଙ୍କ ଦଳକୁ ୧୪୮ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରେଡ ଦଳ ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୬୮ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ହରେକୃଷ୍ଣ ବାରିକ ୯୫ ଏବଂ ସଞ୍ଜୀବ ସେଠୀ ୬୬ ରନ ସଂଗ୍ରହ କରିଥିଲେ। ମହମ୍ମଦ ଇବ୍ରାହିମ ଖାନ୍ ୩ଟି ଉଇକେଟ ନେଇଥିଲେ। ଜବାବରେ ପିଙ୍କ ଦଳ ୧୮ତମ ଓଭରରେ ୧୨୦ ରନ କରି ପରାସ୍ତ ହୋଇଥିଲା। ଦଳର ପ୍ରିୟଦର୍ଶନ ନାଏକ ୩୨ ରନ କରିଥିବା ବେଳେ ସଚିକାନ୍ତ ଦେହେରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ଶ୍ରୀନିବାସ ପଧାନ ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ସରୋଜ କୁମାର ମିଶ୍ର ସ୍କୋରିଂ ଅପଡେଟ୍ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଅଶୋକ ଦିଣ୍ଡା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିସିଏ ସଭାପତି ସୁଜିତ କୁମାର ପଣ୍ଡା, ମନଜିତ ଆଚାର୍ଯ୍ୟ ଓ ଅଭିଳାଷ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଡ ଦଳର ହରେକୃଷ୍ଣ ବାରିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା।

# କଟକକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



କୋଇଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଜେତା ଦଳକୁ ପୁରସ୍କୃତ କରାଯାଉଛି।

### ସର୍ବଭାରତୀୟ କୋଇଡା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଟେନ୍‌ସା,୨।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡ଼ା ନୂଆଁ ଷ୍ଟାଡିୟମଠାରେ ସ୍ଥାନୀୟ ବିର୍ସା ମୁଣ୍ଡା ଆଦିବାସୀ ସଂଘ ତରଫରୁ ଶୁକ୍ରବାରଠାରୁ ଚାଲିଥିବା ସର୍ବଭାରତୀୟ କୋଇଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପୋଷ୍ଟ ହଷ୍ଟେଲ କଟକ ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୧ ଗୋଲରେ ଝାଡଖଣ୍ଡ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ବିଡିଓ ଧାନାୟ ଚରଣ ଟୁଡୁ, ଏସ୍‌ପି ମିନେରାଲର ଏମ୍‌ଡି ଦେବନାରାୟଣ ସାହୁ, ବଣାଇର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସମାଜସେବୀ ବିଶ୍ୱନାଥ ଭଞ୍ଜ, ବରିଷ୍ଠ ଖବରଦାତା ସମୀର ପାଢ଼ୀ, କୋଇଡା ରେଞ୍ଜର ବି.ସି ପାତ୍ର, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସନତ କୁମାର ପଶୁପାଳ, କୋଇଡା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ସ୍ମୃତିରଞ୍ଜନ ପୁହାଣ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ କୋଇଡା ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ଏକ ବଡ ଫୁଟବଲ ଟୁର୍ନାମେଣ୍ଟ ହେବା ଗୌରବର କଥା। ଏହା ଦ୍ୱାରା ନିଜ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କୋଇଡା ବିର୍ସା ମୁଣ୍ଡା ଆଦିବାସୀ ସଂଘର ଜନ ଡୁଙ୍ଗଡୁଙ୍ଗ, ଅର୍ଜୁନ ନାଏକ, ତ୍ରିଲୋଚନ ସାହୁ, ଟିଟୁନ ଦାସ, ଜଗନ୍ନାଥ ସାହୁ, ସନ୍ତୋଷ ବେହେରା, ମୁନା ମାହାନ ସମେତ ସଂଘ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ରେଫରି ଭାବେ ଭାନୁ ବାହୁରୀ, ରାଜେଶ ଭଇସା, ଥବୀର ଗରୁଡ. ସାମୁ ହାଁସଦା ଯୋଗଦେଇଥିଲେ। ବିଜେତା ଦଳକୁ ଦେବନାରାୟଣ ସାହୁଙ୍କ ପକ୍ଷରୁ ୭୧ହଜାର ଟଙ୍କା, ଉପବିଜେତା ଦଳକୁ କୋଇଡାର ତ୍ରିଲୋଚନ ସାହୁଙ୍କ ପକ୍ଷରୁ ୫୧ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ଟିମ, ବେଷ୍ଟ ଗୋଲକିପରି, ବେଷ୍ଟ ପ୍ଲେୟାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିର୍ସା ମୁଣ୍ଡା ଆଦିବାସୀ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ସୁସ୍ଥ, ସୁନ୍ଦର ଜିଲା ଗଠନ ଉପରେ ଗୁରୁତ୍ୱ

**ବୌଦ୍ଧ,୨।୨(ସ୍ୱ.ପ୍ର.):** ସୁସ୍ଥ, ସୁନ୍ଦର ପରିବେଶ ପାଇଁ ଲୋକଙ୍କ ମାନସିକତାର ପରିବର୍ତ୍ତନ ଜରୁରୀ। ଲୋକଙ୍କ ଚାଲି ଚଳଣି ଓ ବ୍ୟବହାର ଅଞ୍ଚଳର ସଂସ୍କୃତି, ପରମ୍ପରାର ପରିଚୟ ମିଳିଥାଏ। ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାକୁ ସୁସ୍ଥ ଓ ସୁନ୍ଦର ଭବେ ଗଢ଼ିବା ପାଇଁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ମର୍ମରେ ଜିଲାର ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସୁସ୍ଥ ରହିବା ପାଇଁ ସାଇକେଲ ଚଳାଇବାକୁ ଆହ୍ୱାନ ଦେଇଛନ୍ତି। ଏପରି କି ସପ୍ତାହରେ ଗୋଟିଏ ଦିନ (ଗୁରୁବାର) ସମ୍ବଲପୁରୀ ପୋଷାକ ପରିଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ସରକାରୀ କର୍ମଚାରୀମାନେ ସାଇକେଲ ଚଳାଇବା ଦ୍ୱାରା ନିରୋଗ ରହିବା ସହିତ ପ୍ରଦୂଷଣ ହ୍ରାସ ପାଇବ। ଅନ୍ୟପକ୍ଷେ ସମ୍ବଲପୁରୀ ପୋଷାକ ପରିଧାନ ଦ୍ୱାରା ପଶ୍ଚିମାଞ୍ଚଳ ସଂସ୍କୃତିର ବିକାଶ ହେବା ସହ ବୁଣାକାର ପରିବାରଙ୍କୁ ମଧ୍ୟ ପ୍ରୋତ୍ସାହନ ମିଳିପାରିବ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୮୨୩ ତା ୦୧.୦୨.୨୦୨୦ରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ବିକାଶ କ୍ରିକେଟ୍ କ୍ଲବ ଚାମ୍ପିୟନ

**ବରଗଡ଼ ଅଫିସ୍,୨।୨**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ରେ ଅନୁଷ୍ଠିତ ଆନ୍ତଃକ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତାରେ ବିକାଶ କ୍ରିକେଟ କ୍ଲବ ପ୍ରତିପକ୍ଷ ବ୍ଲୁ ଡାଇମଣ୍ଡକୁ ୧୦୬ରନ୍ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଛି। ବିକାଶ ଗ୍ରାଉଣ୍ଡ ମଧ୍ୟରେ ବ୍ଲୁ ଡାଇମଣ୍ଡ ଓ ବିକାଶ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବିକାଶ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ସ୍ୱରୂପ କୁମାର ସାହୁଙ୍କ ୭୦(୯ଚୌକା), ରାକେଶ ରଞ୍ଜନ କିଶାନଙ୍କ ୬୪(୮ଚୌକା, ୨ଛକ୍କା), ରୋହିତ ସିଂଙ୍କ ୪୪(୭ଚୌକା), ତରଙ୍ଗ ଶର୍ମାଙ୍କ ୩୨(୪ଚୌକା, ୧ଛକ୍କା) ସହାୟତାରେ ବିକାଶ କ୍ରିକେଟ କ୍ଲବ ୪୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୩୩୬ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷର ଅଧିନାୟକ ଆର୍ଯ୍ୟମାନ ମିଶ୍ର ୪୭ରନ୍ ବିନିମୟରେ ୫, ଶେଖ ରୁହୁଲ ଅମିନ ୪୧ରନ୍ ବିନିମୟରେ ୩ ଏବଂ ଅଜିତ୍ ସ୍ୱାଇଁ ୫୨ରନ୍ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ ।

ଜବାବରେ ବ୍ଲୁ ଡାଇମଣ୍ଡର ଅଧିନାୟକ ଆର୍ଯ୍ୟମାନ ମିଶ୍ର ୧୨୯(୧୬ଚୌକା, ୨ଛକ୍କା), ଅଭିଷେକ ଅଗ୍ରୱାଲ ୩୭(୬ଚୌକା) ଏବଂ ସ୍ୱରାଜ ନାଗ ୨୨(୩ଚୌକା) ସହାୟତାରେ ୪୦.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୩୦ରନ୍ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଦଳର ରାକେଶ କିଷାନ ୪୩, ବେଦାନ୍ତ ସାହୁ ୭ରନ୍ ବିନିମୟରେ ୨ଟି ଲେଖାଏଁ ଉଇକେଟ୍ ନେଇଥିବାବେଳେ ରୋହିତ ସିଂ ୩୯ ଏବଂ କ୍ରିଶ କୁମାର ୧ରନ୍ ବିନିମୟରେ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ପ୍ରଦୀପ ଦାଶ ଓ ଆନନ୍ଦ ହୋତା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିବାବେଳେ ମନୋଜ ପାତ୍ର ଅନଲାଇନ ଏବଂ ଅଶୋକ ସାହୁ ମାନୁଏଲ ସ୍କୋରର ଦାୟିତ୍ୱରେ ରହିଥିଲେ। ପ୍ରତିଯୋଗିତାରେ ବିକାଶ କ୍ରିକେଟ କ୍ଲବର ରାକେଶ ରଞ୍ଜନ କିଷାନଙ୍କୁ ମ୍ୟାନ ଅଫ ଦି ଫାଇନାଲ, କଟାପାଲି କ୍ରିକେଟ୍ କ୍ଲବର ଶ୍ରୁତିରାଜ ମିଶ୍ରଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବ୍ଲୁ ଡାଇମଣ୍ଡର ଆର୍ଯ୍ୟମାନ ମିଶ୍ରଙ୍କୁ ଶ୍ରେଷ୍ଠ ଖେଳାଳି, ବୋରାସମ୍ବର କ୍ରିକେଟ କ୍ଲବର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ବୋଲର ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏଶନ ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ବିକାଶ ଗ୍ରୁପର ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ଡିନ୍ ପିତାମ୍ବର ଦାଶ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶର କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି, ଆୟୋଜକଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳ ସହିତ କୃତୀ ଖେଳାଳିମାନେ।

**ଆନ୍ତଃକ୍ଲବ ଜୁନିୟର କ୍ରିକେଟ୍ ପ୍ରତିଯୋଗିତା**

# ନାବକେଳି ଦୃଶ୍ୟ ଦେଖିବାକୁ ଜନଗହଳି

**ଗାଇସିଲେଟ୍,୨।୨(ଡି.ଏନ.ଏ.)**

**ବୋଡ଼ାସମ୍ବର ଧନୁଯାତ୍ରା**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅଧୀନ ତାଲପାଲିଠାରେ ଚାଲିଥିବା ବୋଡ଼ାସମ୍ବର ଧନୁଯାତ୍ରାର ରବିବାର ଦଶମ ଦିବସରେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଏବଂ ଯମୁନାରେ ରାଧାକୃଷ୍ଣଙ୍କ ନାବକେଳୀ ଦୃଶ୍ୟାଭିନୟ ଉଚ୍ଚକୋଟୀର ହୋଇଥିଲା। ନାଟ୍ୟାଭିନୟ ଦେଖିବା ପାଇଁ ଜନ ସମାଗମ ହୋଇଥିଲା। କଂସଙ୍କ ଚିଠାଉ ଧରି ଅକ୍ରୂର ଗୋପପୁର ଯିବା ବାଟରେ ଯମୁନାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ପରେ ଗୋପପୁର ପହଞ୍ଚି ନନ୍ଦରାଜାଙ୍କୁ କଂସଙ୍କ ଚିଠାଉ ପ୍ରଦାନ କରିଥିଲେ। ଅକ୍ରୂର ଶ୍ରୀକୃଷ୍ଣ, ବଳରାମଙ୍କୁ ରଥରେ ଧରି ମଥୁରା ଅଭିମୁଖେ ବାହାରିଥିଲେ। ସେତିକିବେଳେ କୃଷ୍ଣ, ବଳରାମଙ୍କ ବିଦାୟ ଦୃଶ୍ୟ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି କୃଷ୍ଣ, ବଳରାମଙ୍କୁ ମଧୁବନ ତୋଟା ଆମ୍ରବନରେ ରଖି ଅକ୍ରୂର କଂସଙ୍କ ଦରବାରରେ ପହଞ୍ଚି ଥିଲେ ଏବଂ ଗୋପପୁରରୁ ମଥୁରା ପର୍ଯ୍ୟନ୍ତ ଯାହା ଦେଖିଥିଲେ, ତାହା କଂସଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷେ ମଥୁରାନଗରୀ ରାଜ ଦରବାରରେ ମହାରାଜ କଂସ ଶତ୍ରୁ ବିନାଶ ପାଇଁ ଗୁପ୍ତ ଆଲୋଚନା କରିଥିଲେ। ବିଜେପୁର ଜମିଦାର ସନତ ଗଡ଼ତିଆ, ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ ସାହୁ, ପଦ୍ମପୁର ବ୍ଲକ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମାଝି, ପ୍ରଶାନ୍ତ ମାଝି ପ୍ରମୁଖ ରାଜ ଅତିଥିଭାବେ ଯୋଗ ଦେଇଥିଲେ । ଅକ୍ରୂର ଭୂମିକାରେ ଗୁପ୍ତେଶ୍ୱର ମହାକୁଡ଼ ଅଭିନୟ କରିଥିଲେ।



ଯମୁନାରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ।



ରାମଚଣ୍ଡୀ ସ୍ୱାଭିମାନ ଧ୍ୱଜା ଧରି ଗ୍ରାମ ପରିକ୍ରମା କରାଯାଉଛି ।

# ପାହାଡ଼ ଚଢ଼ି ସାଜୋସାମାନ ଆନ୍‌ଲେ ଗାଁର ମହିଲା

**ତଲଗାଁ, ୨।୨(ଡି.ଏନ୍.ଏ.)**

**ତିନ୍ ମାସ ହେଲା ଦୁଇ ନଲ୍‌ଚୁଆଁ ଅଚଲ୍**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଲଗାଁ ପଁଚେତ୍‌ର ଭିନେ ଭିନେ ଗାଁରେ ପିଇଲା ପାଏନ୍ ସମସିଆ ଲାଗି ରହିଛେ। ହେଲେ ସମସିଆର ସମାଧାନ ଲାଗି ବାଟ୍ ଫିଟି ନାଇଁପାରବାର। ଏନ୍‌ତାଥି ଅନେକ ଗାଁବାସୀ ଖୁଲା ଜାଗାରୁ ଦୂଷିତ୍ ପାଏନ୍ ଆନି ଖାଏବା ପିଇବାରେ ବେଭାର କରୁଥିବାର ଅଭିଯୋଗ ହେଉଛେ। ସୂଚନା ଅନ୍‌ସାରେ ତଲଗାଁ ପଚେତ୍ ଅଧୀନ ଗଣ୍ଡାପାଲୁ ଗାଁରେ ୭୦ ପରିବାରର ପିଇଲା ପାଏନ୍ ସୁବିଧା ଲାଗି ୨ଟା ନଲ୍‌ଚୁଆଁ ରହିଛେ। ହେଲେ ଆଏଜ୍‌କେ ତିନ୍ ମାସ ହେଲା ଦୁହି ନଲ୍‌ଚୁଆଁ ଅଚଲ ହେଇ ପଡ଼ିଛେ। ଗାଁବାସୀ ପଁଚେତ୍ ଆର ବ୍ଲକ ପରଶାସନକେ ବାରବାର ସମସିଆର ସମାଧାନ ଲାଗି ଗୁହାରି କରି ନିରାଶ ହେଇଛନ୍। ଏନ୍‌ତାଥି ଗାଁବାସୀ ନାଲ୍‌ନଲିଆ, ବଁଧ୍, ଖୁଲା ଚୁଆଁର ଦୂଷିତ୍ ପାଏନ୍ ବେଭାର କରୁଛନ୍। ଇଆଡ଼େ ଆମର ପାସେ ନଲ୍‌ଚୁଆଁର ସାଜୋସାମାନ ନାଁଇଁନ କହି କତ୍ତୃପକ୍ଷ ହାତ୍‌ବାଁଧି ବସିଥିଲାବେଲେ ଶନିବାର ଗାଁର ମହିଲାମାନେ ୧୦ କି.ମି. ପାହାଡ଼ ଚଢ଼ି ଗୋଡ଼ିବାଡ଼ି ଗାଁରୁ ପାଇପ ଆର ସାଜୋସାମାନ ଆନିଥିବାର ଦେଖିବାକେ ମିଲିଥିଲା। ଏନ୍‌ତା ସମସିଆ ବାରବାର ହେଉଥିଲେ ବି ପରଶାସନ ଦୁରୁଷ୍ଟି ନାଇଁ ଦେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ସେନ୍‌ତା ଗଣ୍ଡାପାଲୁ ଗାଁରେ ଥିବାର ଟାଟା ସୋଲାର ପାଏନ୍ ପମ୍ପ ବହୁତ୍ ଦିନ୍ ହେଲା ଅଚଲ ହେଇ ପଡ଼ିଛେ। ହେଲେ ଇ ପାଏନ୍ ପମ୍ପ ବି ସଜାବାକେ ପରଶାସନର ଧିଆନ୍ ନାଇଁ ବଲି ଗାଁବାସୀ କହିଛନ୍। ଆଗ୍‌କେ ଖରାଦିନ ମାଡ଼ି ଆସୁଥିଲାବେଲେ ଗାଁବାସୀ ଏବ୍‌ଠାନୁ ପିଇଲା ପାଏନ୍ ଚିନ୍‌ତାରେ ରହିଛନ୍। ଗଲା ୨୭ ତାରିଖ ତଲଗାଁରେ ହେଇଥିବାର ଜିଲାପାଳଙ୍କର ଜନଅଭିଯୋଗ ଶୁନାନିରେ ଗାଁବାସୀ ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଯେତେ ଜଲ୍‌ଦି ହେବା ସମସିଆର ସମାଧାନ କରବାକେ ଦାବି କରିଥିଲେ।

# କମଗାଁରେ ପହଞ୍ଚିଲା ରାମଚଣ୍ଡୀ ସ୍ୱାଭିମାନ ଧ୍ୱଜା

**ବରଗଡ଼ ଅଫିସ୍,୨।୨**

ବରଗଡ଼ରେ ୨୦୨୧-୨୨ରେ ବାବା ବିଶାଶହେ କୁଲତା ମହାସଭାର ଶତବାର୍ଷିକୀ ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ପଶ୍ଚିମ ଓଡ଼ିଶା ତଥା ଛତିଶଗଡ଼ ରାଜ୍ୟର କୁଲତା ସମ୍ପ୍ରଦାୟର ଲୋକେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ରବିବାର ସମ୍ବଲପୁର ଜିଲା ବିଶାଲଖଣ୍ଡାଠାରେ ଆୟୋଜିତ ୨୪ତମ ମହାସଭାର ରାମଚଣ୍ଡୀ ସ୍ୱାଭିମାନ ଧ୍ୱଜା ଆଦିପୀଠ କମଗାଁରେ ପହଞ୍ଚି ଥିଲା। ଏହି ଅବସରରେ ସ୍ୱାଭିମାନ ଧ୍ୱଜାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତାବିରା ଲାଦେରପାଲିରୁ ଶୋଭାଯାତ୍ରାରେ ଧ୍ୱଜାକୁ କମଗାଁ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ବାଟରେ କୁର୍ଲା ଗ୍ରାମର ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କମଗାଁ ପହଞ୍ଚିବା ପରେ ପାରମ୍ପାରିକ ନୃତ୍ୟବାଦ୍ୟରେ ଧ୍ୱଜାକୁ ସ୍ୱାଗତ ସହିତ ଗ୍ରାମ ପରିକ୍ରମା କରି ରଣେଶ୍ୱର ରାମଚଣ୍ଡୀ ପୀଠରେ ଧ୍ୱଜା ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ବରଗଡ଼ ଜିଲା କୁଲତା ସଭାପତି ଅଗ୍ନି କୁମାର ପ୍ରଧାନଙ୍କ ନେତୃତ୍ୱରେ ରାମଚଣ୍ଡୀ ସ୍ୱାଭିମାନ ଧ୍ୱଜା ସମାରୋହ ହୋଇଥିଲା। ଏଥିରେ କମଗାଁ ପୀଠର ସଭାପତି ରବୀନ୍ଦ୍ର ଭୋଇ, ଆନନ୍ଦ ଖମାରୀ, ଜିଲା ସମ୍ପାଦକ ଡ.ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ବୌଦ୍ଧ,୨।୨(ସ୍ୱ.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ବାମଣ୍ଡା ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାମଣ୍ଡା ଗ୍ରାମର ସାନନ୍ଦ ପ୍ରଧାନ(୨୭)। ମିଳିଥିବା ସୂଚନା ମୁତାବକ, ଶନିବାର ରାତି ସାନନ୍ଦ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହେଲେ ଗାଁ ନିକଟରେ ଏକ ଗାଡି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହିତ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଫଟୋରେ ଖବର



ବରଗଡ଼ ବ୍ଲକ ପ୍ରଧାନପାଲି ରାସ୍ତାରେ ଶନିବାର ଗଛ କାଟିବା ବେଳେ ଗଛ ବିଦ୍ୟୁତ୍ ତାର ଉପରେ ପଡିବାରୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବାଇକ୍ ଉପରେ ପଡିରହିଛି।

# ମନ୍‌ବଲ ଆଘେ ହାରମାନିଛେ ଅକ୍ଷମତା



ଜଗନ୍ନାଥ ସାଂଗ୍‌ସାଥି ସଂଗେ ସ୍କୁଲରେ ପାଠ୍ ପଢୁଛନ୍।

**ପାଇକମାଲ,୨।୨(ଡି.ଏନ.ଏ)**

**ଚରଚାରେ ଦିବ୍ୟାଙ୍ଗ ଛାତ୍ର ଜଗନ୍ନାଥ**

କଥାରେ ଅଛେ ମନ୍‌ବଲ ଥିଲେ ସବୁ ସମ୍ଭବ। ଏହେଦେ ଏନ୍‌ତା ଝନେ ଦିବ୍ୟାଙ୍ଗ ଛାତ୍ର ନିଜର ମଜବୁତ୍ ମନ୍‌ବଲ ଲାଗି ଏହେଦେ ଚରଚାରେ ରହିଛନ୍। ସେ ହେଉଛନ୍ ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଠ ପଁଚେତ୍ ଭେରୁଆମୁଣ୍ଡା ଗାଁର କ୍ଷୀରୋଦ୍ର ତାଣ୍ଡିଙ୍କର ପୁଓ ଜଗନ୍ନାଥ ତାଣ୍ଡି(୧୧)। ସୂଚନା ଅନ୍‌ସାରେ ଭେରୁଆମୁଣ୍ଡାର କ୍ଷୀରୋଦ୍ର ତାଣ୍ଡିଙ୍କର ପରିବାର କହେଲେ ମାଏକିନା ଜେମା ତାଣ୍ଡି, ଦୁଇ ଝି ଆର ଗୁଟେ ବଲି ପୁଓ ଜଗନ୍ନାଥଙ୍କୁ ନେଇ ସଁସାର। ଜଗନ୍ନାଥ ଜନ୍‌ମୁ ଦିବ୍ୟାଙ୍ଗ ଆଏ, ତାକର ହାତ୍‌ଗୋଡ଼ ନାଁଇଁନ। ସାଂଗସାଥି ଆର ଗାଁର ଲୋକ ତାହାକୁ ଜଗା ଭାଇ ବଲି ଡାକୁଛନ୍। ଜଗା ଏହେଦେ ଗାଁର ପ୍ରାଥମିକ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପାଠ୍ ପଢୁଛନ୍। ମା' ଜେମା ତାହାକୁ ଫିଦିନ ହ୍ୱିଲ ଚେୟାରରେ ବସେଇ ସ୍କୁଲ ନେବାର ଆନବାର କରୁଛନ୍। ଦିନାକେତେ ତଲେ ସ୍କୁଲର ବଛରକିଆ ଉଛବ୍‌ରେ ଜଗା ନାଚ୍ ପରିବେଷନ କରି ଚରଚାକେ ଆସିଥିଲେ। ଗୀତ୍, ବାଜ୍‌ନାର ତାଲେ ତାଲେ ତାକର ନାଚ୍ ଆର ଦିହି ମଲ୍‌କାର କମାଲ ଦେଖି ସାଂଗସାଥି, ଶିକ୍ଷୟିତ୍ରୀ ଶିକ୍ଷକ, ଗଁବାସୀ ତାହାକୁ ପରଶଁସାରେ ଗୁଧେଇ ଦେଇଥିଲେ। ସେନ୍‌ତା ତାକର ଇ ନାଚ୍ ସୋସିଆଲ ମିଡ଼ିଆରେ ଭାଇରାଲ ହେଲା ଉତାରୁ ପିଲାନୁ ବୁଢ଼ା ତକ୍ ତାକର ପରଶଁସା କରିଛନ୍। ସେ ଖାଲି ନାଚ୍ ନୁହେ ଭଲ ଗୀତ୍ ବି ଗାଇ ପାରୁଛନ୍। ଲେଖାପଢ଼ା ସଂଗେ ଫଟୁ ବି କାଟିପାରୁଛନ୍। ଜଗାକଁର ଇ ସବୁ କାୟ୍ ଏହେଦେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛେ। ତାକର ଇ ଆତ୍‌ମ ବିଶ୍ୱଆସକେ ଲୋକ୍ ପରଶଁସା କରବାର ସଂଗେ ଛାତ୍ରୀଛାତ୍ରଙ୍କର ଲାଗି ସେ ଉଦାହରନ୍ ଆଏ ବଲି ଚରଚା ହେଉଛେ। ଜଗାକୁଁ ଭବିଷତ୍‌ରେ କାଣା କରବ ବଲି ପଚ୍‌ରାଲାରୁ ଆଗିଆଁ ମୁଇଁ ଝନେ ନିହାତି ଗରିବ୍ ଘରର ପିଲା। ଅଭାବ୍ ଅନାଟନ ଲାଗି ପାଠ୍‌ପଢ଼ାରେ ଅସ୍‌ବିଧା ହେଉଛେ। ହେଲେ ସରକାରୀ ସାହାଯ୍ ମିଲ୍‌ଲେ ପାଠ୍‌ପଢ଼ି ଜୀବନ୍‌ରେ ଝନେ ଶିକ୍ଷକ ହେମି ବଲି ସେ କହିଥିଲେ।

# ୫ରେ ୧୨ ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ

**ବୌଦ୍ଧ,୨।୨(ସ୍ୱ.ପ୍ର.)**

**ବୌଦ୍ଧରେ ସାମିଲ ହେବେ ବିଭିନ୍ନ ସଂଘ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଏବଂ ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତରେ ସାମିଲ ନେଇ ଦୀର୍ଘ ଦିନ ହେଲା ବୌଦ୍ଧ ଜିଲା ଓକିଲ ସଂଘ ଆନ୍ଦୋଳନ ଜାରି ରଖିଛି। ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ଓ କେନ୍ଦ୍ର ସରକାର ଦାବି ପ୍ରତି ଉଦାସିନତା ମନୋଭାବ ପ୍ରଦର୍ଶନ କରୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ପଶ୍ଚିମ ଓଡ଼ିଶାର ହକ୍ ଏବଂ ସ୍ୱାଭିମାନର ଆନ୍ଦୋଳନକୁ ଷଡଯନ୍ତ୍ର କରି ନ୍ୟାୟାଳୟସ୍ତରରେ ଚପାଇଦେବାକୁ ଉଦ୍ୟମ କରାଯାଉଛି। ଏନେଇ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘ ଏହାର ପ୍ରତିବାଦରେ ଆସନ୍ତା ୫ ତାରିଖରେ ପଶ୍ଚିମ ଓଡ଼ିଶା ବନ୍ଦ ପାଳନ କରିବାକୁ ସ୍ଥିର କରିଛନ୍ତି। ବନ୍ଦକୁ ବୌଦ୍ଧ ଜିଲାରେ ବ୍ୟାପକ କରାଯିବା ନେଇ ରିବିବାର ଅପରାହ୍ନରେ ବୌଦ୍ଧ ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ ଟ୍ରକ ମାଲିକ ସଂଘ ସଭାପତି ଶିବ ମିଶ୍ର ସଂଘ ବନ୍ଦ ଡାକରାରେ ସାମିଲ ହେବା ସହ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେସରକାରୀ ବସ୍ ସଂଘ ସମ୍ପାଦକ ରାଜକିଶୋର ପଟ୍ଟନାୟକ ବନ୍ଦରେ ବସ୍ ସଂଘ ସହଯୋଗ କରିବା ସହ ୧୨ ଘଣ୍ଟା ଧରି ଗାଡି ଚଳାଚଳ ମଧ୍ୟ ରଖାଯିବ ବୋଲି କହିଥିଲେ। ରାମଲିଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଆନ୍ଦୋଳନରେ ରାମଲିଳା ନାଟ୍ୟ ସଂସଦ ସାମିଲ ହେବା ସହ ସଫଳ କରିବାକୁ ଆହ୍ୱାନ କରିଥିଲେ। ବଣିକ ସଂଘର ପ୍ରତିନିଧି କପୁର ଅଗ୍ରୱାଲ ବନ୍ଦରେ ବଣିକ ସଂଘ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ସମ୍ବାଦିକ ସଂଘ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପଶ୍ଚିମ ଓଡିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକ ହେବା ଦରକାର ବୋଲି ମତ ଦେବା ସହ ବରଯାତ୍ରୀ ଗାଡିକୁ ବନ୍ଦରୁ ନିବୃତ୍ତ ରଖାଯିବାକୁ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସି ସଂଘ, ଜୟ ଭୈରବୀ କ୍ଲବ କର୍ମକର୍ତ୍ତା ଯୋଗଦେଇ ଆନ୍ଦୋଳନରେ ସାମିଲ ହେବାକୁ ମତ ଦେଇଥିଲେ। ବନ୍ଦରେ ଅତ୍ୟାବଶ୍ୟକୀୟ ସେବା ଯଥା ଔଷଧ ଦୋକାନ, ଆମ୍ବୁଲାନ୍ସ, ବରଯାତ୍ରୀ ଗାଡି ଓ ଦୁଗ୍ଧ ଯୋଗାଣ ଗାଡିକୁ ଅବ୍ୟାହତି ଦିଆଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ବୌଦ୍ଧ ଜିଲାର ୩ଟି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳରେ ବନ୍ଦପାଳନକୁ ଜୋରଦାର କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଜିଲା ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ମିଶ୍ର, ଉପସଭାପତି ଅଶୋକ କୁମାର ସାହୁ, ରବୀନ୍ଦ୍ର କୁମାର ରାଉତଙ୍କ ସମତେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା ବନ୍ଦ ପାଳନ ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।

- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ୩ ୱାରେଣ୍ଟି ଗିରଫ

**ଲୋଇସିଂହା,୨।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମୁରଶୁଣ୍ଡି ଗାଁର ୩ ପୁରୁଣା ୱାରେଣ୍ଟିଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନ ହେଲେ ମୁରଶୁଣ୍ଡି ଗାଁର ଆର୍ଜୁନ ସାହୁ ତାଙ୍କ ସ୍ତ୍ରୀ ଉର୍ମିଳା ସାହୁ ଓ ପୁଅ ରମେଶ ସାହୁ । ପୋଲିସ ସୂଚନାମତେ, ଆର୍ଜୁନନଙ୍କ ପୁଅ ରମେଶ ସୁବର୍ଣ୍ଣପୁର ଜିଲା ବିନକା ଥାନା ଅଞ୍ଚଳରେ ବବାହ କରିଥିଲେ । ପ୍ରଥମ ସ୍ତ୍ରୀଙ୍କୁ ପ୍ରତାରଣା କରି ଆଉ ଏକ ବିବାହ କରିଥିଲେ । ଏହି ଘଟଣାରେ ପ୍ରଥମ ସ୍ତ୍ରୀ ସ୍ୱାମୀ ଘର ଲୋକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ବିନକା କୋର୍ଟ ନୋଟିସକୁ ଏହି ପରିବାର ଫାଙ୍କି ଆସୁଥିଲେ । ଲୋଇସିଂହା ଆଇଆଇସି ଲଳିତା ଲାକ୍ରା ଓ ଷ୍ଟାପ ବୁର୍ଡାରେ ଚଢାଉ କରି ରମେଶଙ୍କୁ ଗିରଫ କରିଥିବାବେଳେ ମୁରୁଶୁଣ୍ଡି ଗାଁରେ ଚଢାଉ କରି ଦମ୍ପତିଙ୍କୁ ଗରିଫ କରିଥିବା ଆଇଆଇସି ଲାକ୍ରା କହିଛନ୍ତି।



### ଅଧାପନ୍ତରିଆ ହୋଇପଡ଼ିଛି ଅବକାରୀ କାର୍ଯ୍ୟାଳୟ

**ଲୋଇସିଂହା, ୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲ ସୁଜିଆ ରାସ୍ତାରେ ସ୍ଥାନୀୟ ଅବକାରୀ ବିଭାଗ ସ୍ଥାୟୀ କୋଠା ନିର୍ମାଣ କାମ ଚାଲିଛି । କୋଠା କାମ ଆଧା ସରି ଯାଇଥିଲେ ସୁଦ୍ଧା ସୂଚନା ଫଳକ ଲଗାଯାଇନାହିଁ ଅନୁଦାନ କେତେ, କିଏ କାମ କରୁଛି ତାହା ଜଣାପଡୁ ନାହିଁ । ନିମ୍ନମାନର କାମ ସାଙ୍ଗକୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଲୋଇସିଂହାରେ ଦୀର୍ଘବର୍ଷ ହେଲା ଏକ ଅବକାରୀ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ଲୋଇସିଂହା ପୁଟାପାଲି ଅଞ୍ଚଳରେ ଏକ ଭଡା ଘରେ କାର୍ଯ୍ୟାଳୟ ଚାଲୁଛି । ଭଡା କୋଠା ବାହରେ ସାଇନ ବୋର୍ଡ ନ ଥିବାରୁ ସ୍ଥାନୀୟ ଲୋକେ ଅବକାରୀ କାର୍ଯ୍ୟାଳୟ ସମ୍ପର୍କରେ ଜାଣି ପାରୁ ନାହାନ୍ତି । ଏ ସମ୍ପର୍କରେ ଅବକାରୀ କର୍ମଚାରୀଙ୍କୁ ପଚାରିଲେ କୋଠା କାମ ଚାଲିଛି, ନିର୍ମାଣ କାମର ଅବଧି ସମୟ କେତେ ଆମେ ଅଜ୍ଞ ବୋଲି କହୁଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ, ୨।୨:** ବଲାଙ୍ଗୀର ବ୍ଲକ ସ୍ଥିତ କୁଟୁମଡୋଲା ପଞ୍ଚାୟତର କୁଟୁମଡୋଲା ଗ୍ରାମରେ ବିଧାୟକ ନରସିଂହ ମିଶ୍ର ଶନିବାର ଏକ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ବହୁଦିନରୁ ଦାବି କରିଆସୁଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୁଟୁମଡୋଲା ସରପଞ୍ଚ ସରୋଜିନୀ ବୁଡେକ, ଜିଲା ପରିଷଦ ଅଧକ୍ଷ ଶ୍ରୀଧର ବାରିକ, ସମିତି ସଭ୍ୟା ଲଳିତା ଦୀପ ଏବଂ ପଞ୍ଚାୟତ ନିର୍ବାଚନ ଅଧିକାରୀ ଶଶୀଭୂଷଣ ମେହେର ଉପସ୍ଥିତ ଥିଲେ । କଲ୍ୟାଣ ମଣ୍ଡପ ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବାକୁ ସେଠାରେ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ।

# ‘ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ’

**ବଲାଙ୍ଗୀର ଅଫିସ, ୨।୨**



ରଚନା ମାସିକ ଆଲୋଚନାଚକ୍ରରେ ଆଲୋଚକମାନେ ମତବ୍ୟକ୍ତ କରୁଛନ୍ତି ।

**ମାସିକ ରଚନା ଆଲୋଚନାଚକ୍ର**

ବଲାଙ୍ଗୀର ଗାନ୍ଧୀଭବନଠାରେ ବୌଦ୍ଧିକ ଅନୁଷ୍ଠାନ ରଚନା ପକ୍ଷରୁ ଶିକ୍ଷା ଅଧିକାର: ଲକ୍ଷ୍ୟ, ବାସ୍ତବତା ଓ ସମ୍ଭାବନା ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଛି । ରଚନା ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥି ବକ୍ତାଭାବେ ସରକାରୀ ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପକ ହେମନ୍ତ କୁମାର ମଲ୍ଲିକ, ଗଣମାଧ୍ୟମ ପ୍ରତିନିଧି ମନରଞ୍ଜନ ଯୋଷୀ ଯୋଗଦାନ କରିଥିଲେ । ଆଲୋଚକଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ଯୋଷୀ, ବୀଣାପାଣି ଶିକ୍ଷାସୌଧର ପରିଚାଳନା ନିର୍ଦ୍ଦେଶକ ଅଶୋକ ମେହେର, ସାମାଜିକ କର୍ମୀ ଅରୁଣ ମିଶ୍ର ଯୋଗଦାନ କରିଥିଲେ । ସ୍ୱାଧୀନତା ପରେ ଶିକ୍ଷାକ୍ଷେତ୍ରକୁ ଗୁରୁତ୍ୱ ଦେବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବାକୁ ଚିନ୍ତା କରାଯାଇଥିଲେ ମଧ୍ୟ ୨୦୦୨ ମସିହାରେ ୮୬ତମ ସମ୍ବିଧାନ ସଂଶୋଧନରେ ଯାଇ ଏହା ମୌଳିକ ଅଧିକାର ପରିସରଭୁକ୍ତ ହୋଇ ପାରିଥିଲା । ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଗୃହୀତ ହେବା ପରେ ୨୦୧୦ ମସିହା ଏପ୍ରିଲ ମାସରୁ ଏହା କାର୍ଯ୍ୟକାରୀ ହୋଇଛି। ଇତିମଧ୍ୟରେ ଗୋଟିଏ ଦଶନ୍ଧି ଅତିବାହିତ ହୋଇଯାଇଥିଲେ ମଧ୍ୟ ଶିକ୍ଷାକ୍ଷେତ୍ରରେ ଗଭୀର ଅସମାନତା ଦେଖାଯାଉଛି । ପ୍ରାଥମିକ ଶ୍ରେଣୀରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଛାତ୍ରୀଛାତ୍ରମାନେ ସମାନ ଶିକ୍ଷା ସୁଯୋଗ ପାଉନାହାନ୍ତି । ସମାନ ଶିକ୍ଷା ସୁଯୋଗ ପାଉ ନ ଥିବାରୁ ଦେଶର ବିଭିନ୍ନ କ୍ଷେତ୍ରରେ ଅରାଜକତା ଓ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ସରକାରୀ ସ୍କୁଲ ଓ ଘରୋଇ ସ୍କୁଲରେ ଶିକ୍ଷାର ମାନ ଓ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ । ଅଧିକ ଦରମା ପାଇବା ସତ୍ତ୍ୱେ ସରକାରୀ ସ୍କୁଲକୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ପସନ୍ଦ କରୁ ନ ଥିବା କଥା ଉଲ୍ଲେଖ କରାଯାଇ ଏହା ଏକ ବିରାଟ ସମସ୍ୟା ରୂପେ ଉଭା ହୋଇଛି ବୋଲି କହିଥିଲେ । ଶିକ୍ଷାକ୍ଷେତ୍ରରେ ଗୁରୁତର ତ୍ରୁଟିପୂର୍ଣ୍ଣ ନୀତି ଓ ଅବ୍ୟବସ୍ଥା ଯୋଗୁଁ ଆଜି ଆମର ଜାତୀୟ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଆଲୋଚକମାନେ କହିଥିଲେ । ଆଲୋଚନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ମହାନ୍ତି ଓ ସୁନୀଲ କୁମାର ମହାନ୍ତି ମତାମତ ଦେଇଥିଲେ । ଶେଷରେ ଓମ୍‌ପ୍ରଣବ ନାୟକ ଧନ୍ୟବାଦ ଦେଇଥିଲେ ।

### ଶ୍ରୀରାମ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନର ପ୍ରସ୍ତୁତି

**ଡୁଙ୍ଗୁରିପାଲି, ୨।୨(ଡି.ଏନ୍‌.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର ଦ୍ୱିତୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଧ୍ରୁବଚରଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନକୁ କିପରି ଅଧିକ ସଫଳ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୦ତାରିଖ କଲେଜରେ ଏହି ଅଭିଯାନର ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ ଅଧ୍ୟାପକ ଲୋକନାଥ ମାଝି, ଶରତ ଚନ୍ଦ୍ର ପଧାନ, ସୁରେନ୍ଦ୍ର କୁମାର ମିଶ୍ର, ନରେଶ କୁମାର ପୂଜାରୀ, ଆନନ୍ଦ ପଧାନ, ମାରକଣ୍ଡ ପୁଟେଲ, ଇଶ୍ୱର ବାଗ, ପୁରାତନ ଛାତ୍ର ସଂଘ ସଭାପତି ପ୍ରମୋଦ କୁମାର ପାଢୀ, ଉପସଭାପତି ନନ୍ଦିକିଶୋର ପୁଟେଲ, ସମ୍ପାଦକ ଗୌତମ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ମଧୁସୁଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଏନ୍‌ଆରସି ନୁହେଁ ଯୁବକଙ୍କ ପାଇଁ ଏନ୍‌ଆରୟୁ ଆବଶ୍ୟକ’

## ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ଦାବି

**ବଲାଙ୍ଗୀର ଅଫିସ, ୨।୨**

ବର୍ତ୍ତମାନ ଦେଶରେ ଯୁବକ ଯୁବତୀଙ୍କ ସଂଖ୍ୟା ୩୩ କୋଟିରୁ ଊର୍ଦ୍ଧ୍ୱ । ବେକାର ଯୁବକଙ୍କୁ ନିଯୁକ୍ତି, ରୋଜଗାର ଦେବା ଛାଡି ଏନ୍‌ଡିଏ ନେତୃତ୍ୱାଧିନ ମୋଦି ସରକାର ଏନ୍‌ଆରସିରେ ମାତିଛନ୍ତି। ଏହା ଦେଶର କୋଟି କୋଟି ଯୁବକଙ୍କ ଭବିଷ୍ୟତ ଗଢ଼ିବ ନାହିଁ । ଏବେ ଏନ୍‌ଆରସି ବଦଳରେ ଜାତୀୟ ବେକାରୀ ପଞ୍ଜୀକରଣ (ଏନ୍‌ଆରୟୁ) ଆବଶ୍ୟକ ବୋଲି ଯୁବକଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର ଏଭଳି ଦାବି କରିଛନ୍ତି । ବର୍ତ୍ତମାନ ସରକାର ଦେଶର ଛାତ୍ର ଯୁବକମାନଙ୍କର ମୁଖ୍ୟ ପ୍ରସଙ୍ଗ ଶିକ୍ଷା ଓ ନିଯୁକ୍ତିରୁ ସେମାନଙ୍କ ଧ୍ୟାନ ହଟାଇବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଜାତି, ଧର୍ମ ନାଁରେ ଦଙ୍ଗା ସୃଷ୍ଟି କରୁଛନ୍ତି । ପୋଲିସର ଉପସ୍ଥିତିରେ ଗଣତାନ୍ତ୍ରିକ ଉପାୟରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଦମନ କରି ଛାତ୍ରନେତାମାନଙ୍କୁ ବର୍ବରୋଚିତ ଆକ୍ରମଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଦେଶର ଜନତା ସମ୍ମୁଖୀନ ହେଉଥିବା ବେରୋଜଗାରୀ, ମହିଳାଙ୍କ ସୁରକ୍ଷା, ଗୁଣାତ୍ମକ ଶିକ୍ଷା ପ୍ରଦାନ, କୃଷି ଓ କୃଷକର ସମସ୍ୟା ତଥା ଆର୍ଥିକ ମାନ୍ଦାବସ୍ଥା ଭଳି ସମ୍ବେଦନଶୀଳ ସମସ୍ୟା ଗୁଡିକରୁ ଦେଶବାସୀଙ୍କ ନଜର ହଟାଇବାକୁ ସରକାର ବୃଥା ଚେଷ୍ଟା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ କଂଗ୍ରେସ ତରଫରୁ ମଧ୍ୟ ଏନ୍‌ଆରୟୁର ରେଜିଷ୍ଟ୍ରେସନ କରିବା ପାଇଁ ଏକ ଟୋଲଫ୍ରି ନଂ ୮୧୫୧୯୯୪୪୧୧ ଜାରି କରାଯାଇଥିବା ସୂଚନା ଦେଇଥିଲେ। ଏହି ନମ୍ବରରେ ଡାଏଲ କଲେ ବେକାର ଯୁବକମାନେ ନିଜକୁ ପଞ୍ଜୀକୃତ କରିପାରିବେ । ଯାହାକୁ ନେଇ ଆମେ ଦେଶବାସୀଙ୍କ ଆଗରେ ଯୁବକମାନଙ୍କର ସ୍ଥିତିକୁ ନେଇ ଏକ ପ୍ରକୃତ ତାଲିକା ପ୍ରଦାନ ହେବ ବୋଲି ସୂଚନା ଦେଇଥିଲେ । ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଉପସଭାପତି ସନ୍ତକ ବହିଦାର, ଟାଉନ ସଭାପତି ବୁଲୁ ଦାନୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ଥିଲେ ।



ବଲାଙ୍ଗୀର ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି ।

# ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ଖୁଜେନପାଲି ମହାଦେବ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ରାଷ୍ଟ୍ରୀୟ ତୈଳିକ ସଙ୍ଗଠନ ଉପସଭାପତି ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିଦ ପର୍ଶୁରାମ ସାହୁ ସମ୍ମାନିତ ଅତିଥି, ନଗର କମିଟି ସଭାପତି ରେବତୀକାନ୍ତ ସାହୁ, ସମ୍ପାଦକ ପରମାନନ୍ଦ ସାହୁ, ଜିଲା ସମ୍ପାଦକ ପ୍ରଦୀପ କୁମାର ସାହୁ ମଞ୍ଚାସୀନ ହୋଇଥିଲେ । ଜିଲା ସାଙ୍ଗଠନିକ ସମ୍ପାଦକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ଆଗାମୀ ଦିନରେ ତୈଳିକ ବୈଶ୍ୟ ସମାଜକୁ ଜିଲାରେ ଏକ ଶିକ୍ଷିତ ଶୃଙ୍ଖଳିତ ଓ ବିକଶିତ ସମାଜ ରୂପେ ଗଢି ତୋଳିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ଓ କୌତୁକ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ଅଭୟ ସାହୁ, ସତ୍ୟବାନ ସାହୁ, ସହସମ୍ପାଦକ ଶରତ ଚନ୍ଦ୍ର ସାହୁ, ନଗର କମିଟି ଉପସଭାପତି ଫକୀର ମୋହନ ସାହୁ, ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର ସାହୁ, ନଗର ଉପଦେଷ୍ଟା କମିଟି ଶିବ ପ୍ରସାଦ ସାହୁ, ତ୍ରିନାଥ ସାହୁ, ଚଉବନ ସାହୁ, ଧ୍ରୁବ ଚରଣ ସାହୁ, କୃଷ୍ଣ ବିହାରୀ ସାହୁ, ଅଙ୍ଗୀରା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ଅସୁରକ୍ଷିତ ଭାବେ ଚାଲିଛି ମାଲ ପରିବହନ, ଥାନାରେ ଅଭିଯୋଗ

**ଡୁଙ୍ଗୁରିପାଲି, ୨।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ପ୍ରତିଦିନ ଶହଶହ ବାଲି ବୋଝେଇ ଟ୍ରକ ଅସୁରକ୍ଷିତ ଭାବେ ଚାଲାଣ ହେଉଛି। ସରକାରୀ ନିୟମ ଅନୁଯାୟୀ ମାଲ ପରିବହନ ବେଳେ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଟ୍ରକରେ ତାରପୋଲିନ ଢାଙ୍କିବା କଥା । ହେଲେ ଏଠାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ପ୍ରତିଦିନ ସାଲେଭଟା ଅଙ୍ଗନଦୀ ପଠାରୁ ଟ୍ରାକ୍ଟର ଓ ଟ୍ରକରେ ଏହିପରି ଅସୁରକ୍ଷିତଭାବେ ବାଲି ପରିବହନ ହେଉଥିବା ଦେଖିବାକୁ ମିଳୁଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏହିକ୍ରମରେ ରବିବାର ଡୁଙ୍ଗୁରିପାଲିର ମୃତ୍ୟୁଞ୍ଜୟ ମିଶ୍ର ଓ ବିଭୁଦତ୍ତ ନାୟକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଚେରୁପାଲିରୁ ଅପରାହ୍ନ ୨ଟାରେ ଆସୁଥିବା ବେଳେ ବୈଦ୍ଦୁପାଲି ମହିନ୍ଦ୍ର ଶୋରୁମ ସମ୍ମୁଖରେ ଏକ ବାଲି ବୋଝେଇ ଦଶଚକିଆ ଟ୍ରକ ସେମାନଙ୍କୁ ଓଭରଟେକ କରିଥିଲା। ଉକ୍ତ ଟ୍ରକରେ ତାରପୋଲିନ ବନ୍ଧା ଯାଇ ନ ଥିବାରୁ ବାଲି ଓ ଟ୍ରକରୁ ପାଣି ଛିଟିକି ସେମାନଙ୍କ ଉପରେ ପଡିଥିଲା। ଫଳରେ ଉଭୟେ ଭାରସାମ୍ୟ ହରାଇ ଦୁର୍ଘଟଣାରୁ କୌଣସିମତେ ବର୍ତ୍ତି ଯାଇଥିଲେ । ଟ୍ରକ ଡ୍ରାଇଭରଙ୍କୁ ଏ ନେଇ ପଚାରିଲେ ମାଲିକ ଯେମିତି କହୁଛନ୍ତି ଆମେ ସେମିତି ମାଲ ପରିବହନ କରୁଛୁ ବୋଲି କହିଥିଲେ। ଅଭିଯୋଗକୁ ଭିତ୍ତି କରି ଡୁଙ୍ଗୁରିପାଲି ପୋଲିସ ପ୍ରଥମେ ରାମପୁର ତହସିଲଦାର ଓ ଜିଲା ପରିବହନ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିବା ଅଭିଯୋଗକାରୀ କହିଛନ୍ତି।



ଅତିଥିମାନେ ସତ୍ୟନାରାୟଣ ବଡପଣ୍ଡାଙ୍କୁ ପାପକ୍ଷୟ ସମ୍ମାନରେ ସମ୍ମାନିତ କରୁଛନ୍ତି ।

# ଲୋକକଳା ପରିପ୍ରକାଶର ମଞ୍ଚ ଲୋକ ମହୋତ୍ସବ

## ପାପକ୍ଷୟ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବିନିକା,୨।୨(ଡି.ଏନ୍‌.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଲୋକ ମହୋତ୍ସବ ପରିଷଦ ଆନୁକୂଲ୍ୟରେ ଚାଲିଥିବା ବିନିକା ପାପକ୍ଷୟ ଲୋକ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଲୋକ ମହୋତ୍ସବ ସଭାପତି ଜୟ ମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଞ୍ଚଳିକ ଲୋକକଳା ଓ ସଂସ୍କୃତିକୁ ପରିପ୍ରକାଶ କରିବାର ଲୋକ ମହୋତ୍ସବ ଏକ ପ୍ରୟାସ ବୋଲି କହିଥିଲେ। ସ୍ଥାନୀୟ କଳାକାରମାନେ ସେମାନଙ୍କ ପ୍ରତିଭାକୁ ଏହି ମହୋତ୍ସବ ମଞ୍ଚରେ ଉପସ୍ଥାପନ କରି ପାରିବାର ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ବିନିକା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନନ୍ଦ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ ଶେଖର ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସାମାଜିକ କର୍ମୀ ସତ୍ୟନାରାୟଣ ବଡପଣ୍ଡାଙ୍କୁ ଅତିଥିମାନେ ପାପକ୍ଷୟ ସମ୍ମାନରେ ସମ୍ମାନୀତ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ପଣ୍ଡା । ମାନପତ୍ର ପଠନ କରିଥିଲେ ନବଜୀବନ ପଣ୍ଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘୋଷିକା ଥିଲେ ଶ୍ରୀପଦା ଷଡଙ୍ଗୀ । ରବିବାର ମହୋତ୍ସବର ବିଶେଷ ଆକର୍ଷଣରେ ଚଳଚ୍ଚିତ୍ର ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ ମୁଖ୍ୟ ଆକର୍ଷଣ ସାଜିଥିଲେ । ଏହାପରେ ବିଭୂତି ପଟ୍ଟନାୟକ, ନୀଳିମା ମହାନ୍ତି, ଅନ କୁମାର ନାଏକ, ସସ୍ମିତା ଦୀପ ପ୍ରମୁଖ କଣ୍ଠଶିଳ୍ପୀମାନଙ୍କର ଦ୍ୱାରା ଆଞ୍ଚଳିକ ଲୋକ ସଙ୍ଗୀତ ପରିବେଷଣ ହୋଇଥିଲା । ନୃତ୍ୟାଙ୍ଗନା ଭୁବନେଶ୍ୱର, ସଙ୍ଗୀତ ସାଧନା ବଲାଙ୍ଗୀର, ପଏଁରୀ ସାଂସ୍କୃତିକ ଅନୁଷ୍ଠାନ ସୋନପୁରର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶାଶ୍ୱତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କହ୍ଲେଇପାଲିକୁ ହରାଇ ଦେଓଗାଁ ଚାମ୍ପିୟନ

**ଉଲୁଣ୍ଡା, ୨।୨(ଡି.ଏନ.ଏ.)**

**ପୂର୍ଣ୍ଣମାସୀ ଫୁଟବଲ ଟୁର୍ନାମେଣ୍ଟ**

ଉଲୁଣ୍ଡା ବ୍ଲକ କହ୍ଲେଇପାଲିଠାରେ ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅୟୋଜିତ ହୋଇଯାଇଛି । ସ୍ଥାନୀୟ ଖେଳ ପଡିଆରେ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଦେଓଗାଁ ଦଳ କହ୍ଲେଇପାଲିକୁ ୪-୧ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ରାମଜୀ ଗହିର, ଲିଙ୍ଗରାଜ କ୍ଷେତୀ, ସକୁନ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚରେ କୁତମେଣ୍ଡା ଦଳ ପୋଢକିରାକୁ ୧-୦, ଦ୍ୱିତୀୟ ମ୍ୟାଚରେ କହ୍ଲେଇପାଲି ଦଳ ଉଦେପଦରକୁ ୪-୩ , ତୃତୀୟ ମ୍ୟାଚରେ ଦେଓଗାଁ ଦଳ ବିଶିପଡାକୁ ୧-୦, ଚତୁର୍ଥ ମ୍ୟାଚରେ ଲସ୍ତଲା ଦଳ ନିମ୍ନାକୁ ୫-୪ ଗୋଲରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲରେ ଦେଓଗାଁ ଦଳ କୁତାମୁଣ୍ଡାକୁ ୩-୨ ଏବଂ ଦ୍ୱିତୀୟ ସେମିରେ କହ୍ଲେଇପାଲି ଦଳ ଲସ୍ତଲାକୁ ୬-୫ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସଦାମ ଜଗଦଲା, ପ୍ରଶାନ୍ତ ସେଠୀ, ପ୍ରଶାନ୍ତ ଷାଣ୍ଡ, ସିଦ୍ଧାର୍ଥ ପାତ୍ର ଖେଳ ପରିଚାଳନା ଓ ରାଜିନ୍ଦ୍ର ଜଗଦଲା ଓ ସୁଦର୍ଶନ ସାହୁଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟି ସଭାପତି ଭଗବାନ ଦୀପଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ସବ୍ୟସାଚୀ ପଧାନଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ରାମଜୀ ଏବଂ ଲିଙ୍ଗରାଜ ଅତିଥି ଭାବେ ଯୋଗଦେଇ ବିଜେତା ଦେଓଗାଁ ଏବଂ ଉପବିଜେତା କହ୍ଲେଇପାଲି ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ଦେଓଗାଁ ଦଳର ନନ୍ଦୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ଟାୟାର ଜାଳି ଥାନା ସମ୍ମୁଖ ରାସ୍ତା ଅବରୋଧ

**ଖଡିଆଳ,୨।୨(ଡି.ଏନ.ଏ.)**



କ୍ଷତିପୂରଣ ଦାବି ନେଇ ଟାୟାର ଜାଳି ରାସ୍ତା ଅବରୋଧ ।

- ମୃତଦେହ ରଖି କ୍ଷତିପୂରଣ ଦାବି
- ଟ୍ରକ୍ ଧକ୍କାରେ ମା’ପୁଅ ମୃତ ଘଟଣା

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ୩୫୩ ନମ୍ବର ଜାତୀୟ ରାଜପଥର ଦେଓବାହାଲ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ମା’ ପୁଅଙ୍କ ମୃତ୍ୟୁ ଘଟିଥିଲା। ରବିବାର ଖଡିଆଳ ଥାନା ସମ୍ମୁଖରେ ମୃତଦେହ ରଖି ସ୍ଥାନୀୟ ଲୋକେ ମୃତକ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବି ନେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଖଡିଆଳ ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀ, ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ଏସଆଇ ଜିତୁମୋହନ ବେଶ୍ରା ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ତହସିଲଦାର ରେଡକ୍ରସ ପାଣ୍ଠିରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ଗୁରୁତର ଗଣେଷ ଦଣ୍ଡସେନାଙ୍କ ଚିକିତ୍ସା ଖର୍ଚ୍ଚ ଟ୍ରକ ମାଲିକ ବହନ କରିବା ସହିତ ପରିବାରକୁ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।

ସୂଚନା ଅନୁସାରେ ଶନିବାର ସନ୍ଧ୍ୟା ୪ଟାରେ ଗଣେଷ ଦଣ୍ଡସେନା ଓ ସ୍ତ୍ରୀ ଗୀତା ଏବଂ ୨ବର୍ଷର ଶିଶୁପୁତ୍ରକୁ ଧରି ମୋଟରସାଇକେଲରେ ଉଦ୍ୟାନବନ୍ଦରୁ ଖଡିଆଳକୁ ଆସୁଥିଲେ। ଖଡିଆଳ ଥାନା ଦେଓବାହାଲ ପାଖରେ ମୋଟରସାଇକେଲ ରଖି ପୁଅକୁ ପାଣି ପିଆଉଥିଲେ। ଏହି ସମୟରେ ଏକ ମାଲ ବୋଝେଇ ଟ୍ରକ (ନଂ. ସିଜି୨୨ଜେ-୯୯୧୭) ଦ୍ରୁତ ଗତିରେ ମାଡି ଆସି ଠିଆ ହୋଇଥିବା ସ୍ୱାମୀସ୍ତ୍ରୀ ଓ ପୁଅଙ୍କ ଉପରେ ମାଡି ଯାଇଥିଲା । ଫଳରେ ସ୍ତ୍ରୀ ଗୀତା ଓ ୨ବର୍ଷର ପୁଅଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଗଣେଷ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ରାୟପୁର ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିଥିବା ବେଳେ ଟ୍ରକ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲେ। ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୦) ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### 'ବିଦ୍ୟାର୍ଥୀଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ରହିବା ଜରୁରୀ'

ବଲାଙ୍ଗୀର ଅଫିସ, ୨।୨: ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ପୃଥ୍ୱୀରାଜ ହାଇସ୍କୁଲର ଅତୀତ ଗୌରବ ଓ ବର୍ତ୍ତମାନ ସ୍ଥିତି ଉପରେ ସୂଚନା ଦେଇଥିଲେ। ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିବା ଏହି ଶିକ୍ଷାନୁଷ୍ଠାନର ଅତୀତ ଗୌରବ ଫେରାଇ ଆଣିବା ସହ ଏହାକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ସ୍କୁଲର ଶତବାର୍ଷିକ ଉତ୍ସବ ଅବସରରେ ଖେଳପଡିଆକୁ ଏକ ସୁଦୃଶ୍ୟ ଆଉଟଡୋର ଷ୍ଟାଡିୟମରେ ରୂପାନ୍ତରିତ କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ରହିଛି ବୋଲି ବିଧାୟକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ। ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ବ୍ୟଙ୍ଗ କବିତା ମାଧ୍ୟମରେ ଛାତ୍ରମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରଭାବେ ଦିବ୍ୟଦର୍ଶନ ପୋଦ୍ଦ, ଗତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍କୁଲ ଛାତ୍ର ରଘୁମଣି ସ୍ୱାଇଁ, ଶ୍ରେଷ୍ଠ ଅଭିନେତା ଭାବେ ହରେକୃଷ୍ଣ ମିଶ୍ର ଏବଂ ଡ୍ୟାନ୍ସର ଭାବେ ଛାୟାକାନ୍ତ ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାକୁ ଶିକ୍ଷକ ବିକାଶ ରଞ୍ଜନ ସାହୁ ସଂଯୋଜନା କରିଥିଲେ ଏବଂ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିକ୍ଷକ ସଞ୍ଜୟ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମିଲର୍ସ ଆସୁନାହାନ୍ତି, ଉଠୁନି ଧାନ

ଜୁନାଗଡ଼, ୨।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ମଣ୍ଡି ଅବ୍ୟବସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ମିଲର୍ସ ଆସୁ ନ ଥିବାରୁ ଗତ ୧୨ଦିନ ହେଲା ଏହି ମଣ୍ଡିରେ ଚାଷୀଙ୍କ ଧାନ ଉଠାଣ କରାଯାଇନାହିଁ। ଫଳରେ ଚାଷୀମାନେ ଏବେ ଧାନ ବିକ୍ରି ଆଶାରେ ଶୀତ କାକରରେ ମଣ୍ଡିରେ ପଡିରହିଛନ୍ତି। ଧାନ ଉଠାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୧ ଓ ୨୨ ତାରିଖରେ ଏହି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସ୍ଥାନୀୟ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ସେଥିମଧ୍ୟରୁ କିଛି ଚାଷୀଙ୍କ ସେତେ ବେଳେ ମିଲର୍ସ ଧାନ ଉଠାଣ କରିଥିଲେ। ଅବଶିଷ୍ଟ ୩୭ ଜଣ ଚାଷୀଙ୍କ ୩ହଜାର କୁଇଣ୍ଟାଲ ଧାନ ଉଠାଣ ନ କରି ଚାଲିଯାଇଥିଲେ। ସେତେବେଳେଠୁ ଉକ୍ତ ଚାଷୀଙ୍କ ଧାନ ଉଠାଣ କରାଯାଇନାହିଁ। ଏଥିରେ ଜାଲିମଧର ନାଏକଙ୍କ ୯୭ କୁଇଣ୍ଟାଲ, ମିନିକେତନ ନାଏକ ୭୬, ରଙ୍ଗାଧର ନାଏକ ୧୪୭, ଲୋଚନ ନାଏକ ୯୯, ଗୋପାଳ କୃଷ୍ଣ ନାଏକ ୫୮, ସୁମୁଖି ନାଏକ ୫୪, ନିରଞ୍ଜନ ନାଏକ ୧୦୮, ସୁଶିଲ ରାଉତ ୬୪, ଯଦୁମଣି ମାଝି ୬୨, ସୁକାନ୍ତ ରାଉତ ପ୍ରମୁଖଙ୍କ ୫୭ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡିରହିଛି। ବାଲଛଡା ମଣ୍ଡିରେ ଧାନ ଉଠାଣ କରିବା ପାଇଁ ୯ଟି ମିଲର୍ସକୁ ଟାର୍ଗେଟ ଦିଆଯାଇଥିଲା। ସେଥିମଧ୍ୟରୁ ୭ଟି ମିଲର୍ସଙ୍କ ଟାର୍ଗେଟ ଶେଷ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୨ଟି ମିଲର୍ସଙ୍କ ପ୍ରାୟ ୧୮ଶହ କୁଇଣ୍ଟାଲ ଟାର୍ଗେଟ ରହିଛି। ଫଳରେ ଉକ୍ତ ମିଲର୍ସମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିକୁ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ମଣ୍ଡିରେ ବାଲିଛଡା ସମେତ ଗାଙ୍ଗପୁର, କଳିଆକୁଣ୍ଡଲ, ପିଲିକିଆ, ମୁଣ୍ଡିଗୁଡା, କେଲିଆ, ମହିଭର ଆଦି ଗ୍ରାମର ଶତାଧିକ ଚାଷୀ ନିର୍ଭର କରିଥାନ୍ତି। ମଣ୍ଡିରୁ ଧାନ କିଣିବା ପାଇଁ କଳିଆକୁଣ୍ଡଲସ୍ଥିତ ମା' ଲଙ୍ଗେଶ୍ୱରୀ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଧାନ ଉଠାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ଅନୁଧାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମା ମାଟିର କଥା କହୁ ସାହିତ୍ୟ

## ଟିଟିଲାଗଡ଼ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସମାରୋହ

ଟିଟିଲାଗଡ, ୨।୨ (ଡି.ଏନ.ଏ.)



ଅତିଥିମାନେ ଅଜିତ ଭୋଇଙ୍କ ଗବେଷଣାତ୍ମକ ପୁସ୍ତକ ପଶ୍ଚିମ ଓଡିଶାର ଗଉଡ ସମ୍ପ୍ରଦାୟ ଓ ସଂସ୍କୃତିର ଉନ୍ମୋଚନ କରୁଛନ୍ତି।

ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ରବିବାର ପ୍ରଥମ ଥର ପାଇଁ ଟିଟିଲାଗଡଠାରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ସ୍ଥାନୀୟ ସାହିତ୍ୟିକ, କବିଲେଖି ତଥା ଶ୍ରୋତାଙ୍କୁ ମଧ୍ୟରେ ନିଆରା ଉତ୍ସାହ ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ମାହେଶ୍ୱରୀ ବୈଷୟିକ ତାଲିମ କେନ୍ଦ୍ର ପରିସରରେ ଏକାଡେମୀ ପ୍ରତିନିଧି ପ୍ରାଧ୍ୟାପକ ଡ. ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରୀ ଜାଲ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସାହିତ୍ୟ ମା' ମାଟିର କଥା କହୁ ବୋଲି କହିଥିଲେ। ଆଲୋଚକ ଅଧ୍ୟାପକ ଦିଲୀପ ପଶାୟତ, ବ୍ରଜଶ୍ୟାମ ଗୁରୁ, ଇଂ.ପ୍ରଦୀପ୍ତ ମିଶ୍ର, ଡ. ଅଜିତ ଭୋଇ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜ୍ୟୋତି ପ୍ରକାଶ ଗଡତିଆ ସଭା ସଂଯୋଜନା କରିଥିବା ବେଳେ ଡ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସର କାର୍ଯ୍ୟକ୍ରମରେ ମଞ୍ଚରେ ଓଡିଆ ତଥା କୋଶଲି କବିତାର ଧାରା ଶ୍ରାବଣ ପ୍ଳାବିତ ହୋଇଥିଲା। କବି ଭିକାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ଓଡିଶା ଭାଷା ଆନ୍ଦୋଳନର ପୁରୋଧା କବି ଗଜାନନ ମିଶ୍ର, ଡ. ଯୁଗଳ କିଶୋର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ନୀଳମଣୀ ସାହୁ, କବି ଚତୁର୍ଭୁଜ ସାଆନ୍ତ, ଡ. ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବୟିତ୍ରୀ ବନ୍ଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କବି ବିଶ୍ୱରାମ ଠାକୁର, ସେବକ ଚରଣ ଦାଶ, ମଧୁସୂଦନ ମହାନନ୍ଦ, ସୁଶାନ୍ତ ବାଗ, ତରୁଣ ସିଂହ ଦୀପ, ଯଶୋବନ୍ତ ସାହୁ, ବୃନ୍ଦାବନ କୁମ୍ଭାର, ଅକ୍ଷୟ ବେହେରା, ରାଧାକୃଷ୍ଣ ପଟ୍ଟନାୟକ, ଚିତରଞ୍ଜନ ଚାନ୍ଦ, ବାଲକିଷନ ଦୀପ, ଆଦିମୂଳ ଶତପଥି, କ୍ଷିରସିନ୍ଧୁ ସାହୁ, ନୀଳାମ୍ବର ବେହେରା, ଜଗବନ୍ଧୁ ବଗର୍ତ୍ତୀ, ରାଜ ନାଗ, ଧ୍ରୁବ ହରପାଲ, ସାଧବୀ ସାହୁ ଓ ବଲାଙ୍ଗୀର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ସାରସ୍ୱତ ସାଧକ ସମବେତ ହୋଇଥିଲେ। ଏହି ଅବସରରେ ଦିବଂଗତ କବି ରବି ସିଂ, ଶିକ୍ଷାବିତହରପ୍ରସାଦ ରଥ, ମଧୁ ମାଝୀ, ଗୋବିନ୍ଦ ନାମଦେବଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଅତିଥିବୃନ୍ଦ ଡ. ଅଜିତ ଭୋଇଙ୍କ ଗବେଷଣାତ୍ମକ ପୁସ୍ତକ 'ପଶ୍ଚିମ ଓଡିଶାର ଗଉଡ ସମ୍ପ୍ରଦାୟ ଓ ସଂସ୍କୃତି' ଉନ୍ମୋଚନ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

ଦେଓଗାଁ,୨।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ–ଗାଇବାହାଲ ରାସ୍ତାର ଜୁର୍ଲାକାନୀ ଛକ ନିକଟ ବୁଲାଣିରେ ରବିବାର ବାଇକ ଦୁର୍ଘଟଣାରେ ୨ଯୁବକ ଗୁରୁତର ଆହତ ହୋଇଛନ୍ତି । ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ସୂଚନାନୁସାରେ ରବିବାର ଅପରାହ୍ନରେ ଦେଓଗାଁ ପଟରୁ ବାଇକ ନଂ ଓଡି୦୩ କେ୧୨୦୬ ରେ ଅର୍ଡା ଗ୍ରାମର ଗଜନି ରଣା(୩୦) ଓ ସଂକୀର୍ତ୍ତନ ରଣା(୩୦) ଗାଁକୁ ଫେରୁଥିବା ସମୟରେ ଜୁର୍ଲାକାନୀ ଛକ ନିକଟ ମୋଡଣୀଠାରେ ଭାରସାମ୍ୟ ହରାଇ ପାର୍ଶ୍ୱଗଛରେ ପିଟି ହୋଇ ଯାଇଥିଲେ ।ଫଳରେ ଗଜନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସଂକୀର୍ତ୍ତନ ମଧ୍ୟ ଗୁରୁତର ଆହତ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଦ୍ୱୟଙ୍କୁ ବଲାଙ୍ଗୀର ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଗଜନିଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ପରିବାର ସୂତ୍ରରୁ ପ୍ରକାଶ।

## ଅଲ୍ ଓଡ଼ିଶା ଫୁଟବଲ: ଜରାସିଂହା ବିଜୟୀ

ଟିଟିଲାଗଡ, ୨।୨ (ଡି.ଏନ.ଏ.)

ବୀର ହନୁମାନ ବ୍ୟାୟାମ ଶାଳା ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଅଲ୍ ଓଡିଶା ଫୁଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ନେତା ଶମ୍ଭୁପ୍ରସାଦ ସାହୁ ମୁଖ୍ୟଅତିଥି, କ୍ରୀଡାବିତ ଧନପତି ଚନ୍ଦନ, ଧ୍ରୁବଲେ ଦଳବେହେରା, ଏମଡି ଖାଲିଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜରାସିଂହା ଦଳ ରାୟପୁରକୁ ୩–୦ ଗୋଲରେ ପରାଜିତ କରିଛି। ରେଫରି ବିନୋଦ ପ୍ରଧାନୀ, ମାଧବ ବିଶି, ବୁଲୁ ପ୍ରଧାନୀ, ଚତୁର୍ଥ ରେଫରି ସୁଦୀପ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୁଟୁ ବାଗ, ଦିଲୀପ ବାଗ, ବବ୍ରୁ ରତେଇ, ରିଙ୍କୁ ସେଠ, ଦିଲୀପ ବେହେରା, ରବି ବାଗ, କୃଷ୍ଣ ସିଂପାତ୍ର, ରତନ ହାତୀ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ପୋଲ ପାଖରେ ମୃତଦେହ ଠାବ, ପୋଲିସର ତନାଘନା

ଖପ୍ରାଖୋଲ, ୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ–ଖପ୍ରାଖୋଲ ରାସ୍ତାର ଧଣ୍ଡାମୁଣ୍ଡା ଛକ ନିକଟରେ ଥିବା ଏକ ପୋଲ ପାଖରୁ ରବିବାର ଅପରାହ୍ନରେ ଏକ ମୃତଦେହ ଠାବ ହୋଇଛି । ମୃତକ ବୁଢିବାହାଲ ଗାଁର ଶ୍ୟାମ ପୁଟେଲ (୫୦) ବୋଲି ଜଣାପଡିଛି। ମୃତଦେହ ପାଖରେ ଏକ ସାଇକେଲ ପଡି ରହିଛି। ରବିବାର ଅପରାହ୍ନରେ ଲୋକେ ଦେଖି ପୋଲିସ୍‌କୁ ଖବର ଦେଇଥିଲେ । ବୁଢିବାହାଲ ଗାଁର ଶ୍ୟାମ ଶନିବାର ସନ୍ଧ୍ୟାରୁ ବୈଜଲ ସାଗର ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ପୋଲ ନିକଟରେ ଯେଭଳି ଭାବରେ ମୃତଦେହ ପଡିଛି ତାହା ଦୁର୍ଘଟଣା ନୁହେଁ, ଏହା ହତ୍ୟାକାଣ୍ଡ ବୋଲି ଶ୍ୟାମଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ପାଟଣାଗଡ ଏସଡିପିଓ ସୁରେଶ ନାଏକ, ଖପ୍ରାଖୋଲ ଆଇଆଇସି ଜ୍ୟୋତିରଞ୍ଜନ ପତି, ଏସଆଇ ପଞ୍ଚାନନ ନେଗୀ, ଏଏସଆଇ ସେବନ କେର୍କେଟା ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଖପ୍ରାଖୋଲ ଥାନା ଆଇଆଇସି ପତିଙ୍କୁ ପଚାରିବାରୁ ସୋମବାର ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ପହଞ୍ଚିଲା ପରେ ମୃତଦେହ ଉଦ୍ଧାର କରାଯିବ ବୋଲି କହିଛନ୍ତି।

## ବଜରଙ୍ଗ କପ୍ କ୍ରିକେଟ: ବାଗଡ଼ିଆ ଚାମ୍ପିୟନ


ମୁଖ୍ୟଅତିଥି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

ବରଗଡ଼ ଅଫିସ୍,୨।୨

ବରଗଡ଼ ବ୍ଲକ ଅଧୀନ ନୂଆଁ ଗୁଡ଼େଶିରାରେ ଚାଲିଥିବା ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲକୁ ବାଗଡ଼ିଆ ଓ ଦେଓଗାଁ ଉନ୍ନୀତ ହୋଇଥିଲେ । ଫାଇନାଲରେ ବାଗଡ଼ିଆ ଚାମ୍ପିୟନ ହୋଇଛି। ହିମାଂଶୁ ଦାଶ, ସତ୍ୟା ମେହେର ମ୍ୟାଚ ପରିଚାଳନା କରିଥିଲେ । ଯୁବନେତା ଉମେଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସମିତି ସଭ୍ୟ ସୁବାସ ଭୋଇ, ସରପଞ୍ଚ ରୂପଧର ବଗାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେଦବ୍ୟାସ ମେହେର, ପ୍ରୀତମ ମେହେର, ସାମନ୍ତ ବିଭାର ପ୍ରମୁଖ ପ୍ରତିଯାଗିତା ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ସହ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ବଲାଙ୍ଗୀର ଅଫିସ, ୨।୨



**ପଥର ମାରି ୪ ଲକ୍ଷ ଲୁଟ୍ ଘଟଣା**
- ୬୩ ହଜାର ଟଙ୍କା ଜବତ
- ଗିରଫ ସଂଖ୍ୟା ୭କୁ ବୃଦ୍ଧି

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଲାଙ୍ଗୀର–ଦେଓଗାଁ ୨୬ ନମ୍ବର ଜାତୀୟ ରାଜପଥର ସିନ୍‌ଖମନ ଢ଼ାବା ନିକଟରେ ଗତ ୨୨ ତାରିଖ ଦିନ କାର ଉପରକୁ ପଥର ମାରି ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ବଲାଙ୍ଗୀର ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାନ୍ଧୀନଗରପଡାର ବିଟୁ ଓରଫ୍ ଅବିନାଶ ବେହେରା । ଅବିନାଶଙ୍କଠାରୁ ପୋଲିସ ଏକ ଡିସକଭର ବାଇକ୍ ଓ ୬୩ ହଜାର ଟଙ୍କା ଜବତ କରିଛି । ପୋଲିସ ଶନିବାର ଏହି ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ କାର ଡ୍ରାଇଭର କ୍ରିଷ୍ଣା ସେଠ୍‌ଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୮୩ ହଜାର ୮ ଶହ ଟଙ୍କା, ଲୁଟ୍‌ରେ ବ୍ୟବହୃତ ଏକ ବଜାଜ ଏଭେଞ୍ଜର ବାଇକ (ଓଡି୦୩ ଏନ୍ ୫୭୩୨) ଓ ୭ଟି ମୋବାଇଲ ଫୋନ୍ ଜବତ କରିଥିଲା। ବଲାଙ୍ଗୀର ପ୍ୟାଲେସଲାଇନ୍‌ରେ ରହୁଥିବା ଲୋକନାଥ ମେହେର ଗତ ୨୨ ତାରିଖ ଦିନ ଜରାସିଂହା ସମବାୟ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଏକ କାରରେ ବଲାଙ୍ଗୀର ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ସିନ୍‌ଖମନ ଢ଼ାବା ନିକଟରେ ଦୁଇଜଣ ଯୁବକ ବାଇକରେ ଆସି କାର ଉପରକୁ ପଥର ମାଡ କରି ଅଟକାଇ ଥିଲେ। ଅନ୍ୟ ୩ ଜଣ ଯୁବକ କାର ପାଖରେ ରହିଥିଲେ। ପଥର ମାଡ ପରେ କାର ଡ୍ରାଇଭର କ୍ରିଷ୍ଣା ସେଠ୍ ଗାଡି ଅଟକାଇ ହେବାରୁ ଦୁଇ ଲୁଟେରା କାରର କାଚ ଭାଙ୍ଗି ଭିତରେ ୪ ଲକ୍ଷ ଟଙ୍କା ଭର୍ତ୍ତି ହୋଇଥିବା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଲୋକନାଥ ମେହେର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଝରବାହାଲି ଫୁଟବଲ: ଘୁସୁରାମୁଣ୍ଡା, ବଡ଼ମାଲ ବିଜୟୀ

ଟିକ୍ରାପଡା, ୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଦ୍ୱିତୀୟ ଦିବସ । ଅନୁଷ୍ଠିତ ଗ୍ରୁପ ଏ ମ୍ୟାଚରେ ମେରାବାହାଲ ଦଳକୁ ୧–୦ ଗୋଲରେ ହରାଇ ଘିସୁରାମୁଣ୍ଡ ବିଜୟୀ ହୋଇଥିଲା। ଗ୍ରୁପ ବି ମ୍ୟାଚରେ ସିଆଲଝୁଣ୍ଟୁଙ୍ଗି ଦଳକୁ ୨–୦ ଗୋଲରେ ହରାଇ ବଡମାଲ ବିଜୟୀ ହୋଇଥିଲା । ଜିତେନ୍ଦ୍ର ଜାଲ, ଯୁବରାଜ ବଗର୍ତ୍ତୀ ଖେଳ ପରିଚାଳନା କରିଥିଲେ । ସୋମବାର ଗ୍ରୁପ ଏ ମ୍ୟାଚ ଖଲିଆଖମାର ବନାମ ଫଟକରା ଓ ଗ୍ରୁପ ବି ମ୍ୟାଚ ଟିକ୍ରାପଡା ବନାମ ଦର୍ଲିମୁଣ୍ଡା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।



ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଦରମା ବୃଦ୍ଧି ଦାବିରେ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ

ବରଗଡ଼ ଅଫିସ୍,୨।୨

ଦରମା ବୃଦ୍ଧି ସାଙ୍ଗକୁ ବିଭିନ୍ନ ଦାବି ନେଇ ସ୍ଥାନୀୟ ଜାତୀୟକରଣ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବା ସହିତ ଏକ ଶୋଭାଯାତ୍ରାରେ ବରଗଡ଼ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ଜିଲାପାଳଙ୍କ ଅଫିସ ସମ୍ମୁଖରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିରେ ସ୍ଥାନୀୟ ବହୁସଂଖ୍ୟକ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ।

### ଧଣ୍ଡାମୁଣ୍ଡାକୁ ହରାଇଲା ଦାବକାନୀ

ଖପ୍ରାଖୋଲ, ୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ପଞ୍ଚମ ଖପ୍ରାଖୋଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ସହ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚା ପଧାନ, ପ୍ରସାଦ ଭୁଏ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ୍ ଧଣ୍ଡାମୁଣ୍ଡା ଓ ଦାବକାନୀ ଦଳ ମଧ୍ୟରେ ହୋଇଥିଲା। ୧–୦ ଗୋଲରେ ଧଣ୍ଡାମୁଣ୍ଡାକୁ ହରାଇ ଦାବକାନୀ ଦଳ ବିଜୟୀ ହୋଇଥିଲା। ରେଫରୀ ଚୈତନ୍ୟ ସାହୁ ଏବଂ ଲାଇନରେ ମଗଶିର ମଲ୍ଲିକ ଓ ରାଜୀବ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

### ୨୩ରେ ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ସମ୍ମିଳନୀ

ବରଗଡ଼ ଅଫିସ୍,୨।୨

ଆସନ୍ତା ୨୩ତାରିଖରେ ଆକାଶବାଣୀ ଶ୍ରୋତା ସଂଘ, ବରଗଡ଼ର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ରୌପ୍ୟ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ଏବଂ ଏକ କମିଟି ଗଠନ ନେଇ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜଗନ୍ନାଥ ସାହୁ, ବିନୟ କୁମାର ସାହୁ, ହରି ପ୍ରସାଦ ପ୍ରଧାନ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆକାଶବାଣୀ ଶ୍ରୋତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ।



ଆଶା ଦୁଃଖକୁ ଡାକି ଆଣେ। ଆଶା ପରିତ୍ୟାଗ କଲେ, ସୁଖ ଶାନ୍ତି ମିଳେ।
- ବ୍ୟାସଦେବ



## ସଂକ୍ଷେପରେ

### ୩ ୱାରେଣ୍ଟି ଗିରଫ

**ଲୋଇସିଂହା,୨।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମୁରଶୁଣି ଗାଁର ୩ ପୁରଣା ୱାରେଣ୍ଟିଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନ ହେଲେ ମୁରଶୁଣି ଗାଁର ଆର୍ଜୁନ ସାହୁ ତାଙ୍କ ସ୍ତ୍ରୀ ଉର୍ମିଳା ସାହୁ ଓ ପୁଅ ରମେଶ ସାହୁ। ପୋଲିସ ସୂଚନାମତେ, ଆର୍ଜୁର୍ନନଙ୍କ ପୁଅ ରମେଶ ସୁବର୍ଣ୍ଣପୁର ଜିଲା ବିନକା ଥାନା ଅଞ୍ଚଳରେ ବବାହ କରିଥିଲେ । ପ୍ରଥମ ସ୍ତ୍ରୀଙ୍କୁ ପ୍ରତାରଣା କରି ଆଉ ଏକ ବିବାହ କରିଥିଲେ । ଏହି ଘଟଣାରେ ପ୍ରଥମ ସ୍ତ୍ରୀ ସ୍ୱାମୀ ଘର ଲୋକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ବିନକା କୋର୍ଟ ନୋଟିସକୁ ଏହି ପରିବାର ଫାଙ୍କି ଆସୁଥିଲେ । ଲୋଇସିଂହା ଆଇଆଇସି ଲଳିତା ଲାକ୍ରା ଓ ଷ୍ଟାପ ବୁର୍ଡାରେ ଚଢାଉ କରି ରମେଶଙ୍କୁ ଗିରଫ କରିଥିବାବେଳେ ମୁରୁଶୁଣି ଗାଁରେ ଚଢାଉ କରି ଦମ୍ପତିକୁ ଗରିଫ କରିଥିବା ଆଇଆଇସି ଲାକ୍ରା କହିଛନ୍ତି।



### ଅଧାପନ୍ତରିଆ ହୋଇ ପଡ଼ିଛି ଅବକାରୀ କାର୍ଯ୍ୟାଳୟ

**ଲୋଇସିଂହା, ୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲ ସୁଜିଆ ରାସ୍ତାରେ ସ୍ଥାନୀୟ ଅବକାରୀ ବିଭାଗ ସ୍ଥାୟୀ କୋଠା ନିର୍ମାଣ କାମ ଚାଲିଛି । କୋଠା କାମ ଆଧା ସରି ଯାଇଥିଲେ ସୁଦ୍ଧା ସୂଚନା ଫଳକ ଲଗାଯାଇନାହିଁ ଅନୁଦାନ କେତେ, କିଏ କାମ କରୁଛି ତାହା ଜଣାପଡୁ ନାହିଁ । ନିମ୍ନମାନର କାମ ସାଙ୍ଗକୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଲୋଇସିଂହାରେ ଦୀର୍ଘବର୍ଷ ହେଲା ଏକ ଅବକାରୀ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ଲୋଇସିଂହା ପୁଟାପାଲି ଅଞ୍ଚଳରେ ଏକ ଭଡା ଘରେ କାର୍ଯ୍ୟାଳୟ ଚାଲୁଛି । ଭଡା କୋଠା ବାହରେ ସାଇନ ବୋର୍ଡ ନ ଥିବାରୁ ସ୍ଥାନୀୟ ଲୋକେ ଅବକାରୀ କାର୍ଯ୍ୟାଳୟ ସମ୍ପର୍କରେ ଜାଣି ପାରୁ ନାହାନ୍ତି। ଏ ସମ୍ପର୍କରେ ଅବକାରୀ କର୍ମଚାରୀଙ୍କୁ ପଚାରିଲେ କୋଠା କାମ ଚାଲିଛି, ନିର୍ମାଣ କାମର ଅବଧି ସମୟ କେତେ ଆମେ ଅଜ୍ଞ ବୋଲି କହୁଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟ ଦେବାକୁ ଦାବି ହେଉଛି ।

### ଅସୁରକ୍ଷିତ ଭାବେ ଚାଲିଛି ମାଲ ପରିବହନ, ଥାନାରେ ଅଭିଯୋଗ

**ଡୁଙ୍ଗୁରିପାଲି, ୨।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ପ୍ରତିଦିନ ଶହଶହ ବାଲି ବୋଝେଇ ଟ୍ରକ ଅସୁରକ୍ଷିତ ଭାବେ ଚାଲାଣ ହେଉଛି। ସରକାରୀ ନିୟମ ଅନୁଯାୟୀ ମାଲ ପରିବହନ ବେଳେ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଟ୍ରକରେ ତାରପୋଲିନ ଢାଙ୍କିବା କଥା। ହେଲେ ଏଠାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ପ୍ରତିଦିନ ସାଲେଭଟା ଅଙ୍ଗନଦୀ ପଠାରୁ ଟ୍ରାକ୍ଟର ଓ ଟ୍ରକରେ ଏହିପରି ଅସୁରକ୍ଷିତଭାବେ ବାଲି ପରିବହନ ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏହିକ୍ରମରେ ରବିବାର ଡୁଙ୍ଗୁରିପାଲିର ମୃତ୍ୟୁଞ୍ଜୟ ମିଶ୍ର ଓ ବିଭୁଦତ୍ତ ନାୟକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଚେରୁପାଲିରୁ ଅପରାହ୍ନ ୨ଟାରେ ଆସୁଥିବା ବେଳେ ବୈଦୁପାଲି ମହିନ୍ଦ୍ର ଶୋରୁମ ସମ୍ମୁଖରେ ଏକ ବାଲି ବୋଝେଇ ଦଶଚକିଆ ଟ୍ରକ ସେମାନଙ୍କୁ ଓଭରଟେକ କରିଥିଲା । ଉକ୍ତ ଟ୍ରକରେ ତାରପୋଲିନ ବନ୍ଧା ଯାଇ ନ ଥିବାରୁ ବାଲି ଓ ଟ୍ରକରୁ ପାଣି ଛିଟିକି ସେମାନଙ୍କ ଉପରେ ପଡିଥିଲା । ଫଳରେ ଉଭୟେ ଭାରସାମ୍ୟ ହରାଇ ଦୁର୍ଘଟଣାରୁ କୌଣସିମତେ ବର୍ତ୍ତି ଯାଇଥିଲେ । ଟ୍ରକ ଡ୍ରାଇଭରଙ୍କୁ ଏ ନେଇ ପଚାରିଲେ ମାଲିକ ଯେମିତି କହୁଛନ୍ତି ଆମେ ସେମିତି ମାଲ ପରିବହନ କରୁଛୁ ବୋଲି କହିଥିଲେ । ଅଭିଯୋଗକୁ ଭିତ୍ତି କରି ଡୁଙ୍ଗୁରିପାଲି ପୋଲିସ ପ୍ରଥମେ ରାମପୁର ତହସିଲଦାର ଓ ଜିଲା ପରିବହନ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିବା ଅଭିଯୋଗକାରୀ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମା ମାଟିର କଥା କହୁ ସାହିତ୍ୟ

## ଟିଂଟିଲାଗଡ଼ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସମାରୋହ

**ଟିଂଟିଲାଗଡ, ୨।୨ (ଡି.ଏନ.ଏ.)**

ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ରବିବାର ପ୍ରଥମ ଥର ପାଇଁ ଟିଂଟିଲାଗଡଠାରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ସ୍ଥାନୀୟ ସାହିତ୍ୟିକ, କବିଲେଖି ତଥା ଶ୍ରୋତାଙ୍କୁ ମଧ୍ୟରେ ନିଆରା ଉତ୍ସାହ ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ମାହେଶ୍ୱରୀ ବୈଷୟିକ ତାଲିମ କେନ୍ଦ୍ର ପରିସରରେ ଏକାଡେମୀ ପ୍ରତିନିଧି ପ୍ରାଧ୍ୟାପକ ଡ. ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରୀ ଜାଲ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସାହିତ୍ୟ ମା' ମାଟିର କଥା କହୁ ବୋଲି କହିଥିଲେ। ଆଲୋଚକ ଅଧାପକ ଦିଲୀପ ପଶାୟତ, ବ୍ରଜଶ୍ୟାମ ଗୁରୁ, ଇଂ.ପ୍ରଦୀପ୍ତ ମିଶ୍ର, ଡ. ଅଜିତ ଭୋଇ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜ୍ୟୋତି ପ୍ରକାଶ ଗଡତିଆ ସଭା ସଂଯୋଜନା କରିଥିବା ବେଳେ ଡ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସର କାର୍ଯ୍ୟକ୍ରମରେ ମଞ୍ଚରେ ଓଡିଆ ତଥା କୋଶଲି କବିତାର ଧାରା ଶ୍ରାବଣ ପ୍ଲାବିତ ହୋଇଥିଲା । କବି ଭିକାରୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ଓଡିଶା ଭାଷା ଆନ୍ଦୋଳନର ପୁରୋଧା କବି ଗଜାନନ ମିଶ୍ର, ଡ. ଯୁଗଳ କିଶୋର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ନୀଳମଣୀ ସାହୁ, କବି ଚତୁର୍ଭୁଜ ସାଆନ୍ତ, ଡ. ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବୟିତ୍ରୀ ବନ୍ଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କବି ବିଶ୍ୱରାମ ଠାକୁର, ସେବକ ଚରଣ ଦାଶ, ମଧସୁଦନ ମହାନନ୍ଦ, ସୁଶାନ୍ତ ବାଗ, ତରୁଣ ସିଂହ ଦୀପ, ଯଶୋବନ୍ତ ସାହୁ, ବୃନ୍ଦାବନ କୁମ୍ଭାର, ଅକ୍ଷୟ ବେହେରା, ରାଧାକୃଷ୍ଣ ପଟ୍ଟନାୟକ, ଚିତରଞ୍ଜନ ଚାନ୍ଦ, ବାଲକିଷନ ଦୀପ, ଆଦିମୂଳ ଶତପଥି, କ୍ଷିରସିନ୍ଧୁ ସାହୁ, ନୀଳାମ୍ବର ବେହେରା, ଜଗବନ୍ଧୁ ବଗର୍ତ୍ତୀ, ରାଜ ନାଗ, ଦ୍ରୁବ ହରପାଲ, ସାଧବୀ ସାହୁ ଓ ବଲାଙ୍ଗୀର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ସାରସ୍ୱତ ସାଧକ ସମବେତ ହୋଇଥିଲେ। ଏହି ଅବସରରେ ଦିବଂଗତ କବି ରବି ସିଂ, ଶିକ୍ଷାବିତ ହରପ୍ରସାଦ ରଥ, ମଧୁ ମାଝୀ, ଗୋବିନ୍ଦ ନାମଦେବଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଅତିଥିବୃନ୍ଦ ଡ. ଅଜିତ ଭୋଇଙ୍କ ଗବେଷଣାତ୍ମକ ପୁସ୍ତକ 'ପଶ୍ଚିମ ଓଡିଶାର ଗଉଡ ସମ୍ପ୍ରଦାୟ ଓ ସଂସ୍କୃତି' ଉନ୍ମୋଚନ କରିଥିଲେ।



ଅତିଥିମାନେ ଅଜିତ ଭୋଇଙ୍କ ଗବେଷଣାତ୍ମକ ପୁସ୍ତକ ପଶ୍ଚିମ ଓଡିଶାର ଗଉଡ ସମ୍ପ୍ରଦାୟ ଓ ସଂସ୍କୃତିର ଉନ୍ମୋଚନ କରୁଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

**ଦେଓଗାଁ,୨।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ–ଗାଇବାହାଲ ରାସ୍ତାର ଜୁର୍ଲାକାନୀ ଛକ ନିକଟ ବୁଲାଣିରେ ରବିବାର ବାଇକ ଦୁର୍ଘଟଣାରେ ୨ଯୁବକ ଗୁରୁତର ଆହତ ହୋଇଛନ୍ତି । ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ସୂଚନାନୁସାରେ ରବିବାର ଅପରାହ୍ନରେ ଦେଓଗାଁ ପଟରୁ ବାଇକ ନଂ ଓଡି୦୩ କେ୧୨୦୬ ରେ ଅର୍ଡା ଗ୍ରାମର ଗଜନି ରଣା(୩୦) ଓ ସଂକୀର୍ତ୍ତନ ରଣା(୩୦) ଗାଁକୁ ଫେରୁଥିବା ସମୟରେ ଜୁର୍ଲାକାନୀ ଛକ ନିକଟ ମୋଡଣୀଠାରେ ଭାରସାମ୍ୟ ହରାଇ ପାର୍ଶ୍ୱଗଛରେ ପିଟି ହୋଇ ଯାଇଥିଲେ ।ଫଳରେ ଗଜନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସଂକୀର୍ତ୍ତନ ମଧ ଗୁରୁତର ଆହତ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଦ୍ୱୟଙ୍କୁ ବଲାଙ୍ଗୀର ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଗଜନିଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ପରିବାର ସୂତ୍ରରୁ ପ୍ରକାଶ ।

## ଅଲ୍ ଓଡ଼ିଶା ଫୁଟବଲ: ଜରାସିଂହା ବିଜୟୀ

**ଟିଂଟିଲାଗଡ, ୨।୨ (ଡି.ଏନ.ଏ.)**

ବୀର ହନୁମାନ ବ୍ୟାୟାମ ଶାଳା ଟିଂଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଅଲ୍ ଓଡିଶା ଫୁଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ନେତା ଶମ୍ଭୁପ୍ରସାଦ ସାହୁ ମୁଖ୍ୟଅତିଥି, କ୍ରୀଡାବିତ ଧନପତି ଚନ୍ଦନ, ଧ୍ରୁବଲେ ଦଳବେହେରା, ଏମଡି ଖାଲିଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜରାସିଂହା ଦଳ ରାୟପୁରକୁ ୩–୦ ଗୋଲରେ ପରାଜିତ କରିଛି। ରେଫରି ବିନୋଦ ପ୍ରଧାନୀ, ମାଧବ ବିଶି, ବୁଲୁ ପ୍ରଧାନୀ, ଚତୁର୍ଥ ରେଫରି ସୁଦୀପ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ରୁଟୁ ବାଗ, ଦିଲୀପ ବାଗ, ବବୃ ରତେଇ, ରିଙ୍କୁ ସେଠ, ଦିଲୀପ ବେହେରା, ରବି ବାଗ, କୃଷ୍ଣ ସିଂପାତ୍ର, ରତନ ହାତୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ବାଇକ୍ ସହ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଲାଙ୍ଗୀର–ଦେଓଗାଁ ୨୬ ନମ୍ବର ଜାତୀୟ ରାଜପଥର ସିନ୍‌ଖମନ ଢ଼ାବା ନିକଟରେ ଗତ ୨୨ ତାରିଖ ଦିନ କାର ଉପରକୁ ପଥର ମାରି ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ବଲାଙ୍ଗୀର ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାନ୍ଧୀନଗରପଡାର ବିଟୁ ଓରଫ୍ ଅବିନାଶ ବେହେରା । ଅବିନାଶଙ୍କଠାରୁ ପୋଲିସ ଏକ ଡିସକଭର ବାଇକ୍ ଓ ୬୩ ହଜାର ଟଙ୍କା ଜବତ କରିଛି । ପୋଲିସ ଶନିବାର ଏହି ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ କାର ଡ୍ରାଇଭର କ୍ରିଷ୍ଣା ସେଠ୍‌ଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କଠାରୁ ୮୩ ହଜାର ୮ ଶହ ଟଙ୍କା, ଲୁଟ୍‌ରେ ବ୍ୟବହୃତ ଏକ ବଜାଜ ଏଭେଞ୍ଜର ବାଇକ (ଓଡି୦୩ ଏନ୍ ୫୭୩୨) ଓ ୭ଟି ମୋବାଇଲ ଫୋନ୍ ଜବତ କରିଥିଲା । ବଲାଙ୍ଗୀର ପ୍ୟାଲେସଲାଇନ୍‌ରେ ରହୁଥିବା ଲୋକନାଥ ମେହେର ଗତ ୨୨ ତାରିଖ ଦିନ ଜରାସିଂହା ସମବାୟ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଏକ କାରରେ ବଲାଙ୍ଗୀର ଘରକୁ ଫେରୁଥିଲେ । ଅପରାହ୍ଣ ପ୍ରାୟ ସାଢ଼େ ୪ଟା ସମୟରେ ସିନଖମନ ଢ଼ାବା ନିକଟରେ ଦୁଇଜଣ ଯୁବକ ବାଇକରେ ଆସି କାର ଉପରକୁ ପଥର ମାଡ କରି ଅଟକାଇ ଥିଲେ । ଅନ୍ୟ ୩ ଜଣ ଯୁବକ କାର ପାଖରେ ରହିଥିଲେ। ପଥର ମାଡ ପରେ କାର ଡ୍ରାଇଭର କ୍ରିଷ୍ଣା ସେଠ୍ ଗାଡି ଅଟକାଇ ହେବାରୁ ଦୁଇ ଲୁଟେରା କାରର କାଚ ଭାଙ୍ଗି ଭିତରେ ୪ ଲକ୍ଷ ଟଙ୍କା ଭର୍ତ୍ତି ହୋଇଥିବା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ । ଏନେଇ ଲୋକନାଥ ମେହେର ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା (ନଂ.୨୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।



**ପଥର ମାରି ୫ ଲକ୍ଷ ଲୁଟ୍ ଘଟଣା**

- ୬୩ ହଜାର ଟଙ୍କା ଜବତ
- ଗିରଫ ସଂଖ୍ୟା ୭କୁ ବୃଦ୍ଧି

## ପୋଲ ପାଖରେ ମୃତଦେହ ଠାବ, ପୋଲିସର ତନାଘନା

**ଖପ୍ରାଖୋଲ, ୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ–ଖପ୍ରାଖୋଲ ରାସ୍ତାର ଧଣ୍ଡାମୁଣ୍ଡା ଛକ ନିକଟରେ ଥିବା ଏକ ପୋଲ ପାଖରୁ ରବିବାର ଅପରାହ୍ନରେ ଏକ ମୃତଦେହ ଠାବ ହୋଇଛି । ମୃତକ ବୁଡିବାହାଲ ଗାଁର ଶ୍ୟାମ ପୁଟେଲ (୫୦) ବୋଲି ଜଣାପଡିଛି। ମୃତଦେହ ପାଖରେ ଏକ ସାଇକେଲ ପଡି ରହିଛି। ରବିବାର ଅପରାହ୍ନରେ ଲୋକେ ଦେଖି ପୋଲିସ୍‌କୁ ଖବର ଦେଇଥିଲେ । ବୁଡିବାହାଲ ଗାଁର ଶ୍ୟାମ ଶନିବାର ସନ୍ଧ୍ୟାରୁ ବୈଜଲ ସାଗର ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ପୋଲ ନିକଟରେ ଯେଭଳି ଭାବରେ ମୃତଦେହ ପଡିଛି ତାହା ଦୁର୍ଘଟଣା ନୁହେଁ, ଏହା ହତ୍ୟାକାଣ୍ଡ ବୋଲି ଶ୍ୟାମଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ପାଟଣାଗଡ ଏସଡିପିଓ ସୁରେଶ ନାଏକ, ଖପ୍ରାଖୋଲ ଆଇଆଇସି ଜ୍ୟୋତିରଞ୍ଜନ ପତି, ଏସଆଇ ପଞ୍ଚାନନ ନେଗୀ, ଏଏସଆଇ ସେବନ କେର୍କେଟା ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଖପ୍ରାଖୋଲ ଥାନା ଆଇଆଇସି ପତିଙ୍କୁ ପଚାରିବାରୁ ସୋମବାର ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ପହଞ୍ଚିଲା ପରେ ମୃତଦେହ ଉଦ୍ଧାର କରାଯିବ ବୋଲି କହିଛନ୍ତି।





ପୃଥ୍ୱୀରାଜ ହାଇସ୍କୁଲ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ବିଦ୍ୟାର୍ଥୀଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ରହିବା ଜରୁରୀ

### ପୃଥ୍ୱୀରାଜ ହାଇସ୍କୁଲର ବାର୍ଷିକୋତ୍ସବ

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ପୃଥ୍ୱୀରାଜ ହାଇସ୍କୁଲର ଅତୀତ ଗୌରବ ଓ ବର୍ତ୍ତମାନ ସ୍ଥିତି ଉପରେ ସୂଚନା ଦେଇଥିଲେ । ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିବା ଏହି ଶିକ୍ଷାନୁଷ୍ଠାନର ଅତୀତ ଗୌରବ ଫେରାଇ ଆଣିବା ସହ ଏହାକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ସ୍କୁଲର ଶତବାର୍ଷିକ ଉତ୍ସବ ଅବସରରେ ଖେଳପଡିଆକୁ ଏକ ସୁଦୃଶ୍ୟ ଆଉଟଡୋର ଷ୍ଟାଡିୟମରେ ରୂପାନ୍ତରିତ କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ରହିଛି ବୋଲି ବିଧାୟକ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଶିକ୍ଷାବିତ୍ ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ । ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ବ୍ୟଙ୍ଗ କବିତା ମାଧ୍ୟମରେ ଛାତ୍ରମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରଭାବେ ଦିବ୍ୟଦର୍ଶନ ପୋଢ, ଗତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍କୁଲ ଛାତ୍ର ରଘୁମଣି ସ୍ୱାଇଁ, ଶ୍ରେଷ୍ଠ ଅଭିନେତା ଭାବେ ହରେକୃଷ୍ଣ ମିଶ୍ର ଏବଂ ଡ୍ୟାନ୍ସର ଭାବେ ଛାୟାକାନ୍ତ ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭାକୁ ଶିକ୍ଷକ ବିକାଶ ରଞ୍ଜନ ସାହୁ ସଂଯୋଜନା କରିଥିଲେ ଏବଂ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିକ୍ଷକ ସଞ୍ଜୟ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝରବାହାଲି ଫୁଟବଲ: ଘୁସୁରାମୁଣ୍ଡା, ବଡ଼ମାଲ ବିଜୟୀ

**ଟିକ୍ରାପଡା, ୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଦ୍ୱିତୀୟ ଦିବସ । ଅନୁଷ୍ଠିତ ଗ୍ରୃପ ଏ ମ୍ୟାଚରେ ମେରାବାହାଲ ଦଳକୁ ୧–୦ ଗୋଲରେ ହରାଇ ଘିସୁରାମୁଣ୍ଡ ବିଜୟୀ ହୋଇଥିଲା। ଗ୍ରୃପ ବି ମ୍ୟାଚରେ ସିଆଲଝୁଣ୍ଡୁଙ୍ଗି ଦଳକୁ ୨–୦ ଗୋଲରେ ହରାଇ ବଡମାଲ ବିଜୟୀ ହୋଇଥିଲା । ଜିତେନ୍ଦ୍ର ଜାଲ, ଯୁବରାଜ ବଗର୍ତ୍ତୀ ଖେଳ ପରିଚାଳନା କରିଥିଲେ । ସୋମବାର ଗ୍ରୃପ ଏ ମ୍ୟାଚ ଖଲିଆଖମାର ବନାମ ଫଟକରା ଓ ଗ୍ରୃପ ବି ମ୍ୟାଚ ଟିକ୍ରାପଡା ବନାମ ଦର୍ଲିମୁଣ୍ଡା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

## ଧଣ୍ଡାମୁଣ୍ଡାକୁ ହରାଇଲା ଦାବକାନୀ

### ଖପ୍ରାଖୋଲ କପ୍ ଫୁଟବଲ ଟୁର୍ନାମେଣ୍ଟ

**ଖପ୍ରାଖୋଲ, ୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ପଞ୍ଚମ ଖପ୍ରାଖୋଲ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ସହ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ପଞ୍ଚା ପଧାନ, ପ୍ରସାଦ ଭୁଏ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ୍ ଧଣ୍ଡାମୁଣ୍ଡା ଓ ଦାବକାନୀ ଦଳ ମଧ୍ୟରେ ହୋଇଥିଲା । ୧–୦ ଗୋଲରେ ଧଣ୍ଡାମୁଣ୍ଡାକୁ ହରାଇ ଦାବକାନୀ ଦଳ ବିଜୟୀ ହୋଇଥିଲା। ରେଫରୀ ଚୈତନ୍ୟ ସାହୁ ଏବଂ ଲାଇନରେ ମଗଶିର ମଲ୍ଲିକ ଓ ରାଜୀବ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ ।



ଖେଳାଳିମାନଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ୫ରେ ପଶ୍ଚିମ ଓଡ଼ିଶା ବନ୍ଦ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ

**ବଲାଙ୍ଗୀର ଅଫିସ,୨।୨**

ପଶ୍ଚିମ ଓଡିଶା ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆସନ୍ତା ୫ ତାରିଖ ଦିନ ଦିଆଯାଇଥିବା ପଶ୍ଚିମ ଓଡିଶା ବନ୍ଦ ପାଳନକୁ ସଫଳ କରିବା ପାଇଁ ସ୍ଥାନୀୟ ସିଭିଲ କୋର୍ଟ ବାର ହଲଠାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ଆକ୍ସନ କମିଟି ଏବଂ ଓକିଲ ସଂଘର ବହୁ ସଦସ୍ୟ, ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗ ଦେଇଥିଲେ। ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ। ୪ ତାରିଖ ସନ୍ଧ୍ୟାରେ ଏକ ବାଇକ ରାଲି କରାଯିବ । ଜିଲା ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ନାଗରିକ କମିଟି ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଆକ୍ସନ କମିଟି ଉପସଭାପତି ମୁନା ପଟ୍ଟନାୟକ, ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ରତନ ମହାରଣା, ଅରବିନ୍ଦାକ୍ଷ ପୂଜାରୀ, ରାଧାକାନ୍ତ ମହାକୁଡ, ଦେବାଶିଷ ବିଶ୍ୱାଳ, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ଦିନେଶ ନାଗ, ଯୁଥ ଆକ୍ସନ କମିଟିର ସଭାପତି ରିଲୁ ରଥ, ଜିଲ୍ଲା କଂଗ୍ରେସ କମିଟି ସଭାପତି ବୁଲୁ ଦାନୀ, ମଧୁ ବୈଶ୍ୟ ସମାଜର ମନୋରଞ୍ଜନ ସାହୁ, ଟ୍ୟାକ୍ସ ବାର ଆସୋସିଏଶନର ବିଶ୍ୱଜିତ ନାୟକ, ବରିଷ୍ଠ ନାଗରିକ ପରିଷଦର ସଭାପତି ପ୍ରଭାକର ମିଶ୍ର ମତ ଉପସ୍ଥାପନ କରିଥିଲେ। ଏହି ବନ୍ଦକୁ ଜିଲା ବଣିକ ସଂଘ ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହା ସହିତ ବନ୍ଦ ପାଳନକୁ ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ, କଂଗ୍ରେସ, ବିଜେଡି, ଭାଜପା ନେତୃବୃନ୍ଦ ମଧ ସମର୍ଥନ ଘୋଷଣା କରିଥିବା ଜଣାପଡିଛି । ଟାଉନ୍ କଂଗ୍ରେସ ସଭାପତି ବୁଲୁ ଦାନୀ ପ୍ରେସବିଜ୍ଞପ୍ତି ଜାରି କରି ବନ୍ଦ ପାଳନକୁ ସମର୍ଥନ ଘୋଷଣା କରିଛନ୍ତି। ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିକୁ ନେଇ ଆନ୍ଦୋଳନରତ ଆଇନଜୀବୀଙ୍କ ବିରୋଧରେ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ରାଜ୍ୟ ବାର କାଉନସିଲ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ପରେ ଏହାର ପ୍ରତିବାଦରେ ୫ ତାରିଖ ଆଇନଜୀବୀମାନେ ପଶ୍ଚିମ ଓଡିଶା ବନ୍ଦ ଡାକରା ଦେଇଛନ୍ତି ।



ସିଭିଲ କୋର୍ଟ ବାର ହଲରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ



### ପଦ୍ମଲୋଚନ ଭୁଏ ଭବାନୀପାଟଣା କଲେଜର ନୂତନ ଅଧ୍ୟକ୍ଷ

**ଭବାନୀପାଟଣା,୨।୨(ଡି.ଏନ.ଏ.):** ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ କଲେଜ ସଂସ୍କୃତ ବିଭାଗ ମୁଖ୍ୟ ପଦ୍ମଲୋଚନ ଭୁଏ କଲେଜର କାମଚଳା ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବତନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଲେଇ ଅବସର ନେବା ପରେ ତାଙ୍କ ସ୍ଥାନରେ ଭୁଏଙ୍କୁ ନିଯୁକ୍ତି ଦିଆଯାଇଛି। ଦୀର୍ଘଦିନ ଧରି ମହାବିଦ୍ୟାଳୟରେ କାମଚଳା ଅଧକ୍ଷ ନିଯୁକ୍ତି ଚାଲିଛି। ବର୍ତ୍ତମାନ ଭବାନୀପାଟଣା ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।



### କାର ଧକ୍କାରେ ବାପା ମୃତ, ଝିଅ ଆହତ

**ଭବାନୀପାଟଣା,୨।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ କୋକୋମୁଣ୍ଡା ନିକଟରେ ଏକ ସଡକ ଦୁର୍ଘଟଣାରେ ମାର୍କଣ୍ଡ ବାଗ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଝିଅ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ମ. ରାମପୁର ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ମାର୍କଣ୍ଡ ତାଙ୍କ ଝିଅ ଶ୍ରୀୟା ବାଗଙ୍କ ସହିତ ଏକ ମୋଟରସାଇକେଲ (ନଂ. ଓଆର୦୩-ଜେ-୦୭୪୭)ରେ ତାଙ୍କ ଶ୍ୱଶୁର ଘର ଭବାନୀପାଟଣା ଯାଉଥିଲେ। ଏହି ସମୟରେ କୋକୋମୁଣ୍ଡା ନିକଟରେ ଏକ କାର (ନଂ. ଓଡି୦୩ଏମ୍-୨୮୩୧) ସାମ୍ନାପଟୁ ଧକ୍କା ଦେଇଥିଲା। ବାପ ଝିଅ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଉକ୍ରେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କହଁର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିଲେ। ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ୨ ଜଣଙ୍କୁ ପଠାଯାଇଥିବା ବେଳେ ସେଠାରେ ମାର୍କଣ୍ଡଙ୍କ ମୃତ୍ୟୁ ଘଟିଥିଲା। ଆହତ ଶ୍ରୀୟା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦୁର୍ଘଣା ଘଟାଇଥିବା ଗାଡିଟି ନବରଙ୍ଗପୁର ସନ୍ତୋଷ ବେହେରାଙ୍କ ବୋଲି ଜଣାପଡିଛି। ସେ ବର୍ତ୍ତମାନ ସଇଁତଳାରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟରତ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମିଲର୍ସ ଆସୁନାହାନ୍ତି, ଉଠୁନି ଧାନ

**କୁନାଗଡ଼, ୨।୨ (ଡି.ଏନ.ଏ.)**

**ବାଲିଛଡ଼ା ମଣ୍ଡି**
- ମଣ୍ଡିରେ ପଡ଼ିରହିଛି ୩୭ ଚାଷୀଙ୍କ ୩ ହଜାର କୁଇଣ୍ଟାଲ ଧାନ
- ୧୨ ଦିନ ହେଲା ଶୀତରେ ଜଗି ରହିଛନ୍ତି ଚାଷୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ମଣ୍ଡି ଅବ୍ୟବସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ମିଲର୍ସ ଆସୁ ନ ଥିବାରୁ ଗତ ୧୨ଦିନ ହେଲା ଏହି ମଣ୍ଡିରେ ଚାଷୀଙ୍କ ଧାନ ଉଠାଣ କରାଯାଇନାହିଁ। ଫଳରେ ଚାଷୀମାନେ ଏବେ ଧାନ ବିକ୍ରି ଆଶାରେ ଶୀତ କାକରରେ ମଣ୍ଡିରେ ପଡିରହିଛନ୍ତି। ଧାନ ଉଠାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୧ ଓ ୨୨ ତାରିଖରେ ଏହି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସ୍ଥାନୀୟ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ସେଥିମଧ୍ୟରୁ କିଛି ଚାଷୀଙ୍କ ସେତେ ବେଳେ ମିଲର୍ସ ଧାନ ଉଠାଣ କରିଥିଲେ। ଅବଶିଷ୍ଟ ୩୭ ଜଣ ଚାଷୀଙ୍କ ୩ହଜାର କୁଇଣ୍ଟାଲ ଧାନ ଉଠାଣ ନ କରି ଚାଲିଯାଇଥିଲେ।



ବାଲିଛଡ଼ା ମଣ୍ଡିରେ ଧାନ ବିକ୍ରି ନ କରି ପଡ଼ିରହିଛନ୍ତି ଚାଷୀ ।

ସେତେବେଳେଠୁ ଉକ୍ତ ଚାଷୀଙ୍କ ଧାନ ଉଠାଣ କରାଯାଇନାହିଁ। ଏଥିରେ ଜାଲିମଧର ନାଏକଙ୍କ ୯୭ କୁଇଣ୍ଟାଲ, ମିନିକେତନ ନାଏକ ୭୬, ରଙ୍ଗାଧର ନାଏକ ୧୪୭, ଲୋଚନ ନାଏକ ୯୯, ଗୋପାଳ କୃଷ୍ଣ ନାଏକ ୫୮, ସୁମୁଖି ନାଏକ ୫୪, ନିରଞ୍ଜନ ନାଏକ ୧୦୮, ସୁଶିଲ ରାଉତ ୬୪, ଯଦୁମଣି ମାଝି ୬୨, ସୁକାନ୍ତ ରାଉତ ପ୍ରମୁଖଙ୍କ ୫୭ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡିରହିଛି। ବାଲଛଡା ମଣ୍ଡିରେ ଧାନ ଉଠାଣ କରିବା ପାଇଁ ୯ଟି ମିଲର୍ସକୁ ଟାର୍ଗେଟ ଦିଆଯାଇଥିଲା। ସେଥିମଧ୍ୟରୁ ୭ଟି ମିଲର୍ସଙ୍କ ଟାର୍ଗେଟ ଶେଷ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୨ଟି ମିଲର୍ସଙ୍କ ପ୍ରାୟ ୧୮ଶହ କୁଇଣ୍ଟାଲ ଟାର୍ଗେଟ ରହିଛି। ଫଳରେ ଉକ୍ତ ମିଲର୍ସମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିକୁ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ମଣ୍ଡିରେ ବାଲିଛଡା ସମେତ ଗାଙ୍ଗପୁର, କଳିଆକୁଣ୍ଡଲ, ପିଳିକିଆ, ମୁଣ୍ଡିଗୁଡା, କେଲିଆ, ମହିଭର ଆଦି ଗ୍ରାମର ଶତାଧିକ ଚାଷୀ ନିର୍ଭର କରିଥାନ୍ତି। ମଣ୍ଡିରୁ ଧାନ କିଣିବା ପାଇଁ କଳିଆକୁଣ୍ଡଲସ୍ଥିତ ମା' ଲଙ୍ଗେଶ୍ୱରୀ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଧାନ ଉଠାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ଅନୁଧାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ନେହେରୁ ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କରାଯାଉଛି।

## ନେହେରୁ ଯୁବକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କୋକସରା, ୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ନେହେରୁ ଯୁବକ ସଂଘ ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସଭାପତି ତିଲସୀରାମ ପୂଝାରୀଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ନେତା ତ୍ରିନାଥ ବାଗ, ବଙ୍ଗୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ପୂଝାରୀ ସଫେଇ କାର୍ଯ୍ୟରେ ସାମିଲ ହୋଇ ଲୋକମାନଙ୍କୁ ସଚେତନତା କରିଥିଲେ। ଏହି ପରିପେକ୍ଷୀରେ ଯୁବକ ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ପରିସର, ଗ୍ରାମର ସମସ୍ତ ନଳକୂପ ଏବଂ ରାସ୍ତା ଘାଟ ସଫେଇ କରିବା ସହିତ ଲୋକଙ୍କୁ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ସଂଘ ସମ୍ପାଦକ ଭୂପେନ୍ଦ୍ର ପୂଝାରୀ, ବିନୋଦ ବିହାରୀ ନାଏକ, ଅମର ଦଳପତି, ଗୁଣନିଧି ବୋଡକିଆ, ଦିଗାମ୍ବର ଦଳପତି, ପ୍ରମୋଦ ମାଝି, ଦିନେଶ ପୂଝାରୀ, ୱାର୍ଡସଭ୍ୟ ନିରନ ଦଳପତି, ପୁରୋହୀତ ପୂଝାରୀ, ନବୀନ ପୂଝାରୀ, କ୍ଷୀରୋଦ ବଚ୍ଛା ସମେତ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।





ସିଆର୍‌ସିସି, ପ୍ରଧାନଶିକ୍ଷକମାନଙ୍କ ସ୍ୱତନ୍ତ୍ର ବୈଠକରେ ମଞ୍ଚାସୀନ ଅତିଥି ।

## ବ୍ଲକସ୍ତରୀୟ ଶିକ୍ଷକ, ସିଆର୍‌ସିସି ସଚେତନତା ବୈଠକ

**ଲାଞ୍ଜିଗଡ଼,୨।୨ (ଡି.ଏନ.ଏ.)**

**ବିଫଳତା ହିଁ ସଫଳତାର ବାଟ ତିଆରି କରେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟରର ଗୋପାଳପୁର ୟୁପି ସ୍କୁଲରେ ଗରିମା ପୁରସ୍କାର ସମ୍ପର୍କିତ ବ୍ଲକସ୍ତରୀୟ ସିଆର୍‌ସିସି ଓ ପ୍ରଧାନଶିକ୍ଷକମାନଙ୍କ ସ୍ୱତନ୍ତ୍ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସମସ୍ତ କ୍ଲଷ୍ଟର ସଂଯୋଜକଙ୍କ ସମେତ ୨୫ଟି ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ । ବ୍ଲକ ଶିକ୍ଷାଧିକାରୀ ନାଏକ ବୈଠକରେ ସଭାପତିତ୍ୱ କରିବା ସହ ସ୍କୁଲଗୁଡିକରେ ନିୟୋଜିତ ଶିକ୍ଷକ, ଶିକ୍ଷୟିତ୍ରୀମାନେ କେବଳ ନିଜକୁ ଦରମାପ୍ରାପ୍ତ ସରକାରୀ କର୍ମଚାରୀ ନ ଭାବି ନିଜ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢି ତୋଳିବା ପାଇଁ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମୁଖ୍ୟବକ୍ତା ଭାବେ ଭବାନୀପାଟଣା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷକତା ଏକ ବୃତ୍ତି ହୋଇପାରେ, ତେବେ ଏହାକୁ ବ୍ରତ ଭାବେ ଗ୍ରହଣ କରିବା ଓ ପ୍ରତିଟି ବିଫଳତାରୁ ଅନେକ କିଛି ଶିଖିବାକୁ ମିଳିଥାଏ ବୋଲି କହିବା ସହିତ ପ୍ରତିଟି ବିଫଳତା ହିଁ ସଫଳତାର ଉତ୍ତୁଙ୍ଗ ଶିଖର ପାଇଁ ବାଟ ତିଆରି କରିଥାଏ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଏବିଇଓ କାଶୀନାଥ ରାଉତରାୟ, ଥୁଆମୂଳ ରାମପୁର ଏବିଇଓ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଗରିମା ବ୍ରୋଞ୍ଜ ଓ ରୌପ୍ୟ ପୁରସ୍କାରରେ ପୁରସ୍କୃତ ଦନାରଗୁଡା ସ୍କୁଲ ପ୍ରଧାନଶିକ୍ଷକ ଦିବାକର ମଲ୍ଲିକ, ବଡବକଟୀ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ମିଶ୍ର, ଗୋପାଳପୁର ୟୁପି ସ୍କୁଲର ସହଶିକ୍ଷକ ମାନସରଞ୍ଜନ ଦୀପ ପ୍ରମୁଖ ନିଜର ପ୍ରସ୍ତୁତି ଓ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବୈଠକର ଆବାହକ ତଥା ଗୋବର୍ଦ୍ଧନପୁର ସିଆର୍‌ସିସି ତପନ କୁମାର ଭୋଇ ସଭା ପରିଚାଳନା କରିଥିବାବେଳେ ଗୋପାଳପୁର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅରବିନ୍ଦ ଶବର, ବରିଷ୍ଠ ଶିକ୍ଷକ ଦୁଃଶାସନ ଦାସ, ଚିନ୍ତାମଣି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ସାହାଣୀଙ୍କ ସମେତ ଗୋପାଳପୁର ୟୁପି ସ୍କୁଲ ପରିଚାଳନା କମିଟି ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଘର ବାରଣ୍ଡାରୁ ମହିଳାଙ୍କ ମୃତଦେହ ଉଦ୍ଧାର , ହତ୍ୟା ଅଭିଯୋଗ ଆଣିଲେ ପରିବାର

**କୋକସରା,୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମର ଜଣେ ମହିଳାଙ୍କ ମୃତଦେହ ଘର ବାରଣ୍ଡା ସମ୍ମୁଖରୁ ଉଦ୍ଧାର କରାଯାଇଛି। ମହିଳାଙ୍କ ବାପା ହତ୍ୟା ଅଭିଯୋଗ କରି କୋକସରା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ରବିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଶବରଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଯାଇଛି। ପରେ ମୃତଦେହ ପରିବବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ମହିଳାଙ୍କ ଶଶୁର ଓ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ମହୁଲମୁଣ୍ଡା ଗ୍ରାମର ଧନୁ ଚିଲାଗୁଣଙ୍କ ଝିଅ ଯଶୋଦା(୨୨) ଗତ ବର୍ଷେ ତଳେ ସହି ଗ୍ରାମର ଦେବ କିଶୋରଙ୍କୁ ପ୍ରେମ ବିବାହ କରି ସ୍ୱାମୀ, ଶଶୁରଙ୍କ ସହ ରହି ଆସୁଥିଲେ। ଶନିବାର ତାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର କୋଠରି ମଧ୍ୟରେ ରହିଥିବା ଦେଖି ମହିଳାଙ୍କ ସ୍ୱାମୀ ଉଦ୍ଧାର କରି ଘର ବାରଣ୍ଡାରେ ପକାଇ ରଖିଥିଲେ। ଝିଅର ବାପା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଦଫା ୪୯୮ (ଏ), ୩୦୨, ୩୦୪ (ବି), ୩୪ ଆଇପିସିରେ ଏକ ହତ୍ୟାଜନିତ ମାମଲା (ନଂ.୨୧/୨୦୨୦) ରୁଜୁ ହୋଇଛି। ଏ ନେଇ କୋକସରା ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆଙ୍କୁ ପଚାରିବାରୁ ହତ୍ୟା ଅଭିଯୋଗ ହୋଇଥିବା ଯୋଗୁ ବାପା ଓ ପୁଅଙ୍କ ଅଟକ ରଖାଯାଇ ତଦନ୍ତ ଜାରି ରହିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଭବାନୀପାଟଣା,୨।୨ (ଡି.ଏନ.ଏ.)**

ସ୍ଥାନୀୟ ଗୁଡିଆଲିପଦ ଗ୍ରାମପଞ୍ଚାୟତ ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତିଙ୍କୁ ଅବସରକାଳୀନ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀ ତଥା ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷା କମିଟି ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ମହାନ୍ତିଙ୍କୁ ବିଦାୟ ଦିଆଯାଇଥିଲା। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଠାକୁର ଚରଣ ସାହୁ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ସିଆରସିସି ଜଗନ୍ନାଥ ଦାଶ ଜୟନ୍ତ ପତି, ତୁଳସୀରାମ ସାହୁ, ପୂର୍ବତନ ସିଆରସିସି ରାଧେଶ୍ୱାମ ଦାସ, ବିଭିନ୍ନ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଜଳ ଦେବ ମୁଣ୍ଡ, ଚିତ୍ରକାର ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ଼ି, ପ୍ରଦୀପ ସାହୁ, ଗଣନାଥପୁର, ଡଙ୍ଗରଗଡ, ଗୁଡିଆଲିପଦର ଆଦି ବିଦ୍ୟାଳୟର ଶିକ୍ଷକ ତଥା ଜିଲା ଏଲିମେଣ୍ଟାରୀ ବିଇଡି ଶିକ୍ଷକ ସଂଘ ସଭାପତି ଇନ୍ଦ୍ରଜିତ ମହାକୁଡ ,ଏସ୍‌ଏମ୍‌ସି ପ୍ରେସିଡେଣ୍ଟ ଶୂନ୍ୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ଓବିସିମାନଙ୍କ ୨୭ ଭାଗ ସଂରକ୍ଷଣ ଲାଗୁ ହେଉ

**ଭବାନୀପାଟଣା,୨।୨ (ଡି.ଏନ.ଏ.)**

- କାର୍ଯ୍ୟକାରୀ ନ ହେଲେ ରାଜ୍ୟ ବ୍ୟାପୀ ଆନ୍ଦୋଳନ
- କଳାହାଣ୍ଡି ଜିଲା ପଛୁଆବର୍ଗ ସଙ୍ଗଠନର ଚେତାବନୀ

ସମାଜର ୫୨ ପ୍ରତିଶତ ପଛୁଆ ବର୍ଗମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ସହିତ ପଛୁଆବର୍ଗ କମିଶନ ଅତିଶୀଘ୍ର ରାଜ୍ୟରେ ଗଠନ କରିବା ଓ ଆଗାମୀ ଜନଗଣନା ସମୟରେ ଓବିସିମାନଙ୍କ ଜାତି ଜନଗଣନା ଦାବି କରିଛି କଳାହାଣ୍ଡି ଜିଲା ପଛୁଆବର୍ଗ ସଙ୍ଗଠନ । ଗତ ୩୧ ତାରିଖ ସନ୍ଧ୍ୟାରେ ଧର୍ମଗଡଠାରେ କଳାହାଣ୍ଡି ଜିଲା ପଛୁଆବର୍ଗ ସଙ୍ଗଠନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ସାମାଜିକ ନ୍ୟାୟରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଇ ଆସୁଥିବା ରାଜ୍ୟର ପଛୁଆ ବର୍ଗମାନଙ୍କୁ ଏହି ପର୍ଯ୍ୟନ୍ତ ସାମ୍ବିଧାନିକ ଅଧିକାର ମିଳି ନ ଥିବା ନେଇ ଏହି ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିଲା। ଦୀର୍ଘ ୩୦ ବର୍ଷ ହେବ ମଣ୍ଡଳ କମିଶନ କାର୍ଯ୍ୟକାରୀ ହେବା ସହ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗମାନଙ୍କୁ ୨୭ ଭାଗ ସଂରକ୍ଷଣ ଦେବା ନେଇ ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ୫୦ ଭାଗରୁ ଅଧିକ ସଂରକ୍ଷଣ ନେଇ ହାଇକୋର୍ଟଙ୍କ କଟକଣା ରହିଥିବା ଆଳରେ ଏହି ପର୍ଯ୍ୟନ୍ତ ରାଜ୍ୟରେ ଏହି ଆଇନ୍ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଓବିସିବର୍ଗ ନିଜ ସାମ୍ବିଧାନିକ ଅଧିକାର ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି। କେରଳ, ମହାରାଷ୍ଟ୍ର, କର୍ନାଟକ, ବିହାର ଓ ତାମିଲନାଡୁ ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ କାର୍ଯ୍ୟକାରୀ କରାଯାଉଥିବା ବେଳେ ସେହି ଆଧାରରେ ଓଡିଶାରେ ମଧ୍ୟ କାର୍ଯ୍ୟକାରୀ ହେବା ନେଇ ସମ୍ମିଳନୀରେ ଦାବି ହୋଇଥିଲା। ଖବରଦାତା ସମ୍ମିଳନୀରେ ପଛୁଆବର୍ଗ ନେତା ଡମ୍ବରୁ ଧର ଲହଜଲ, ପୂର୍ବତନ ମନ୍ତ୍ରୀ ତଥା ମେହେର ଭୁଲିଆ ସମାଜ ରାଜ୍ୟର ଉପଦେଷ୍ଟା ହିମାଂଶୁ ଶେଖର ମେହେର, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ପଣ୍ଡରା ମାଳିସମାଜ ଜିଲା ସଭାପତି ଲୋକେଶ୍ୱର ନାଏକ, ଉତ୍କଳ ଯାଦବ ମହାସଭା ସଧାରଣ ସମ୍ପାଦକ କିର୍ତ୍ତନାଏକ, ଦକ୍ଷିଣା ଶୈଣ୍ଡିକ ସମାଜ ଜିଲା ଉପସଭାପତି ତଥା ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ପୂର୍ବତନ କେସିଙ୍ଗା ବ୍ଲକ ଅଧକ୍ଷ ତଥା କୁରାଳ ସମାଜ ଜିଲା ଉପଦେଷ୍ଟା ପୁରନ୍ଦର ରଣା, ତେଲି ସମାଜ ଜିଲା ଉପସଭାପତି ଟିକଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଓବିସିମାନଙ୍କ ପ୍ରତି ରାଜ୍ୟ ସରକାର ତୁରନ୍ତ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣ ଆଇନକୁ କଡାକଡି ଲାଗୁ କରିବା ଏବଂ କେନ୍ଦ୍ର ସରକାର ଓବସିମାନଙ୍କ ଜାତି ଜନଗଣନା କରିବା ସହ ବଜେଟରେ ପଛୁଆ ବର୍ଗଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଦାବିମାନ କରିଥିଲେ ନଚେତ୍ ସାମ୍ବିଧାନିକ ଅଧିକାର ଓ ସାମାଜିକ ନ୍ୟାୟ ହାସଲ କରିବା ପାଇଁ ରାଜ୍ୟ ବ୍ୟାପି ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ।



ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ପଛୁଆବର୍ଗ ସଙ୍ଗଠନ ସଦସ୍ୟମାନେ ।

## ଜଳ ନିଷ୍କାସନକୁ ନେଇ ୩ ବିଭାଗ ମଧ୍ୟରେ ଦୋଷାରୋପ

**ପର୍ଲା,୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟସ୍ଥିତ ବେହେରା ଗ୍ରାମରେ ଜଳ ନିଷ୍କାସନକୁ ନେଇ ଧୀରେ ଧୀରେ ଜନ ଅସନ୍ତୋଷ ବଢୁଥିବା ବେଳେ ୩ ବିଭାଗ ମଧ୍ୟରେ ଦୋଷରୋପ ହେଉଛି। ସୂଚନାମତେ ଗତ କିଛିବର୍ଷ ତଳେ ଗ୍ରାମୀଣ ଜଳ ପରିମଳ ବିଭାଗ ପକ୍ଷରୁ ବେହେରା ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଏକ ଟ୍ୟାଙ୍କ ନିର୍ମାଣ କରାଯାଇଛି । ଏଥିରେ ଗାଁର ବିଭିନ୍ନ ପ୍ରାନ୍ତକୁ ପାଣି ଯୋଗାଇ ଦିଆଯାଇଛି । ଏହି ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ସଦାସର୍ବଦା ପ୍ରଭାବିତ ହୋଇ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ଆବର୍ଜନା ପାଣି ବୋହି ରାସ୍ତାର ଦୁଇ କଡରେ ଆଣ୍ଠୁଏ ପାଣି ଜମି ରହିବା ସହ ରୋଗ ଆମନ୍ତ୍ରଣ କରୁଛି ବୋଲି ଲୋକଙ୍କ ଭିତରେ ଆଲୋଚନା ହେଉଛି। ଗ୍ରୀମୀଣ ଜଳ ପରିମଳ ବିଭାଗ ପାଣି ଯୋଗାଇବା ପୂର୍ବରୁ ତାର ନିଷ୍କାସନ ପ୍ରତି ଧ୍ୟାନ ଦେଇ ନ ଥିବା ବେଳେ ପଞ୍ଚାୟତ ବିଭାଗ ଉପରେ ଦୋଷରୋପ କରୁଛି। ଅନ୍ୟପଟେ ବେହେରା ପଞ୍ଚାୟତ ମାଧ୍ୟମରେ ରାସ୍ତା ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବା ଉଦ୍ୟମ କରିଥିଲେ ହେଁ ତାକୁ ଆରଡି ବିଭାଗ ପକ୍ଷରୁ ବନ୍ଦ କରିଥିବା ସରପଞ୍ଚ ସୁଚିତ୍ର ଗୋପାଳ ପ୍ରକାଶ କରିଛନ୍ତି ।

ଗ୍ରାମବାସୀଙ୍କ କହିବା ମତେ ଆରଡି ବିଭାଗ କର୍ତ୍ତୃପକ୍ଷ ଏ ନେଇ ଲିଖିତ ଅଭିଯୋଗ ଦେବା ସହ ସହଯୋଗ କଲେ ନିଶ୍ଚିତ ଭାବେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି କହିଥିବା ଲୋକ ପ୍ରକାଶ କହିଛନ୍ତି। ତିନି ବିଭାଗ ଦ୍ୱନ୍ଦତା ମଧ୍ୟରେ ସାଧାରଣ ଜନତା ସମସ୍ୟାରେ ଛନ୍ଦି ହେଉଥିବା ଜଣାପଡିଛି । ଏହାର ସ୍ଥାୟୀ ବ୍ୟବସ୍ଥା ନ ହେଲେ ସାଧାରଣ ଲୋକେ ଅନେକ ରୋଗର ଶୀକାରେ ପଡିବେ ଏକଥାକୁ ଅସ୍ୱିକାର କରିହେବ ନାହିଁ । ଏ ନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ବିଭାଗ ଭିତରେ ସମ୍ବନ୍ଧ ରକ୍ଷା କରି ଏହାର ସୁବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି ।



ମଇଳା ପାଣି ରାସ୍ତାରେ ବହୁଛି।

## ରାସ୍ତା କାମ ବନ୍ଦ ପାଇଁ ମାଓବାଦୀଙ୍କ ପୋଷ୍ଟର

**ଲାଞ୍ଜିଗଡ଼/ଭବାନୀପାଟଣା, ୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡରେ ଦିନକୁ ଦିନ ମାଓବାଦୀଙ୍କ ଗତିବିଧି ବୃଦ୍ଧି ପାଉଥିବା ବେଳେ ଲାଞ୍ଜିଗଡ ବ୍ଲକରେ ହେଉଥିବା ଅନେକଗୁଡିଏ ବିକାଶ ମୂଳକ କାର୍ଯ୍ୟକୁ ମାଓବାଦୀ ବିରୋଧ କରୁଛନ୍ତି। ବ୍ଲକରେ ୩୦ରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ହେଉଥିବା ବେଳେ ନିୟମଗିରି ଅଞ୍ଚଳରେ ହେଉଥିବା ରାସ୍ତା କାମକୁ ବିରୋଧ କରିଛି ମାଓବାଦୀ । ସଚନା ଅନୁସାରେ ଗତ କିଛିଦିନ ତଳେ ମାଓବାଦୀମାନେ ଆମ୍ବଗୁଡା ରାସ୍ତାଠାରୁ ତ୍ରିଲୋଚନପୁରକୁ ଯାଉଥିବା ରାସ୍ତା ଓ ତ୍ରିଲୋଚନପୁରଠାରୁ ଫୁଲଡୁମେରକୁ ଯାଉଥିବା ରାସ୍ତା କାମକୁ ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ରାସ୍ତା କାମ ବନ୍ଦ ନ ହେବାରୁ ଶନିବାର ପୁଣି ଥରେ ମାଓବାଦୀମାନେ ଆମ୍ବଗୁଡା ଗାଁ ଓ ତ୍ରିଲୋଚନପୁରଠାରେ ପୋଷ୍ଟର ମାରି ଚେତାବନୀ ଦେଇଛନ୍ତି । ପୋଷ୍ଟର ମାଧ୍ୟମରେ ରାସ୍ତା କାମକୁ ୫ ଫୁଟ କରିବା ପାଇଁ କୁହାଯାଇଥିଲା ହେଲେ ରାସ୍ତାକୁ ୮ ଫୁଟ କରାଯାଉଛି। ଏହାକୁ ଅବମାନନା କଲେ ଠିକାଦାର ଏବଂ ସମ୍ପୃକ୍ତ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଚେତାବନୀ ଦିଆଯାଇଛି । ଦିନକୁ ଦିନ ଏହି ପୋଷ୍ଟର ସବୁ ମାରିବା ଫଳରେ ଅଞ୍ଚଳବାସୀଙ୍କ ମନରେ କୋକୁଆଭୟ ସୃଷ୍ଟି ହେଉଛି । ପ୍ରଶାସନ ମଧ୍ୟ ଜାଣିଶୁଣି ଚୁପ ରହୁଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି । ଯେଉଁ ରାସ୍ତା ବର୍ତ୍ତମାନ ହୋଇଛି ସେ ରାସ୍ତାରେ ପିଚୁ ପକାଇବା ମନା କରିଛନ୍ତି ମାଓବାଦୀ। ଏଥିରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ କାମ ନ କରିବା ପାଇଁ ମନା କରାଯାଇଛି। ଏପଟେ ନିୟମଗିରି ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ଅଧିବାସୀ ଦାବି କରୁଥିବା ବେଳେ ରାସ୍ତା ନିର୍ମାଣକୁ ବିରୋଧ କରୁଛି ଲାଲବାହିନି। ଏହି ପୋଷ୍ଟରରେ ସିପିଆଇ ମାଓବାଦୀ ରାୟଗଡା ବୋଲି ଉଲ୍ଲେଖ ରହିଛି। ପୋଲିସ ପ୍ରଶାସନ ଜଦି ସୁରକ୍ଷା ଦେବ ଏହି ଅଧପନ୍ତରିଆ ରାସ୍ତା ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କାଳିପଦ ମହାକୁଡଙ୍କୁ ପଚାରିବାରୁ ସେହି ରାସ୍ତା କାମ କରୁଥିବା ଠିକାଦାର ପୋଲିସର ସୁରକ୍ଷା ମାଗିଛନ୍ତି । ପୋଲିସ ପ୍ରଶାସନ ସହଯୋଗ କଲେ ନିଶ୍ଚିତ ଭାବରେ କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଥିବା ବେଳେ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ପଚାରିବାରୁ ଏ ବାବଦରେ ମୋ ପାଖରେ କୌଣସି ସୁଚନା ନାହିଁ । ଏ ସଂକ୍ରାନ୍ତରେ ମୁଖ୍ୟ କାର୍ଯ୍ୟାଳକୁ ସମ୍ପର୍କ କଲେ ଜଣାପଡିବ ବୋଲି ପ୍ରକାଶ କରିଥିଲେ ।





ରାସ୍ତା ବନ୍ଦ ପାଇଁ ମାଓବାଦୀମାନେ ଗାଡ଼ି ଓ ଗଛରେ ମାରିଥିବା ପୋଷ୍ଟର ।

## ସଂକ୍ଷେପରେ

### ସିଭିଲ ସର୍ଭିସ କର୍ମଶାଳା

**ଭବାନୀପାଟଣା,୨।୨(ଡି.ଏନ.ଏ.):** ଭବାନୀପାଟଣା ସହରସ୍ଥିତ ପ୍ରଗତି ଯୁକ୍ତ ୩ କଲେଜରେ ସିଭିଲ ସର୍ଭିସ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଗତି ଅନୁଷ୍ଠାନ ପ୍ରତିଷ୍ଠାତା ଇଂ ଅଜୟ ପଣ୍ଡା, ଅଧକ୍ଷ ଜଗନ୍ନାଥ ତ୍ରିପାଠୀ ଓ ନାଜିରାମ କୋଚିଂ ଇନ୍‌ଷ୍ଟିଚ୍ୟୁଟର ପୂର୍ବ ପ୍ରଶିକ୍ଷକ ତଥା କେଜିଏସ୍ ନୂଆଦିଲ୍ଲୀର ପ୍ରଶିକ୍ଷକ ବାଲମୁକୁନ୍ଦ ପଣ୍ଡା ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ହେଉଥିବା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରି କିପରି ସଫଳତା ଅର୍ଜନ କରିପାରିବେ ସେ ସମ୍ପର୍କରେ ଜାତୀୟସ୍ତରୀୟ ଶିକ୍ଷାବିତ ବାଲମୁକୁନ୍ଦ ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଓଡିଶା ବିକାଶ ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ପରୀକ୍ଷାରେ ବହୁ ସଂଖ୍ୟାରେ ଓଡିଆ ପ୍ରତିଯୋଗୀ ସଫଳ ହେବା ନିତାନ୍ତ ଆବଶ୍ୟକ ବୋଲି ଦିଗ୍‌ଦର୍ଶନ ଦେଇଥିଲେ। ଆଗାମୀ ଦିନରେ ପ୍ରଗତି ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ କୋଚିଂ ନେଇ କୃତ କାର୍ଯ୍ୟ ହୋଇ ପାରିବେ ବୋଲି ଶିକ୍ଷାନୁଷ୍ଠାନ ମୁଖ୍ୟ ଅଜୟ ପଣ୍ଡା ଆଶାବ୍ୟକ୍ତ କରିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭବାନୀପାଟଣା,୨।୨ (ଡି.ଏନ.ଏ.):** ଭବାନୀପାଟଣା ସହର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ବ୍ରଜମୋହନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ବିଜ୍ଞାନ ପରିଦର୍ଶକ ହିମାଂଶୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନମନ୍ତ୍ରୀ ରାଶବିହାରୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ର ଶେଖର ପଣ୍ଡା, ପୁରାତନ ଛାତ୍ରସଂଘ ଉପସଭାପତି ସୁଧୀର କୁମାର ମହାନ୍ତି, ଡା. ରବିନାରାୟଣ ସେନାପତି, ସମ୍ପାଦକ ଡ. ଉମେଶଚନ୍ଦ୍ର ଶତପଥି, ଉପଦେଷ୍ଟା ନନ୍ଦକିଶୋର ବିଶି, ଶରତଚନ୍ଦ୍ର ପୁରୋହିତ, ଭବାନୀପାଟଣା ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତ୍ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଜୟ କୁମାର ସିଂ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଚାକିରୀ କାଳର ଗୁଣାବଳୀ ପ୍ରକାଶ କରିବା ସହ ତାଙ୍କର କର୍ମନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ପ୍ରଶଂସା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ବିଏମ୍ ହାଇସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିସଂକ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଜଙ୍ଗଲ ଅଧିକାର ପାଇଁ ଆନ୍ଦୋଳନ ତେଜୁଛି

**ନୂଆପଡ଼ା ଅଫିସ,୨।୨**

- ଆଦିବାସୀଙ୍କ ସହ ଉପଜିଲାପାଳ ଆଲୋଚନା କଲେ
- ମଙ୍ଗଳବାରଠାରୁ ପରିବାର ସହ ବସିବେ

ସରକାର ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାର ଆଜିକୁ ୧୫ ବର୍ଷ ବିତିଗଲାଣି ଅଥଚ ବନବାସୀ ଆଦିବାସୀଙ୍କୁ ସେମାନଙ୍କ ଅଧିକାର ପତ୍ର ଦେବାରେ ବିଫଳ ହୋଇଛନ୍ତି । ଏଥିରେ ବ୍ୟବସ୍ଥିତ ଆଇନର ସଫଳ ରୂପାୟନ ସକାଶେ ପ୍ରଶାସନିକ କଳ ବିଫଳ ହେଉଥିବା ନେଇ ଅସନ୍ତୋଷ ଆଦିବାସୀ ବନବାସୀ ଆନ୍ଦୋଳନରେ ବସିଛନ୍ତି। ଗତ ୮ ଦିନ ଗଡିଯାଇଥିଲେ ମଧ୍ୟ ଦାବି ପୂରଣ ହୋଇ ନ ଥିବାରୁ ଆନ୍ଦୋଳନକୁ ବ୍ୟାପକ କରିବାକୁ ଜମି ଜଙ୍ଗଲ ମୁକ୍ତି ଅଭିଯାନ ଅଭିଯାନ ଅଣ୍ଟା ଭିଡିଛନ୍ତି । ରବିବାର ଉପଜିଲାପାଳ ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିବାବେଳେ ଦାବି ପୂରଣ ନ ହେବା ଯାଏଁ ଏହା ଜାରି ରହିବ ବୋଲି ବୋଲି ସୂଚାଇ ଦେଇଛନ୍ତି ।

ରବିବାର ମଧ୍ୟାହ୍ନ ଗୋଟାଏରେ ଉପଜିଲାପାଳ ତରଣୀସେନ ନାଏକ ଆନ୍ଦୋଳନକାରୀମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଏଥିରେ ଅଭିଯାନର ଆବାହକ ଖୁଟୁରାମ ସୁନାନୀ, ମେଘନାଦ ଖର୍ସେଲ, ଚୈତନ ମାଝି, ହନୁରାମ ମାଝି, ଟିକେରାମ ମାଝି, ଲକ୍ଷ୍ମଣ ମାଝି ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଉପଜିଲାପାଳ ଏହା ଉପରେ ପ୍ରଶାସନ ଗୁରୁତ୍ୱର ସହ ବିଚାର କରୁଛି। ଖୁବଶୀଘ୍ର ଦାବି ପୂରଣ କରାଯିବ । ଆନ୍ଦୋଳନରୁ ଓହରିଯିବାକୁ କହିଥିଲେ। ଅନ୍ୟପକ୍ଷେ ଆଦିବାସୀମାନେ ଗତ ଦିନରେ ବହୁବାର ଆନ୍ଦୋଳନ କରାଯାଇଛି । ପ୍ରଶାସନ ମିଥ୍ୟା ପ୍ରତିଶ୍ରୁତି ଦେଇ ଆମକୁ ସମୟ ଗଡାଉଛି । ଏଥର ଦାବି ପୂରଣ ନ ହେବାଯାଏଁ ଏହାକୁ ଜାରି ରଖିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଆନ୍ଦୋଳନକାରୀମାନେ ଗତ ସୋମବାର ଜିଲାପାଳ ଅଫିସ ଘେରାଉ କରିଥିବାବେଳେ ସେହି ଦିନଠାରୁ ୫୦ରୁ ଉର୍ଦ୍ଧ୍ୱ ଲୋକ ଲଗାତାର ଧାରଣାରେ ବସିଛନ୍ତି । ଏହାକୁ ଜିଲା ଓକିଲ ସଂଘ କର୍ମକର୍ତ୍ତା ସମର୍ଥନ କରି ଆନ୍ଦୋଳନରେ ସାମିଲ ରହିଛନ୍ତି । ଉଲ୍ଲେଖଯୋଗ୍ୟ ଧାରଣାର ଦୁଇ ଦିନ ପରେ ଜିଲାପାଳ ମଧୁସ୍ମିତା ସାହୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆନ୍ଦୋଳନକାରୀମାନଙ୍କୁ ଡାକି ଦାବିଗୁଡିକ ଉପରେ ଆଲୋଚନା କରିଥିଲେ। ତିନି ଦିନ ମଧ୍ୟରେ କିଛିଟା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଦିଆଯିବ। ବାକିଗୁଡିକ ଉପରେ ମାର୍ଚ୍ଚ ଶେଷ ସୁଦ୍ଧା ପୂରଣ କରାଯିବ ବୋଲି ଜିଲାପାଳ କହିଥିଲେ। ହେଲେ ଆଜକୁ ୫ ଦିନ ବିତିଯାଇଥିଲେ ମଧ୍ୟ ଗୋଟିଏ ହେଲେ ଦାବି ପୂରଣ କରାଯାଇ ନ ଥିବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିଛି । ଆସନ୍ତା ମଙ୍ଗଳବାରଠାରୁ ଏଠାରେ ଆଦିବାସୀମାନେ ସପରିବାର ସହ ଆନ୍ଦୋଳନରେ ବସିବେ ବୋଲି ଆବାହକ ଖୁଟୁରାମ ସୁନାନୀ, ମେଘନାଦ ଖର୍ସେଲ ସୂଚନା ଦେଇଛନ୍ତି । ପ୍ରଶାସନ ଏହାକୁ କିପରି ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ପ୍ରଶାସନ ମଧ୍ୟ ତନାଘନା ଉଦ୍ୟମ ରଖିଛି। ହେଲେ ପୁରୁଣା ଘାକୁ ଠିକ କରିବାକୁ ପ୍ରଶାସନ ଏତେ ଶୀଘ୍ର ସଫଳ ହେବା କାଠିକର ପାଠ ବୋଲି ଆଲୋଚନା ହେଉଛି।



ଆନ୍ଦୋଳନକୁ ସମର୍ଥନ କରି ଜିଲା ଓକିଲ ସଂଘ କର୍ମକର୍ତ୍ତାମାନେ ବସିଛନ୍ତି ।

# ପ୍ରଶାସନିକ ଟିମ୍ ପୀଡ଼ିତାଙ୍କୁ ଉଦ୍ଧାର କଲା

**ଦଶମ ଶ୍ରେଣୀ ଅନ୍ତଃସତ୍ତ୍ୱା ହେବା ଘଟଣା**

- ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ

**ନୂଆପଡା ଅଫିସ/ସିନାପାଲି, ୨।୨ (ଡି.ଏନ.ଏ.)**

ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଛାତ୍ରୀନିବାସରେ ରହୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା ଜିଲାରେ ବେଶ ଚର୍ଚ୍ଚାରେ ରହିଛି। ଏହି ଖବର ଧରିତ୍ରୀରେ ତଥ୍ୟଭିତିକ ପ୍ରକାଶ ପାଇବା ପରେ ଜିଲାପାଳ ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି । ତାଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ଟିମ ସମ୍ପୃକ୍ତା ଛାତ୍ରୀଙ୍କ ଘରକୁ ଯାଇ ଉଦ୍ଧାର କରିଥିବାବେଳେ ସ୍ୱାସ୍ଥ୍ୟ ପରୀକ୍ଷା କରି ଉକ୍ତ ପରିବାର ଏବଂ ଗ୍ରାମବାସୀଙ୍କୁ ପୁଣିଥରେ ଦାୟୀତ୍ୱ ଦେଇଛନ୍ତି । ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି।

ରବିବାର ପୂର୍ବାହ୍ନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥଙ୍କ ନେତୃତ୍ୱରେ ଏକ ଟିମ ଛାତ୍ରୀଙ୍କ ଗାଁକୁ ଯାଇଥିଲେ। ସେଠାରେ ମା'ଆବାପାଙ୍କ ଉପସ୍ଥିତିରେ ସମସ୍ତ ବୟାନ ସଂଗ୍ରହ କରିଥିଲେ। ସବିଶେଷ ତଥ୍ୟ ନେବା ପରେ ତାଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ପରିବାର ପକ୍ଷରୁ ଝିଅଙ୍କ ବାପା ଥାନାରେ ଜଣେ ଯୁବକଙ୍କ ନାଁରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତିକରି ସିନାପାଲି ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଧରିଆଣିଥିଲେ। ତାଙ୍କ ନାଁରେ ମାମଲା ରୁଜୁ କରି ପଚରାଉଚୁରା କରୁଛି ପୋଲିସ । ପରେ ଝିଅଙ୍କୁ ତାଙ୍କ ମାବାପା ଘରକୁ ନେଇ ଯିବାକୁ କହିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଝିଅଙ୍କୁ ଛାଡି ଦିଆଯାଇଛି । ପ୍ରଶାସନିକ ଟିମରେ ଶିଶୁ କଲ୍ୟାଣ ସମିତିର କୁମୁଦ ହୋତା, ରବୀନ୍ଦ୍ର କୁମାର ମହାଲିକ, ଶ୍ରୀନିବାସ ବେହେରା, ଅର୍ଚ୍ଚନା ପାଢୀ, ପ୍ରିୟଙ୍କା ସିଂ ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ସମ୍ପୃକ୍ତା ଛାତ୍ରୀ ଜଣକ ୭ ମାସ ଗର୍ଭବତୀ ହୋଇ ହଷ୍ଟେଲରେ ରହୁଥିବା ସତ୍ତ୍ୱେ କିଭଳି କେହି ଜାଣି ପାରି ନ ଥିଲେ। ସେଥିପାଇଁ କିଏ ଦାୟୀ । ସେହି ଦିଗପ୍ରତି ବେଳହୁଁ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ମଧ୍ୟ ଦାନା ବାନ୍ଧୁଛି।

# ରାଧାକୃଷ୍ଣ ମନ୍ଦିର ନିର୍ମାଣ ଲାଗି ବୈଠକ

**କୋମନା,୨।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିରର ସମ୍ପୂର୍ଣ୍ଣ କରିବା ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ଖଡିଆଳ ଜୁନିୟର କଲେଜ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ପୂର୍ବତନ କୋମନା ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ ଓ ସଦନ ତିୱାରୀ ଓ ଈଶ୍ୱର ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ହୋତା, ଶରତ ପାଣିଗ୍ରାହୀ, ପ୍ରମୋଦ ପାଢୀ, ବିବେକ ଚନ୍ଦ୍ର ପାଢୀ, ଅବସରପ୍ରାପ୍ତ କୃଷି ଓଭରସ୍ୟାର ପ୍ରଦୀପ କୁମାର ପାଢୀ, ଉମାଶଙ୍କର ମଲ୍ଲିକ, ଧୁରନ୍ଧର ନାଏକ, ବ୍ରଜମୋହନ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ । ଶେଷ ପର୍ଯ୍ୟାୟରେ ଥିବା ନିର୍ମାଣଧୀନ ରାଧାକୃଷ୍ଣ ମନ୍ଦିରକୁ କିପରି ଭାବେ ତୁରନ୍ତ ଶେଷ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ବଳରାମ ସରାଫ, ମନୋଜ ମଲ୍ଲିକ ସମେତ ବହୁ ପଡାବାସୀ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ସୁବର୍ଣ୍ଣ ଜୟନ୍ତୀ ଉତ୍ସବ : ପରିଚାଳନା କମିଟି ଗଠନ

**ନୂଆପଡା ଅଫିସ,୨।୨**

ନୂଆପଡା ଜିଲା କୋମନା ବ୍ଲକ ବୁଢିକୋମନା ପଞ୍ଚାୟତ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିବେକାନନ୍ଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହିକ୍ରମରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ପ୍ରସନ୍ନ କୁମାର ପାଢୀ ସଭାପତି, ଭୋଦେବ ସିଂ ଚିନ୍ଦା ଉପସଭାପତି, କାର୍ତ୍ତିକ ଦୀପ ସମ୍ପାଦକ, ଜୟଶ୍ୱର ଶବରଙ୍କୁ ସହ ସମ୍ପାଦକ ଦାୟୀତ୍ୱ ଦିଆଯାଇଛି । ପରାମର୍ଶଦାତା କମିଟିରେ ପ୍ରିୟବନ୍ଧୁ ପାଢୀ, ଓମକାର ସିଂ ଖମାରୀ, ଡମ୍ବରୁ ପଣ୍ଡା, ଗଗନ ବିହାରୀ ପଣ୍ଡା, ସୁମନ୍ତ ପଣ୍ଡା, ପିୟୁସ ଦାସ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହିଭଳି ପରଚାଳନା ସକାଶେ ଅର୍ଥ କମିଟି, ପ୍ରଚାର ପ୍ରସାର କମିଟି, ସ୍ମରଣୀକା କମିଟି, ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଆଦି ଗଠନ କରି ପୁରାତନ ଛାତ୍ରମାନଙ୍କୁ ଦାୟୀତ୍ୱ ଦିଆଯାଇଛି। ହିନ୍ଦୀ ଶିକ୍ଷକ ଶଶିପାତ୍ର ତାଣ୍ଡି ଧନ୍ୟବାଦ ଦେଇଥିଲେ। ଆସନ୍ତା ନଭେମ୍ବର ଶେଷ ସପ୍ତାହରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରିକୃତ ହୋଇଛି।

# ବିକାଶର ରାସ୍ତା ଦେଖାଉଛି ଖଡ଼ିଆଳ ମହୋତ୍ସବ

**ଖଡିଆଳ,୨।୨(ଡି.ଏନ.ଏ.)**

**ଖଡିଆଳ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

ନୂଆପଡା ଜିଲା ବିଭିନ୍ନ ସମସ୍ୟାରେ ଭରି ରହିଛି । ଏଠିକାର କଳା, ସାହିତ୍ୟ, ସଂସ୍କୃତିର ସର୍ବଜନବିଦିତ ହୋଇ ରହିଛି । ହେଲେ ଏଠାରେ ସମସ୍ୟା ଦିନକୁ ଦିନ ବଢି ଚାଲିଛି । ଖଡିଆଳ ମହୋତ୍ସବ କେବଳ ଯେ ସାଂସ୍କୃତିକ ଉତ୍ସବ ହୋଇ ରହିନାହିଁ । ବିକାଶର ରାସ୍ତା ଦେଖାଉଛି ବୋଲି ମତପ୍ରକାଶ ପାଇଛି। ରବିବାର ଚତୁର୍ଥ ଦିନ କାର୍ଯ୍ୟକ୍ରମରେ ଖଡିଆଳ ପବ୍ଲିକ ସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା କମିଟି ସଦସ୍ୟ ତଥା ପୂର୍ବତନ ଖଡିଆଳ ଏନଏସି ଅଧ୍ୟକ୍ଷ ୟାସିନ ମହମ୍ମଦ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଶିଷ୍ଟ ଅତିଥି, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ସମ୍ମାନିତ ଅତିଥି, ମନୋରଞ୍ଜନ ଯୋଷୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଦିଗରେ କୃତୀତ୍ୱ ଅର୍ଜନ କରିଥିବା ରାଜେଶ ପୋଢ, ଜିତାମିତ୍ର ସିଂ ଦେଓ, ଆଶୁତୋଷ ପଣ୍ଡା, ସଚିନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ର, ଯୁବକମାନଙ୍କୁ ନେଇ ଗେଡି ଦୌଡ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିବାବେଳେ ସନ୍ଧ୍ୟାରେ ଗଙ୍ଗାଧର ମହାନ୍ତିଙ୍କ ଦ୍ୱାରା ପରିଚାଳନାରେ ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆସାମର ବିହୁ ନୃତ୍ୟ, ଫର୍ସରା ସେବାଶ୍ରମର ଘୁଡୁକା, ମା' ମାଝିଗୌରୀ, ରାୟଗଡାର ଆଦିବାସୀ ନୃତ୍ୟ, ଖଡିଆଳ ଜୟମାତାଦୀ ଗ୍ରୁପର ପଞ୍ଚ ରସୀ, କରମସାନୀ ମଣ୍ଡଳର କରମା ନୃତ୍ୟ ଆଦି ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ଭରି ରହିଥିଲେ।



ଖଡିଆଳ ମହୋତ୍ସବ ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



କୁନି କଳାକାରଙ୍କୁ ପୁରସ୍କୃତ କରାଯାଉଛି।

# ଟୋକନ ଅଭାବ, ଚାଷୀ ଅସନ୍ତୁଷ୍ଟ

**କୋମନା, ୨।୨ (ଡି.ଏନ.ଏ.)**

**କୋମନା, ପେଣ୍ଡ୍ରାବନ ଧାନ ମଣ୍ଡି**

ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ସମୟରେ ନୂଆ ନୂଆ ଆଇନ ପ୍ରଣୟନ କରୁଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଓ ବେପରୁଆ ମନୋଭାବ ଯୋଗୁ ଯୋଜନାଗୁଡିକ ବାଟବଣା ହେବାରେ ଲାଗିଛି। ଚଳିତବର୍ଷ ସରକାର ଚାଷୀଙ୍କ ଧାନ କ୍ରୟ କରିବାରେ ସ୍ୱଚ୍ଛତା ଆଣିବା ପାଇଁ ଟୋକନ ବ୍ୟବସ୍ଥା ଲାଗୁ କରିଥିଲେ। ଏହି ବ୍ୟବସ୍ଥା ଫଳରେ କିଛି ମଣ୍ଡିରେ ଚାଷୀ ଠିକ ସମୟରେ ଧାନ ବିକ୍ରି କରିଥିବା ବେଳେ ମିଆଦ ଶେଷ ହେବାକୁ ଯାଉଥିଲେ ମଧ୍ୟ ଉଭୟ ମଣ୍ଡିରେ ଚାଷୀଙ୍କ ପାଖକୁ ଏଯାଏଁ ଟୋକନ ପହଞ୍ଚି ପାରିନାହିଁ। ଫଳରେ ଚାଷୀମାନେ କିଂ କର୍ତ୍ତବ୍ୟ ବିମୁଢ ହୋଇ ସ୍ଥାନୀୟ ବ୍ୟବସାୟୀଙ୍କ ନିକଟରେ କମ ଦରରେ ଧାନ ବିକ୍ରି କରିବାକୁ ସଜବାଜ ହେଉଛନ୍ତି। ନୂଆପଡ଼ା ଜିଲା କୋମନା ଓ ପେଣ୍ଡ୍ରାବନ ଧାନ ମଣ୍ଡିରେ ବିକ୍ରି କରିବାରୁ ବଞ୍ଚିତ କେତେକ ଚାଷୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଖରିଫ ଚାଷରେ କୋମନା ସମବାୟ ସମିତି ପରିଚାଳନା କରୁଥିବା କୋମନା ଧାନମଣ୍ଡିକୁ ମୋଟ ଭାବେ ୩୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ ଧାର୍ଯ୍ୟ କରିଥିଲା। କିନ୍ତୁ ଧାନ କ୍ରୟ କରିବା ମିଆଦ ଶେଷ ହେବାକୁ ୪ ଦିନ ବାକି ରହିଥିବା ବେଳେ ସମବାୟ ସମିତି ବର୍ତ୍ତମାନ ସୁଦ୍ଧା ୧୯ ହଜାର କୁଇଣ୍ଟାଲ କିଣା ହୋଇଥିବା ଜଣାପଡିଛି। ଏହି ମଣ୍ଡିରେ ଧାନ ବିକ୍ରି କରୁଥିବା ମହୁଲଭଟା, ପର୍ଥେଁର ଓ କୋମନାର ଶତାଧିକ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଘରେ ପଡି ରହିଥିବା ଯୋଗୁ ଚାଷୀମାନେ ନିରାଶ ହୋଇଛନ୍ତି । ସରକାରଙ୍କ ଟୋକନ ବ୍ୟବସ୍ଥାରେ ତ୍ରୁଟି ହେବା ପରେ ପୁଣି ଥରେ କୋମନା ବ୍ଲକର ପ୍ରାୟ ମଣ୍ଡିରେ ଧାନ କ୍ରୟ ଚାଲୁ ରହିଥିବା ବେଳେ ୧୫ ଦିନ ହେଲା ଟୋକନ ଅଭାବ ଯୋଗୁ କୋମନା ଓ ପେଣ୍ଡ୍ରାବନ ଧାନମଣ୍ଡି ବନ୍ଦ ରହିଥିବା ଚାଷୀ ଅଭିଯୋଗ କରିଛନ୍ତି। ବାରମ୍ବାର ଚାଷୀମାନେ ଜିଲା ପ୍ରଶାସନକୁ ଦୁଇ ସମବାୟ ସମିତିକୁ ଟୋକନ ପ୍ରଦାନ କରିବାକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସମିତିକୁ ଟୋକନ ଦେବା ବ୍ୟବସ୍ଥା କରି ଧାନ କ୍ରୟ କରିବାକୁ ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଚାଷୀମାନେ ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରିବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଅଣ୍ଟୁରାମ ନାଏକଙ୍କୁ ପଚାରିବାରୁ ଟୋକନ ଆସିଲେ ଖୁବଶୀଘ୍ର ଚାଷୀଙ୍କ ଧାନ କିଣା ହେବ ବୋଲି କହିଥିଲେ।



ମଣ୍ଡିରେ ଧାନ ପଡ଼ି ରହିଛି।

# ଟିମନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି,୨।୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଟିମନପୁର ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ସ୍ଥାନୀୟ ଭାରପ୍ରାପ୍ତ ଅଧକ୍ଷ ବିଜୟ ରନ ଖମାରୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ବିକାଶ କୁମାର ଦାଶ ସଭାପତି କରିଥିବା ବେଳେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଲୋହିତାକ୍ଷ ଯୋଷୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସିନାପାଲି ଶିକ୍ଷାଧିକାରୀ ଜଗଦୀଶ ପ୍ରସାଦ ଖମାରୀ, ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି, ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ଟପ୍‌ନୋ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଦେବପୂଜନ ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଶିକ୍ଷକ ବିକାଶ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ପ୍ରିନ୍‌ସିପାଲ ବିଜୟ ରଞ୍ଜନ ଖମାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଗୁଲସନ କୁମାର ସାହୁ ପରିଚାଳନା କରିଥିଲେ। କନ୍‌ଭେନର୍ ସଞ୍ଜୀବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିମନପୁର ଆଦର୍ଶ ବିଦ୍ୟାଳୟ ଅଭିଭାବକ ଓ ଅଭିଭାବିକା ବହୁସଂଖ୍ୟା ଯୋଗଦାନ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସଂକ୍ଷେପରେ

### ରାଜବୋଡାସମ୍ବର ଧନୁଯାତ୍ରା: ପୁତନାଙ୍କୁ ଗୋପପୁର ପ୍ରେରଣ

ପଦ୍ମପୁର, ୨।୨ (ଡି.ଏନ.ଏ)- ରାଜବୋଡାସମ୍ବର ଧନୁଯାତ୍ରା ମହୋତ୍ସବରେ ଶନିବାର ପୂର୍ବାହ୍ନ ୧୧ଟାରେ ରାଜା ଉଗ୍ରସେନଙ୍କ ଦ୍ୱାରା ଦେବକୀ, ବସୁଦେବଙ୍କ ବିବାହ ଗଣ୍ଡପାଲିରେ ସଂପନ୍ନ ହୋଇଥିଲା । ପରେ ସନ୍ଧ୍ୟାରେ ଅନୁଷ୍ଠିତ ରାଜଦରବାରରେ ଦେବକୀ, ବସୁଦେବଙ୍କ ଅଷ୍ଟମ ଗର୍ଭ ହାତରେ କଂସଙ୍କ ମୃତ୍ୟୁ ନେଇ ଶୂନ୍ୟବାଣୀ ହୋଇଥିଲା। ଏଥିରେ କଂସ ଭୟଭିତ ହୋଇ ଦେବକୀ, ବସୁଦେବଙ୍କୁ ବନ୍ଦିଶାଳାରେ ରଖିଥିଲେ। ପର କଂସ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ସିଂହାସନ ଆରୋହଣ କରିଥିଲେ। ଦେବକୀଙ୍କ ଗର୍ଭରୁ କୃଷ୍ଣଙ୍କ ଜନ୍ମ। କୃଷ୍ଣଙ୍କୁ ଗୋପପୁର ପ୍ରେରଣ, କୃଷ୍ଣଙ୍କୁ ହତ୍ୟା ନେଇ ପୁତନାଙ୍କୁ ଗୋପପୁରକୁ ପ୍ରେରଣ ଆଦି ନାଟ୍ୟାଭିନୟ ଅଭିନିତ ହୋଇଥିଲା। ପରେ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ପରିବେଷଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂ, ସିଦ୍ଧାର୍ଥ ସିଂ ବରିହା, ବିଜୟରଞ୍ଜନ ସିଂବରିହା, ଶଶିଭୂଷଣ ସାହୁ, ଡାଲିମ୍ବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଏପରି କି ଦର୍ଶକ ମିନାବଜାର ସହ ଅପେରାର ମଜା ଉଠାଇଥିଲେ।

### ଟେମିରିମାଲ ଯୁବତୀଙ୍କୁ ହତ୍ୟାକାଣ୍ଡ ଘଟଣା:୨ ଗିରଫ

ପାଇକମାଲ,୨।୨(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଲ ବ୍ଲକ ଟେମିରିମାଲରେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପାଇକମାଲ ଥାନା ପୋଲିସ ଗିରଫ କରି ଶନିବାର ପଦ୍ମପୁର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ଣ୍ଣ ଅମରି(୩୨) ଓ ଡମ୍ବରୁ ଅମରୀ (୩୭)। ମିଳିଥିବା ସୂଚନା ମୁତାବକ, ଉକ୍ତ ଘଟଣାରେ ମୁଖ୍ୟଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ ପୋଲିସ ଜାନୁୟାରୀ ୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ କର୍ଣ୍ଣ ଓ ଡମ୍ବରୁଙ୍କୁ ଧରିବାରେ ସଫଳ ହୋଇଥିଲା। ସମ୍ପୃକ୍ତ ୩ ଅଭିଯୁକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ପାଇକମାଲ ଆଇଆଇସି ବିଶ୍ୱଜିତ ମନବୋଧ ପ୍ରକାଶ କରିଛନ୍ତି।

### ଭେଉଁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ

ପଦ୍ମପୁର,୨।୨(ଡି.ଏନ.ଏ.): ରାଜବୋଡାସମ୍ବର ପଦ୍ମପୁର ଅଧୀନ ଭେଉଁରିଆ ନେହେରୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ବିଜୟରଞ୍ଜନ ସିଂବରିହା ପ୍ଲାଟିନମ୍ ଜୟନ୍ତୀର ଶୁଭାରମ୍ଭ କରିଥିଲେ। ମହୋତ୍ସବର ଉପଦେଷ୍ଟା ଭକ୍ତପୁରନ ସାହୁ, ସଭାପତି ଅରୁପାନନ୍ଦ ସାହୁ, ସମ୍ପାଦକ ଅଶୋକ ମେହେର, ପ୍ରଧାନଶିକ୍ଷକ ତରଣୀସେନ ବରିହା, ସରପଞ୍ଚ ରଜନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# 'ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ'

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ଗାନ୍ଧୀଭବନଠାରେ ବୌଦ୍ଧିକ ଅନୁଷ୍ଠାନ ରଚନା ପକ୍ଷରୁ ଶିକ୍ଷା ଅଧିକାର: ଲକ୍ଷ୍ୟ, ବାସ୍ତବତା ଓ ସମ୍ଭାବନା ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଛି । ରଚନା ସଭାପତି ସନାତନ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥି ବକ୍ତାଭାବେ ସରକାରୀ ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପକ ହେମନ୍ତ କୁମାର ମଲ୍ଲିକ, ଗଣମାଧମ ପ୍ରତିନିଧି ମନରଞ୍ଜନ ଯୋଷୀ ଯୋଗଦାନ କରିଥିଲେ । ଆଲୋଚକଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ଯୋଷୀ, ବୀଣାପାଣି ଶିକ୍ଷାସୌଧର ପରିଚାଳନା ନିର୍ଦ୍ଦେଶକ ଅଶୋକ ମେହେର, ସାମାଜିକ କର୍ମୀ ଅରୁଣ ମିଶ୍ର ଯୋଗଦାନ କରିଥିଲେ । ସ୍ୱାଧୀନତା ପରେ ଶିକ୍ଷାକ୍ଷେତ୍ରକୁ ଗୁରୁତ୍ୱ ଦେବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବାକୁ ଚିନ୍ତା କରାଯାଇଥିଲେ ମଧ୍ୟ ୨୦୦୨ ମସିହାରେ ୮୬ତମ ସମ୍ବିଧାନ ସଂଶୋଧନରେ ଯାଇ ଏହା ମୌଳିକ ଅଧିକାର ପରିସରଭୁକ୍ତ ହୋଇ ପାରିଥିଲା । ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଗୃହୀତ ହେବା ପରେ ୨୦୧୦ ମସିହା ଏପ୍ରିଲ ମାସରୁ ଏହା କାର୍ଯ୍ୟକାରୀ ହୋଇଛି। ଇତିମଧ୍ୟରେ ଗୋଟିଏ ଦଶନ୍ଧି ଅତିବାହିତ ହୋଇଯାଇଥିଲେ ମଧ ଶିକ୍ଷାକ୍ଷେତ୍ରରେ ଗଭୀର ଅସମାନତା ଦେଖାଯାଉଛି । ପ୍ରାଥମିକ ଶ୍ରେଣୀରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଛାତ୍ରୀଛାତ୍ରମାନେ ସମାନ ଶିକ୍ଷା ସୁଯୋଗ ପାଉନାହାନ୍ତି । ସମାନ ଶିକ୍ଷା ସୁଯୋଗ ପାଉ ନ ଥିବାରୁ ଦେଶର ବିଭିନ୍ନ କ୍ଷେତ୍ରରେ ଅରାଜକତା ଓ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ସରକାରୀ ସ୍କୁଲ ଓ ଘରୋଇ ସ୍କୁଲରେ ଶିକ୍ଷାର ମାନ ଓ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ । ଅଧିକ ଦରମା ପାଇବା ସତ୍ତ୍ୱେ ସରକାରୀ ସ୍କୁଲକୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ପସନ୍ଦ କରୁ ନ ଥିବା କଥା ଉଲ୍ଲେଖ କରାଯାଇ ଏହା ଏକ ବିରାଟ ସମସ୍ୟା ରୂପେ ଉଭା ହୋଇଛି ବୋଲି କହିଥିଲେ । ଶିକ୍ଷାକ୍ଷେତ୍ରରେ ଗୁରୁତର ତ୍ରୁଟିପୂର୍ଣ୍ଣ ନୀତି ଓ ଅବ୍ୟବସ୍ଥା ଯୋଗୁଁ ଆଜି ଆମର ଜାତୀୟ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଆଲୋଚକମାନେ କହିଥିଲେ । ଆଲୋଚନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ମହାନ୍ତି ଓ ସୁନୀଲ କୁମାର ମହାନ୍ତି ମତାମତ ଦେଇଥିଲେ । ଶେଷରେ ଓମ୍‌ପ୍ରଣବ ନାୟକ ଧନ୍ୟବାଦ ଦେଇଥିଲେ ।



ରଚନା ମାସିକ ଆଲୋଚନାଚକ୍ରରେ ଆଲୋଚକମାନେ ମତବ୍ୟକ୍ତ କରୁଛନ୍ତି ।

**ମାସିକ ରଚନା ଆଲୋଚନାଚକ୍ର**

### ଶ୍ରୀରାମ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନର ପ୍ରସ୍ତୁତି

**ଡୁଙ୍ଗୁରିପାଲି, ୨।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର ଦ୍ୱିତୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଧ୍ରୁବଚରଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନକୁ କିପରି ଅଧିକ ସଫଳ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୦ତାରିଖ କଲେଜରେ ଏହି ଅଭିଯାନର ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ ଅଧ୍ୟାପକ ଲୋକନାଥ ମାଝି, ଶରତ ଚନ୍ଦ୍ର ପଧାନ, ସୁରେନ୍ଦ୍ର କୁମାର ମିଶ୍ର, ନରେଶ କୁମାର ପୂଜାରୀ, ଆନନ୍ଦ ପଧାନ, ମାରକଣ୍ଡ ପୁଟେଲ, ଇଶ୍ୱର ବାଗ, ପୁରାତନ ଛାତ୍ର ସଂଘ ସଭାପତି ପ୍ରମୋଦ କୁମାର ପାଢୀ, ଉପସଭାପତି ନନ୍ଦିକିଶୋର ପୁଟେଲ, ସମ୍ପାଦକ ଗୌତମ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ମଧୁସୁଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଏନ୍‌ଆରସି ନୁହେଁ ଯୁବକଙ୍କ ପାଇଁ ଏନ୍‌ଆରୟୁ ଆବଶ୍ୟକ'

## ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ଦାବି

**ବଲାଙ୍ଗୀର ଅଫିସ, ୨।୨**

ବର୍ତ୍ତମାନ ଦେଶରେ ଯୁବକ ଯୁବତୀଙ୍କ ସଂଖ୍ୟା ୩୩ କୋଟିରୁ ଉର୍ଦ୍ଧ୍ୱ । ବେକାର ଯୁବକଙ୍କୁ ନିଯୁକ୍ତି, ରୋଜଗାର ଦେବା ଛାଡି ଏନ୍‌ଡିଏ ନେତୃତ୍ୱାଧିନ ମୋଦି ସରକାର ଏନ୍‌ଆରସିରେ ମାତିଛନ୍ତି। ଏହା ଦେଶର କୋଟି କୋଟି ଯୁବକଙ୍କ ଭବିଷ୍ୟତ ଗଢ଼ିବ ନାହିଁ । ଏବେ ଏନ୍‌ଆରସି ବଦଳରେ ଜାତୀୟ ବେକାରୀ ପଞ୍ଜୀକରଣ (ଏନ୍‌ଆରୟୁ) ଆବଶ୍ୟକ ବୋଲି ଯୁବକଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର ଏଭଳି ଦାବି କରିଛନ୍ତି । ବର୍ତ୍ତମାନ ସରକାର ଦେଶର ଛାତ୍ର ଯୁବକମାନଙ୍କର ମୁଖ୍ୟ ପ୍ରସଙ୍ଗ ଶିକ୍ଷା ଓ ନିଯୁକ୍ତିରୁ ସେମାନଙ୍କ ଧ୍ୟାନ ହଟାଇବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଜାତି, ଧର୍ମ ନାଁରେ ଦଙ୍ଗା ସୃଷ୍ଟି କରୁଛନ୍ତି । ପୋଲିସର ଉପସ୍ଥିତିରେ ଗଣତାନ୍ତ୍ରିକ ଉପାୟରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଦମନ କରି ଛାତ୍ରନେତାମାନଙ୍କୁ ବର୍ବରୋଚିତ ଆକ୍ରମଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଦେଶର ଜନତା ସମ୍ମୁଖୀନ ହେଉଥିବା ବେରୋଜଗାରୀ, ମହିଳାଙ୍କ ସୁରକ୍ଷା, ଗୁଣାତ୍ମକ ଶିକ୍ଷା ପ୍ରଦାନ, କୃଷି ଓ କୃଷକର ସମସ୍ୟା ତଥା ଆର୍ଥିକ ମାନ୍ଦାବସ୍ଥା ଭଳି ସମ୍ବେଦନଶୀଳ ସମସ୍ୟା ଗୁଡିକରୁ ଦେଶବାସୀଙ୍କ ନଜର ହଟାଇବାକୁ ସରକାର ବୃଥା ଚେଷ୍ଟା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ କଂଗ୍ରେସ ତରଫରୁ ମଧ ଏନ୍‌ଆରୟୁର ରେଜିଷ୍ଟ୍ରେସନ କରିବା ପାଇଁ ଏକ ଟୋଲଫ୍ରି ନଂ ୮୧୫୧୯୯୪୪୧୧ ଜାରି କରାଯାଇଥିବା ସୂଚନା ଦେଇଥିଲେ। ଏହି ନମ୍ବରରେ ଡାଏଲ କଲେ ବେକାର ଯୁବକମାନେ ନିଜକୁ ପଞ୍ଜୀକୃତ କରିପାରିବେ । ଯାହାକୁ ନେଇ ଆମେ ଦେଶବାସୀଙ୍କ ଆଗରେ ଯୁବକମାନଙ୍କର ସ୍ଥିତିକୁ ନେଇ ଏକ ପ୍ରକୃତ ତାଲିକା ପ୍ରଦାନ ହେବ ବୋଲି ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଉପସଭାପତି ସନ୍ତକ ବହିଦାର, ଟାଉନ ସଭାପତି ବୁଲୁ ଦାନୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ଥିଲେ ।



ବଲାଙ୍ଗୀର ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି ।

### ରାଣାପ୍ରତାପ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବରଗଡ଼ ଅଫିସ୍,୨।୨**

ବରଗଡ଼ସ୍ଥିତ ରାଣାପ୍ରତାପ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଜର୍ଜ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ସ୍ୱାଇଁ ମୁଖ୍ୟଅତିଥି, ଆନନ୍ଦ ସାହୁ, ପ୍ରେମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଜ୍ୟୋସ୍ନା ସାହୁ, ଭାବନା ସାହୁ, ସୁନିତା ମିଶ୍ର, ପ୍ରଭାତି ସାହୁ, ତପସ୍ୱିନୀ ତ୍ରିପାଠୀ, ମନୋରମା ଷଡ଼ଙ୍ଗୀ, କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ସାଙ୍ଖ୍ୟା ପ୍ରଧାନ ଓ କାୟା ଜୟପୁରିଆ ସହଯୋଗ କରିଥିଲେ ।


ବିଧାୟକ ନରସିଂହ ମିଶ୍ର କୁଟୁମଡୋଲାରେ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

### କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ବ୍ଲକ ସ୍ଥିତ କୁଟୁମଡୋଲା ପଞ୍ଚାୟତର କୁଟୁମଡୋଲା ଗ୍ରାମରେ ବିଧାୟକ ନରସିଂହ ମିଶ୍ର ଶନିବାର ଏକ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ବହୁଦିନରୁ ଦାବି କରିଆସୁଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୁଟୁମଡୋଲା ସରପଞ୍ଚ ସରୋଜିନୀ ବୁଡେକ, ଜିଲା ପରିଷଦ ଅଧ୍ୟକ୍ଷ ଶ୍ରୀଧର ବାରିକ, ସମିତି ସଭ୍ୟା ଲଳିତା ଦୀପ ଏବଂ ପଞ୍ଚାୟତ ନିର୍ବାଚନ ଅଧିକାରୀ ଶଶୀଭୂଷଣ ମେହେର ଉପସ୍ଥିତ ଥିଲେ । କଲ୍ୟାଣ ମଣ୍ଡପ ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବାକୁ ସେଠାରେ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ।

# ସାମାଜିକ ସୁରକ୍ଷା, ସ୍ୱଚ୍ଛତା ଶିବିର

ବିଜେପୁର,୨।୨(ଡି.ଏନ.ଏ.): ବରଗଡ଼ଜିଲା ବିଜେପୁର ଏନ୍‌ଏସି ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନା ଓ ସ୍ୱଚ୍ଛତା ସଚେତନତା ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେର ଶିବିରରେ ଅଧକ୍ଷତା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅଗ୍ନିଶମ ଅଧିକାରୀ ଭ୍ରମରବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ପରିବେଶର ସୁରକ୍ଷା ସହ ଘରର ଚତୁପାର୍ଶ୍ୱ ପରିଷ୍କାର ରଖିବାକୁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ଓ ଯୋଗ୍ୟ ବିବେଚିତ ସ୍ୱଚ୍ଛ ଗୃହକର୍ତ୍ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସଂଗଠକ ଛନ୍ଦାମିତ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କହ୍ଲେଇପାଲିକୁ ହରାଇ ଦେଓଗାଁ ଚାମ୍ପିୟନ

## ପୂର୍ଣ୍ଣମାସୀ ଫୁଟବଲ ଟୁର୍ନାମେଣ୍ଟ

**ଉଲୁଣ୍ଡା, ୨।୨(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କହ୍ଲେଇପାଲିଠାରେ ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅୟୋଜିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆରେ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଦେଓଗାଁ ଦଳ କହ୍ଲେଇପାଲିକୁ ୪-୧ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ରାମଜୀ ଗହିର, ଲିଙ୍ଗରାଜ କ୍ଷେତୀ, ସକୁନ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ କୁତମେଣ୍ଡା ଦଳ ପୋଡଟିକିରାକୁ ୧-୦, ଦ୍ୱିତୀୟ ମ୍ୟାଚରେ କହ୍ଲେଇପାଲି ଦଳ ଉଦେପଦରକୁ ୪-୩ , ତୃତୀୟ ମ୍ୟାଚରେ ଦେଓଗାଁ ଦଳ ବିଶିପଡାକୁ ୧-୦, ଚତୁର୍ଥ ମ୍ୟାଚରେ ଲସ୍ତୁଲା ଦଳ ନିମ୍ନାକୁ ୫-୪ ଗୋଲରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲରେ ଦେଓଗାଁ ଦଳ କୁତାମୁଣ୍ଡାକୁ ୩-୨ ଏବଂ ଦ୍ୱିତୀୟ ସେମିରେ କହ୍ଲେଇପାଲି ଦଳ ଲସ୍ତୁଲାକୁ ୬-୫ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସଦାମ ଜଗଦଲା, ପ୍ରଶାନ୍ତ ସେଠୀ, ପ୍ରଶାନ୍ତ ଷାଣ୍ଢ, ସିଦ୍ଧାର୍ଥ ପାତ୍ର ଖେଲ ପରିଚାଳନା ଓ ରାଜିନ୍ଦ୍ର ଜଗଦଲା ଓ ସୁଦର୍ଶନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ଭଗବାନ ଦୀପଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ସବ୍ୟସାଚୀ ପଧାନଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ରାମଜୀ ଏବଂ ଲିଙ୍ଗରାଜ ଅତିଥି ଭାବେ ଯୋଗଦେଇ ବିଜେତା ଦେଓଗାଁ ଏବଂ ଉପବିଜେତା କହ୍ଲେଇପାଲି ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ଦେଓଗାଁ ଦଳର ନନ୍ଦୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଶୃଙ୍ଖଳିତ, ବିକଶିତ ସମାଜ ଗଢ଼ିବାକୁ ଆହ୍ୱାନ

## ଜିଲା ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ, ୨।୨**

ବଲାଙ୍ଗୀର ଖୁଜେନପାଲି ମହାଦେବ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ରାଷ୍ଟ୍ରୀୟ ତୈଳିକ ସଙ୍ଗଠନ ଉପସଭାପତି ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିଦ ପର୍ଶୁରାମ ସାହୁ ସମ୍ମାନିତ ଅତିଥି, ନଗର କମିଟି ସଭାପତି ରେବତୀକାନ୍ତ ସାହୁ, ସମ୍ପାଦକ ପରମାନନ୍ଦ ସାହୁ, ଜିଲା ସମ୍ପାଦକ ପ୍ରଦୀପ କୁମାର ସାହୁ ମଞ୍ଚାସୀନ ହୋଇଥିଲେ । ଜିଲା ସାଙ୍ଗଠନିକ ସମ୍ପାଦକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ । ଆଗାମୀ ଦିନରେ ତୈଳିକ ବୈଶ୍ୟ ସମାଜକୁ ଜିଲାରେ ଏକ ଶିକ୍ଷିତ ଶୃଙ୍ଖଳିତ ଓ ବିକଶିତ ସମାଜ ରୂପେ ଗଢି ତୋଳିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ଓ କୌତୁକ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ଅଭୟ ସାହୁ, ସତ୍ୟବାନ ସାହୁ, ସହସମ୍ପାଦକ ଶରତ ଚନ୍ଦ୍ର ସାହୁ, ନଗର କମିଟି ଉପସଭାପତି ଫକୀର ମୋହନ ସାହୁ, ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର ସାହୁ, ନଗର ଉପଦେଷ୍ଟା କମିଟି ଶିବ ପ୍ରସାଦ ସାହୁ, ତ୍ରିନାଥ ସାହୁ, ଚଉବନ ସାହୁ, ଧ୍ରୁବ ଚରଣ ସାହୁ, କୃଷ୍ଣ ବିହାରୀ ସାହୁ, ଅଙ୍ଗୀରା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲା ମହିଳା କମିଟି ଓ ନଗର ଯୁବ କମିଟି ଗଠିତ ହୋଇଥିଲା । ଶେଷରେ ଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ।

# ଟାୟାର ଜାଳି ଥାନା ସମ୍ମୁଖ ରାସ୍ତା ଅବରୋଧ

**ଖଡିଆଳ,୨।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ୩୫୩ ନମ୍ବର ଜାତୀୟ ରାଜପଥର ଦେଓବାହାଲ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ମା' ପୁଅଙ୍କ ମୃତ୍ୟୁ ଘଟିଥିଲା। ରବିବାର ଖଡିଆଳ ଥାନା ସମ୍ମୁଖରେ ମୃତଦେହ ରଖି ସ୍ଥାନୀୟ ଲୋକେ ମୃତକ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବି ନେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ଖଡିଆଳ ତହସିଲଦାର ସିନ୍ଧୁସୂତା ପାତ୍ର, ଖଡିଆଳ ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀ, ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ଏସଆଇ ଜିତୁମୋହନ ବେଶ୍ରା ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା । ତହସିଲଦାର ରେଡକ୍ରସ ପାଣ୍ଠିରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ଗୁରୁତର ଗଣେଷ ଦଣ୍ଡସେନାଙ୍କ ଚିକିତ୍ସା ଖର୍ଚ୍ଚ ଟ୍ରକ ମାଲିକ ବହନ କରିବା ସହିତ ପରିବାରକୁ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।


କ୍ଷତିପୂରଣ ଦାବି ନେଇ ଟାୟାର ଜାଳି ରାସ୍ତା ଅବରୋଧ ।

ସୂଚନା ଅନୁସାରେ ଶନିବାର ସନ୍ଧ୍ୟା ୪ଟାରେ ଗଣେଷ ଦଣ୍ଡସେନା ଓ ସ୍ତ୍ରୀ ଗୀତା ଏବଂ ୨ବର୍ଷର ଶିଶୁପୁତ୍ରକୁ ଧରି ମୋଟରସାଇକେଲରେ ଉଦ୍ୟାନବନ୍ଦରୁ ଖଡିଆଳକୁ ଆସୁଥିଲେ। ଖଡିଆଳ ଥାନା ଦେଓବାହାଲ ପାଖରେ ମୋଟରସାଇକେଲ ରଖି ପୁଅକୁ ପାଣି ପିଆଉଥିଲେ। ଏହି ସମୟରେ ଏକ ମାଲ ବୋଝେଇ ଟ୍ରକ (ନଂ. ସିଜି୨୨ଜେ-୯୧୯୭) ଦ୍ରୁତ ଗତିରେ ମାଡି ଆସି ଠିଆ ହୋଇଥିବା ସ୍ୱାମୀସ୍ତ୍ରୀ ଓ ପୁଅଙ୍କ ଉପରେ ମାଡି ଯାଇଥିଲା । ଫଳରେ ସ୍ତ୍ରୀ ଗୀତା ଓ ୨ବର୍ଷର ପୁଅଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଗଣେଷ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ରାୟପୁର ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିଥିବା ବେଳେ ଟ୍ରକ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲେ। ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୦) ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

- ମୃତଦେହ ରଖି କ୍ଷତିପୂରଣ ଦାବି
- ଟ୍ରକ୍ ଧକ୍କାରେ ମା'ପୁଅ ମୃତ ଘଟଣା

## ସଂକ୍ଷେପରେ...

### ଝାରସୁଗୁଡ଼ା ଜନ ସଙ୍ଗଠନ ମଞ୍ଚ ଗଠିତ

**ଲଖନପୁର, ୨।୨ (ଡି.ଏନ.ଏ.):** ବନ୍ଧବାହାଲ ଜଗନ୍ନାଥ ମନ୍ଦିର ତଥା ଦୀନବାନ୍ଧବ କ୍ଷେତ୍ରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁନ୍ଦେ ଧୁରୁଆ ଅଧକ୍ଷତା କରିଥିଲେ। ଏହି ବୈଠକରେ ଲଖନପୁର, ଝାରସୁଗୁଡା, ଲଇକେରା, କୋଲାବିରା, କିର୍ମିରା,ବେଲପାହାଡ, ବ୍ରଜରାଜନଗର, ସମ୍ବଲପୁର, ସୁନ୍ଦରଗଡ ଜିଲାର ସାମାଜିକ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଝାରସୁଗୁଡା ଜନ ସଂଗଠନ ମଞ୍ଚ ଗଠନ କରାଯାଇଛି। ଏହି କମିଟିରେ ସଭାପତି ବୁନ୍ଦେ ଧୁରୁଆ, ଅନ୍ୟାନ୍ୟ ପଦରେ ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ବିଜୟ ଦାସ, ବାସୁଦେବ ଭୋଇ, ଗୋପୀନାଥ ମାଝି, ଡମ୍ବରୁଧର ନାୟକ, ସିରୁଜୁ ଖମାରୀ, ନାରାୟଣ ମହାପାତ୍ର ପ୍ରମୁଖ ରହିଛନ୍ତି। ସୋମବାର ଏକ ପ୍ରତିନିଧିଦଳ ଜିଲାପାଳଙ୍କୁ ଭେଟି ଚାଷୀଙ୍କ ନିକଟରୁ ଧାନକିଣା ଜାରି ରଖିବା ପାଇଁ ଦାବି କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ନ ଶୁଣିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ଭାଗବତ ସା, କୃଷ୍ଣଚନ୍ଦ୍ର ପ୍ରଧାନ, ରମେଶ ତ୍ରିପାଠୀ, ଶଶିଭୂଷଣ ପାତ୍ର, ବିଜୟ ସାକୁନିଆ, ପ୍ରଶାନ୍ତ ପଟେଲ, ବନମାଳୀ ବିଶ୍ୱାଳ, ଶିୟାରାମ ଦାସ, ବେଣୁଧର ଭୋଇ, ଭୋନାଥ ବଢେଇ, ଲିଙ୍ଗରାଜ ବଢେଇ, ବେଣୁଧର ନାୟକ, ସୁନିତା ସିଂ, ସବିତା ରଣବିଡା, ପ୍ରଶାନ୍ତ ପଣ୍ଡା, ସୁରେନ୍ଦ୍ର ପ୍ରଧାନ, ଅଜିତ ରଥ, ଅସୀମ ପଟେଲ, ରିଣ୍ଟୁ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୁଣା ହସ୍ପିଟାଲ ଆଗରେ ଟାୟାର ଜାଳି ରାସ୍ତା ଅବରୋଧ ।



ଅନଶନସ୍ଥଳିରେ ସିଡ଼ିଏମ୍‌ଓ, ଏଡ଼ିଏମ୍‌ଙ୍କ ଆଲୋଚନା ।

# ସଭିଏଁ ଏକାଠି, ଲିଭୁନି ଅସନ୍ତୋଷର ନିଆଁ

## ସିଟି ହସ୍ପିଟାଲ ଘୋଷଣା ଦାବି

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ, ଏମ୍‌ପି
- କଂଗ୍ରେସର ଅନଶନରେ ସାମିଲ ହେଲା ଭାଜପା
- ଏକତା ମଞ୍ଚର ଆହ୍ୱାନରେ ପଥପ୍ରାନ୍ତ ସଭା ଆଜି

**ବରଗଡ଼ ଅଫିସ୍,୨।୨**

ବରଗଡ଼ ସହରରେ ସିଟି ହସ୍ପିଟାଲ ଦାବିନେଇ ତାତି ବଢ଼ିବାରେ ଲାଗିଛି। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା ଦାବି ଜୋର୍ ଧରିଛି। ଏନେଇ ଦଳମତ ନିର୍ବିଶେଷରେ ସହରବାସୀ ଏକାଠି ହୋଇଛନ୍ତି। ସହରବାସୀ ଶନିବାର ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ଉଭୟ ରାଜନୈତିକ, ସାମାଜିକ ସଂଗଠନଗୁଡ଼ିକ ଦାବି ନେଇ ପରସ୍ପର ହାତ ମିଳାଇଛନ୍ତି। ସିଟି ହସ୍ପିଟାଲ ଦାବି ଉପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଥିବାବେଳେ ରବିବାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସହରବାସୀଙ୍କ ଆବଶ୍ୟକତା ଦୃଷ୍ଟିରୁ ସିଟି ହସ୍ପିଟାଲ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ବରଗଡ଼ରେ ଲେଭେଲ୍-୩ କ୍ୟାନସର ହସ୍ପିଟାଲ ସ୍ଥାପନ ଘୋଷଣା ପାଇଁ ଏମ୍‌ପି ପୂଜାରୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିବାବେଳେ ଏକ ପୂର୍ଣ୍ଣାଙ୍ଗ କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ସ୍ଥାପନ ହୋଇପାରିଲେ, କେବଳ ବରଗଡ଼ ନୁହେଁ, ପଶ୍ଚିମ ଓଡ଼ିଶାବାସୀ ସେଥିରୁ ଉପକୃତ ହୋଇପାରିବେ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ସିଟି ହସ୍ପିଟାଲ ଦାବି ନେଇ ସହରରେ ଆନ୍ଦୋଳନ ଥମିବାର ନାଁ ନେଉ ନାହିଁ । ଶନିବାର ସହରର ବିଭିନ୍ନ ଛକରେ ଟାୟାର ଜାଳି ଲୋକେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିବାବେଳେ ରବିବାର ସ୍ଥାନୀୟ ବିଧାୟକଙ୍କ ଘର ସମ୍ମୁଖକୁ ଯାଇ ସିଟି ହସ୍ପିଟାଲ ଦାବି ଉପସ୍ଥାପନ କରିଥିଲେ। ବିଧାୟକ ଆଚାର୍ଯ୍ୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଆଗରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ଧାରଣାରେ ବସିଥିଲେ । ଅପରପକ୍ଷେ ସିଟି ହସ୍ପିଟାଲ ଦାବି ନେଇ ଶନିବାର ପୂର୍ବାହ୍ନ ୧୦ଟାରୁ ସ୍ଥାନୀୟ ଗାନ୍ଧୀଛକରେ ୨୪ଘଣ୍ଟିଆ ଅନଶନରେ ବସିଥିବା କଂଗ୍ରେସ ନେତା ନିପନ କୁମାର ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, କିଶନ ଶର୍ମା ଅନଶନ ଭଙ୍ଗ କରିଛନ୍ତି। କଂଗ୍ରେସ ନେତାଙ୍କ ଅନଶନସ୍ଥଳୀକୁ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଓକିଲ ସଂଘ ଉପସଭାପତି ସରୋଜ କୁମାର ତ୍ରିପାଠୀ, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ ପ୍ରମୁଖ ପହଞ୍ଚି ସମର୍ଥନ ଜଣାଇଥିଲେ । ସେହିପରି ଅତିରିକ୍ତ ଜିଲାପାଳ(ଏଡ଼ିଏମ) ମିର୍ଜା ଟପ୍ପୋ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ବିଭୂତି ଭୂଷଣ ମେହେର ପ୍ରମୁଖ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ । ସିଟି ହସ୍ପିଟାଲ ଦାବି ହାସଲ ନେଇ ଏକତା ମଞ୍ଚ ଗଠନ କରାଯାଇଛି । ଏକତା ମଞ୍ଚର ଆହ୍ୱାନକ୍ରମେ ସୋମବାର ସନ୍ଧ୍ୟା ୫ଟାରେ ସ୍ଥାନୀୟ ମହିଳା କଲେଜ ସମ୍ମୁଖରେ ଦଳମତ ନିର୍ବିଶେଷରେ ପଥପ୍ରାନ୍ତ ସଭା ରହିଛି । ଏଥିରୁ ଦାବି ହାସଲ ପାଇଁ ଠୋସ୍ ପ୍ରତିଶ୍ରୁତି ନ ମିଳିଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ତେବେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କିଭଳି ରହିବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ରାଜ୍ୟ ସରକାର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପିଏଚ୍‌ସି(ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ଭାବେ ଘୋଷଣା କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ସହରବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଏବଂ ସହରର ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ଥିବାଯୋଗୁ ସିଟି ହସ୍ପିଟାଲ ଦାବି ପାଇଁ ଅଡ଼ି ବସିଛନ୍ତି। ପ୍ରକାଶଥାଉ କି, ଗତ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ବୁର୍ଲା(ଖେଦାପାଲି)ର ୩ଶହ ଶଯ୍ୟା ତଥା ୭ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ । ପରେ ଗତ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ଅନ୍ତର୍ବିଭାଗ, ବହିର୍ବିଭାଗକୁ ବନ୍ଦ କରିବା ସହିତ ଆବଶ୍ୟକ ଯନ୍ତ୍ରପାତି ଆଦି ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହା ଜାଣିବା ପରେ ସହରରେ ଅସନ୍ତୋଷର ନିଆଁ ଜଳି ଉଠିଛି।

### ୨୩୩ ଛାତ୍ରୀଛାତ୍ର ଗୀତାଜ୍ଞାନ ପରୀକ୍ଷା ଦେଲେ

**ବ୍ରଜରାଜନଗର, ୨।୨ (ଡି.ଏନ.ଏ)**

ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ରବିବାର ଗୀତାଜ୍ଞାନ ପରୀକ୍ଷା କରାଯାଇଛି । ଏହି ପରୀକ୍ଷାରେ ପଞ୍ଚମରୁ ଯୁକ୍ତ ୩ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୩୩ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଜିଲା ସଂଯୋଜକ ଡ. ଶିବପ୍ରିୟା ମିଶ୍ର ତତ୍ତ୍ୱାବଧାନରେ ଏହି ଜିଲାସ୍ତରୀୟ ପରୀକ୍ଷାରେ ପ୍ରଫେସର ପଦ୍ମା ମହାପାତ୍ର, ଅନୀଲ କୁମାର ଦାଶ, ଚିନ୍ତାମଣୀ ଦାସ, ରଞ୍ଜନ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।

### ଟେମିରିମାଲ ଯୁବତୀଙ୍କ ହତ୍ୟାକାଣ୍ଡ ଘଟଣା:୨ ଗିରଫ

**ପାଇକମାଲ,୨।୨ (ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଟେମିରିମାଲରେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପାଇକମାଲ ଥାନା ପୋଲିସ ଗିରଫ କରି ଶନିବାର ପଦ୍ମପୁର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ଣ୍ଣ ଅମରି(୩୨) ଓ ଡମ୍ବରୁ ଅମରୀ (୩୭)। ମିଳିଥିବା ସୂଚନା ମୁତାବକ, ଉକ୍ତ ଘଟଣାରେ ମୁଖ୍ୟଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ ପୋଲିସ ଜାନୁୟାରୀ ୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ କର୍ଣ୍ଣ ଓ ଡମ୍ବରୁଙ୍କୁ ଧରିବାରେ ସଫଳ ହୋଇଥିଲା। ସମ୍ପୃକ୍ତ ୩ ଅଭିଯୁକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ପାଇକମାଲ ଆଇଆଇସି ବିଶ୍ୱଜିତ ମନବୋଧ ପ୍ରକାଶ କରିଛନ୍ତି।



ଅତିଥିଙ୍କ ଗହଣରେ ୨ଦଳର ଖେଳାଳି।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଲଖନପୁର ପୋଲିସ ଚାମ୍ପିୟନ

**ଲଖନପୁର,୨।୨(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ କର୍ଲାଯୋରୀ ଭିଏସ୍‌ଏସ୍ କ୍ଲବ୍ ତରଫରୁ ଗ୍ରାମ ଖେଳପଡିଆରେ ଗତ ଶୁକ୍ରବାରରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ। ଲଖନପୁର ପୋଲିସ ଦଳ ଓ କାଉଦର ସମଲେଇ କ୍ଲବ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳା ଯାଇଥିଲା । ପେନାଲ୍‌ଟିରେ କାଉଦର ଦଳକୁ ୫-୪ଗୋଲ୍‌ରେ ହରାଇ ଲଖନପୁର ପୋଲିସ୍ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଲଖନପୁର ପୋଲିସ୍ ଦଳର ଖେଳାଳି ଆଇଆଇସି ବି ବି ସେଠ୍ ପ୍ଲେୟାର ଅଫ୍ ଟୁର୍ନାମେଣ୍ଟ ଭାବେ ମନୋନୀତ ହୋଇଥିଲେ। ରେଫରୀ ସଞ୍ଜୟ ସାହୁ, ନବୀନ କୁମାର ଦେଓ, ବିଶିକେଶନ ଭୋଇ ଓ ଅରୁଣ ପ୍ରଧାନ ପ୍ରମୁଖ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ନୃପମଣି ପ୍ରଧାନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଲଖନପୁର କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଅରୁଣ କୁମାର ସ୍ୱର୍ଣ୍ଣକରା ଓ ବରିଷ୍ଠ ନାଗରିକ ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଲଖନପୁର ପୋଲିସ୍ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପବିଜେତା କାଉଦର ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ଆର୍ଥିକ ରାଶି ସହ ପୁରସ୍କୃତ କରାଯାଇଛି। ରାଜେଶ ସାହୁ, ସୁଜିତ ପ୍ରଧାନ, ଲକ୍ଷ୍ମଣ ନାୟକ, ରାଜୁ କିଲର, ଜେନାମଣି ସାହୁ, ସୁମନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଚିଠୁଆପଡ଼ା ଏକାଦଶ ବିଜୟୀ

## ବୀର ସୁରେନ୍ଦ୍ର ସାଏ ଫୁଟ୍‌ବଲ୍ କପ୍ ଉଦ୍‌ଘାଟିତ

**ଝାରସୁଗୁଡା ଅଫିସ୍/ଲଖନପୁର, ୨/୨ (ଡି.ଏନ୍.ଏ)**

ଝାରସୁଗୁଡା ମନମୋହନ ସ୍କୁଲ୍ ପଡିଆରେ ରବିବାର ଜିଲା ଆଦିବାସୀ କ୍ରିଡା ସଂଘ ତରଫରୁ ବୀର ସୁରେନ୍ଦ୍ର ସାଏ ଫୁଟ୍‌ବଲ୍ କପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ମ୍ୟାଚ୍ ଦୀର୍ଘ ୮ଦିନ ଧରି ଚାଲିବ। ଉଦ୍‌ଘାଟନୀ ମ୍ୟାଚ୍ ଝାରସୁଗୁଡା ଓାର୍ଡ ନଂ. ୧୫ ଚିଠୁଆପଡା ଏକାଦଶ ଦଳ ଓ ବେଲପାହାଡ ରାଇଜିଂଷ୍ଟାର୍ ଏକାଦଶ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଉଭୟ ଦଳ ସମାନ ଗୋଲ୍ ଦେବାପରେ ମ୍ୟାଚ୍ ଟାଇ ହୋଇଥିଲା। ରେଫରୀଙ୍କ ନିଷ୍ପତିକ୍ରମେ ପେନାଲ୍‌ଟିକ୍ ଗୋଲ୍ ମରାଯାଇଥିଲା। ଏଥିରେ ବେଲପାହାଡ ଦଳକୁ ୧-୦ଗୋଲ୍‌ରେ ପରାଜିତ କରି ଚିଠୁଆପଡା ଦଳ ବିଜୟୀ ହୋଇଥିଲା। ରେଫରୀ ଭାବେ ସୁଚିତ କୁଜୁର, କେ. ଜଗନ୍ନାଥ ରାଓ, ପି. ରାମମୋହନ ରାଓ, ସୁଶାନ୍ତ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି। ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ମହେନ୍ଦ୍ର ନାଏକ, ଏନ୍‌ଟିପିସି ଅଧିକାରୀ ବନଓ୍ୱାରୀ ଲାଲ୍ ବାରା, ଆଇନ୍‌ଜୀବୀ ତାପସରାୟ ଚୌଧୁରୀ, ଲଖନପୁର ବ୍ଲକ୍ କତରବଗା ସରପଞ୍ଚ ରୋହିତ ଧୁରୁଆ, କ୍ରୀଡାବିତ ମହେନ୍ଦ୍ର କେଡିଆ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳ ଓରାମ, ପ୍ରଭାକର ଓରାମ, ଉଦୟ ମୁଣ୍ଡା, ତ୍ରିଲୋଚନ ଡନ୍‌ସନା, ବିଶ୍ୱଲୋଚନ ଭୋଇ, ଅଜୟ ଓରାମ, ଭିଶାଳ ମୁଣ୍ଡା, ବସନ୍ତ ଭୋଇ, ଗଣେଶ ଓରାମ ଓ ସୁରେନ୍ଦ୍ର ଓରାମ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ବେଲପାହାଡ଼କୁ ହରାଇ ରାଜପୁର ଚାମ୍ପିୟନ

## ବିର୍ସାମୁଣ୍ଡା କପ୍ ଫୁଟବଲ ପ୍ରତିଯୋଗିତା

**ବ୍ରଜରାଜନଗର, ୨।୨ (ଡି.ଏନ.ଏ.)**

ସ୍ଥାନୀୟ ଓପିଏମ୍ ଗ୍ରାଉଣ୍ଡରେ ଚାଲିଥିବା ବିର୍ସାମୁଣ୍ଡା କପ୍ ଫୁଟବଲ ପ୍ରତିଯୋଗିତାରେ ଟାଇବ୍ରେକର ଜରିଆରେ ବେଲପାହାଡକୁ ହରାଇ ରାଜପୁର ଷ୍ଟାର ଇଲେଭେନ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାଏକ, ପୂର୍ବତନ ବିଜେଡି ସଭାପତି ଜୟନ୍ତ ଦିକ୍ଷିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେତା ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି, ଉପବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଖେଳକୁ ଟାରଜନ୍ ବିଶ୍ୱାଳ, ଡୋଳାମଣୀ ଭଇଁଷା, ନବୀନ ଦେଓ, କ୍ଷମାଶୀଳ କିଷାନ ପରିଚାଳନା କରିଥିଲେ । ଆୟୋଜକ କମିଟିର ସଭାପତି ସୁଜିତ ମହାନ୍ତି, ଏନଲିଙ୍ଗ ରାଜ, ସୁଦୀପ୍ତ ଆଇନ୍ଦ, ଦୟାନିଧି ନାୟକ, ଉଦୟ ନାଥ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ତ୍ରିଲୋଚନ ଦାଶ ଭାଷ୍ୟକାର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ଚାଷୀ, ଚାଷର ସମସ୍ୟା ନେଇ ଆଲୋଚନା

**କୋଲାବିରା,୨।୨ (ଡି.ଏନ.ଏ.)**

କୋଲାବିରା ବ୍ଲକସ୍ତରୀୟ ଚାଷୀ ସଙ୍ଗଠନର ବାର୍ଷିକ ସାଧାରଣ ବୈଠକ କୁଣ୍ଡୁରୁସିଂହା ନାଲା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ କୃଷକ ସଂଘର ସଭାପତି ଲକ୍ଷ୍ମଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ୩ଶହରୁ ଅଧିକ ଚାଷୀ ଯୋଗ ଦେଇ ଧାନ ବିକ୍ରି ପାଇଁ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ସୋଡାମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେ, ତୁଲାରାମ ସେନାପତି, ଚକ୍ରଧର ପଧାନ, ଝସକେତନ ପଧାନ, ନରେନ୍ଦ୍ର ଭୋଇ, ବିହାରୀ ନାଏକ, ବିହାରୀ ନାଏକ, ହରିବଂଶ ପଧାନ, ତୁଳେଶ୍ୱର ପଟେଲ, ଗୋଲାପ ପଟେଲ, ଚିରଞ୍ଜିଲାଲ ପଟେଲ, ବିନୋଦ ବିହାରୀ ନାଏକ, ଅଭିମନ୍ୟୁ ପଟେଲ, ନବ ପଟେଲ, ପ୍ରମୋଦ ପଟେଲ, ଅରୁଣ ବେହେରା, କୀର୍ତ୍ତିଚନ୍ଦ୍ର ପଟେଲ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। କୋଲାବିରା, ସମାସିଂହା, ପରମାଣପୁର ଏବଂ ଝିଲ୍ଲାପାଲି ସେବା ସମବାୟ ସମିତିର ସମ୍ପାଦକ ଦେବରାଜ କୁମୁରା, ସୁଭାଷ ପଟେଲ, ବିଭୀଷଣ କିସାନ ଓ ହରେଶ ପଟେଲ ଧାନବିକ୍ରି ଏବଂ ଟୋକନ ବ୍ୟବସ୍ଥାରେ ରହିଥିବା ଅସୁବିଧା ତଥା ମିଲ୍‌ରମାନଙ୍କଠାରୁ ଅସହଯୋଗ ବିଷୟରେ ଜଣେଇଥିଲେ। ପରମାଣପୁର ପଞ୍ଚାୟତର ବରିଷ୍ଠ ଚାଷୀ ଭବାନୀ ଶଙ୍କର ନାଏକଙ୍କ ପାଇଁ ଶୋକସଭା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବୁଲୁ ସାହୁ, ରିତେଶ ପଟେଲ, ରିଙ୍କୁ ସାହୁ, ବିଜୟ ସାହୁ, ବୀର ରାଉତ, ଶିବନାରାୟଣ ନାଏକ, ନରେଶ ପଟେଲ, ଗୁରୁଚରଣ ପଟେଲ, ଭୋଜରାମ ସାହୁ, ବୈକୁଣ୍ଠ କିସାନ, ପ୍ରମୁଖ ସହଯୋଗ କରିଥିଲେ।

# ବସ୍ତି ସୁରକ୍ଷା ସମିତି ପକ୍ଷରୁ ସେବା ସହାୟତା ଶିବିର

**ରାଉରକେଲା ଅଫିସ, ୨।୨**

ବସ୍ତି ସୁରକ୍ଷା ସମିତି ପକ୍ଷରୁ ରବିବାର ଏକ ସେବା ସହାୟତା ଶିବିର ବାଲୁଘାଟ ପଲ୍‌ପଲ ବସ୍ତି ଠାରେ ଅନୁଷ୍ଠିତ ହୋଇଥିଲା। ବସ୍ତି ସୁରକ୍ଷା ସମିତି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମିତି କର୍ମକର୍ତା ଉପସ୍ଥିତ ରହି ଗରିବ ବସ୍ତିବାସୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ବିଶେଷ କରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା, ଅଣସଙ୍ଗଠିତଙ୍କ ପାଇଁ ସାମାଜିକ ନିରାପତା ବିଷୟରେ କହିଥିଲେ। ଏହି ଅବସରରେ ବର୍ତ୍ତମାନ ସୁଦ୍ଧା ଆଧାର କାର୍ଡ ଓ ରେସନ କାର୍ଡ ପାଇବାରୁ ବଂଚିତ ରହିଥିବା ଲୋକଙ୍କୁ କିଭଳି କାର୍ଡ ମିଳି ପାରିବ ସେ ନେଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ଯୋଗ୍ୟ କିଛି ହିତାଧିକାରୀଙ୍କ ଫର୍ମ ପୂରଣ କରିଥିଲେ । ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ପାଇଁ ସାମାଜିକ ନିରାପତ୍ତା ଆଇନ୍-୨୦୦୮ ଅନୁଯାୟୀ ସରକାର କରିଥିବା ବିଭିନ୍ନ ସହାୟତା ସମ୍ପର୍କରେ ଉପସ୍ଥିତ ବସ୍ତିବାସୀଙ୍କୁ ବୁଝାଇବା ସହ କିଛି ଶ୍ରମିକଙ୍କ ଫର୍ମ ପୂରଣ କରିଥିଲେ । ଏହି ଶିବିରରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ, ବିଧବା ତଥା ଅଣସଙ୍ଗଠିତ ଶ୍ରମିକମାନଙ୍କ ଫର୍ମ ପୂରଣ କରାଯାଇ ବିଭାଗୀୟ କାର୍ଯ୍ୟାଳୟରେ ଜମା କରିବା ପାଇଁ ପରାମର୍ଶ ଦିଆଯାଇ ଥିଲା। ଏସବୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଦେୟମୁକ୍ତ ହୋଇଥିବାରୁ ମଧ୍ୟସ୍ଥଙ୍କ ପ୍ରତି ସତର୍କ ରହି ବାକୁ କୁହାଯାଇ ଥିଲା। ନିଜେ ସମସ୍ତ କଥା ଭଲ ଭାବେ ବୁଝି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହାୟତା ନିମନ୍ତେ ପହଂଚିବା ପାଇଁ ସମିତି କର୍ମକର୍ତା ପରାମର୍ଶ ଦେଇଥିଲେ। ଦୂରାରୋଗ୍ୟର ଶିକାର ଗରିବଙ୍କ ପାଇଁ କିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ମିଳି ପାରିବ ଏବଂ ଗରିବ ଲୋକ ମୃତ୍ୟୁବରଣ କଲେ କିପରି ହରିଶ୍ଚନ୍ଦ୍ର ଯୋଜନାରୁ ଅନ୍ତିମ ସତ୍କାର ପାଇଁ ଆର୍ଥିକ ସହାୟତା ପାଇ ପାରିବେ ସେ ସମ୍ପର୍କରେ ସମିତି ପକ୍ଷରୁ ଉପସ୍ଥିତ ବସ୍ତିବାସୀଙ୍କୁ ପ୍ରାଞ୍ଜଳ ଭାବେ ସୂଚନା ଦିଆଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ସେନାପତିଙ୍କ ସହିତ ସମିତି କର୍ମକର୍ତ୍ତା ବିନୋଦ ରାଉତ, ବିଜୟ ଆପଟ୍ଟ, ସୁଧିର ନାଥ, ସରୋଜ ମହାନ୍ତି, ସାରଦା ପ୍ରସନ୍ନ ଦାସ ଏବଂ ଶ୍ୟାମ ସାଗର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶ୍ୟାମେନ୍ଦ୍ର ମହାତୋ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



ବସ୍ତି ସୁରକ୍ଷା ସମିତି ପକ୍ଷରୁ ସେବା ସହାୟତା ଶିବିରରେ କର୍ମକର୍ତ୍ତା।

## ସୁନ୍ଦରଗଡ ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତିଙ୍କ ପରଲୋକ



ସୁନ୍ଦରଗଡ, ୨।୨ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଆଇନଜୀବୀ ହସନ୍ ଇମାମଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଦୀର୍ଘ ୩ଦିନ ଧରି ସେ ଅସୁସ୍ଥ ଥିଲେ। ସେ ଏକାଧାରରେ ଜଣେ ଉଚ୍ଚକୋଟୀର ବ୍ୟାଡମିଣ୍ଟନ ଖେଳାଳୀ, ସୁନାମଧନ୍ୟ ଶାସ୍ତ୍ରୀୟ ସଙ୍ଗୀତର ଗାୟକ ଏବଂ ସାମାଜିକ କର୍ମୀ ଥିଲେ। ଆଇନ ପାଠପଢି ସାରିବା ପରେ ସେ ୧୯୫୯ ମସିହାରୁ ତାଙ୍କର ଓକିଲାତି ଜୀବନର ଆରମ୍ଭ କରିଥିଲେ । ଜଣେ ଜଣାଶୁଣା କ୍ରୀଡା ସଂଗଠକ ଭାବରେ ସେ ବ୍ୟକ୍ତିଗତ ସଦସ୍ୟ ଭାବରେ ୧୯୫୭ମସିହାରୁ ଜିଲା କ୍ରୀଡା ସଂସଦରେ ରହିଆସିଥିଲେ। କ୍ରୀଡା ସଂସଦର ବିଗତ ନିର୍ବାଚନରେ ସେ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କରି ବିୟୋଗରେ ସବୁରି ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କରି ବିୟୋଗରେ ଜିଲା କ୍ରୀଡା ସଂସଦର ଜଣେ ବରିଷ୍ଠ ପରାମର୍ଶଦାତା ତଥା ସଙ୍ଗଠକଙ୍କୁ ହରାଇଲା ଏବଂ ତାଙ୍କ ଅବଦାନ ଅତୁଳନୀୟ ରହିବ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ପ୍ରକାଶ କରିଛନ୍ତି। ସଂସଦର ଚିତ୍ତରଂଜନ ବହିଦାର, ଦିବାକର ମହାନ୍ତି, ଜୟଦେବ ପାତ୍ର, ନିତ୍ୟକୁମାର ବଳ, ରୋମାଞ୍ଚ ଭେଁଷାଲ, ରାଜେନ୍ଦ୍ର ମହାନ୍ତି, ଶିଶିର ପଟେଲ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଶୈକ୍ଷିକ ବିକାଶର ହୀରକ ଯାତ୍ରାରେ ଜାଜ୍ୱଲ୍ୟମାନ



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ।

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ

ଜନଜାତି ପରମ୍ପରାରେ ସମୃଦ୍ଧ, ରତ୍ନଗର୍ଭା, ପ୍ରାକୃତିକ ସବୁଜ ସ୍ଥାପତ୍ୟର ଭୂଖଣ୍ଡ ସୁନ୍ଦରଗଡ ଜିଲା। ବ୍ରିଟିଶ ଶାସନ ସମୟରେ ଗାଙ୍ଗପୁର ଗଡଜାତର ମାନ୍ୟତା ହାସଲ କରିଥିବା ଏହି ଅଞ୍ଚଳ ଶେଖର ଦେଓ ବଂଶଜ ଶାସକ ମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଏହି ବଂଶର ଶାସକ ରଘୁନାଥ ଶେଖର ଦେଓ ତାଙ୍କ ରାଜଧାନୀକୁ ତତ୍କାଳୀନ ଶୁଆଡିହିକୁ ସ୍ଥାନାନ୍ତରିତ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଗାଙ୍ଗପୁର ଗଡଜାତର ରାଜଧାନୀ ସୁନ୍ଦରଗଡ ନାମରେ ପରିଚିତ ହୋଇଥିଲା। ଦେଶ ସ୍ୱାଧୀନତା ଲାଭ ପରେ ୧୯୪୮ରେ ବଣାଇ ଏବଂ ଗାଙ୍ଗପୁର ଗଡଜାତକୁ ନେଇ ଏହା ସୁନ୍ଦରଗଡ ଜିଲା ନାମରେ ନାମିତ ହୋଇଥିଲା। ସ୍ୱାଧୀନତା ପରେ ଏକ ଦଶନ୍ଧି ପର୍ଯ୍ୟନ୍ତ ଏହି ଜିଲାରେ ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ୧୯୫୫ରେ ତତ୍କାଳୀନ ଜିଲାପାଳ ଅମୃତଲାଲ ନାୟାରଙ୍କ ଉଦ୍ୟମରେ ଅଞ୍ଚଳର ଶିକ୍ଷାପ୍ରେମୀଙ୍କ ସହଯୋଗରେ ଜନ୍ମନିଏ ସୁନ୍ଦରଗଡ ବିଜ୍ଞାନ ମହାବିଦ୍ୟାଳୟ। ସ୍ଥାନୀୟ ଭବାନୀଶଙ୍କର ଉଚ୍ଚବିଦ୍ୟାଳୟରେ ପ୍ରଥମେ ଏହି ମହାବିଦ୍ୟାଳୟର ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ୬୪ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ମହାବିଦ୍ୟାଳୟରେ ଉଭୟ କଳା ଓ ବିଜ୍ଞାନ ବିଭାଗରେ ଶିକ୍ଷାଦାନ ବ୍ୟବସ୍ଥା ହୋଇଥିଲା। ୧୯୫୮ ଜୁଲାଇ ୧୬ରେ ସହରର ଉପାନ୍ତ ଅମଲିପାଲି ମୌଜାରେ ୧୫୬ ଏକର ଭୂମିପରିମିତ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଉଦ୍‌ଘାଟିତ ମହାବିଦ୍ୟାଳୟର ନିଜସ୍ୱ କୋଠାରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ୧୯୬୨ ଜୁଲାଇ ୧ରେ ଏହି ମହାବିଦ୍ୟାଳୟ ସରକାରୀ ସ୍ତରରେ ସ୍ୱୀକୃତିପ୍ରାପ୍ତ ହୋଇ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ନାମରେ ପରିଚିତି ଲାଭ କରିଥିଲା। ୧୯୭୦-୭୧ରେ ଏହି ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ହୋଇ ଉଭୟ ଇଣ୍ଟର ମିଡିଏଟ ଓ ଗ୍ରାଜୁଏଶନ୍ ଶ୍ରେଣୀ ଖୋଲାଯାଇ ଇତିହାସ, ଦର୍ଶନ, ଓଡିଆ, ରାଜନୀତି ବିଜ୍ଞାନ, ଇଂରାଜୀ, ଓଡିଆ, ସଂସ୍କୃତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ସମ୍ମାନ ଶ୍ରେଣୀରେ ଶିକ୍ଷାଦାନ କରାଯାଉଛି। ସେହି ସମୟରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଥିଲା ୭୧୪ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସଂଖ୍ୟା ଥିଲା ୩୪। ଲାଇବ୍ରେରୀ, ଲାବରେଟୋରୀ ସହ ମହାବିଦ୍ୟାଳୟର ୨ଟି ଛାତ୍ରାବାସରେ ୧୩୫ ଜଣ ପୁରୁଷ ଅନ୍ତେବାସୀଙ୍କ ରହିବା ପାଇଁ ବ୍ୟବସ୍ଥା, ମହିଳା ଛାତ୍ରୀ ନିବାସରେ ୩୫ ମହିଳା ଅନ୍ତେବାସୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଥିଲା। ଅଭିଜ୍ଞ ଅଧ୍ୟାପକ ମଣ୍ଡଳୀଙ୍କ ନିଷ୍ଠାପର ଶିକ୍ଷାଦାନ ଏହି ଉଚ୍ଚଶିକ୍ଷାନୁଷ୍ଠାନ ଶୈକ୍ଷିକ ଗାରିମା ବୃଦ୍ଧିରେ ବିଶେଷ ଭାବେ ସହାୟକ ହୋଇପାରିଥିଲା। ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠିତ ଏହି ଉଚ୍ଚଶିକ୍ଷାନୁଷ୍ଠାନ ଦ୍ୱାରା ବିଶେଷ ଭାବେ ଏହି ଆଦିବାସୀବହୁଳ ଜିଲାର ଜନଜାତି ଛାତ୍ରୀଛାତ୍ରମାନେ ଉପକୃତ ହୋଇଥିଲେ।

ଏହି ମହାବିଦ୍ୟାଳୟର ଶୈକ୍ଷିକ ପରିସର ବୃଦ୍ଧି ପାଇ ବିଇଡି ବିଭାଗ ଓ ଚଳିତବର୍ଷ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଶାଖା ଖୋଲାଯାଇ ଏହି ଶୈକ୍ଷିକ ବିକାଶରେ ଏକ ଫର୍ଦ୍ଦରେ ଯୋଡିହୋଇଛି। ମହାବିଦ୍ୟାଳୟର ପରିସରରେ ଏକ ନୂତନ କୋଠାରେ ବିଭିନ୍ନ ବିଭାଗର ସ୍ନାତକୋତ୍ତର ବିଭାଗ, ପାଠାଗାର, ସମ୍ମିଳନୀ କକ୍ଷରେ ଏହାର ଶୈକ୍ଷିକ ଗାରିମାକୁ ପ୍ରତିଷ୍ଠିତ କରିପାରିଛି। ଆଉ ଏକ ନୂତନ କୋଠାରେ ଆଜି ପ୍ରତିଷ୍ଠା ହୋଇଛି ବିଭିନ୍ନ ସ୍ନାତକୋତ୍ତର ବିଭାଗ, ସମ୍ମିଳନୀ କକ୍ଷ, ଲାବ୍ରୋଟୋରୀ ଏବଂ ବିଶାଳ ପାଠାଗାର । ସମ୍ପ୍ରତି ଉତ୍ତମ ଶୈକ୍ଷିକ ପରିବେଶ ,ମହାବିଦ୍ୟାଳୟର ସୁଯୋଗ୍ୟ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ସୁଦକ୍ଷ ମାର୍ଗଦର୍ଶନରେ ନିଷ୍ଠାପର ଶିକ୍ଷା ଦାନରେ ବ୍ରତୀ ସୁଦକ୍ଷ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ହାସଲ କରି ମହାବିଦ୍ୟାଳୟର ମର୍ଯ୍ୟାଦାକୁ ବୃଦ୍ଧି କରିପାରିଛନ୍ତି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଯୋଜନାରେ ଏହି ମହାବିଦ୍ୟାଳୟ ଆଦର୍ଶ ମହାବିଦ୍ୟାଳୟର ମାନ୍ୟତା ହାସଲ କରିଛି । ପ୍ରାଚୀନ ଭାରତବର୍ଷ ଗୁରୁକୂଳ ଭଳି ଏହି ପ୍ରତିଷ୍ଠିତ ଆଦର୍ଶ ଶିକ୍ଷାନୁଷ୍ଠାନର ଶୃଙ୍ଖଳିତ ଶୈକ୍ଷିକ ପରିବେଶ ଛାତ୍ରୀ ଛାତ୍ର, ଅଧ୍ୟାପକ ଅଧ୍ୟାପିକାମାନଙ୍କର ମଧ୍ୟରେ ସୁସମ୍ପର୍କ ଏହାର ସ୍ୱତନ୍ତ୍ର ବିଶେଷତ୍ୱ। ଏହି ମହାବିଦ୍ୟାଳୟର ୬୨ ବର୍ଷର ନିରବଚ୍ଛିନ୍ନ ଶୈକ୍ଷିକ ଯାତ୍ରାପଥ ଆଜି ହୀରକ ଯାତ୍ରାର ଦ୍ୟୋତକରେ ଜାଜ୍ୱଲ୍ୟମାନ। ମହାବିଦ୍ୟାଳୟର ପୁରାତନ ଛାତ୍ରସଂଘର ପ୍ରଚେଷ୍ଟା, ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀଙ୍କ ସହଯୋଗରେ ମହାବିଦ୍ୟାଳୟ ପାଳନ କରୁଛି ଏହି ହୀରକ ଜୟନ୍ତୀ ସମାରୋହ।

**ଉପସ୍ଥାପନା – ଜୟନାରାୟଣ ମେଣ୍ଡୁଲୀ ।**

## ଏମାନେ ଯାହା କହନ୍ତି...



ଇଂ ଦିଲୀପ ପଟେଲ



ରାଜକିଶୋର ଷଡଙ୍ଗୀ



ଡ.ସରୋଜ କୁମାର ପଟେଲ



ଡା. ସୁଶୀଲ ମହାପାତ୍ର



ଗିରୀଶ ଚନ୍ଦ୍ର ସାହୁ



ହରଜେନ୍ଦ୍ର ସିଂ

ମହାବିଦ୍ୟାଳୟରେ ଆମ ସମୟରେ ଆମର ଅଭିଜ୍ଞ ଅଧ୍ୟାପିକା, ଅଧ୍ୟାପକ ଶିକ୍ଷାଦାନ ଓ ମାର୍ଗଦର୍ଶନ ରେ ଆମେ ଆଜି ସମାଜରେ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବାରୁ ନିଜକୁ ଗୌରାନ୍ୱିତ ମନେକରୁଛୁ।

-ଇଂ ଦିଲୀପ ପଟେଲ, କାର୍ଯ୍ୟକାରୀ ସଭାପତି, ପୁରାତନ ଛାତ୍ର ସଂଘ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ।

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ୧୯୬୮ -୭୨ ମସିହା ପର୍ଯ୍ୟନ୍ତ ଅଧ୍ୟୟନ କରିଛି। ଏହି ୪ବର୍ଷ ମୋ ଜୀବନର ସର୍ବଶ୍ରେଷ୍ଠ ସମୟ। ଏହି ଶିକ୍ଷାନୁଷ୍ଠାନ ଏହାର ତତ୍କାଳୀନ ଅଧ୍ୟାପକମାନେ ହିଁ ମୋତେ ସମାଜସେବାରେ ବ୍ରତୀ କରାଇଥିଲେ।

-ରାଜକିଶୋର ଷଡଙ୍ଗୀ, ପୂର୍ବତନ ନଗରପାଳ ଓ ବରିଷ୍ଠ ଆଇନଜୀବୀ ।

ମୋ କଲେଜର ହୀରକ ଜୟନ୍ତୀ ସମାରୋହ ପାଳନ ନେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ମୋର ଏହି ମହାବିଦ୍ୟାଳୟ ମୋ ଜୀବନରେ ଅନେକ ସଫଳତା ଆଣିଦେଇଛି। ସୁଦୂର ଅଷ୍ଟ୍ରେଲିଆରେ ଥାଇ ମୁଁ ସମସ୍ତଙ୍କୁ ଶୁଭ କାମନା ଜଣାଉଛି।

-ଡ.ସରୋଜ କୁମାର ପଟେଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ।

ଏଠାରେ ୧୯୭୦-୭୪ ପର୍ଯ୍ୟନ୍ତ ଛାତ୍ର ଥିଲି। ଏହି ସମୟର ମୋର ଛାତ୍ରଜୀବନ ମୋ ଜୀବନର ସଫଳତାର ସୋପାନ। ବିଜ୍ଞାନରେ ସ୍ନାତକ ଶିକ୍ଷା ପରେ ଡାକ୍ତରୀ ପଢିବା ପାଇଁ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜକୁ ଯାଇଥିଲି ।

-ଡା. ସୁଶୀଲ ମହାପାତ୍ର, ଡିନ୍ ଏମ୍ସ ଭୁବନେଶ୍ୱର ।

୧୯୮୩-୮୭ ପର୍ଯ୍ୟନ୍ତ ଏହି ମହାବିଦ୍ୟାଳୟର ଛାତ୍ର ଥିଲି। ପାଠପଢା ସହିତ ଫୁଟବଲ ଖେଳ ପ୍ରତି ମୋ ଦୁର୍ବଳତା ଥିଲା। ସେତେବେଳେ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଭାଗନେଇ ଆମ ମହାବିଦ୍ୟାଳୟ ସଫଳତା ହାସଲ କରିଥିଲା।

- ଗିରୀଶ ଚନ୍ଦ୍ର ସାହୁ, ଆଇନଜୀବୀ।

ମୋର କଲେଜ ଜୀବନର ଅନୁଭୂତି ବେଶ ନିଆରା । ଏହି ମହାବିଦ୍ୟାଳୟର ଡ୍ରାମାଟିକ ସେକ୍ରେଟେରୀ ଥିଲା ବେଳେ ନାଟ୍ୟସଂସଦ ତରଫରୁ ପ୍ରଥମ କରି କେବଳ ୧୯ଜଣ ଛାତ୍ରୀଙ୍କୁ ନେଇ ଏକ ଡ୍ରାମା ମଞ୍ଚସ୍ଥ ହୋଇଥିଲା ।

-ହରଜେନ୍ଦ୍ର ସିଂ, ପୁରାତନ ଛାତ୍ର।

# ଇନାମ ହୋଲସେଲ ମାର୍କେଟ ନେଇ ଶୁଭଦାନ କରିବେ ରାଜ୍ୟପାଳ

**ରାଉରକେଲା ଅଫିସ,୨। ୨**

### ଜିଲାରେ ପ୍ରଥମ ନୂଆଗାଁ

ପ୍ରଧାନମନ୍ତ୍ରୀଙ୍କ ଡ୍ରିମ ପ୍ରୋଜେକ୍ଟ କୁହାଯାଉଥିବା ନ୍ୟାଶନାଲ ଏଗ୍ରିକଲଚରାଲ ମାର୍କେଟିଂ(ଇନାମ) ହୋଲସେଲ ମାର୍କେଟ ବ୍ୟବସ୍ଥାକୁ ଆସନ୍ତା ୪ରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ସୁନ୍ଦରଗଡରୁ ଭିଡିଓ କନଫରେନ୍ସିଂ ଯୋଗେ ଶୁଭାଦାନ କରିବେ। ଏହା ଜଣା ପଡିବା ପରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ଫୁଲଝର ଠାରେ ନିର୍ମାଣ ହେବାକୁ ଯାଉଥିବା ଇନାମ ହୋଲସେଲ ମାର୍କେଟ ସୁନ୍ଦରଗଡ ଜିଲାରେ ପ୍ରଥମ ଥର ପାଇଁ ଶୁଭାରମ୍ଭ କରାଯାଉଥିବାରୁ ସାଧାରଣରେ ସ୍ୱାଭାବିକ ଉତ୍ସୁକତା ପ୍ରକାଶ ପାଇଛି। କେବଳ ଏତିକି ନୁହେଁ, ଏଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ମଧ୍ୟ ସୁନିଶ୍ଚିତ କରାଯାଇଛି। ଏମିତି ଅବସ୍ଥାରେ ପନିପରିବା ଚାଷ ପାଇଁ ଜିଲାରେ ସୁନାମ ଅର୍ଜନ କରିଥିବା ନୂଆଗାଁ ଚାଷୀ ସାମଗ୍ରିକ ଭାବେ ଉପକୃତ ହେବେ ବୋଲି ଆଶା ବ୍ୟକ୍ତ କରାଯାଇଛି। ବହୁ ପ୍ରତିକ୍ଷିତ ଏହି ପ୍ରକଳ୍ପ ଦ୍ୱାରା ନୂଆଗାଁ ବ୍ଲକର ୨୦ ପଞ୍ଚାୟତ ଓ ବିଶ୍ରା ବ୍ଲକର କିଛି ଚାଷୀ ଉପକୃତ ହେବେ। ନିଜ ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ସାଙ୍ଗକୁ ସଂରକ୍ଷିତ ସୁବିଧା ଅର୍ଥନୈତିକ କ୍ଷେତ୍ରରେ ଏକ ଉଲେଖନୀୟ ଅଭିବୃଦ୍ଧି ଆଣିପାରିବ ବୋଲି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଆଶା ବ୍ୟକ୍ତ କରିଛନ୍ତି। ସଂପ୍ରତି ଏହି ବ୍ଲକରୁ ବହୁଳ ଭାବେ ଉତ୍ପାଦିତ ପନିପରିବା ଜିଲାର ବିଭିନ୍ନ ସ୍ଥାନକୁ ପ୍ରେରଣ କରାଯାଉଛି। ବଜାର ସୁବିଧା ନ ଥିବାରୁ ଅନେକ ସମୟରେ ଚାଷୀ ଅଭାବି ବିକ୍ରୀର ସମ୍ମୁଖୀନ ହେବା ଅଭିଯୋଗ ହୋଇ ଆସୁଛି। ସେହିଭଳି ଶୀତଳଭଣ୍ଡାର ଅଭାବରୁ ଅନେକ ସମୟରେ ପନିପରିବା ନଷ୍ଟ ହେଉଛି। ଏହା ବ୍ୟତୀତ ବଜାର ସୁବିଧା ପାଇଁ ଚାଷୀଙ୍କୁ ବାଇକ, ସାଇକେଲ ଧରି ଜିଲାର ବିଭିନ୍ନ ବଜାର ବୁଲିବାକୁ ପଡୁଛି। ଉତ୍ପାଦିତ ଦ୍ରବ୍ୟର ସଂରକ୍ଷଣ ସୁବିଧା ମିଳିଲେ ଅଞ୍ଚଳରେ ଉନ୍ନତ ଚାଷବାସ ସାଙ୍ଗକୁ ଏମାନଙ୍କ ଜୀବନଧାରଣ ମାନ ବୃଦ୍ଧି ପାଇବ ବୋଲି ବିଧାୟକ ଓରାମ ଆଶା ବ୍ୟକ୍ତ କରିଛନ୍ତି। ଜିଲାରେ ପ୍ରଥମ କରି କେନ୍ଦ୍ରୀୟ ସହାୟତାରେ ଏଭଳି ବଜାର ସୁବିଧା ଓ ଶୀତଳ ଭଣ୍ଡାର ସ୍ଥାପନ ହେବାକୁ ଯାଉଛି। ଯାହାକୁ ନେଇ ଚାଷୀ ଓ ବ୍ୟବସାୟୀଙ୍କ ଆଶା ବୃଦ୍ଧି ପାଇଛି। ବିଶେଷ କରି ରାଜ୍ୟପାଳ ଗଣେଶି ଲାଲ ଏହାକୁ ଭିଡିଓ କନଫରେସିଂ ମାଧ୍ୟମରେ ଶୁଭଦାନ କରିବା ଘଟଣାକୁ ଗୁରୁତ୍ୱ ଦିଆଯାଉଛି। କାର୍ଯ୍ୟାକ୍ରମକୁ ଅଂଚଳର ଚାଷୀ ଚାତକ ଭଳି ଅପେକ୍ଷା କରିଛନ୍ତି। ବିଧାୟକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟପାଳ ଏହାକୁ ଶୁଭଦାନ କରୁଥିବାରୁ ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଓରାମ। ଏଥିସହ ସୁନ୍ଦରଗଡ ସାଂସଦ ଜୁଏଲ ଓରାମଙ୍କ ପ୍ରଚେଷ୍ଟା ଓ ନିଷ୍ଠା ଯୋଗୁ ଏହା ଶୀଘ୍ର ସମ୍ଭବ ହୋଇ ପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ କିପରି ଶିଘ୍ର ଶେଷ କରାଯିବ ଓ ଚାଷି ଉପକୃତ ହେବେ ସେନେଇ ବିଧାୟକ ଓରାମ ଦୀର୍ଘ ଦିନ ହେବ ଚେଷ୍ଟା ଚଳାଇ ଆସିଥିବା କୁହାଯାଇଛି।

## ଯୁବ ସଙ୍ଗଠନକୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୨। ୨-ସାମ୍ପ୍ରତିକ ପରିସ୍ଥିତିରେ ଯୁବ ସଙ୍ଗଠନକୁ ସଶକ୍ତି କରଣ କରିବାରେ ଯଥେଷ୍ଟ ଅବଶ୍ୟକ ରହିଛି। ଯୁବକମାନେ ସମାଜର ରହିଥିବା କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂର କରି ପାରିବେ। ସମାଜ ଗଠନରେ ସର୍ବାଧିକ ତତ୍ପର ହେବେ ବୋଲି କମ୍ୟୁନିଟି ୱେଲଫେୟାର ସୋସାଇଟି (ସିଡ୍ଲୁଏସ) ପକ୍ଷରୁ କୁହାଯାଇଛି। ରବିବାର ଏନେଇ ସଂଗଠନ ପକ୍ଷରୁ ଯୁବ ସଶକ୍ତିକରଣ କାର୍ଯ୍ୟକ୍ରମ ସେକ୍ଟର-୨ ଡିସୌଜା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଡବ୍ଲୁଏସ ହସ୍ପିଟାଲ ଅଧକ୍ଷ ଫାଦର ବେନିଟାନ ପିଟରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଟ୍ରାଫିକ ଡିଏସପି ଏସଏନ ସାମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଜିର ଯୁବ ସମାଜ ସଚେତନ ହେଲେ ସମାଜ ରାଜ୍ୟ ତଥା ଦେଶରୁ ବହୁ କୁସଂସ୍କାର ଦୂରହୋଇ ପାରିବ ବୋଲି ସେ କହିଥିଲେ। ଯୁବପିଢିଙ୍କୁ ନେଇ ଏକ ନୂତନ ସମ୍ଭାବନା ସୃଷ୍ଟି ହୋଇ ପାରିବ ବୋଲି ଡିଏସପି ସାମଦ ପ୍ରକାଶ କରିଥିଲେ। ସେହିଭଳି ଟ୍ରାଫିକ ନିୟମ ବିଷୟରେ ଯୁବତି ଯୁବକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଉପଲକ୍ଷେ ରାଉରକେଲା ଅଞ୍ଚଳର ବିଭିନ୍ନ ବସ୍ତିରୁ ୩୨ଟି ଯୁବ ସଂଗଠନ ଯୋଗ ଦେଇ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରିଥିଲେ।

# ଇନ୍ଧନ ସଂରକ୍ଷଣ ନେଇ ସଚେତନତା



ଇନ୍ଧନ ସଂରକ୍ଷଣ ନେଇ ସଚେତନତା କାର୍ଯ୍ୟକ୍ରମ।

**ରାଉରକେଲା ଅଫିସ,୨।୨**

ସେକ୍ଟର-୬ ଟେଲିଫୋନ ଭବନ ଠାରେ ସଂରକ୍ଷଣ ମୋହ ଉତ୍ସବକୁ ଆରଏସପି ଇଡି (ଏମଏମ) ଦିଲ୍ଲପ ମହାପାତ୍ର ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ପେଟ୍ରୋଲିୟମ ଅପବ୍ୟବହାର ନକରି ଏହାର ସରଂକ୍ଷଣ କରିବା ବର୍ତ୍ତମାନ ସମୟରେ ଆବଶ୍ୟକତା ବୋଲି ସେ କହିଥିଲେ। ପେଟ୍ରୋଲିମ ସରଂକ୍ଷଣ ବିଷୟରେ ସଜାଗ କରିବା ପାଇଁ ପରିବହନ, ଶିଳ୍ପ, କୃଷି ଏବଂ ଘରୋଇ କ୍ଷତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହା ଦ୍ୱାରା ଇନ୍ଦନର ଦକ୍ଷତା ବୃଦ୍ଧି ହେବ। ଏ ନେଇ ପରିବହନ କ୍ଷେତ୍ରରେ ତାଲିମ ଶିବିର ଆୟୋଜନ କରାଯାଉଛି। ଏହା ଆଗାମୀ ପିଢି ପାଇଁ ସହାୟକ ହୋଇପାରିବ। ଘରୋଇ ପରିବହନ କ୍ଷେତ୍ରରେ ଇନ୍ଧନ ସଂରକ୍ଷିତ ହୋଇପାରିବ। ଆଜିର ଅପବ୍ୟବହାର ଆସନ୍ତାକାଲି ପାଇଁ ଅଭାବ ସୃଷ୍ଟି କରିବ। ଏଣୁ ସୁରକ୍ଷିତ ଭବିଷ୍ୟତ ପାଇଁ ଇନ୍ଦନ ସଂରକ୍ଷଣ ନିହାତି ଅବଶ୍ୟକ ବୋଲି ମହାପାତ୍ର କହିଥିଲେ। ଏଥିରେ ତୈଳ ଉଦ୍ୟୋଗ କମ୍ପାନୀର ପ୍ରତିନିଧି ଏବଂ ଡିଲର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଇଓସିଲ ପକ୍ଷରୁ ଶିବାନନ୍ଦ ଗିରି, ଏଚପିସିଏଲ ପକ୍ଷରୁ ଜୟ ପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ।

## କାର ଧକ୍କାରେ ବାପା ମୃତ, ଝିଅ ଆହତ

ଭବାନୀପାଟଣା,୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ କୋକୋମୁଣ୍ଡା ନିକଟରେ ଏକ ସଡକ ଦୁର୍ଘଟଣାରେ ମାର୍କଣ୍ଡ ବାଗ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଝିଅ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ମ. ରାମପୁର ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ମାର୍କଣ୍ଡ ତାଙ୍କ ଝିଅ ଶ୍ରୀୟା ବାଗଙ୍କ ସହିତ ଏକ ମୋଟରସାଇକେଲ (ନଂ. ଓଆର୦୩-ଜେ-୦୭୪୭)ରେ ତାଙ୍କ ଶ୍ୱଶୁର ଘର ଭବାନୀପାଟଣା ଯାଉଥିଲେ। ଏହି ସମୟରେ କୋକୋମୁଣ୍ଡା ନିକଟରେ ଏକ କାର (ନଂ. ଓଡି୦୩ଏମ୍-୨୮୩୧) ସାମ୍ନାପଟୁ ଧକ୍କା ଦେଇଥିଲା। ବାପ ଝିଅ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଉତ୍କେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କହଁର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିଲେ। ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ୨ ଜଣଙ୍କୁ ପଠାଯାଇଥିବା ବେଳେ ସେଠାରେ ମାର୍କଣ୍ଡଙ୍କ ମୃତ୍ୟୁ ଘଟିଥିଲା। ଆହତ ଶ୍ରୀୟା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦୁର୍ଘଣା ଘଟାଇଥିବା ଗାଡିଟି ନବରଙ୍ଗପୁର ସନ୍ତୋଷ ବେହେରାଙ୍କ ବୋଲି ଜଣାପଡିଛି।

# ଘୁଡୁକା, ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକିଲା







ଖଣ୍ଡାଧାର ମହୋତ୍ସବରେ ଅତିଥିମାନେ ମଞ୍ଚାସୀନ ଓ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବଣାଇ, ୨।୨(ସ୍ୱ.ପ୍ର.)**

### ତୃତୀୟ ଦିନରେ ଦଶମ ଖଣ୍ଡାଧାର ମହୋତ୍ସବ

ବଣାଇଠାରେ ଚାଲିଥିବା ଦଶମ ଖଣ୍ଡାଧାର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଖଣ୍ଡାଧାର ମଞ୍ଚରେ ପଶ୍ଚିମ ଓଡ଼ିଶା ବଲାଙ୍ଗୀର ଘୁଡକା, ସମ୍ବଲପୁର ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଛି। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ବଣାଇ ଏସଆଇଏମପିଏଲ ଚେୟାରମେନ ପ୍ରଦୀପ ମାହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଖଣ୍ଡାଧାର ମଞ୍ଚକୁ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିକୁଞ୍ଜ ଧଳ, ବରିଷ୍ଠ ଶିକ୍ଷାବିତ ଶୁଭେନ୍ଦ୍ରନାଥ ମଲ୍ଲିକ, ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର, ଜ୍ୟୋତିରଞ୍ଜନ ରାଉତ ଯୋଗଦେଇଥିଲେ। ଖଣ୍ଡାଧାର ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚଳିତବର୍ଷର ସ୍ୱତନ୍ତ୍ର ଭାବେ ପ୍ରଦୀପ ମାହାନ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହାସହିତ ବଣାଇର ବହୁମୁଖୀ ପ୍ରତିଭା ଭାବେ ମଳୟ ମାନସ ରାଉତରାୟ ଏବଂ ରାଧାରମଣ ବିଶ୍ୱାଳଙ୍କୁ ମଞ୍ଚରେ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଓଏଏସ ଟପର ଦେବାଶିଷ ପଣ୍ଡା ଏବଂ ଡେନିସ ବେହେରାଙ୍କୁ ଖଣ୍ଡାଧାର କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ସହ ଭବତୋଷ ଦେଓ ଏବଂ ଯୋଡା ଅଞ୍ଚଳ କଣ୍ଠଶିଳ୍ପୀ ଶୁଭଶ୍ରୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭେନ୍ଦ୍ରନାଥ ମଲ୍ଲିକ ଏବଂ ପଦ୍ମଚରଣ ଆଚାର୍ଯ୍ୟ ସଂଯୋଜନା କରିବା ସହିତ ଅତିଥି ପରିଚୟ କରିଥିଲେ। ଶେଷରେ ରଣଜିତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହା ପରେ ତୃତୀୟ ସନ୍ଧ୍ୟାରେ ଓଡିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ସୁନ୍ଦରଗଡ଼ର ସମ୍ବଲପୁରୀ, ବଲାଙ୍ଗୀର ଘୁଡୁକା, ଆସାମର ବିହୁ ଖଣ୍ଡାଧାର ମଞ୍ଚକୁ ଦୁଲକାଇ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନିକୁନି କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ବେଶ ଆକର୍ଷଣ ହୋଇଥିଲା। ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ କାର୍ଯ୍ୟକ୍ରମକୁ ମଳୟ ମୌସମ ରାଉତରାୟ ମଞ୍ଚକୁ ସଂଯୋଜନା କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଆୟୋଜନରେ ନାରାୟଣ ବେହେରା, ଗିରେନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ଉମେଶ ଚନ୍ଦ୍ର ସାହୁ, ଭବତୋଷ ଦେଓ ପ୍ରମୁଖ ସହାୟତା କରିଥିଲେ।



ପ୍ରତ୍ୟେକ ବ୍ୟକ୍ତି ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କର ଉନ୍ନତିରେ ନିଜର ଉନ୍ନତି ବୋଲି ବୁଝିବା ଉଚିତ।
- ଦୟାନନ୍ଦ ସରସ୍ୱତୀ

**ସଂକ୍ଷେପରେ...**

## ଅତିରିକ୍ତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ସୋମବାରଠାରୁ

ରାଉରକେଲା ଅଫିସ-୨।୨- ପ୍ରତ୍ୟେକ ସୋମବାର ରାଉରକେଲା ତଥା ପାର୍ଶ୍ୱବର୍ତ୍ତି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଖୁସି ଖବର। ଜନସାଧାରଣ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆପତ୍ତି ଅଭିଯୋଗ ତଥା ଏହାର ସମାଧାନ ପାଇଁ ପ୍ରତ୍ୟେକ କାର୍ଯ୍ୟ ଦିବସର ସୋମବାର (ଛୁଟିଦିନ ବ୍ୟତୀତ) ନିଜ ନିଜର ଆବେଦନ ପାଇଁ ଅତିରିକ୍ତ ଜିଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିପାରିବେ। ପ୍ରତ୍ୟେକ କାର୍ଯ୍ୟ ଦିବସ ସୋମବାର (ଛୁଟିଦିନ ବ୍ୟତୀତ) ପୂର୍ବାହ୍ନ ୧୦ଟାରୁ ଜନସାଧାରଣ ନିଜ ଅଭିଯୋଗକୁ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥାପନ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଜନସାଧାରଣ ଏହାର ସୁବିଧା ସୁଯୋଗ ନେବା ପାଇଁ ରାଉରକେଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ପାଚେରି ନିର୍ମାଣ ବନ୍ଦ

କୁଆଁରମୁଣ୍ଡା,୨।୨(ଡି.ଏନ.ଏ.)

ଓଡିଶାର ଦ୍ୱିତୀୟ ବୃହତ୍ତମ ସରକାରୀ ଡାଏରୀ ଫାର୍ମ ଭାବେ ପରିଚିତ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଡାଏରୀ ଫାର୍ମର ୨୦ ଏକର ୯୦ ଡିସିମିଲ ଜମିକୁ କଳୁଙ୍ଗାସ୍ଥିତ ଏକ ଘରୋଇ କମ୍ପାନୀ (ମହାବୀର ଫେରୋ ଆଲଏଜ୍) ଶନିବାର ବିଳମ୍ବିତ ରାତିରେ ୨୦ରୁ ଊର୍ଦ୍ଧ୍ୱ ଟ୍ରକ, ପୋକଲେନ, ଜେଶିବି ଇତ୍ୟାଦି ସହ ୩ଶହ ଶ୍ରମିକ ଲଗାଇ ପାଚେରୀ ନିର୍ମାଣ କରୁଥିଲା। ରବିବାର ସକାଳୁ କୁଆଁରମୁଣ୍ଡା ଓ ଯମୁନାନାକି ନାଗରିକ କମିଟି ଏହି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କମ୍ପାନୀର କାର୍ଯ୍ୟକୁ ତୀବ୍ର ବିରୋଧ କରିଥିଲେ। ଶତାଧିକ ଲୋକଙ୍କ ଭୟରେ ନିର୍ମାଣସ୍ଥଳରୁ ଛାଡି ପଳାଇଥିଲେ କମ୍ପାନୀର ଶ୍ରମିକମାନେ। କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ଜମିକୁ କୌଣସି ପରିସ୍ଥିତିରେ କମ୍ପାନୀକୁ ପୂରାଇ ନ ଦେବା ପାଇଁ ନାଗରିକ କମିଟି ଜିଦ୍‌ରେ ଅଟଳ ରହିଥିଲା। ଏହା ସହ କମ୍ପାନୀ ପକ୍ଷରୁ ଘଟଣାସ୍ଥଳରେ ନିର୍ମାଣ



ବେଆଇନ ପାଚେରି ନିର୍ମାଣକୁ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ବନ୍ଦ କରିବା ସହ ବିରୋଧ ପ୍ରଦର୍ଶନ କରୁଛନ୍ତି।

କାର୍ଯ୍ୟରେ ନିୟୋଜିତ ଥିବା ଗାଡିଗୁଡିକୁ ଅଟକ ରଖାଯାଇଥିଲା। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ସତର୍କ ନଜର ରଖି ତଦନ୍ତ ଚଳାଇଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ନାଗରିକ କମିଟି ପକ୍ଷରୁ ବୀରମିତ୍ରପୁର ଥାନାରେ ପୃଥକ ପୃଥକ ଅଭିଯୋଗ କରାଯାଇଛି। ରାତି ପର୍ଯ୍ୟନ୍ତ ଥାନାରେ କୌଣସି

**ଇଡ୍‌କୋ ଠାରୁ ଏକ ଘରୋଇ କମ୍ପାନୀ ଶାଗମାଛ ମୂଲ୍ୟରେ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ଜମି ଲିଜ୍ ନେବା ଘଟଣା**

ଏତଲା ହୋଇ ନ ଥିବା ପୋଲିସ କହିଛି। ନାଗରିକ କମିଟିର ଦାବି ହେଉଛି ଯେଉଁ ଉଦ୍ଦେଶ୍ୟରେ ଉକ୍ତ ଜମିକୁ ସରକାର ଡାଏରୀ ଫାର୍ମ ଠାରୁ ନେଇଥିଲେ ତାହା ହିଁ କାର୍ଯ୍ୟକାରୀ ହେଉ। ଅନ୍ୟଥା କୌଣସି ଘରୋଇ କମ୍ପାନୀକୁ ଏଠାରେ ପଶିବାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ନଚେତ୍ ଉକ୍ତ ଜମିକୁ ପୁନର୍ବାର ଆଦିବାସୀମାନଙ୍କୁ ଫେରାଇ ଦିଆଯାଉ। କାରଣ ଡାଏରୀ ଫାର୍ମ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀମାନେ ନିଜର ଜମିକୁ ଦାନ ସୂତ୍ରରେ ପ୍ରଦାନ କରିଥିଲେ। ତେବେ ଯଦି ଡାଏରୀ ଫାର୍ମ ଠାରୁ ମେଡିକାଲ କଲେଜ ନିର୍ମାଣ ପାଇଁ ସରକାର ୨୦ ଏକର ଜାଗା ନେଲେ ତେବେ ମେଡିକାଲ କଲେଜ ନିର୍ମାଣ ପାଇଁ ସମସ୍ତେ ସହଯୋଗ କରିବେ। ଅନ୍ୟଥା ଉକ୍ତ ଜମିକୁ ଅନ୍ୟ କୌଣସି ଘରୋଇ କମ୍ପାନୀକୁ ଲିଜ୍ ନ ଦେଇ ତାହା ପୁନର୍ବାର ଜମିଦାତାମାନଙ୍କୁ ଫେରାଇ ଦିଆଯାଉ ବୋଲି କୁଆଁରମୁଣ୍ଡା ନାଗରିକ କମିଟି ଦାବି କରିଛି। ସୂଚନାନୁଯାୟୀ, ୨୦୦୪ରେ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମର ୨୦ ଏକର ଜମିରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ହେଲେ ମେଡିକାଲ କଲେଜ ନିର୍ମାଣ କେବଳ ଘୋଷଣାରେ ହିଁ ରହିଯାଇଥିଲା। ଏହା ପରେ ଉକ୍ତ ଜମିକୁ ଇଡକୋ ନିଜ ଅଧିନକୁ ନେଇ ଗତ ୨୦୧୩ରେ ସୁନ୍ଦରଗଡ଼ ଜିଲା କଳୁଙ୍ଗାସ୍ଥିତ ମହାବୀର ଫେରୋଆଲଏଜ୍‌କୁ ଲିଜ୍ ଦେଇଛି। ଉକ୍ତ ୨୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ କମ୍ପାନୀ ଶାଗମାଛ ମୂଲ୍ୟରେ ମାତ୍ର ୪୨ ଲକ୍ଷ ଟଙ୍କାରେ ହାତକୁ ନେଇଛି ଯାଉଛି।

## ୪ରେ ବରଙ୍ଗାକଛାର ହାଇସ୍କୁଲର ସ୍ୱବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ବଡ଼ଗାଁ, ୨।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ୪ ତାରିଖ ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ୧୯୬୯ ରେ ତଳିମୁଣ୍ଡା ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଟେଲ, ମଧୁସୂଦନ ବାଗ, ବରଙ୍ଗାକଛାର ଗ୍ରାମର ସ୍ୱର୍ଗତ ଘୁମେର ପଟେଲ, ସ୍ୱର୍ଗତ ପର୍ଶୁରାମ ପ୍ରଧାନ, ସ୍ୱର୍ଗତ ମାନୁଏଲ କାଣ୍ଡୁଲାନା, ରାନୀବୁଡ଼ା ଗାଁର ସ୍ୱର୍ଗତ ତିଲକଧରୀ ନାୟକ, ସ୍ୱର୍ଗତ ଚମାର ପଟେଲ, ସ୍ୱର୍ଗତ କ୍ଷମାକର ସିଂ, ଭେଲୁଆବାହାଲ ଗ୍ରାମର ସ୍ୱର୍ଗତ ଘନଶ୍ୟାମ କେଶରୀ, ସ୍ୱର୍ଗତ ଦଶରଥି ନାଏକ, କୁମବାହାଲ ଗ୍ରାମର ସ୍ୱର୍ଗତ ଅଭିମନ୍ୟୁ ବିଶି, ପଟୁଆବେଡା ଗ୍ରାମର ଦାଶରଥି ପୃଷେଟଙ୍କ ଉଦ୍ୟମକ୍ରମେ ହାଇସ୍କୁଲ ଆରମ୍ଭ ହୋଇଥିଲା । ସଦର ବ୍ଲକ ଅଧିନ ରେଙ୍ଗଲବୁଡା ଗ୍ରାମର ଦୁର୍ଗା ମାଧବ ନାଏକ ସ୍କୁଲରେ ପ୍ରଥମ ଶିକ୍ଷକ ଭାବେ ଯୋଗଦେଇଥିଲେ। ବରଙ୍ଗାକଛାର ଗ୍ରାମର ପର୍ଶୁରାମ ପ୍ରଧାନ ଓ ପ୍ରଧାନ ପରିବାର ବର୍ଗ ସ୍କୁଲ ପାଇଁ ଜମିଦାନ କରିଥିଲେ । ସ୍କୁଲରେ ରାମେଶ୍ୱର ପଟେଲ ଦୀର୍ଘ ୨୨ ବର୍ଷ ଶିକ୍ଷକତା କରି ଜିଲାର ସ୍କୁଲର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

# ଏସ୍ଏମ୍‌ସି ଟ୍ରେନିଂରେ ଅଭିଭାବକଙ୍କୁ ସଚେତନ କରାଗଲା



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବକ ।

ବଡଗାଁ, ୨।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁରେ କ୍ଲଷ୍ଟର ସ୍ତରୀୟ ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଅଭିଭାବକମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସିଆରସିସି ବାବୁଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଅନନ୍ତ ପଟେଲ, ଭଗବତି ନାଏକ, ଆରତୀ ସାହୁ ଯୋଗଦେଇ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ସ୍କୁଲର ନିୟମିତ ବ୍ୟବଧାନରେ ପରିଦର୍ଶନ କରି ସମସ୍ୟା ବୁଝିବା, ସ୍ୱଚ୍ଛଭାରତ, ମୋ ସ୍କୁଲ ଅଭିଯାନ, ପିଲା ନିୟମିତ ସ୍କୁଲ ଆସିବା ଦିଗରେ କାର୍ଯ୍ୟ କରିବା ଉପରେ ବୁଝାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଛବିଲ ସେଠ, ଏବିଇଓ ମହେଶ୍ୱର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ ।

# ଜିଲାସ୍ତରୀୟ ଡେଲକିଖଡିଆ ସମାଜର ମହାସଭା

ବଡ଼ଗାଁ, ୨।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କଣ୍ଠିଆମୁରା ଗାଁ ନିକଟ ଖେଳ ପଡିଆରେ ଶନିବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଡେଲକି ଖଡିଆ ସମାଜର ଦ୍ୱିଦିବସୀୟ ମହାସଭା ରବିବାର ଉଦ୍‌ଯାପିତ ହୋଇଛି। ମହାସଭାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମାଜର ବରିଷ୍ଠ କର୍ମକର୍ତ୍ତା ବାମରା ବିଡିଓ ଗୋବିନ୍ଦ ଡନସନା ମୁଖ୍ୟଅତିଥି ଓ ସମାଜର ବଡଗାଁ ବ୍ଲକ ସଭାପତି ବସନ୍ତ ଡନସନା, ଜିଲା ଉପସଭାପତି ରଞ୍ଜିତ ଖଡିଆ, ସମ୍ପାଦକ ବିକ୍ରମ ଟପ୍ପୋ, ସହସମ୍ପାଦକ ଚନ୍ଦ୍ର ଖଡିଆ, ବ୍ଲକ ଉପସଭାପତି ସୁରେନ ବାଗେ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡନସନା ଶିକ୍ଷା, ସଂସ୍କୃତି, ପରମ୍ପରା, ସାମାଜିକ ନୀତି ନିୟମ ଓ ଖଡିଆ ଭାଷା ବଞ୍ଚାଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟଅତିଥିମାନେ ସାମାଜିକ ଦାୟୀତ୍ୱ ଓ କର୍ତ୍ତବ୍ୟ ଉପରେ ବୁଝାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମାଜର ସକ୍ରିୟ କର୍ମକର୍ତ୍ତା ଗୋବିନ୍ଦ ଡନସନା, ସେବତୀ ଡନସନା, ରଞ୍ଜିତ ଖଡିଆ, ରାଜେଶ ଖଡ଼ିଆ, ବଡ଼ଗାଁ ସରପଞ୍ଚ ଶୁଶିଳା ଡ଼ନସନା, ଛୋଟୁ ଖଡ଼ିଆ, ସୁଧିର ବାଡା, ବସନ୍ତ ଡନସନା ପ୍ରମୁଖ ମହାସଭାରେ ଆଲୋଚନା ଉପସ୍ଥାପନ କରିଥିଲେ। ଅତିଥିମାନେ ସମାଜର ଲୋକେ ମଦ ପିଇ ଆର୍ଥୀକ ଅନାଟନରେ ପଡୁଥିବା ଓ ଏହାର କୁପ୍ରଭାବ ଯୋଗୁ ଶିକ୍ଷା, ଶୃଙ୍ଖଳା ପ୍ରତି ବାଧା ଉପୁଜୁଥିବାରୁ ମଦ ବର୍ଜନ କରିବା ଓ ଶିକ୍ଷାପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ମହାସଭାରେ ବଡଗାଁ ବ୍ଲକର ୨୫ଟି ଗ୍ରାମ, କୁତ୍ରା ବ୍ଲକର ୧୦ଟି ଗ୍ରାମ, ରାଜଗାଙ୍ଗପୁର ବ୍ଲକର ୧୧ଟି ଗାଁ ସହିତ ଲାଠିକଟା, କୁଆଁରମୁଣ୍ଡା, ପାନପୋଷ, ବିଶ୍ରା ଅଞ୍ଚଳର ମୋଟ ୫୫ଟି ଗାଁର ଜାତି ସମାଜ ଲୋକେ ମହାସଭାରେ ଯୋଗଦେଇଥିଲେ। ମହାସଭା ଅବସରରେ ଖଡିଆ ସମାଜର ନିରାମୋଲା ଗୀତ ଓ ନୃତ୍ୟ ପ୍ରତିଯୋଗିତା, ମାନ୍ଦଳ ବଜାଇବା ପ୍ରତିଯୋଗିତା ସହ ଛୋଟପିଲାଙ୍କ ନାଚ, ଗୀତ ପ୍ରତିଯୋଗିତା ହୋଇଥିଲା। ୨୦୧୯ରେ ଯେଉଁ ଛାତ୍ରୀଛାତ୍ର ମ୍ୟାଟ୍ରିକରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିଲେ ତାଙ୍କୁ ଏବଂ ଯୁକ୍ତ ୩ ଓ ଡିପ୍ଲୋମା କରୁଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଓ ବେସରକାରୀ ଚାକିରୀ କରୁଥିବା ସମାଜର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ମଦ ବର୍ଜନ ଓ ଶିକ୍ଷା ଉପରେ ଗୁରୁତ୍ୱ**



ବାମରା ବିଡିଓ ଗୋବିନ୍ଦ ଡନସନା ଫିତାକାଟି ମହାସଭା ଉଦ୍‌ଘାଟନ କରୁଛନ୍ତି।

# ହିନ୍ଦୁ ସମାଜର ସୁରକ୍ଷା ପାଇଁ ପ୍ରତିବଦ୍ଧ ହେବାକୁ ହେବ

ଲହୁଣୀପଡା, ୨।୨ (ଡି.ଏନ.ଏ)

ସାମ୍ପ୍ରତିକ ପରିସ୍ଥିତିରେ ହିନ୍ଦୁ ସମାଜ ଓ ସଂସ୍କୃତି ପ୍ରତି ଦେଖା ଦେଇଥିବା ବିପଦ ସମ୍ବନ୍ଧରେ ଆମକୁ ଚିନ୍ତାଶୀଳ ହେବା ସହିତ ତାର ସୁରକ୍ଷା ପାଇଁ ପ୍ରତିବଦ୍ଧତା ପ୍ରତିପାଦିତ କରିବାର ବହୁ ଆବଶ୍ୟକତା ରହିଛି ବୋଲି ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ କହିଛନ୍ତି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ଗ୍ରାମରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କୁସୁମ କହିଥିଲେ ଯେ, ଦିନେ ସାରା ବିଶ୍ୱକୁ ପ୍ରେରଣା ଓ ଦିଗଦର୍ଶନ ଦେଇଥିବା ହିନ୍ଦୁ ସଂସ୍କୃତି ଆଜି ନିଜ ଭିଟା ମାଟିରେ ସଙ୍କଟ ମୁହଁରେ। ଅନେକ ଅନ୍ତଃରାଷ୍ଟ୍ରୀୟ ଶକ୍ତି ଏହି ସଂସ୍କୃତିକୁ ନଷ୍ଟ କରିଦେବାକୁ ରାତିଦିନ ଏକାକାର କରି ପ୍ରୟାସରତ। ହିନ୍ଦୁ ସମାଜ ଓ ସଂସ୍କୃତି ସମ୍ମୁଖରେ ଆଜି ଛିଡା ହୋଇଛି ସଂକଟର ବୃହତ ପାହାଡ। ତେଣୁ ଏହାର ସୁରକ୍ଷା ପାଇଁ ଜଣେ ହିନ୍ଦୁ ହିସାବରେ ଆମକୁ ସମର୍ପଣ ଭାବ ନେଇ କାର୍ଯ୍ୟ କରିବାକୁ ହେବ ବୋଲି କୁସୁମ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଆହ୍ୱାନ କରିଥିଲେ। ଶନିବାର ସକାଳୁ ହୋମଯଜ୍ଞ ପ୍ରାରମ୍ଭ ହୋଇଥିଲା। ଯଜ୍ଞକାର୍ଯ୍ୟର ପୂର୍ଣ୍ଣାହୁତି ପରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଧର୍ମସଭାର ପରିସମାପ୍ତି ପରେ ସମସ୍ତେ ପ୍ରସାଦସେବନର ଆନନ୍ଦ ନେଇଥିଲେ। ବିଶିକେସନ ଗନଝୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ପ୍ରସାଦ ସାମନ୍ତ, ଗଜେନ୍ଦ୍ର ତନ୍ତୀ, ନେହେରୁ ଗନଝୁ, ଦୀପକ କୁମାର ମହାନ୍ତ, ଯଶୋଦା ମହାନ୍ତ, ଟିକେଶ୍ୱର ଗନଝୁ, ସୁଜାତା ମହାନ୍ତ, ହୃଦୟାନନ୍ଦ ମହାନ୍ତ, ପଦ୍ମିନୀ ଗନଝୁ, ଫୁଲମନି ମୁଣ୍ଡାରୀ, ରଙ୍ଗମତୀ ଗନଝୁ, ହେମନ୍ତ ଓରାମ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଶଙ୍ଖପୋଷରେ ବିଶ୍ୱଶାନ୍ତି ମହାଯଜ୍ଞ

# କ୍ଲଷ୍ଟରସ୍ତରୀୟ ପରିଚାଳନା ସମିତି ତାଲିମ ଶିବିର

କୁଆଁରମୁଣ୍ଡା,୨।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ ସଲଙ୍ଗାବାହାଲ ଶିକ୍ଷା କ୍ଲଷ୍ଟରରେ ଶନିବାର ସ୍ଥାନୀୟ ଅଞ୍ଚଳର ୧୨ଟି ସ୍କୁଲର ପରିଚାଳନା ସମିତି (ଏସ୍ଏମସି) ଓ ଏସଏମଡିସି ସଭ୍ୟାସଭ୍ୟମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଲଙ୍ଗାବାହାଲ ସିଆରସିସି ସୁଶିଲ ବଡାଇକ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ବରିଷ୍ଠ ଶିକ୍ଷକମାନେ ରିସୋର୍ସ ପର୍ସନଭାବେ ଯୋଗଦେଇ ଉପସ୍ଥିତ ପରିଚାଳନା ସମିତି ସଭ୍ୟାସଭ୍ୟମାନଙ୍କୁ ସ୍କୁଲର ସୁପରିଚାଳନା ନିମନ୍ତେ ଆବଶ୍ୟକ ଜ୍ଞାନକୌଶଳ ସମ୍ପନ୍ଧରେ ଅବଗତ କରିଥିଲେ। ଏକ ଦିବସୀୟ ଏହି ତାଲିମ ଶିବିରରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସଭ୍ୟା/ସଭ୍ୟ ଯୋଗଦେଇ ପ୍ରଶିକ୍ଷଣ ଲାଭ କରିଛନ୍ତି।

# ଜରକାପଡା ହକି: ସାହାଜବାହାଲ ଚାମ୍ପିୟନ

ବଡ଼ଗାଁ, ୨।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜାରକାପଡା ଗ୍ରାମରେ ୩୦ଟି ହକି ଟିମକୁ ନେଇ ଚାଲିଥିବା ପଞ୍ଚ ଦିବସୀୟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଛି। ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ସାହାଜବାହାଲ ଓ କୁସୁମଡେଗୀ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ୨-୦ ଗୋଲରେ ହରାଇ ସାହାଜବାହାଲ ଟିମ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଦାଣ୍ଡଜମରା ସମିତି ସଭ୍ୟା ସୌଦାମିନୀ ହାହା ମୁଖ୍ୟଅତିଥି ଓ ଗୋବର୍ଦ୍ଧନ ହାହା ଅତିଥି ଭାବେ ଯୋଗଦେଇ ଉଭୟ ରନର୍ସ ଓ ଚାମ୍ପିୟନ ଟିମକୁ ଖାସି, ତୃତୀୟ ସ୍ଥାନ ପାଇଥିବା କିରିଙ୍ଗସେରା, ଚତୁର୍ଥ ସ୍ଥାନ ପାଇଥିବା ଉଦାରମା ଟିମକୁ ପୁରସ୍କୃତ କରାଯାଇଥିଲା। ବାଲାସିଉସ ଡୁଙ୍ଗଡୁଙ୍ଗ, ରାଜେଶ କେର୍କେଟା, ଏଫ୍ରେମ୍ ଡୁଙ୍ଗଡୁଙ୍ଗ, ଅରୁଣ ଡୁଙ୍ଗଡୁଙ୍ଗ, ସାଲମନ କେର୍କେଟା ଖେଳ ପରିଚାଳନା କରିଥିଲା ବେଳେ ପ୍ରଫୁଲ୍ଲ କୁମାର ସାହୁ ଧାରାବିବରଣୀ ଦେଇଥିଲେ ।



ସମିତି ସଭ୍ୟା ସୌଦାମିନୀ ହାହା ଖେଳାଳିଙ୍କ ସହିତ ପରିଚିତ ହୋଇ ଫେରୁଛନ୍ତି ।

# ପ୍ରତିଯୋଗିତା ମନୋଭାବ ସଫଳତାର ମାର୍ଗ ଦେଖାଏ

ନୂଆଗାଁ, ୨।୨ (ଡି.ଏନ.ଏ)

ଜଣେ ଛାତ୍ରର ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ହିଁ ତାକୁ ଅଧ୍ୟୟନ କରିବା ପାଇଁ ଯଥେଷ୍ଟ ପ୍ରେରଣା ଦେଇଥାଏ। ସୁସ୍ଥ ଶରୀର ସହ ସୁସ୍ଥ ବାତାବରଣ ଏଥିପାଇଁ ନିହାତି ଦରକାର। ଏସବୁ ଦିଗ ପାଇଁ ସ୍କୁଲ ହିଁ ଏକମାତ୍ର ମାଧ୍ୟମ। ତେଣୁ ସମସ୍ତ ଛାତ୍ରୀଛାତ୍ର ଏକ ସୁସ୍ଥ ବାତାବରଣରେ ରହି ଯୋଦ୍ଧା ମନୋବୃତ୍ତି ସହ ପାଠପଢ଼ିଲେ କିମ୍ବା କ୍ରୀଡା ଉପରେ ଧ୍ୟାନ ଦେଲେ ସେ ନିଶ୍ଚିତ ରୂପେ ସଫଳତାର ମାର୍ଗ ପାଇପାରିବ ବୋଲି ଶନିବାର ନୂଆଗାଁ ବ୍ଲକ ଅନ୍ତର୍ଗତ ସୋରଡା ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସସ୍ମିତା ବେହେରା ପ୍ରକାଶ କରିଥିଲେ। ମହାଭାରତ ଯୁଦ୍ଧର ଅର୍ଜୁନ, କୃଷ୍ଣ ଓ ରାମାୟଣର ବିଭିନ୍ନ ଚରିତ୍ରର ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ସାହାସିକତାର ବାର୍ତ୍ତା ଦେଇଥିଲେ।



ବିଇଓ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି। ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ରାଜକୁମାର ଗୋୱାଲା, ଶିକ୍ଷାବିତ ବସନ୍ତ କୁମାର ସାହୁ, ହିମାଂଶୁ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ବତନ ଶିକ୍ଷକ ବଳରାମ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ସହ କ୍ରୀଡାର ଆବଶ୍ୟକତା ଉପରେ ପିଲାଙ୍କୁ ବୁଝାଇ କହିଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତା ଉତ୍ସବରେ ମୋଟ ୩୭୯ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଭାଗନେଇ ଥିବା ବେଳେ ବିଭିନ୍ନ ଖେଳ ପାଇଁ ପ୍ରଥମ ପୁରସ୍କୃତ ଭାବେ ୩୦ଜଣ, ଦ୍ୱିତୀୟ ପୁରସ୍କୃତ ଭାବେ ୩୦ଜଣ ଓ ତୃତୀୟ ପୁରସ୍କୃତ ଭାବେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ର ବିଭିନ୍ନ ଗୀତ ଓ ନାଚ କରିଥିଲେ। ଆଦିବାସୀଙ୍କ ପାରମ୍ପାରିକ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଛୋଟ ପିଲାଙ୍କ ଏଭଳି ନୃତ୍ୟ ଓ ଗୀତରେ ଅଭିଭାବକ ଓ ଦର୍ଶକମାନେ ଖୁସିରେ ଝୁମିଥିଲେ। ପ୍ରଧାନଶିକ୍ଷକ ଫିରୋଜ ଉଦ୍ଦିନ ଖାନ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ନାଏକ, ଭାନୁଲତା ନାଏକ, ସିଆରସିସି କାମିଲ ତିର୍କୀ, ଡେବିଟ ଲୁଗୁନ, ସିଆରସିସି ପ୍ରଶାନ୍ତ କେର୍କେଟା, ଦେବକୀ ମାହାତ ପ୍ରମୁଖ ଉପସ୍ଥିତ ଥିଲେ।

- ସୋରଡା ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ
- ବିଭିନ୍ନ ଖେଳ ପାଇଁ ୯୦ ଛାତ୍ରୀଛତ୍ର ପୁରସ୍କୃତ
- କୁନି ପିଲାଙ୍କ ନାଚ, ଗୀତରେ ଝୁମିଲେ ଦର୍ଶକ